# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୭/୨୦୨୪ (୧୮ ପୃଷ୍ଠା) Bhubaneswar, Wednesday, February 7/2024 Page 18 ₹ 7.00

୫୦ଶ ଭାଗ ୭୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 75 ମୂଲ୍ୟ ₹୭/-


# ୫ ଅନ୍ୟାୟ ବିରୋଧରେ ଆମର ଯାତ୍ରା: ରାହୁଲ

## ଓଡ଼ିଶାରେ ପହଞ୍ଚିଲା କଂଗ୍ରେସର ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା

ଭୁବନେଶ୍ୱର/ କୁଆଁରମୁଣ୍ଡା/ ସୁନ୍ଦରଗଡ଼, ୬।୨ (ସୁନିତ୍ ମିଶ୍ର/ ମହେନ୍ଦ୍ର କୁମାର ସାହୁ/ ଜୟନାରାୟଣ ମେଣ୍ଡୁଲି)

ପୂର୍ବ କାର୍ଯ୍ୟସୂଚୀ ମୁତାବକ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ମଙ୍ଗଳବାର ଅପରାହ୍ଣରେ ସୁନ୍ଦରଗଡ଼ ଜିଲାର ବୀରମିତ୍ରପୁରରେ ପହଞ୍ଚିଛି। ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ସମବେତକ ଜନସାଧାରଣଙ୍କୁ ରାହୁଲ କହିଛନ୍ତି, ଓଡ଼ିଶାକୁ ଆସି ଖୁସି ଲାଗୁଛି। ଏଠି ଘୃଣାର ବଜାରରେ ଆପଣମାନେ ପ୍ରେମର ଦୋକାନ ଖୋଲିଲେ। ପୂର୍ବର ଭାରତ ଯୋଡ଼ୋ ଯାତ୍ରା କଶ୍ମୀରରୁ କନ୍ୟାକୁମାରୀ ☞ପୃଷ୍ଠା-୪



ଝାଡ଼ଖଣ୍ଡ-ଓଡ଼ିଶା ସୀମାନ୍ତ ବାଂଶଯୋର ଫାଟକ ନିକଟରେ ମଙ୍ଗଳବାର ଆୟୋଜିତ ଜନସମାବେଶରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଉଦ୍‌ବୋଧନ ଦେଉଛନ୍ତି।

# ପରୀ ହତ୍ୟାକାରୀଙ୍କୁ ୨୦ ବର୍ଷ ଜେଲ

## ନୟାଗଡ଼ର ବହୁଚର୍ଚ୍ଚିତ ହତ୍ୟା ମାମଲାର ରାୟ ପ୍ରକାଶ

ନୟାଗଡ଼,୬।୨(ଲୋକନାଥ ମିଶ୍ର)

ବହୁ ଚର୍ଚ୍ଚିତ ନୟାଗଡ଼ ସଦର ଥାନା ଯଦୁପୁର ଗାଁର ୫ ବର୍ଷର ଶିଶୁ କନ୍ୟା ପରୀ ବଳାତ୍କାର ଓ ହତ୍ୟା ମାମଲାର ରାୟ ମଙ୍ଗଳବାର ନୟାଗଡ଼ ଚିଲ୍‌ଡ୍ରେନ୍ସ କୋର୍ଟରେ ପ୍ରକାଶ ପାଇଛି। ୩୧ ଜଣ ସାକ୍ଷୀ, ୧୩୫ ଦସ୍ତାବିଜ, ହତ୍ୟାକାଣ୍ଡରେ ବ୍ୟବହୃତ ୧୮ ପଦାର୍ଥକୁ ବିଚାରକୁ ନେଇ ଜଣେ ନାବାଳକଙ୍କୁ ଅତିରିକ୍ତ ଜିଲା ଦୌରାଜଜ ଲିଲି ସେନାପତି ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୬ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଦୋଷୀଙ୍କୁ ୨ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ନିର୍ଦ୍ଦେଶ ରହିଛି। ମୁଦାଲା ନାବାଳକ ହୋଇଥିବାରୁ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇ ପାରିବ ନାହିଁ। ସାବାଳକ ହୋଇଥିଲେ ମୃତ୍ୟୁଦଣ୍ଡ ପାଇବାର ସମ୍ଭାବନା ଥିଲା। ☞ପୃଷ୍ଠା-୧୬

ଓଡ଼ିଶାର ଏସ୍‌ସି, ଏସ୍‌ଟି ତାଲିକାରେ ସଂଶୋଧନ ହେବ ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

କପି ବିରୋଧୀ ଆଇନ







# ସରକାରୀ ଉଦ୍ୟୋଗରେ ଅଚଳାବସ୍ଥା

## ୧୦ ବର୍ଷରେ ୪.୨୦ ଲକ୍ଷ କୋଟି ପାଇଛି କେନ୍ଦ୍ର

### ପୁଞ୍ଜି ପ୍ରତ୍ୟାହାର ନୀତିରେ ଅସ୍ପଷ୍ଟତା

ନୂଆଦିଲ୍ଲୀ,୬।୨
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

କେନ୍ଦ୍ରରେ ମୋଦି ସରକାର କ୍ଷମତାସୀନ ହେବା ପରେ ପବ୍ଲିକ୍ ସେକ୍ଟର ଏଣ୍ଟରପ୍ରାଇଜେସ୍ (ପିଏସ୍ୟୁ) ବା ସରକାରୀ କମ୍ପାନୀଗୁଡ଼ିକର ଘରୋଇକରଣ କରିବା ପାଇଁ ଅଣ୍ଟା ଭିଡ଼ିଥିଲେ। ପ୍ରାୟ ୧୦ ବର୍ଷ ଭିତରେ ସରକାର ଅନେକ ସରକାରୀ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର କରି ୪.୨୦ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପାଇଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ପୁଞ୍ଜି ପ୍ରତ୍ୟାହାରରୁ ଆହୁରି ୩୫,୦୦୦ କୋଟି ଟଙ୍କା ପାଇବାକୁ ଫେବୃଆରୀ ୧ରେ ଉପସ୍ଥାପିତ ବଜେଟରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଲୋକ ସଭା ନିର୍ବାଚନ ପରେ ଭାରତ ପେଟ୍ରୋଲିୟମ୍ କର୍ପୋରେଶନ୍ (ବିପିସିଏଲ୍), ଶିପିଙ୍ଗ୍ କର୍ପୋରେଶନ୍ ଅଫ୍ ଇଣ୍ଡିଆ (ଏସ୍‌ସିଆଇ) ଏବଂ କଣ୍ଟେନର କର୍ପୋରେଶନ୍ ଅଫ୍ ଇଣ୍ଡିଆ (କନ୍‌କୋର୍) ସମେତ ଆଉ କେତେକ ସରକାରୀ ଉଦ୍ୟୋଗର ଘରୋଇକରଣ କରାଯିବା ନେଇ ସମ୍ଭାବନା ରହିଛି। କିନ୍ତୁ ସରକାରଙ୍କ ନୀତିରେ ସ୍ପଷ୍ଟତା ନ ଥିବାରୁ ଅନେକ ପିଏସ୍ୟୁ ସ୍ଥାଣୁ ଅବସ୍ଥାକୁ ଚାଲିଆସିଛି। ଫଳରେ ଏକତୃତୀୟାଂଶରୁ ଅଧିକ ସରକାରୀ ସଂସ୍ଥା କେବଳ କାଗଜ କଲମରେ ଚାଲିଛି। ଏହି ଅଚଳାବସ୍ଥା ମହତ୍ତ୍ୱାକାଂକ୍ଷୀ 'ଆତ୍ମନିର୍ଭର ଭାରତ ଯୋଜନା'ର ସାଫଲ୍ୟ ଉପରେ ବଡ଼ ପ୍ରଶ୍ନବାଚୀ ଛିଡ଼ା କରାଇଛି।

ସରକାର କୌଣସି ସରକାରୀ ଉଦ୍ୟୋଗ, କମ୍ପାନୀ ବା ପ୍ରକଳ୍ପର ସମ୍ପତ୍ତି ବିକି କିମ୍ବା ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଜରିଆରେ ନିଜ ଅଂଶଧନ ବିକି ଲାଭାଂଶ ନେଲେ ତାକୁ ପୁଞ୍ଜି ପ୍ରତ୍ୟାହାର କୁହାଯାଏ। ଦେବାଳିଆ ଅବସ୍ଥାକୁ ଚାଲିଆସିଥିବା କମ୍ପାନୀକୁ ସମ୍ପୂର୍ଣ୍ଣ ଭାବେ ବିକ୍ରି କରିବା ପ୍ରକ୍ରିୟାକୁ ଘରୋଇକରଣ କୁହାଯାଇଥାଏ। ସରକାରଙ୍କ ରାଜକୋଷ ଉପରେ ପଡୁଥିବା ଆର୍ଥିକ ବୋଝ ଲାଘବ କରିବା ପାଇଁ ଏହି ନୀତି ଆପଣାଯାଏ। ଏପରି କରିବା ଦ୍ୱାରା ସମ୍ପୃକ୍ତ ପିଏସ୍ୟୁରେ ସରକାରଙ୍କ କର୍ତ୍ତୃତ୍ୱ ହ୍ରାସ ହୋଇଥାଏ କିମ୍ବା ଆଦୌ ରହି ନ ଥାଏ। ଫଳରେ ସେହି ସଂସ୍ଥା ବଜାରରେ ଅନ୍ୟ ଘରୋଇ କମ୍ପାନୀଗୁଡ଼ିକ ସହ ପ୍ରତିଦ୍ୱନ୍ଦ୍ୱିତା କରି ନିଜ ସ୍ଥିତି ସୁଦୃଢ଼ କରିବା ପାଇଁ ଉଦ୍ୟମ କରିଥାଏ। ଅର୍ଥ ମନ୍ତ୍ରଣାଳୟ ଅଧୀନ ନିବେଶ ଓ ସାଧାରଣ ପରିସମ୍ପତ୍ତି ପରିଚାଳନା ବିଭାଗ (ଡିଆଇପିଏମ୍)ର ୱେବ୍‌ସାଇଟ୍‌ରେ ପ୍ରଦତ୍ତ ତଥ୍ୟ ଅନୁସାରେ ୨୦୨୩-୨୪ ଆର୍ଥିକବର୍ଷରେ ହିନ୍ଦୁସ୍ଥାନ ଏରୋନଟିକ୍ସ, କୋଲ୍ ଇଣ୍ଡିଆ, ରେଳ ବିକାଶ ନିଗମ, ଏସ୍‌ଜେଭିଏନ୍ ଲିମିଟେଡ୍, ହାଉସିଂ ଆଣ୍ଡ୍ ଅର୍ବାନ୍ ଡେଭେଲପ୍‌ମେଣ୍ଟ କର୍ପୋରେଶନ୍ ଲିଃ, ଇଣ୍ଡିଆନ୍ ରିନ୍ୟୁଆବୁଲ ଡେଭେଲପ୍‌ମେଣ୍ଟ ଏଜେନ୍ସି, ଆଇରନ୍ ଇଣ୍ଟରନ୍ୟାଶନାଲ ଲିଃ ଏବଂ ଏନ୍‌ଏଚ୍‌ପିସି ଭଳି ସରକାରୀ ଉଦ୍ୟୋଗଗୁଡ଼ିକର ଅଂଶଧନ ବିକ୍ରି ବାବଦରେ କେନ୍ଦ୍ର ମୋଟ ୧୨,୫୦୪.୩୨ କୋଟି ଟଙ୍କା ପାଇଥିଲା। ଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ର ଘରୋଇକରଣ ଓ ପୁଞ୍ଜି ପ୍ରତ୍ୟାହାର ବାବଦକୁ ୪.୨୦ ଲକ୍ଷ କୋଟି ଟଙ୍କା ପାଇଛି। ସରକାରଙ୍କ ଘରୋଇକରଣ ଓ ପୁଞ୍ଜି ପ୍ରତ୍ୟାହାର ତାଲିକାରେ ଆହୁରି ଅନେକ ସଂସ୍ଥା ରହିଛି। ଫେବୃଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଅନ୍ତରୀଣ ବଜେଟ ଉପସ୍ଥାପନ କରି କହିଥିଲେ, ୨୦୨୪-୨୫ ଆର୍ଥିକବର୍ଷରେ ମିସଲେନିଅସ୍ କ୍ୟାପିଟାଲ ରିସିପ୍ଟସ୍ ଅଧୀନରେ ସରକାର ୫୦,୦୦୦ କୋଟି ଟଙ୍କା ପାଇବେ। ସେଥିରୁ ୩୫,୦୦୦ କୋଟି ଟଙ୍କା କେବଳ ପୁଞ୍ଜି ପ୍ରତ୍ୟାହାରରୁ ଆସିବ ବୋଲି ଡିଆଇପିଏଏମ୍ ସଚିବ ତୁହିନ୍‌କାନ୍ତ ପାଣ୍ଡେ ସୂଚନା ଦେଇଛନ୍ତି।

୨୦୨୦ ମେ'ରେ ମୋଦି ସରକାର ଅନେକ ସରକାରୀ ସଂସ୍ଥାରେ ସଂସ୍କାର ଆଣିବାକୁ ଯାଇ ଆତ୍ମନିର୍ଭର ଭାରତ ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନ ଅଧୀନ ପବ୍ଲିକ୍ ସେକ୍ଟର ଏଣ୍ଟରପ୍ରାଇଜେସ୍ ପଲିସି (ପିଏସ୍‌ଇ ନୀତି) ଅନୁସାରେ ସରକାର ରଣନୈତିକ ସେକ୍ଟରଗୁଡ଼ିକରେ ନିଜ ଉପସ୍ଥିତିକୁ ସର୍ବନିମ୍ନ କରିବା ସହ ଅଣରଣନୈତିକ କ୍ଷେତ୍ରଗୁଡ଼ିକରୁ ବାହାରିଯିବେ। ସଂସ୍ଥାଗୁଡ଼ିକରୁ ପୁଞ୍ଜି ପ୍ରତ୍ୟାହାର କରି ଆବଶ୍ୟକ ସ୍ଥଳେ ସେଗୁଡ଼ିକୁ ବନ୍ଦ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ବିଭିନ୍ନ ସେକ୍ଟରରେ ଥିବା ବୃହତ୍ କମ୍ପାନୀଗୁଡ଼ିକରୁ ସରକାର ନିଜ ଉପସ୍ଥିତି ହ୍ରାସ ପାଇଁ ଉଦ୍ୟମ ଚଳାଇଛନ୍ତି, ଯାହାକି ସମୟ ସାପେକ୍ଷ। ଅର୍ଥନୀତିର ବହୁବିଧ ସେକ୍ଟରରୁ ରାତାରାତି ଓହରିଯିବା ସମ୍ଭବ ନୁହେଁ। କେବଳ ଆର୍ଥିକ ଦୃଷ୍ଟିରୁ ନୁହେଁ, ରାଜନୈତିକ କ୍ଷେତ୍ରରେ ମଧ୍ୟ ଏହାର ପ୍ରଭାବ ରହିଛି। ଅତୀତରେ ଘରୋଇକରଣକୁ ନେଇ ବହୁ ରାଜନୈତିକ କୌଶଳ ଦେଖିବାକୁ ମିଳିଛି। ୨୦୨୨-୨୩ରେ ସରକାର ୬୫,୦୦୦ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ରଖିଥିବାବେଳେ ୩୫,୨୯୩.୫୨ କୋଟି ଟଙ୍କା ହାସଲ କରିବାକୁ ସକ୍ଷମ ହୋଇଥିଲେ। ଚଳିତ ଆର୍ଥିକ ବର୍ଷରେ ସରକାର ୬୧,୦୦୦ କୋଟିର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ରଖିଥିବାବେଳେ ପରବର୍ତ୍ତୀ ସମୟରେ ସମୀକ୍ଷା ପରେ ଏହାକୁ ୩୦,୦୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ସରକାର ସେଥିରୁ ପ୍ରାୟ ୧୨,୫୦୦ କୋଟି ଟଙ୍କା ପାଇବାରେ ସକ୍ଷମ ହୋଇଛନ୍ତି। ଏହା ପୁଞ୍ଜି ପ୍ରତ୍ୟାହାର କ୍ଷେତ୍ରରେ ରହିଥିବା ନୀତିଗତ ଅସ୍ପଷ୍ଟତା ଏବଂ ଦ୍ୱନ୍ଦ୍ୱକୁ ଦର୍ଶାଉଛି। ସମ୍ଭବତଃ ରାଜନୈତିକ କାରଣରୁ ସରକାର ପିଏସ୍‌ଇ ନୀତିକୁ ପ୍ରତ୍ୟାହାର କରିପାରିବେ ନାହିଁ। ନୀତି ପ୍ରତ୍ୟାହାର କଲେ ଏହାକୁ ନିଜ ପରାଜୟର ସ୍ୱୀକାରୋକ୍ତି ବୋଲି ମନେକରାଯାଇପାରେ। ଏନେଇ ଡିଆଇପିଏମ୍ ସଚିବ ପାଣ୍ଡେ କହିଛନ୍ତି, କେତେକ ରାଜ୍ୟର ସରକାରମାନଙ୍କ ଦୋମୁହାଁ ନୀତି ଯୋଗୁ ପୁଞ୍ଜିପ୍ରତ୍ୟାହାର ବାଧାପ୍ରାପ୍ତ ହେଉଛି। କେନ୍ଦ୍ରୀୟ ପିଏସ୍ୟୁଗୁଡ଼ିକରୁ ପୁଞ୍ଜି ପ୍ରତ୍ୟାହାର ବିଳମ୍ବିତ ହେଉଛି। ଏହି ଡିସ୍‌ଇନ୍‌ଭେଷ୍ଟମେଣ୍ଟ ପ୍ରକ୍ରିୟାକୁ ପ୍ରୋତ୍ସାହନ ଦେବା ପାଇଁ ଆମେ ଅଧିକ ତତ୍ପର ହେବା ଆବଶ୍ୟକ।




# ବାଣ କାରଖାନାରେ ବିସ୍ଫୋରଣ: ୧୧ ମୃତ



## ୧୭୪ ଆହତ

## ବହୁ ଘର ଜଳିଗଲା

ଭୋପାଳ,୬।୨

ମଧ୍ୟପ୍ରଦେଶର ହର୍ଦା ଜିଲାରେ ଏକ ବେଆଇନ ବାଣ କାରଖାନାରେ ବିସ୍ଫୋରଣ ଘଟି ୧୧ ଜଣଙ୍କ ମୃତ୍ୟୁ ହେବା ସହ ୧୭୪ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କାରଖାନା ଭଗ୍ନାବଶେଷ ତଳେ ଅନେକେ ପୋତିହୋଇ ରହିଯାଇଥିବା ଆଶଙ୍କା କରାଯାଉଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଏହାର ପ୍ରଭାବ ୧୫ କିଲୋମିଟର ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା। କାରଖାନା ନିକଟବର୍ତ୍ତୀ କେତେକ ଘର ଜଳିଯିବା ସହ ବହୁ ଘରର କାଚ ଝରକା ଭାଙ୍ଗିଯାଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି।
ଜିଲାର ବୈରଗଡ଼ ଗ୍ରାମ ଅନ୍ତର୍ଗତ ମଗର୍ଧା ରୋଡ୍‌ରେ ଉକ୍ତ କାରଖାନା ରହିଛି। ବିସ୍ଫୋରଣ ପରେ ଦଳାଚକଟାରେ ଅଧିକାଂଶଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। ଆହତଙ୍କୁ ହସ୍ପିଟାଲ ନେବା ଲାଗି ୫୦ ଆମ୍ବୁଲାନ୍ସ ନିୟୋଜିତ ହୋଇଛି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଘୋଷଣା କରିଛନ୍ତି। ଏଥିସହିତ ଆହତମାନଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବାଣ କାରଖାନା ବିସ୍ଫୋରଣରେ ଏତେ ଲୋକଙ୍କ ମୃତ୍ୟୁ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଏବଂ ଆହତମାନଙ୍କ ପାଇଁ ୫୦,୦୦୦ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

# ନୂଆ ଇସି ଚୟନ ପାଇଁ ଆଜି ବୈଠକ

**ନୂଆଦିଲ୍ଲୀ, ୬।୨(ପି.ଟି.):** ନୂଆ ନିର୍ବାଚନ କମିଶନର (ଇସି) ଚୟନ ଲାଗି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହେବ। ଆସନ୍ତା ୧୪ ତାରିଖରେ ନିର୍ବାଚନ କମିଶନର ଅନୁପ ଚନ୍ଦ୍ର ପାଣ୍ଡେଙ୍କ କାର୍ଯ୍ୟକାଳ ଶେଷ ହେଉଥିବାବେଳେ ତାଙ୍କ ସ୍ଥାନରେ ନୂଆ ଇସି ନିଯୁକ୍ତି ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟ ନିର୍ବାଚନ କମିଶନର (ନିଯୁକ୍ତି, ସେବା ନିୟମ ଓ ସର୍ତ୍ତାବଳୀ) ଆଇନ ଅନୁଯାୟୀ ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦୁଇଜଣ କେନ୍ଦ୍ର ସଚିବଙ୍କୁ ନେଇ ଗଠିତ ସର୍ଚ୍ଚ କମିଟି ଇସି ପଦବୀ ପାଇଁ ୫ ପ୍ରାର୍ଥୀଙ୍କର ଏକ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରିବ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ଚୟନ କମିଟି ସେମାନଙ୍କ ମଧ୍ୟରୁ ଜଣକୁ ଇସି ପଦବୀ ପାଇଁ ମନୋନୀତ କରିବ। ଉକ୍ତ କମିଟିରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଜଣେ କେନ୍ଦ୍ରମନ୍ତ୍ରୀ ଏବଂ ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ସଦସ୍ୟ ରହିଛନ୍ତି। ଏପରିକି ସଂକ୍ଷିପ୍ତ ତାଲିକାରେ ନ ଥିବା ନାଁକୁ ମଧ୍ୟ ଚୟନ କମିଟି ଇସି ନିଯୁକ୍ତି ପାଇଁ ବିଚାରକୁ ନେଇପାରିବ। ନୂଆ ଆଇନ ଆସିବା ପୂର୍ବରୁ କେନ୍ଦ୍ର ସରକାରଙ୍କ ସୁପାରିସ କ୍ରମେ ରାଷ୍ଟ୍ରପତି ସିଇସି ଏବଂ ଇସିଙ୍କୁ ନିଯୁକ୍ତି ଦେଉଥିଲେ।



ଆମେରିକା ରାଷ୍ଟ୍ରପତି ନିର୍ବାଚନ ପ୍ରଚାରରେ ଥିବା ଡେମୋକ୍ରାଟିକ୍ ପାର୍ଟି ପ୍ରାର୍ଥୀ ତଥା ରାଷ୍ଟ୍ରପତି ଜୋ ବାଇଡେନ୍ ନେଭାଦାର ଲାସ୍‌ଭେଗାସ୍ ସ୍ଥିତ ଏକ ଚା' ଦୋକାନରେ ଫଟୋ ପାଇଁ ପୋଜ୍ ଦେଉଛନ୍ତି।

# ବଜେଟ ଅଧିବେଶନ ଦିନେ ବଢ଼ିଲା

## ଉପାର ଭୁଲ୍ ଆର୍ଥିକ ପରିଚାଳନା ଉପରେ ଶ୍ୱେତପତ୍ର ଆଣିବ କେନ୍ଦ୍ର

ନୂଆଦିଲ୍ଲୀ,୬।୨



ପାର୍ଲାମେଣ୍ଟର ବଜେଟ ଅଧିବେଶନକୁ ଗୋଟିଏ ଦିନ ବଢ଼ାଇ ଦିଆଯାଇଛି। ୯ ପରବର୍ତ୍ତେ ୧୦ ତାରିଖରେ ଅଧିବେଶନ ଶେଷ ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଜୋଷୀ କହିଛନ୍ତି। କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରଙ୍କ ସମୟରେ ଅର୍ଥନୀତିର କୁପରିଚାଳନା ଉପରେ କେନ୍ଦ୍ର ସରକାର ଏକ ଶ୍ୱେତପତ୍ର ଆଣିବାକୁ ଯାଉଥିବାରୁ ଅଧିବେଶନକୁ ଗୋଟିଏ ଦିନ ବଢ଼ାଯାଇଛି। ଭୁଲ୍ ପରିଚାଳନା ପାଇଁ ଦେଶର ଅର୍ଥନୀତିରେ କିପରି ବିପର୍ଯ୍ୟୟ ସୃଷ୍ଟି ହୋଇଥିଲା ତାହା ଉପରେ ଶ୍ୱେତପତ୍ରରେ ବିସ୍ତୃତ ବିବରଣୀ ରହିବ। ଏଥିସହିତ ସେହି ସମୟରେ ସରକାରଙ୍କ ସକାରାତ୍ମକ ପଦକ୍ଷେପର ପ୍ରଭାବ ସମ୍ପର୍କରେ ମଧ୍ୟ ଆଲୋଚନା ହେବ ବୋଲି ଜଣାପଡ଼ିଛି।

# ମନ୍ତ୍ରୀଙ୍କ ବିରୋଧରେ ଡିଏମ୍‌କେ ନେତାଙ୍କ ବିବାଦୀୟ ମନ୍ତବ୍ୟ

## ଲୋକ ସଭାରେ ହଟ୍ଟଗୋଳ

ନୂଆଦିଲ୍ଲୀ,୬।୨(ପି.ଟି.)

ଲୋକ ସଭାରେ କେନ୍ଦ୍ରମନ୍ତ୍ରୀ ଏଲ୍. ମୁରୁଗାନଙ୍କ ବିରୋଧରେ ଡିଏମ୍‌କେ ସଦସ୍ୟ ଟି.ଆର୍. ବାଲୁ ମଙ୍ଗଳବାର ବିବାଦୀୟ ମନ୍ତବ୍ୟ ଦେବାରୁ ଏହାକୁ ନେଇ ଗୃହରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଦଳିତଙ୍କୁ ଅପମାନିତ କରିଥିବାରୁ ବାଲୁ କ୍ଷମା ମାଗନ୍ତୁ ବୋଲି ଶାସକ ଭାଜପା ଏମ୍‌ପିମାନେ ଦାବି କରିଥିଲେ। ବାଚସ୍ପତି ଓମ୍ ବିର୍ଲା ବାଲୁଙ୍କ ମନ୍ତବ୍ୟକୁ ରେକର୍ଡରୁ ବାଦ୍ ଦେବା ପରେ ଡିଏମ୍‌କେ ସମେତ କଂଗ୍ରେସ ଏବଂ ବାମଦଳ ଏମ୍‌ପିମାନେ କକ୍ଷତ୍ୟାଗ କରିଥିଲେ। ପ୍ରଶ୍ନୋତ୍ତର କାଳରେ ତାମିଲନାଡୁକୁ ବନ୍ୟା ରିଲିଫ ସମ୍ପର୍କିତ ଏକ ପ୍ରଶ୍ନ ଉପରେ ଆଲୋଚନା ଚାଲିଥିବାବେଳେ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଉକ୍ତ ପ୍ରଶ୍ନ ଉପରେ ଉତ୍ତର ରଖୁଥିବା ମତ୍ସ୍ୟ ଓ ପ୍ରାଣୀସମ୍ପଦ ରାଷ୍ଟ୍ରମନ୍ତ୍ରୀ ମୁରୁଗାନ୍ ବାଲୁଙ୍କ ଏକ ଅତିରିକ୍ତ ପ୍ରଶ୍ନକୁ ଅପ୍ରାସଙ୍ଗିକ କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ବାଲୁ ମନ୍ତ୍ରୀଙ୍କୁ ଅଯୋଗ୍ୟ କହିବାରୁ ଉତ୍ତେଜନା ଦେଖାଦେଇଥିଲା। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଜୋଷୀ, ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ, ଅନ୍ୟ ମନ୍ତ୍ରୀ ଏବଂ ଭାଜପା ବିଧାୟକମାନେ ବାଲୁଙ୍କ ମନ୍ତବ୍ୟର ପ୍ରତିବାଦ ଜଣାଇବା ସହ କ୍ଷମା ମାଗିବାକୁ ଦାବି କରିଥିଲେ।

# କିଙ୍ଗ୍ ଚାର୍ଲ୍ସଙ୍କୁ କ୍ୟାନ୍‌ସର

ଲଣ୍ଡନ,୬।୨

ବ୍ରିଟିଶ ରାଜ ସିଂହାସନ ଆରୋହଣର ୧୮ ମାସ ନ ପୂରୁଣୁ ରାଜା ଚାର୍ଲ୍ସ କ୍ୟାନ୍‌ସରରେ ପୀଡ଼ିତ ଥିବା ବକିଂହାମ୍ ପ୍ୟାଲେସ୍ ପକ୍ଷରୁ ସୂଚନା ଦିଆଯାଇଛି। ଚିକିତ୍ସା ଚାଲିଥିବାରୁ ତାଙ୍କର ସରକାରୀ କାର୍ଯ୍ୟକ୍ରମଗୁଡ଼ିକୁ ସ୍ଥଗିତ ରଖାଯାଇଛି। ଦେଶବାସୀ ୭୫ ବର୍ଷୀୟ ରାଜାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ରାଜପରିବାରଠାରୁ ଦୂରେଇ ଯାଇଥିବା ଚାର୍ଲ୍ସଙ୍କ ସାନପୁଅ ପ୍ରିନ୍ସ ହ୍ୟାରି ବ୍ରିଟେନ୍ ଫେରୁଥିବାବେଳେ ତାଙ୍କ ବଡ଼ଭାଇ ତଥା ରାଜସିଂହାସନର ଉତ୍ତରାଧିକାରୀ ପ୍ରିନ୍ସ ୱିଲିୟମ କେତେକ ରାଜକାର୍ଯ୍ୟ ସମ୍ଭାଳିବେ ବୋଲି ଆଶା କରାଯାଉଛି।



କିଙ୍ଗ୍ ଚାର୍ଲ୍ସଙ୍କୁ କ୍ୟାନ୍‌ସର ଖବର ଶୁଣି ମର୍ମାହତ ଓ ଦୁଃଖିତ ବୋଲି ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନକ କହିଛନ୍ତି। ତେବେ ରୋଗ ସଂକ୍ରମଣ ସଅଳ ଧରାପଡ଼ିଥିବାରୁ ସେ ଆଶ୍ୱସ୍ତ ହୋଇଛନ୍ତି। କିଙ୍ଗ୍ ଚାର୍ଲ୍ସଙ୍କ ପ୍ରୋଷ୍ଟେଟ୍ ବଢ଼ିଯାଇଥିବାରୁ ସେ ଏହାର ଚିକିତ୍ସା ପାଇଁ ଯାଇଥିବାବେଳେ କ୍ୟାନ୍‌ସର ହୋଇଥିବା ଜଣାପଡ଼ିଥିଲା। ସୂଚନାଯୋଗ୍ୟ, ଚାର୍ଲ୍ସ ପ୍ରିନ୍ସ ଅଫ୍ ୱେଲ୍‌ସ ଥିବାବେଳେ କ୍ୟାନ୍‌ସର ଦାତବ୍ୟ ଅନୁଷ୍ଠାନଗୁଡ଼ିକର ପୃଷ୍ଠପୋଷକ ଥିଲେ। ଏବେ ସେ ନିଜେ କ୍ୟାନ୍‌ସର ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ଏହା ସର୍ବସାଧାରଣରେ ଜଣାଇବାକୁ ସେ ଚାହିଁଥିବା ପ୍ୟାଲେସ୍ ପକ୍ଷରୁ କୁହାଯାଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବିଶ୍ୱର ନେତାମାନେ କିଙ୍ଗ୍ ଚାର୍ଲସଙ୍କ ଆଶୁ ଆରୋଗ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି।

# ଏୟାରପୋର୍ଟ କର୍ମଚାରୀଙ୍କ ଉପରେ ବିମାନ ଚଢ଼ିଗଲା

**ହଂକଂ, ୬।୨:** ହଂକଂ ବିମାନବନ୍ଦରରେ ବିମାନରୁ ଧକ୍କା ଖାଇ ଜଣେ କ୍ଷେତ୍ର କର୍ମଚାରୀଙ୍କର ମୃତ୍ୟୁ ଘଟିଛି। ବିମାନବନ୍ଦର ମଧ୍ୟରେ ଯାଉଥିବା ଏକ ଟ୍ରକ୍‌ର ଆଗ ସିଟ୍‌ରେ ସମ୍ପୃକ୍ତ ବ୍ୟକ୍ତି ଜଣକ ବସିଥିବାବେଳେ ସେ ଗାଡିରୁ ପଡ଼ିଯାଇଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ ବିମାନ ମାଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ବିମାନବନ୍ଦରରେ ଥିବା ଜରୁରିକାଳୀନ କର୍ମଚାରୀମାନେ ଗୁରୁତର ଅବସ୍ଥାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ମେଡିକାଲ ନେବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ଜଣଙ୍କ ଜୋର୍ଡାନର ମୂଳ ନିବାସୀ ହୋଇଥିବା ବେଳେ ସେ ହଂକଂର ଏହି ବିମାନବନ୍ଦରରେ କାର୍ଯ୍ୟ କରୁଥିଲେ।

# ଦିଲ୍ଲୀରୁ ଲଶ୍କର ଆତଙ୍କବାଦୀ ଗିରଫ

**ନୂଆଦିଲ୍ଲୀ, ୬।୨:** ଅବସରପ୍ରାପ୍ତ ସେନା ଯବାନ ତଥା ଜମ୍ମୁ-କଶ୍ମୀରର କୁପୱାଡ଼ାରେ ସକ୍ରିୟ ଥିବା ଲଶ୍କର-ଇ-ତୋଇବା ମଡ୍ୟୁଲ୍‌ର ସଦସ୍ୟ ରିୟାଜ ଅହମଦ ରାଠେରଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଛି। ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ପରିବହନକୁ ସୁଗମ କରାଇବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିଲେ ବୋଲି ପୋଲିସ କହିଛି। କୁପୱାଡ଼ା ନିବାସୀ ରିୟାଜ ଗତ ରବିବାର ନୂଆଦିଲ୍ଲୀ ରେଳଷ୍ଟେଶନରୁ ଗିରଫ ହୋଇଥିଲେ। ଏଲ୍‌ଓସି ଅପରପାର୍ଶ୍ୱରୁ ଆତଙ୍କବାଦୀଙ୍କଠାରୁ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଗ୍ରହଣ କରିବା ପାଇଁ ସେ ସହଯୋଗୀ ଖୁର୍ସିଦ ଅହମଦ ରାଠେର ଏବଂ ଗୁଲାମ ସରଓନବାର ରାଠେରଙ୍କ ସହ ଷଡ଼ଯନ୍ତ୍ର ଚଳାଇଥିଲେ। ଜମ୍ମୁ-କଶ୍ମୀର ତଦନ୍ତକାରୀ ସଂସ୍ଥାଠାରୁ ସୂଚନା ପାଇ ଦିଲ୍ଲୀ ପୋଲିସ ରିୟାଜଙ୍କୁ ଗିରଫ କରିଥିଲା। ନିକଟରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ସହ ରିୟାଜଙ୍କ ସମ୍ପୃକ୍ତି ନେଇ କଶ୍ମୀର ପୋଲିସ ତଦନ୍ତ ଚଳାଇଛି।

# ନିଯୁକ୍ତି ପରୀକ୍ଷା ଜାଲିଆତି ରୋକିବା ପାଇଁ ବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ,୬।୨(ପି.ଟି.)

ସରକାରୀ ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍, ଜାଲ୍ ୱେବ୍‌ସାଇଟ୍ ଭଳି ଅସାଧୁ କାର୍ଯ୍ୟ ରୋକିବା ପାଇଁ କେନ୍ଦ୍ର ସରକାର ଆଣିଥିବା ବିଲ୍ ମଙ୍ଗଳବାର ଲୋକ ସଭାରେ ଗୃହୀତ ହୋଇଛି। ପରୀକ୍ଷା ପରିଚାଳନାରେ ଅସାଧୁ କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିବିଶେଷ ଓ ସଂସ୍ଥା ବିରୋଧରେ କଠୋର ଦଣ୍ଡ ବ୍ୟବସ୍ଥା ବିଲ୍‌ରେ ରହିଛି। ସରକାରୀ ପରୀକ୍ଷା (ଅସାଧୁ ଉପାୟର ପ୍ରତିକାର) ବିଲ୍, ୨୦୨୪ ଉପରେ ଆଲୋଚନାରେ ଭାଗନେଇ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଥିଲେ, ମେଧାବୀ ଛାତ୍ରୀଛାତ୍ର ଓ ପ୍ରାର୍ଥୀମାନଙ୍କ ସ୍ୱାର୍ଥର ସୁରକ୍ଷା ଉକ୍ତ ବିଲ୍‌ର ଉଦ୍ଦେଶ୍ୟ। ସଂଗଠିତ ଅପରାଧ ପାଇଁ ମେଧାବୀ ପ୍ରାର୍ଥୀ କ୍ଷତିଗ୍ରସ୍ତ ହେବାକୁ ଦିଆଯିବ ନାହିଁ। ଛାତ୍ରୀଛାତ୍ର ଓ ପ୍ରାର୍ଥୀମାନଙ୍କୁ ବିଲ୍ ପରିସରରେ ରଖାଯାଇ ନାହିଁ। ତେଣୁ ନିଯୁକ୍ତି ଆଶାୟୀମାନେ କୌଣସି ପ୍ରକାରେ କ୍ଷତିଗ୍ରସ୍ତ ହେବେନାହିଁ ବୋଲି ଜିତେନ୍ଦ୍ର କହିଥିଲେ। ବିଲ୍ ଉପରେ କେତେକ ସଂଶୋଧନ ଆଣିବାକୁ ବିରୋଧୀ ଦଳ ପ୍ରସ୍ତାବ ଦେଇଥିବାବେଳେ ତାହା ଖାରଜ ହୋଇଯାଇଥିଲା। ରାଜସ୍ଥାନରେ ଶିକ୍ଷକ ନିଯୁକ୍ତି ପରୀକ୍ଷା ସମେତ ଅନେକ ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍‌କୁ ନେଇ ତାହା ବାତିଲ ହୋଇଥିଲା। ଏଭଳି ଏକାଧିକ ପରୀକ୍ଷା ବାତିଲ ଯୋଗୁ ନିଯୁକ୍ତି ଆଶାୟୀମାନେ ନିରାଶ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ସରକାର ପରୀକ୍ଷାରେ ଜାଲିଆତି ରୋକିବା ପାଇଁ କଠୋର ବିଲ୍ ଆଣିଛନ୍ତି।

# ୟୁସିସି ବିଲ୍ ଉତ୍ତରାଖଣ୍ଡ ବିଧାନସଭାରେ ଆଗତ

## ଲିଭ୍-ଇନ୍ ରିଲେଶନରେ ପଞ୍ଜୀକରଣ ବାଧ୍ୟତାମୂଳକ

ଡେରାଡୁନ୍,୬।୨(ପି.ଟି.)

ଉତ୍ତରାଖଣ୍ଡ ସରକାର ମଙ୍ଗଳବାର ରାଜ୍ୟ ବିଧାନସଭାରେ ସମାନ ନାଗରିକ ସଂହିତା (ୟୁସିସି) ବିଲ୍ ଆଗତ କରିଛନ୍ତି। ସ୍ୱାଧୀନତା ପରେ ଏଭଳି ବିଲ୍ ଆଣିବାରେ ଉତ୍ତରାଖଣ୍ଡ ପ୍ରଥମ ରାଜ୍ୟ। ଆଦିବାସୀମାନଙ୍କୁ ପ୍ରସ୍ତାବିତ ଆଇନରୁ ବାଦ୍ ଦିଆଯାଇଛି।

ଚିଠା ଆଇନରେ ବହୁପତ୍ନୀ ଗ୍ରହଣକୁ ନିଷେଧ କରାଯିବା ସହ ଲିଭ୍-ଇନ୍ ରିଲେଶନରେ ରହିଲେ ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯାଇଛି। ଏଭଳି ସମ୍ପର୍କରୁ ଜନ୍ମିତ ସନ୍ତାନଙ୍କୁ ବୈଧ ବିବେଚନା କରାଯିବ ଏବଂ ଛାଡ଼ପତ୍ର କ୍ଷେତ୍ରରେ ମହିଳାଙ୍କୁ ତାଙ୍କ ପୁରୁଷ ସାଥୀ କ୍ଷତିପୂରଣ ଦେବେ। ପ୍ରସ୍ତାବିତ ଆଇନରେ ଝିଅମାନଙ୍କ ବିବାହ ବୟସ ୧୮ ଏବଂ ପୁଅଙ୍କ ପାଇଁ ୨୧ ବର୍ଷ ରହିବ। ବିବାହ ପଞ୍ଜୀକରଣ ବାଧ୍ୟତାମୂଳକ ହେବ। ଛାଡ଼ପତ୍ର ପାଇଁ ଉଭୟ ସ୍ୱାମୀ ଏବଂ ସ୍ତ୍ରୀଙ୍କୁ ସମାନ କାରଣ ଦର୍ଶାଇବାକୁ ହେବ। ଜଣେ ସ୍ତ୍ରୀ ବଞ୍ଚିଥିବା ଯାଏ ଦ୍ୱିତୀୟ ବିବାହ କରାଯାଇପାରିବ ନାହିଁ। ପୁଅଙ୍କ ଭଳି ଝିଅମାନଙ୍କୁ ସମ୍ପତ୍ତି ଉପରେ ସମାନ ଅଧିକାର ମିଳିବ।

ଲୋକ ସଭା ନିର୍ବାଚନ ପୂର୍ବରୁ ଉତ୍ତରାଖଣ୍ଡ ସରକାର ୟୁସିସି ବିଲ୍ ଆଣିବା ଗୁରୁତ୍ୱପୂର୍ଣ୍ଣ। ବିବାହ, ଛାଡ଼ପତ୍ର, ଜମିଜମା, ସମ୍ପତ୍ତି ଏବଂ ଉତ୍ତରାଧିକାରକୁ ନେଇ ସମସ୍ତ ନାଗରିକଙ୍କ ପାଇଁ ସମାନ ଆଇନ ଆଣିବା ଭାଜପା କାର୍ଯ୍ୟସୂଚୀର ଅନ୍ୟତମ ମୁଖ୍ୟ ପ୍ରସଙ୍ଗ ଥିଲା। ଅନ୍ୟ ଭାଜପା ଶାସିତ ରାଜ୍ୟ ଅନୁରୂପ ଆଇନ ଆଣିପାରନ୍ତି ବୋଲି କୁହାଯାଇଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ବିଲ୍ ଆଗତ କରିବା ବେଳେ ଟ୍ରେଜେରି ବେଞ୍ଚ୍ ଡେସ୍କ ବାଡ଼େଇ ଓ ବିଭିନ୍ନ ସ୍ଲୋଗାନ ଦେଇ ଏହାକୁ ସ୍ୱାଗତ କରିଥିଲା। ବିପକ୍ଷ ସଦସ୍ୟମାନେ ଏହାକୁ ଭଲଭାବେ ଅନୁଧ୍ୟାନ ପାଇଁ ଅଧିକ ସମୟ ମାଗିବାରୁ ବାଚସ୍ପତି ରିତୁ ଖଣ୍ଡୁରୀ ସେମାନଙ୍କୁ ଏଥିପାଇଁ ସୁଯୋଗ ଦେଇଥିଲେ। ବିଲ୍‌କୁ ବିଧାନସଭା ଚୟନ କମିଟିକୁ ପଠାଇବା ପାଇଁ ବିରୋଧୀ ଦଳ ନେତା ଯଶପାଲ ଆର୍ଯ୍ୟ ପ୍ରସ୍ତାବ ଦେଇଥିଲେ।



ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ବିଲ୍ ଉପସ୍ଥାପନ ପାଇଁ ଯାଉଛନ୍ତି।




# ଓଡ଼ିଶାର ଏସ୍‌ସି, ଏସ୍‌ଟି ତାଲିକାରେ ସଂଶୋଧନ ହେବ

## ରାଜ୍ୟ ସଭାରେ ବିଲ୍ ଗୃହୀତ

ନୂଆଦିଲ୍ଲୀ,୬।୨(ପି.ଟି.)

ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ଅନୁସୂଚିତ ଜାତି (ଏସ୍‌ସି) ଏବଂ ଅନୁସୂଚିତ ଜନଜାତି (ଏସ୍‌ଟି) ତାଲିକାରେ ସଂଶୋଧନ ପାଇଁ ୨ଟି ବିଲ୍ ରାଜ୍ୟ ସଭାରେ ମଙ୍ଗଳବାର ଗୃହୀତ ହୋଇଛି। ସମ୍ବିଧାନ (ଅନୁସୂଚିତ ଜନଜାତି) ଅର୍ଡର(ସଂଶୋଧନ)ବିଲ୍, ୨୦୨୪ ଏବଂ ସମ୍ବିଧାନ (ଅନୁସୂଚିତ ଜାତି ଓ ଜନଜାତି) ଅର୍ଡର(ସଂଶୋଧନ) ବିଲ୍, ୨୦୨୪ ଧ୍ୱନିମତରେ ଗୃହୀତ ହୋଇଥିଲା। ପ୍ରଥମ ବିଲ୍ ଆନ୍ଧ୍ରପ୍ରଦେଶର ଅନୁସୂଚିତ ଜନଜାତି ତାଲିକାରେ ସଂଶୋଧନ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଦ୍ୱିତୀୟ ବିଲ୍‌ଟି ଓଡ଼ିଶାର ଅନୁସୂଚିତ ଜାତି ଓ ଜନଜାତି ତାଲିକାରେ ସଂଶୋଧନ ପାଇଁ ରହିଛି। ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଉଭୟ ବିଲ୍‌କୁ ଉଚ୍ଚ ସଦନରେ ଆଗତ କରିଥିଲେ। ବିଲ୍ ଗୃହୀତ ହେଲେ ଓଡ଼ିଶାର ୪ଟି ଏବଂ ଆନ୍ଧ୍ରପ୍ରଦେଶର ୩ଟି ଗୋଷ୍ଠୀ ଏସ୍‌ଟି ତାଲିକାରେ ସାମିଲ ହେବେ। ଉକ୍ତ ଗୋଷ୍ଠୀଗୁଡ଼ିକ ପୁରାତନ ଦୁର୍ବଳ ଜନଜାତି ସମୂହ (ପିଭିଟିଜି)ରେ ରହିଛନ୍ତି। ସ୍ୱାଧୀନତାର ୭୫ ବର୍ଷ ପରେ ଉକ୍ତ ଜନଜାତିଙ୍କୁ ଅନୁସୂଚିତ ତାଲିକାରେ ସାମିଲ କରାଯାଉଛି। ୧୦ଟି ପିଭିଟିଜି ଏସ୍‌ଟି ତାଲିକାରେ ସାମିଲ ହୋଇ ନ ଥିବାରୁ ସେମାନେ ସର୍ବମୂଳକ ଅଧିକାରରୁ ବଞ୍ଚିତ ହେବା ସହ ଅନ୍ୟାୟର ସମ୍ମୁଖୀନ ହୋଇଥିବା ମୁଣ୍ଡା କହିଛନ୍ତି। ଦୁର୍ବଳ ଆଦିବାସୀ ସମୂହଙ୍କ ସାମାଜିକ-ଅର୍ଥନୈତିକ ବିକାଶ ଲାଗି କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ (ପିଏମ୍-ଜନମନ) ଆରମ୍ଭ କରିଥିବା ମନ୍ତ୍ରୀ କହିଥିଲେ।

ଦୁଇ ରାଜ୍ୟର ୭ଟି ଗୋଷ୍ଠୀ ଏସ୍‌ସି/ଏସ୍‌ଟି ତାଲିକାରୁ ବାଦ୍ ପଡ଼ିବା ଏକ ଐତିହାସିକ ଅସଙ୍ଗତି। ୨ ବିଲ୍ ଜରିଆରେ ତାହାର ସଂଶୋଧନ ହେବାକୁ ଯାଉଛି ବୋଲି ଆଲୋଚନାରେ ଭାଗନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ। ଏହା ଓଡ଼ିଶାର ୪ଟି ପୁରାତନ ଜନଜାତିର ସାମାଜିକ-ଅର୍ଥନୀତି ଏବଂ ମନସ୍ତତ୍ତ୍ୱ ଉପରେ ଯଥେଷ୍ଟ ପ୍ରଭାବ ପକାଇବ ବୋଲି ବୋଲି ସେ କହିଛନ୍ତି।




# ସିବିଏସ୍‌ଇ ଦଶମ, ଦ୍ୱାଦଶ ଆଡ୍‌ମିଟ କାର୍ଡ ଜାରି

ଭୁବନେଶ୍ୱର, ୬।୨(ଅସମାପିକା ସାହୁ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷା ଆସନ୍ତା ୧୫ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ସିବିଏସ୍‌ଇ ଅଫିସିଆଲ ୱେବ୍‌ସାଇଟ cbse.gov.inରେ ଆଡ୍‌ମିଟ୍ କାର୍ଡ ଉପଲବ୍ଧ କରାଯାଇଛି। ସ୍କୁଲଗୁଡିକ ଏହି ପୋର୍ଟାଲରେ ଲଗ୍ ଇନ୍ କରି ଆଡ୍‌ମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ସିବିଏସ୍‌ଇ ବୋର୍ଡର ସମସ୍ତ ଛାତ୍ରୀଛାତ୍ରଙ୍କୁ ନିଜ ସ୍କୁଲରୁ ଆଡ୍‌ମିଟ୍ କାର୍ଡ ନେବାକୁ ପଡ଼ିବ। ଦିନେ ଦୁଇଦିନ ମଧ୍ୟରେ ସ୍କୁଲଗୁଡ଼ିକ ଆଡ୍‌ମିଟ୍ କାର୍ଡ ବଣ୍ଟନ ପ୍ରକ୍ରିୟା ଆରମ୍ଭ କରିବେ। ଉକ୍ତ ଆଡମିଟ୍ କାର୍ଡରେ ଆବଶ୍ୟକ ନିର୍ଦ୍ଦେଶନାମା ରହିଛି, ଯାହା ସିବିଏସ୍‌ଇ ବୋର୍ଡ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରୀଛାତ୍ରଙ୍କ ପାଇଁ ଜରୁରୀ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ସିବିଏସ୍‌ଇ ଦଶମ ପରୀକ୍ଷା ମାର୍ଚ୍ଚ ୧୩ରେ ଓ ଦ୍ୱାଦଶ ପରୀକ୍ଷା ଏପ୍ରିଲ ୨ରେ ଶେଷ ହେବ।

# ୩୭ତମ ସ୍ଥାନରେ ଆଇଆଇଏମ୍ ସମ୍ବଲପୁର

## ଆଇଆଇଆର୍‌ଏଫ୍ ବିଜ୍‌ନେସ୍ ସ୍କୁଲ ର୍‍ୟାଙ୍କିଙ୍ଗ୍

### ବେସରକାରୀ ବର୍ଗରେ ଶ୍ରେଷ୍ଠ ୬ତମ ସ୍ଥାନରେ ଏକ୍ସଆଇଏମ୍‌ବି ଭୁବନେଶ୍ୱର

ଭୁବନେଶ୍ୱର, ୬।୨(ଅସମାପିକା ସାହୁ)

ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଶନାଲ ର୍‍ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ(ଆଇଆଇଆର୍‌ଏଫ୍) ବିଜିନେସ୍ ସ୍କୁଲ ର୍‍ୟାଙ୍କିଙ୍ଗ ୨୦୨୪ ପ୍ରକାଶ ପାଇଛି। ଏଥିରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ(ଆଇଆଇଏମ୍) ଅହମ୍ମଦାବାଦ ଶୀର୍ଷରେ ଥିବାବେଳେ ଓଡ଼ିଶାର ଆଇଆଇଏମ୍ ୩୭ତମ ର୍‍ୟାଙ୍କରେ ରହିଛି। ୭ଟି ମାନଦଣ୍ଡକୁ ବିଚାରକୁ ନେଇ ଏହି ର୍‍ୟାଙ୍କିଙ୍ଗ ପ୍ରଦାନ କରାଯାଇଛି। ଉଭୟ ସରକାରୀ ଏବଂ ବେସରକାରୀ ବର୍ଗର ଶ୍ରେଷ୍ଠ ୫୦ କଲେଜର ର୍‍ୟାଙ୍କିଙ୍ଗ ପ୍ରକାଶ ପାଇଥିବାବେଳେ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମ ଅଧୀନରେ ଥିବା ଶ୍ରେଷ୍ଠ ୫୦ ବିଜିନେସ୍ କଲେଜ, ଶ୍ରେଷ୍ଠ ୫୦ ବିଜିନେସ୍ ସ୍କୁଲ ଫର ରିସର୍ଚ୍ଚ, ଶ୍ରେଷ୍ଠ ୫୦ ସ୍କୁଲ ଅଫ୍ ଏମିନେନ୍ସ ଫର୍ ଏମ୍ପ୍ଲଏବିଲିଟି ଏବଂ ଶ୍ରେଷ୍ଠ ୨୦ ଏମର୍ଜିଙ୍ଗ ବିଜିନେସ ସ୍କୁଲ ତାଲିକା ପ୍ରକାଶ ପାଇଛି। ଓଭର ଅଲ୍ ସରକାରୀ କଲେଜ ବର୍ଗରେ ଆଇଆଇଏମ୍ ଅହମ୍ମଦାବାଦ ଶୀର୍ଷରେ ଥିବାବେଳେ ଶ୍ରେଷ୍ଠ ୧୦ରେ ଓଡ଼ିଶାର କୌଣସି କଲେଜ ସ୍ଥାନ ପାଇନାହିଁ। ସେପଟେ ବେସରକାରୀ ବର୍ଗରେ ଜାଭିଅର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ(ଏକ୍ସଆଇଏମ୍‌ବି) ଭୁବନେଶ୍ୱର ଶ୍ରେଷ୍ଠ ୬ରେ ସ୍ଥାନରେ ରହିଥିବା ସୂଚନା ମିଳିଛି।




# ଯୁକ୍ତ୨ ପରୀକ୍ଷା: ଗୋପନୀୟତା ପାଇଁ ନିର୍ଦ୍ଦେଶାବଳୀ ଜାରି

ଭୁବନେଶ୍ୱର, ୬।୨ (ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ଥିଓରି ପରୀକ୍ଷା ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। ତେବେ ପରୀକ୍ଷାରେ ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯାଉଛି। ସମସ୍ତ ଗୋପନୀୟତା ବଜାୟ ରଖିବା ପାଇଁ ସମସ୍ତ ପରୀକ୍ଷା କେନ୍ଦ୍ର ଅଧୀକ୍ଷକଙ୍କୁ ପରିଷଦ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ନିର୍ଦ୍ଦେଶାବଳୀ ଅନୁଯାୟୀ, ପରୀକ୍ଷା ପରିଚାଳନା ପାଇଁ ନିଯୁକ୍ତ ନିରୀକ୍ଷକ ବା ନିଯୁକ୍ତ ହେବାକୁ ଥିବା ନିରୀକ୍ଷକଙ୍କ ନାମ ଗୋପନ ରଖାଯିବ। ସେହିପରି ପରୀକ୍ଷାର୍ଥୀଙ୍କ ବସିବା ବ୍ୟବସ୍ଥା ଓ କପିକରି ଧରା ପଡ଼ିଲେ ତାଙ୍କ ନାମ ସାର୍ବଜନୀନ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଧୀକ୍ଷକଙ୍କ ବିନା ଅନୁମତିରେ ପରୀକ୍ଷା ସମୟର ଅଧ ଘଣ୍ଟା ପୂର୍ବରୁ ଓ ପରେ କେନ୍ଦ୍ର ପରିସରକୁ ସମସ୍ତଙ୍କୁ ବାରଣ କରାଯାଇଛି। ପରିଚାଳନା ପାଇଁ ଜଣେ ଅଧୀକ୍ଷକଙ୍କ ସହିତ ପ୍ରତି ୫ଶହ ପରୀକ୍ଷାର୍ଥୀରେ ଜଣେ ଲେଖାଏ ଉପ ଅଧୀକ୍ଷକ ରହିବେ। ପ୍ରତି ୨୦ ପରୀକ୍ଷାର୍ଥୀଙ୍କ ପାଇଁ ଜଣେ ନିରୀକ୍ଷକ ଓ ପ୍ରତି ୧୨୦ ପରୀକ୍ଷାର୍ଥୀ ପାଇଁ ଜଣେ ରିଲିଭର ରହିବେ।

# ତେଲଙ୍ଗାନାରେ ପଦ୍ମଶ୍ରୀ ବିଜେତାଙ୍କୁ ୨୫ ହଜାର ଟଙ୍କା ପେନ୍‌ସନ

ହାଇଦ୍ରାବାଦ,୬।୨

ତେଲଙ୍ଗାନାର ପଦ୍ମଶ୍ରୀ ପୁରସ୍କାର ବିଜେତାମାନଙ୍କୁ ମୁଖ୍ୟମନ୍ତ୍ରୀ ଏ. ରେଭାନ୍ତ ରେଡ୍ଡୀ ସରକାର ୨୫ ଲକ୍ଷ ଟଙ୍କା ନଗଦ ପୁରସ୍କାର ସହ ମାସିକ ୨୫,୦୦୦ ଟଙ୍କା ପେନ୍‌ସନ ଦେବାକୁ ଘୋଷଣା କରିଛନ୍ତି। ହାଇଦ୍ରାବାଦରେ ଚଳିତ ବର୍ଷର ପଦ୍ମ ପୁରସ୍କାର ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। କଳା କ୍ଷେତ୍ରରେ ବଡ଼ ଅବଦାନ ପାଇଁ ତେଲଙ୍ଗାନାର ଦସାରି କୋଣ୍ଡପ୍ପା, ଏ. ଭେଲୁ ଆନନ୍ଦ ଚାରି, ଜି. ସମାୟାଙ୍କୁ ଏବଂ ସାହିତ୍ୟ ଓ ଶିକ୍ଷାରେ କୁରେଲା ଭିଟ୍ଠାଲାଚାର୍ଯ୍ୟ ଓ କେଥାଭାଥ ସୋମଲାଲଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ ନିମନ୍ତେ କେନ୍ଦ୍ର ସରକାର ଘୋଷଣା କରିଥିଲେ। ରାଜ୍ୟର ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ବ୍ୟକ୍ତିମାନଙ୍କ ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେମାନଙ୍କୁ ନଗଦ ରାଶି ପୁରସ୍କାର ସହ ପେନ୍‌ସନ ଦେବାକୁ ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଚଳିତ ବର୍ଷର ପଦ୍ମ ବିଭୂଷଣ ପୁରସ୍କାର ବିଜେତା ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଏବଂ ଅଭିନେତା କେ. ଚିରଞ୍ଜୀବୀ ଓ ଅନ୍ୟମାନେ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।






**ଆଜିର ମନ୍ତବ୍ୟ**
"ସୁବିଧାବାଦୀ ରାଜନେତାମାନେ ନୀତି ଆଦର୍ଶକୁ ଜଳାଞ୍ଜଳି ଦେଇ ଶାସକ ଦଳ ସହ ରହିବାକୁ ଚାହୁଁଛନ୍ତି। ଏଭଳି ଆଦର୍ଶଗତ ସ୍ଖଳନ ଗଣତନ୍ତ୍ର ପାଇଁ ଭଲ ନୁହେଁ। **-ନୀତିନ ଗଡ଼କରୀ, କେନ୍ଦ୍ରମନ୍ତ୍ରୀ**



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ବିକ୍ଷୋଭ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ୟାଇଆର୍‌ସି ଭଲ୍ୟୁଣ୍ଟିୟର୍ସ ଟ୍ରେନିଂ କ୍ୟାମ୍ପ, ନୀଳାଚଳ ପଲିଟେକ୍ନିକ୍ ପଥରଗାଡ଼ିଆ, ପୂର୍ବାହ୍ନ ୧୦ଟା ୩୦।
- ଦୈନିକ ଓଡ଼ିଆ ଖବର ରାଜଧାନୀ ନ୍ୟୁଜ୍‌ର ବାର୍ଷିକୋତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଇଞ୍ଜିନିୟରିଂ ୱାର୍କଚାର୍ଜଡ୍/ରେଗୁଲାର କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ରାଲି, ମାଷ୍ଟରକ୍ୟାଣ୍ଟିନ, ପୂର୍ବାହ୍ନ ୧୧ଟା।
- ଭାରତ ରଙ୍ଗ ମହୋତ୍ସବ, ସଂସ୍କୃତି ଭବନ, ବିଜେବି ନଗର, ପୂର୍ବାହ୍ନ ୧୧ଟା ୩୦।
- ପୁରୁଣା ଚମ୍ପରନ୍ ମିଟ୍ ହାଉସ୍ ଏବଂ ଅହୁନା ମଟନ ହାଉସ୍‌ର ଉଦ୍‌ଘାଟନୀ ସମାରୋହ, ଏନ୍‌ବିସି ଏସିଆ ପ୍ରାଇଭେଟ ଲିମିଟେଡ୍ କ୍ୟାଣ୍ଟିନ, ରସୁଲଗଡ଼, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା କୃଷକ ସାଥି ସଂଘ ପକ୍ଷରୁ ଶୋଭାଯାତ୍ରା, କଂଗ୍ରେସ ଭବନ, ପୂର୍ବାହ୍ନ ୧୧ଟା ୪୦।
- ଘରୋଇ ହୋମିଓପାଥିକ୍ ଚିକିତ୍ସକ ଆସୋସିଏଶନ ପକ୍ଷରୁ ଦାବିପତ୍ର, ଲୋୟର ପିଏମ୍‌ଜି, ମଧ୍ୟାହ୍ନ ୧୨ଟା।
- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ରାଲି, କଂଗ୍ରେସ ଭବନ, ମଧ୍ୟାହ୍ନ ୧୨ଟା ୩୦।
- ଏକାମ୍ର ଉତ୍ସବ, ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୪ଟା।
- କଲେଜ ଅଫ୍ ବେସିକ୍ ସାଇନ୍ସ ଆଣ୍ଡ ହ୍ୟୁମାନିଟିଜ୍, ଓୟୁଏଟିର ୫୮ତମ ବାର୍ଷିକୋତ୍ସବ, କଲେଜ ପରିସର, ଅପରାହ୍ନ ୪ଟା।
- ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଓ ଅଷ୍ଟପ୍ରହରନାମ ସଂକୀର୍ତ୍ତନ, ବରିମୁଣ୍ଡ ଲକ୍ଷେଶ୍ୱର ମହାଦେବପୀଠ, ସକାଳ ୭ଟା।
- ଶ୍ରୀଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଦ୍ୱିତୀୟ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ, ରଘୁନାଥପୁର, ତିଅରସାହି, ସକାଳ ୭ଟା।
- ପଞ୍ଚାୟତ କପ-୨୦୨୪, ପିଣ୍ଡିକ ଖେଳପଡ଼ିଆ, ଦାରୁଠେଙ୍ଗ, ପୂର୍ବାହ୍ନ ୧୦ଟା।
- ୨୮ ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ, ଭିଙ୍ଗାରପୁର ଦୁର୍ଗାପୂଜା ମଣ୍ଡପ ପରିସର, ରାତି ୭ଟା।
- ମହିଳା ହକି ପ୍ରୋ-ଲିଗ୍ (ଆଜିର ମ୍ୟାଚ)

ଚାଇନା ବନାମ ଆମେରିକା
ସମୟ: ଅପରାହ୍ନ ୫ଟା ୩୦
ଭାରତ ବନାମ ଅଷ୍ଟ୍ରେଲିଆ
ସମୟ: ସନ୍ଧ୍ୟା ୭ଟା ୩୦
ସ୍ଥାନ: ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ

## ପୁରୀ
- ଭାରତ ଯାତ୍ରା, ଗୁଣ୍ଡିଚା ମନ୍ଦିର, ସକାଳ ୮ଟା ୩୦।
- ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା, ପର୍ଯ୍ୟଟନ କାର୍ଯ୍ୟାଳୟ, ଅପରାହ୍ନ ୨ଟା ୧୫।
- ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ମିଟେଇପୁର ପଞ୍ଚାୟତ, ଚାଉଳବସ୍ତ ଖେଳପଡ଼ିଆ, ଡେଣୁଆ ପଞ୍ଚାୟତ, ଡେଣୁଆ ହାଇସ୍କୁଲ ପଡ଼ିଆ, ରଟିଲୋ ପଞ୍ଚାୟତ, କ୍ଷେତ୍ରପାଳି ଠାକୁରାଣୀ ପଡ଼ିଆ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଟ୍ରାଭେଲ ବଜାର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, କୋଣାର୍କ ଇକୋ ରିଟ୍ରିଟ୍, ପୂର୍ବାହ୍ନ ୧୦ଟା ୩୦।
- କିଶୋରୀଙ୍କ ଆତ୍ମସୁରକ୍ଷା କୌଶଳର ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ସତ୍ୟବାଦୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।

## କଟକ
- ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଚରଣ ସିଂହଙ୍କ ଶପଥ ଗ୍ରହଣ ଉତ୍ସବ, ପୁରୁଣା ବିଲଡିଂର ପୂର୍ବପାର୍ଶ୍ୱ ଲନ୍, ପୂର୍ବାହ୍ନ ୧୦ଟା।
- ଭାଜପା କଟକ ନଗର ପକ୍ଷରୁ ବିକ୍ଷୋଭ, ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖ, ମଧ୍ୟାହ୍ନ ୧୨ଟା ୩୦।
- କଟକ ସଦର ବ୍ଲକ ଅନ୍ତର୍ଗତ ଅରିଲୋ ପଞ୍ଚାୟତରେ ନୂଆ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ସୋମପୁର ପଞ୍ଚାୟତରେ ନୂଆ ଓଡ଼ିଶା କାର୍ଯ୍ୟକ୍ରମ, ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡ଼ିଆ, ପୂର୍ବାହ୍ନ ୧୦ଟା ୩୦।
- ବୋଧପୁର ପଞ୍ଚାୟତରେ ନୂଆ ଓଡ଼ିଶା କାର୍ଯ୍ୟକ୍ରମ, ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡ଼ିଆ, ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା
- ମା'ତାରିଣୀଙ୍କ ପୀଠରେ ୧୧ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ଖୋର୍ଦ୍ଧା-ନୟାଗଡ଼ ରୋଡ୍, ସକାଳ ୮ଟା।
- ମା'ବଘେଇ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ଦେଉଳଟାଙ୍ଗୀ, ପୂର୍ବାହ୍ନ ୧୦ଟା।
- ସଞ୍ଜୀବ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ, ଘୋଡ଼ାଶାଳ ପଡିଆ ଲେଣ୍ଡୋ, ପୂର୍ବାହ୍ନ ୧୦ଟା।
- ସଂପୁର ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ଟା।

## ବାଲେଶ୍ୱର
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବାଲେଶ୍ୱର ଏଚ୍‌ଆର୍‌ଡ଼ିସି ଆଣ୍ଡ ସ୍ପୋର୍ଟ କମ୍ପ୍ଲେକ୍ସ, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ୟା ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ, ସ୍ଥାନ: ବାଲେଶ୍ୱର ବାଲିଘାଟ, ସମୟ: ପୂର୍ବାହ୍ନ ୧୧ଟା।
- ବାଲେଶ୍ୱର ଜିଲା ବରିଷ୍ଠ ନାଗରିକ ମଞ୍ଚର ଜିଲାସ୍ତରୀୟ ବୈଠକ, ବାଲେଶ୍ୱର ନୃତ୍ୟସଙ୍ଗୀତ କଳାମନ୍ଦିର ପରିସର, ପୂର୍ବାହ୍ନ ୧୧ଟା।
- ବଗଳାମୁଖୀ ମହାଯଜ୍ଞର ଦ୍ୱିତୀୟ ଦିବସ, ଶ୍ରୀ ଶ୍ରୀ ପିତାମ୍ବରା ସିଦ୍ଧ ମହାଶକ୍ତି ପୀଠ, କୁରୁଡ଼ା, ସମୟ: ଦିବସବ୍ୟାପୀ।
- ବୀଣାପାଣି ଶିଶୁ ମନ୍ଦିରର ୧୧ତମ ବାର୍ଷିକୋତ୍ସବ, ବୀଣାପାଣି ବିହାର, ରୂପ୍‌ସା, ଅପରାହ୍ନ ୨ଟା ୪୫।
- ଫ୍ରେଣ୍ଡସ ଫିସାରୀର ପଞ୍ଚମ ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀଜଗନ୍ନାଥ କଲ୍ୟାଣ ମଣ୍ଡପ, ରୂପ୍‌ସା, ସନ୍ଧ୍ୟା ୬ ଟା।
- ରାଇବଣିଆ ଲୋକ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ରାଇବଣିଆ ମହୋତ୍ସବ ପଡ଼ିଆ, ଜଳେଶ୍ୱର, ସମୟ: ଅପରାହ୍ନ ୪ଟା।
- ପତିରାଜପୁର ଖେଳ ପଡିଆରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ, ସ୍ଥାନ: ପତିରାଜପୁର କଲ୍ୟାଣ ମଣ୍ଡପ, ଖଇରା, ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ
- ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର, ମା' ହିଙ୍ଗୁଳା ପୀଠ, କଉଡ଼ିଖିଣି, ସୁହାଗପୁର, ବଡ଼ସାହି, ପୂର୍ବାହ୍ନ ୧୦ଟା।
- ବଡ଼ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (କେଜିବିଭି)ର ବାର୍ଷିକୋତ୍ସବ 'ମହକ-୨୦୨୪, ସମୟ- ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ନବରାତ୍ର ନାମଯଜ୍ଞ ସଂକୀର୍ତ୍ତନ, ଈଶାଣଶୁଣୀ ମନ୍ଦିର ପରିସର, ବାସୁଦେବପୁର, ସକାଳ ୬।
- ଧାମନଗର ସରକାରୀ ହାଇସ୍କୁଲର ବାର୍ଷିକୋତ୍ସବ, ସ୍କୁଲ ପରିସର, ପୂର୍ବାହ୍ନ ୧୦ଟା ୩୦।
- ଭିକାରୀ ଚରଣ ନୋଡାଲ ୟୁପିଏମ୍‌ଇ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଚକ୍ରଧରପୁର, ବାସୁଦେବପୁର, ପୂର୍ବାହ୍ନ ୧୧।

## କେନ୍ଦୁଝର
- ଡିଏନ୍ ହାଇସ୍କୁଲର ୮୭ତମ ବାର୍ଷିକୋତ୍ସବ, ସ୍ଥାନ: ହାଇସ୍କୁଲ ଅଡିଟୋରିଅମ, କେନ୍ଦୁଝର, ସମୟ: ଅପରାହ୍ନ ୨ଟା ୩୦।

## ରାୟଗଡ଼ା
- ସଶକ୍ତ ଓଡିଶା ସାଥି ଶିବିର, ସ୍ଥାନ: ଗୁଡ଼ାରି ନୂଆ ବସ୍‌ଷ୍ଟାଣ୍ଡ, ସକାଳ-୧୦ଟା

## ନବରଙ୍ଗପୁର
- ଜିଲାସ୍ତରୀୟ ଟେବୁ ଟପ ଓ ମକ ଡ୍ରିଲ, ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷ, ପୂର୍ବାହ୍ନ-୧୦ଟା ୩୦

## ସମ୍ବଲପୁର
- ଜିଲା କ୍ରୀଡ଼ାସଂଘ ଆୟୋଜିତ ଓସିଏ ଆନ୍ତଃ ବିଦ୍ୟାଳୟ କ୍ରିକେଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ୯ଟା।
- ଲାୟନ୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, କୁମ୍ଭାରପଡାସ୍ଥିତ କ୍ଲବ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା
- ଆଶ୍ରମ ବିଦ୍ୟାଳୟ ସଂଘ ବୈଠକ, ସାମ୍ବାଦିକ ଭବନ, ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ନବାହ୍ନ ପାରାୟଣ ଉଦ୍‌ଯାପନୀ, ଦେଓଗାଁ ଡାକ ବଙ୍ଗଳା ପରିସର, ମଧ୍ୟାହ୍ନ ୧୨ଟା ।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ଦେଓଗାଁ ବ୍ଲକ ଧଣ୍ଡାମାଲ ଓ ବ୍ରାହ୍ମଣୀଯୋର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ଲୋଇସିଂହା ବ୍ଲକ ବୁର୍ଡା ଓ ବାଦିମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- କେନ୍ଦୁପତ୍ର କର୍ମଚାରୀ ସଂଘର ବ୍ଲକସ୍ତରୀୟ ସମାବେଶ, ଖପ୍ରାଖୋଲ, ପୂର୍ବାହ୍ନ ୧୧ଟା।

## ରାଉରକେଲା
- ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟଯାତ୍ରା, ଉଦିତନଗର, ପୂର୍ବାହ୍ନ ୧୦ଟା।
- କୃଷି ଅଧିକାରୀ ଓ କର୍ମଚାରୀଙ୍କ କୃଷି ଯୋଜନା ସମୀକ୍ଷା, ପାନପୋଷ ଛକ, ପୂର୍ବାହ୍ନ ୧୧ଟା।
- ଉତ୍କଳମଣି ହୋମିଓପାଥି କଲେଜର ୪୮ତମ ପ୍ରତିଷ୍ଠା ଦିବସ, ନୟାବଜାର, ପୂର୍ବାହ୍ନ ୧୦ଟା ୩୦।
- ରାଧାକୃଷ୍ଣ ମନ୍ଦିରର ବାର୍ଷିକୋତ୍ସବ, ଦୁର୍ଗାପୁର ହିଲଟପ୍ ବସ୍ତି, ସକାଳ ୭ଟା ୩୦।
- ରେଳ ମରାମତି କାର୍ଯ୍ୟ, ରାଉରକେଲା ରେଳପଥ, ପୂର୍ବାହ୍ନ ୧୦ଟା।
- ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ, ଇସ୍ପାତ ଷ୍ଟାଡିୟମ, ସକାଳ ୯ଟା।

## ସୁନ୍ଦରଗଡ଼
- ବଡ଼ଗାଁ ବସ୍‌ଷ୍ଟାଣ୍ଡରେ ରାହୁଲ ଗାନ୍ଧୀଙ୍କ ପଥପ୍ରାନ୍ତ ସଭା, ବଡ଼ଗାଁ, ଅପରାହ୍ନ ୨ଟା।
- ବଡ଼ଗାଁ ବ୍ଲକ ଭୋଇପାଲି ପଞ୍ଚାୟତ ଫିଲ୍ଡରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ଭୋଇପାଲି, ପୂର୍ବାହ୍ନ ୧୦ଟା।
- ବଡ଼ଗାଁର ଚଳନାମୁଣ୍ଡାପଡାରେ ଖଡ଼ିଆ ସମାଜର ବୈଠକ, ଚଳନାମୁଣ୍ଡାପଡା, ପୂର୍ବାହ୍ନ ୧୧ଟା ୩୦।

## ବରଗଡ଼
- ଟିକିଲ କର୍ମଚାରୀଙ୍କ ଧାରଣା, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ଛାତ୍ରୀଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର, ରାଣାପ୍ରତାପ ହାଇସ୍କୁଲ, ବରଗଡ଼, ଅପରାହ୍ନ ୩ଟା।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା, ଗାଇସିଲେଟ୍, ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ପଲସଦା(ପାଇକମାଳ), ଅପରାହ୍ନ ୧ଟା।

## କଳାହାଣ୍ଡି
- ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁରଠାରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଚମ୍ପାଦେଇପୁର, ପୂର୍ବାହ୍ନ ୧୧ଟା।
- ଲାଞ୍ଜିଗଡ଼ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପ୍ରସ୍ତୁତି ବୈଠକ, ଜଗନ୍ନାଥ ମନ୍ଦିର ପରିସର, ଅପରାହ୍ନ ୪ଟା।
- କୋକସରା ବ୍ଲକ କନ୍ଦାବୁଡ୍ରା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ପଞ୍ଚାୟତ ପରିସର, ପୂର୍ବାହ୍ନ ୧୧ଟା।
- ସାମୂହିକ ଫାଇଲେରିଆ ନିରାକରଣ ଅଭିଯାନ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଖବରଦାତା ସମ୍ମିଳନୀ, ଡିଏଚ୍ ସମ୍ମିଳନୀ କକ୍ଷ ଭବାନୀପାଟଣା, ଅପରାହ୍ନ ସାଢ଼େ ୪ଟା।
- ଭବାନୀପାଟଣା ବ୍ଲକ କଲମ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ପଞ୍ଚାୟତ ଅଫିସ ପରିସର, ପୂର୍ବାହ୍ନ ୧୦ଟା।
- ଏସ୍‌ଡିଏ ପକ୍ଷରୁ ଭବାନୀପାଟଣା ବସ୍ତି ଅଞ୍ଚଳରେ ଜନସମ୍ପର୍କ କାର୍ଯ୍ୟକ୍ରମ, ଦର୍ପଣ ସାଗର, ପୂର୍ବାହ ୧୧ଟା।

## ବୌଦ୍ଧ
- ତୃତୀୟ ବାଉଁଶୁଣୀ ଲୋକ ମହୋତ୍ସବର ତୃତୀୟ ଦିବସ, ବୌଦ୍ଧ ବ୍ଲକ ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ଅପରାହ୍ନ ୪ଟା ।
- ପ୍ରଥମ ସେବା ମହୋତ୍ସବ ଉଦ୍‌ଯାପିତ, ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଠିକିଯୋର ଜଗନ୍ନାଥ ମନ୍ଦିର ପରିସର, ଅପରାହ୍ନ ୪ଟା।

## ଦେବଗଡ଼
- ଶ୍ରୀଶ୍ରୀ ବାଙ୍କେଶ୍ୱର ବାବା ଓ ମା' ଦିବ୍ୟବାସିନୀ ମନ୍ଦିର ବିଗ୍ରହ ପୁର୍ଣ୍ଣାହୁତି କାର୍ଯ୍ୟକ୍ରମ, ରିଆମାଳ ଟୁହିଲାମାଳ, ଅପରାହ୍ନ ୧ଟା।
- ଆନ୍ତଃ ଜିଲା ସ୍କୁଲ କ୍ରିକେଟ୍ ଟୁର୍ନାମେଣ୍ଟ ତୃତୀୟ ଦିବସ, ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର
- କୋସଲି ଶ୍ରୀରାଧାର ଚର୍ଚ୍ଚା ଓ ଆଲୋଚନା, ସୁବର୍ଣ୍ଣପୁର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସର, ମଧ୍ୟାହ୍ନ ୧୨ଟା।
- ଅଲ୍ ଇଣ୍ଡିଆ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବ, ଡୁଙ୍ଗୁରିପାଲି ରାଧାକୃଷ୍ଣ ଭଲିବଲ ଖେଳପଡିଆ, ରାତି ୧୦ଟା ।
- ଜୟ ଜଗନ୍ନାଥ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ,ବୀରମହାରାଜପୁର ବ୍ଲକ ବିଶାଳପାଲି ଖେଳପଡିଆ, ପୂର୍ବାହ୍ନ ୧୧ଟା ।
- ଆମ ଓଡିଶା ନବୀନ ଓଡିଶା ଆନୁକୂଲ୍ୟରେ ମୋ ପଞ୍ଚାୟତ ବିକାଶ ସଚେତନତା କାର୍ଯ୍ୟକ୍ରମ, ବୀରମହାରାଜପୁର ବ୍ଲକ ପଞ୍ଚାୟତ ଖେଳପଡିଆ, ପୂର୍ବାହ୍ନ ୧୧ଟା ।

## ଢେଙ୍କାନାଳ
- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଶୁଭାରମ୍ଭ, ସ୍ଥାନ- ମିନି ଷ୍ଟାଡିୟମ, ଢେଙ୍କାନାଳ, ଅପରାହ୍ନ ୩ଟା।

## ଅନୁଗୋଳ
- ଲୋକକଳା ମାଧ୍ୟମରେ ସରକାରୀ ଯୋଜନା ପ୍ରଚାର, ଅନୁଗୋଳ ବ୍ଲକ, ପୂର୍ବାହ୍ନ ୧୧ ଟା।

## ଗଞ୍ଜାମ
- ଆମ ଓଡିଶା ନବୀନ ଓଡିଶା ସହରୀ ସଚେତନତା, ବ୍ରହ୍ମପୁର ୧ ନଂ. ୱାର୍ଡ, ପୂର୍ବାହ୍ନ ୧୦ଟା।
- ସନସାଇନ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକୋତ୍ସବ, ବିଦ୍ୟାଳୟ ପରିସର, ପୁରୁଷୋତ୍ତମପୁର, ଅପରାହ୍ନ ୩ ଟା।
- ସଚେତନତା କାର୍ଯ୍ୟକ୍ରମ, ସ୍ଥାନ - ଭଞ୍ଜନଗର ବ୍ଲକ ଗାଲେରୀ, ସକାଳ ୧୦ ଟା।
- ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ଉଦଯାପନୀ ଉତ୍ସବ, ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ, ଅପରାହ୍ନ ୩ ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଛତ୍ରପୁର ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ, ପୂର୍ବାହ୍ନ ସାଢ଼େ ୧୦ଟା।
- ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ- ବିଦ୍ୟାଳୟ ପରିସର, ଲୋଙ୍ଘର, ଖଲ୍ଲିକୋଟ, ସମୟ-ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଆସିକା କାଳଷଣ୍ଢପୁର ପଞ୍ଚାୟତ, ପୂର୍ବାହ୍ନ ୧୦ଟା।
- ବାଲିପଦର ମହୋତ୍ସବ, ସ୍ଥାନ- ମକରପଡ଼ିଆ, ବୁଗୁଡ଼ା, ସମୟ- ସନ୍ଧ୍ୟା ୬ଟା।

## କନ୍ଧମାଳ
- ଜିଲାସ୍ତରୀୟ ଜେଆରସି ତାଲିମ ଶିବିର, ଦୁତିପଡା ସରକାରୀ ଉଚ୍ଚ ବିଦ୍ୟାଳୟ।

## ଗଜପତି
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ରାମଗିରି ପଞ୍ଚାୟତ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଆରମ୍ଭ, ଆଦିକବି ସାରଳା ଦାସ ସଂସ୍କୃତି ଭବନ ନିକଟ କଲ୍ୟାଣ ମଣ୍ଡପ, ଅପରାହ୍ନ ୩ଟା।
- ବିଜେଡି ଜଗତ୍‌ସିଂହପୁର ପକ୍ଷରୁ ଘରେ ଘରେ ଶଙ୍ଖ ପରିବାର ସମ୍ପର୍କ ଅଭିଯାନ, ପଟସରା ଗ୍ରାମପଞ୍ଚାୟତ, ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, କୁଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା। ବାଗୋଇ ପଞ୍ଚାୟତ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ତିର୍ତ୍ତୋଲ, ଜାଗୁଲାଇ ପୀଠ, ବିରିତୋଳ, ପୂର୍ବାହ୍ନ୧୧ଟା। ତେନ୍ତୁଳିପଦା ମହାଦେବ ମନ୍ଦିର, ପୂର୍ବାହ୍ନ ୧୧ଟା। ଗରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡ଼ିଆ, ସମୟ ୧୧ଟା।

## କେନ୍ଦ୍ରାପଡ଼ା
- ତିରୁପତିକୁ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ପାଇଁ ଜିଲା ପ୍ରଶାସନର ଶୁଭେଚ୍ଛା କାର୍ଯ୍ୟକ୍ରମ, ଟାଉନ ହଲ, କେନ୍ଦ୍ରପଡ଼ା, ଅପରାହ୍ନ ୨ଟା।
- ଶରତଦେବ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ଉଚ୍ଚ ବିଦ୍ୟାଳୟ ପରିସର, ଆଳି, ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା, ଆଳି ବ୍ଲକ, ଅପରାହ୍ନ ୨ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: କନ୍ହେଇଲାଲଜୀଉ ମନ୍ଦିର ପରିସର, ପାଟକୁରା, ଗରଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଗଡରୋମିତ ଓ ଟିକରପଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ନୂଆ ମତଦାତା ସମ୍ମିଳନୀ, ସ୍ଥାନ: ଶାରଳା ମଣ୍ଡପ, ଗୋଜବାୟାଣୀ ପୀଠ, ମାର୍ଶାଘାଇ, ପୂର୍ବାହ୍ନ ୧୦ଟା।

## ଯାଜପୁର
- ମାତୃ ଶିକ୍ଷା କେନ୍ଦ୍ର ପକ୍ଷରୁ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ପବିତ୍ର ଶ୍ରୀତନୁ ସ୍ଥାପନାର ପଞ୍ଚବିଂଶ ବାର୍ଷିକ ସ୍ମରଣୋତ୍ସବ। ସ୍ଥାନ : ଯାଜପୁର ରୋଡ ତାହାରପୁର ମାତୃଶିକ୍ଷା କେନ୍ଦ୍ର। ସମୟ : ସକାଳ ୧୦.୩୦।
- ଧର୍ମଶାଳା ଲାୟନ୍ସ କ୍ଲବର ଇନ୍‌ଷ୍ଟାଲେସନ ଓ ଚ୍ୟାଟର କାର୍ଯ୍ୟକ୍ରମ,ସ୍ଥାନ: ଜାରକା ସମ୍ରାଟ ମଣ୍ଡପ, ସମୟ: ଅପରାହ୍ନ ୪ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦାରୁ ପାରେ ନାହିଁ, ଦୂବ ପାରେ।**

ବେଳେ ବେଳେ ବଡ଼ ଦାମିକା ଔଷଧରେ ରୋଗ ଭଲ ନ ହୋଇ ସାମାନ୍ୟ ଟୁଟୁକା ଔଷଧରେ ଭଲ ହୋଇଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ପରୋକ୍ଷରେ ବହୁ ଚେଷ୍ଟା ସତ୍ତ୍ୱେ ନ ହେଉଥିବା କାର୍ଯ୍ୟ ସାମାନ୍ୟ ଚେଷ୍ଟାରେ ସାଧିତ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦିନ ଦିନକୁ; କଥା ରହିଯିବ ଯୁଗ ଯୁଗକୁ।**

ବେଳେ ବେଳେ କିଛି କଟୁ ବା ତିକ୍ତ କଥା ମନରେ ଗଭୀର ରେଖାପାତ ସୃଷ୍ଟି କରିଥାଏ। ଯେତେ ଚେଷ୍ଟା କଲେ ମଧ୍ୟ ମନରୁ ସେ ଛାପ ହଟିଯାଇପାରି ନଥାଏ। ଅପମାନର ସ୍ମୃତି ବହୁ ଦିନ ଧରି ମନରେ ଦାଗ ହୋଇ ରହିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଜଣେ ବନ୍ଧୁ ଆସି ବହୁତ କିଛି କହିବେ, ମାତ୍ର ଫେରିବା ବେଳକୁ ମନଦୁଃଖ କରି ଯିବେ। କଠିନ ଶ୍ରମ କିମ୍ବା ବିଶେଷ ଭ୍ରମଣ କାରଣରୁ କ୍ଲାନ୍ତି ଅନୁଭବ ହୋଇପାରେ। ଦ୍ୱିଜା ନକ୍ଷତ୍ର ଆନୁଷ୍ଠାନିକ କାମକୁ ଆଖି ଆଗରେ ରଖି ଘରକୁ ସଜାଡ଼ିବାରେ ସମୟ ନେଇପାରନ୍ତି। ଶତ୍ରୁତା ଲାଗି ରହିଥିବା ବ୍ୟକ୍ତିମାନଙ୍କ ପ୍ରତି ନଜର ରଖି କାମ କରିବା ଭଲ ହେବ।

**ବୃଷ**
ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁଦଉଡ଼ କରିବାକୁ ପଡ଼ିପାରେ। ସକାଳୁ ଦେଖା କରିବାକୁ କହିଥିବା ବ୍ୟକ୍ତିଟି ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ବନ୍ଧୁଙ୍କ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିବେ। ରୋହିଣୀ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ**
କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଆଦେଶାନୁସାରେ ଦୂରକୁ ଯିବାକୁ ପଡ଼ିପାରେ। ବନ୍ଧୁଙ୍କୁ କୌଣସି ଗୋପନ କଥା କହିବାକୁ ଇଚ୍ଛା ଥିଲେ ମଧ୍ୟ ସଙ୍କୋଚବଶତଃ ପ୍ରକାଶ କରିପାରିବେ ନାହିଁ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ଅଶାନ୍ତ ରହିପାରନ୍ତି। ମୃଗଶିରା ନକ୍ଷତ୍ର ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତବୋଧ କରିପାରନ୍ତି।

**କର୍କଟ**
ପରିବାରରେ ମତଭେଦ ଘଟି କୌଣସି ବ୍ୟକ୍ତିଙ୍କ ମନରେ ସରସତା ଆଗଭଳି ରହିବ ନାହିଁ। ମାଲିମକଦ୍ଦମାରେ, ବ୍ୟବସାୟରେ, ବିବାଦୀୟ ଘଟଣାରେ ସ୍ଥିତି ଅନୁକୂଳ ହୋଇପାରେ। ବନ୍ଧୁଙ୍କ ସବୁ କଥାକୁ ହାଲୁକା ଭାବେ ନେଲେ କ୍ଷତିରେ ପଡ଼ିବେ। ଅଶ୍ଳେଷା ନକ୍ଷତ୍ରର ବାଣିଜ୍ୟ, ପରିବହନରେ ସମସ୍ୟା ଦେଖାଦେଇପାରେ।

**ସିଂହ**
ସମସ୍ୟାର ସମାଧାନ କରି ଆଶ୍ୱସ୍ତି ଅନୁଭବ କରିବେ। ଗୃହକୁ ସୌଖୀନ ପଦାର୍ଥ ଆଣିବେ। ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ, ମାତ୍ର ଆଶାନୁରୂପ ସାହାଯ୍ୟ ମିଳିବନି। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର କେତେକ ସମସ୍ୟା ସୁଧାରିବା ସକାଶେ କଠୋର ପଦକ୍ଷେପ ଗ୍ରହଣ କରିପାରନ୍ତି।

**କନ୍ୟା**
କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଆଜିର ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ସଭାସମିତିରେ ମନକୁ ନ ପାଇଲେ ମଧ୍ୟ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ନିଜ ପରିସରର ବ୍ୟକ୍ତିମାନଙ୍କ ସାହାଯ୍ୟକ୍ରମେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ଚିତ୍ରା ନକ୍ଷତ୍ର ନିଜ ଲୋକଙ୍କ ଦ୍ୱାରା ସମାଲୋଚିତ ହୋଇପାରନ୍ତି।

**ତୁଳା**
ବିଭିନ୍ନ ଅସୁବିଧା ଭିତରେ ଗତି କରୁଥିବାରୁ ମାନସିକ ଅବସ୍ଥା ଭଲ ରହି ନ ପାରେ। ମୂଲ୍ୟବାନ ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିବ। ସ୍ୱାତୀ ନକ୍ଷତ୍ର ସକାଶେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଆଦର, ଗୌରବ ପାଇପାରିବେ ନାହିଁ।

**ବିଛା**
ପାରିବାରିକ ସ୍ତରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ, ମାତ୍ର ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାମ ହାତେଇବେ। ଅନୁରାଧା ନକ୍ଷତ୍ର ସଭାସମିତିରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ବିଶିଷ୍ଟବ୍ୟକ୍ତିଙ୍କ ସାହାଯ୍ୟରୁ ସମସ୍ୟା ସମାଧାନ ହେବ।

**ଧନୁ**
ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସ୍ତରରେ ଅସ୍ଥିରତା ଅନୁଭବ କରିବେ। ପ୍ରତିକୂଳ ସମୟ ଚାଲିଥିବାରୁ ଅବହେଳିତ ହୋଇ ରହିଯାଇଥିବା କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ରର କଳା, ସାହିତ୍ୟ, ସାମ୍ବାଦିକତାରେ ଅଗ୍ରଗତି ଘଟିବ। ପଡ଼ୋଶୀମାନେ ସାହାଯ୍ୟ ସକାଶେ ଅନୁରୋଧ କରିପାରନ୍ତି।

**ମକର**
ପ୍ରତ୍ୟେକ କାମରେ କିଛିନା କିଛି ସମସ୍ୟା ଲାଗି ରହୁଥିବାରୁ ମନ ଭଲ ରହିବ ନାହିଁ। ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାକୁ ମନସ୍ଥ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର କଳା, ସାହିତ୍ୟ, ସଙ୍ଗୀତରେ ଉନ୍ନତି କରିବେ।

**କୁମ୍ଭ**
ସକାଳୁ ସାମାନ୍ୟ ବଚସାଜନିତ ମନ ଖରାପ ହୋଇଯିବ। କୌଣସି ବନ୍ଧୁଙ୍କ ସହାୟତାରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯାଇପାରେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ। ପରୋକ୍ଷ ଶତ୍ରୁତା ହେତୁ କାମ ଶୃଙ୍ଖଳିତ ହେବାର ଆଶା କ୍ରମଶଃ ମଉଳିଯିବାର ସୂଚନା ରହିଛି।

**ମୀନ**
ଆଜି ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ସାଙ୍ଗକୁ ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ଜମିଜମା କାରବାର, ଗୃହ ନିର୍ମାଣ, ବାଣିଜ୍ୟ କ୍ଷେତ୍ର ଗତାନୁଗତିକ ରୀତିରେ ଗଡ଼ି ଚାଲିବ। ଆଲୋଚନା ପରିସରରେ ବନ୍ଧୁଙ୍କ କାର୍ଯ୍ୟକଳାପ ଅସନ୍ତୋଷଜନକ ହୋଇପାରେ। କଠିନଶ୍ରମ ଓ ଭ୍ରମଣଜନିତ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

ଆଜି ଫେବୃଆରୀ ୭ ତାରିଖ, ମାଘ କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ବୁଧବାର, ସୋ-ବେ-ମେରାଜ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୬.୨୩ମି. ଗତେ ଘ.୦୭.୫୩ମି. ମଧ୍ୟେ, ଘ.୧୦.୩୬ମି. ଗତେ ଘ.୧୧.୩୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୧୨.୦୦ମି. ଗତେ ଘ.୦୧.୨୫ମି. ମଧ୍ୟେ ରାହୁ କାଳ।

## ୫ ଅନ୍ୟାୟ ବିରୋଧରେ...

ପର୍ଯ୍ୟନ୍ତ ୪ ହଜାର କି.ମି. କରାଯାଇଥିଲା। ଏହି ସମୟରେ ଦେଶକୁ ଯୋଡ଼ିବାର କାମ କଂଗ୍ରେସ ପକ୍ଷରୁ କରାଯାଇଥିଲା। ଆମ ଲକ୍ଷ୍ୟ ଥିଲା କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ପଦଯାତ୍ରା କରି ପ୍ରେମର ବାର୍ତ୍ତା ବାଣ୍ଟିବା। ଏହି ଯାତ୍ରା ବହୁତ ସଫଳ ହୋଇଥିଲା। ଲକ୍ଷାଧିକ ଲୋକ ଏହି ସମୟରେ ପଦଯାତ୍ରାରେ ସାମିଲ ହୋଇଥିଲେ। ଓଡ଼ିଶା, ଝାଡ଼ଖଣ୍ଡ, ବିହାର ଆଦି ରାଜ୍ୟର ଲୋକମାନେ ମଧ୍ୟ ଆସି ଯୋଡ଼ି ହୋଇଥିଲେ। ସେମାନେ କହିଥିଲେ, କଶ୍ମୀରରୁ କନ୍ୟାକୁମାରୀ ବୁଲିଲେ, ଆମ ରାଜ୍ୟକୁ କେବେ ଆସିବେ। ଆମ ରାଜ୍ୟରେ ବି ଘୃଣା ବଣ୍ଟାଯାଉଛି, ଆଦିବାସୀଙ୍କ ଜମି ଲୁଟ୍ କରାଯାଉଛି ଏବଂ ଅନ୍ୟାୟ ହେଉଛି। ଏବେ ଦ୍ୱିତୀୟ ପର୍ଯ୍ୟାୟ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆରମ୍ଭ କରାଯାଇଛି। ଏଥର ମଧ୍ୟ ପଦଯାତ୍ରା କରିବାକୁ ଚାହୁଁଥିଲୁ। ହେଲେ ନିର୍ବାଚନୀ ବର୍ଷ ହୋଇଥିବାରୁ ଦଳ ନିଷ୍ପତ୍ତି ନେଲା ବସ୍ ଏବଂ ଜିପ୍‌ରେ ଯାତ୍ରା କରାଯିବ ଓ କିଛି ବାଟ ପଦଯାତ୍ରା ହେବ। ୫ଟି ଅନ୍ୟାୟ ବିରୋଧରେ ଏହି ଯାତ୍ରା କରାଯାଉଛି। ଯେପରିକି ଆର୍ଥିକ ଅନ୍ୟାୟ, ଦରବୃଦ୍ଧି, ବେରୋଜଗାର, ସରକାରୀ ସଂସ୍ଥାକୁ ଘରୋଇକରଣ କରିବା ଏବଂ ସାମାଜିକ ଅନ୍ୟାୟ ଯାହା ଆଦିବାସୀ, ଦଳିତ, ମହିଳା, କୃଷକଙ୍କ ପ୍ରତି କରାଯାଉଛି। ଏହା ବିରୋଧରେ ଏହି ଯାତ୍ରା ଆରମ୍ଭ ହୋଇଥିବା ରାହୁଲ ଗାନ୍ଧୀ କହିଛନ୍ତି।

ଅପରାହ୍ନ ସାଢେ ୪ଟା ସମୟରେ ରାହୁଲ ଏକ ରୋଡ୍ ଶୋ'ରେ ଆସି ଝାଡ଼ଖଣ୍ଡ-ଓଡ଼ିଶା ସୀମାନ୍ତ ବାଂଶଯୋର ଫାଟକରୁ ୧୪୩ ନମ୍ବର ଜାତୀୟ ରାଜପଥ ଦେଇ ବୀରମିତ୍ରପୁର ସହର ଭିତରେ ପ୍ରବେଶ କରିଥିଲେ। ରାଜପଥର ଉଭୟ

## ପ୍ରଥମ ପୃଷ୍ଠାରୁ...

ପାର୍ଶ୍ୱରେ ସାଧାରଣ ଲୋକ, ଦଳୀୟ ନେତା ଓ କର୍ମୀ ଫୁଲମାଳ ଧରି ରାହୁଲଙ୍କୁ ସ୍ୱାଗତ କରିଥିଲେ। ବାଂଶଯୋର ଫାଟକ ନିକଟରେ ଆୟୋଜିତ ଏକ ଜନସମାବେଶରେ ଦଳୀୟ ନେତାମାନେ ତାଙ୍କୁ ସ୍ୱାଗତକରି ଉତ୍ତରୀୟ ଦେଇଥିଲେ। ଏହାସହ ଝାଡ଼ଖଣ୍ଡ ପିସିସି ସଭାପତି ରାଜେଶ ଠାକୁର ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ପତାକା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକଙ୍କୁ ହସ୍ତାନ୍ତର କରିଥିଲେ। ଏହି ଅବସରରେ ରାହୁଲ କହିଛନ୍ତି, ଝାଡ଼ଖଣ୍ଡରେ ୬ ଦିନର କାର୍ଯ୍ୟକ୍ରମ ବହୁତ ଭଲ ହେଲା। ଆଉ ୨ ଦିନ ଓଡ଼ିଶାରେ ରହିବି। ୧୫ ମିନିଟ୍ ନିଜର ଭାଷଣ ରଖିବି, ବାକି ୭ରୁ ୮ ଘଣ୍ଟା ଲୋକମାନଙ୍କୁ ଭେଟିବି। ଲୋକମାନଙ୍କ ସମସ୍ୟା ବିଷୟରେ ବୁଝିବି। ଯୁଆଡ଼େ ଗଲେ ଲୋକମାନେ ନିଜ ସମସ୍ୟା ବିଷୟରେ କହୁଛନ୍ତି। ଗରିବ ଲୋକଙ୍କ ଜମିକୁ ଆଦାନୀଙ୍କ ଭଳି ପୁଞ୍ଜିପତିଙ୍କ ହାତକୁ ଟେକି ଦିଆଯାଉଛି ବୋଲି ମଧ୍ୟ ଅଭିଯୋଗ ଆସିଛି। ଓଡ଼ିଶାରେ ବୁଲିବା ବେଳେ ସବୁ ବର୍ଗର ଲୋକଙ୍କ ସହ ମିଶି ସେମାନଙ୍କ ଅଭିଯୋଗ ଶୁଣିବେ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ପିସିସି ସଭାପତି ଶରତ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଧାୟକ ସନ୍ତୋଷ ସିଂ ସାଲୁଜା ଧନ୍ୟବାଦ ଜଣାଇଛନ୍ତି। ରାହୁଲ କୁଆଁରମୁଣ୍ଡା ବ୍ଲକର ରାମପାଲ ଛକ ପଡ଼ିଆରେ ପହଞ୍ଚି ରାତ୍ରିଯାପନ କରିଛନ୍ତି। ଉକ୍ତ ପଡ଼ିଆକୁ ଯିବା ସମୟରେ କେତେଜଣ ଆଦିବାସୀ ମହିଳାଙ୍କୁ ରାସ୍ତାରେ ସାକ୍ଷାତ୍ କରି ସେମାନଙ୍କ ସହ ସମସ୍ୟା ବୁଝିଛନ୍ତି।

ବୁଧବାର ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ୮ଟା ୪୫ରେ ଆରମ୍ଭ ହେବ। ସକାଳ ୯ଟା ୩୦ରେ ରାଉରକେଲା ଉଦିତ୍‌ନଗର (ଏସ୍‌ପି ଅଫିସ) ଠାରୁ ଯାତ୍ରା ଆରମ୍ଭ ହେବ। ସେଠାରୁ ସାଢ଼େ ୩ କି.ମି. ଦୂର ପାନପୋଷ ଛକଠାରେ ସକାଳ ୧୦ ଟାରେ ରାହୁଲ ଗାନ୍ଧୀ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ। ଏହାପରେ ୨୫ କି.ମି. ଦୂର ରାଣୀବନ୍ଧ ନିକଟ ବିର୍ସା ମୁଣ୍ଡା ପଡ଼ିଆଠାରେ ମଧ୍ୟାହ୍ନଭୋଜନ କରିବେ। ଅପରାହ୍ନ ୨ଟାରେ ରାଣୀବନ୍ଧଠାରୁ ପୁଣି ଯାତ୍ରା ଆରମ୍ଭ ହେବ। ସେଠାରୁ ୧୪ କି.ମି. ଦୂର କୁତ୍ରାଠାରେ ରାହୁଲ ଉଦ୍‌ବୋଧନ ଦେବେ। ସେଠୁ୩୨ କି.ମି. ଦୂର ବାରଗାଁଠାରେ ମଧ୍ୟ ସେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ସେଠାରୁ ପଦଯାତ୍ରା ୬୦ କି.ମି. ଦୂର ସୁନ୍ଦରଗଡ଼ ବସ୍‌ଷ୍ଟାଣ୍ଡ ଛକରେ ଅପରାହ୍ନ ୪ଟା ୩୦ରେ ପହଞ୍ଚିବ। ଷ୍ଟାଡିୟମ ଛକ ଓ ସୁନ୍ଦରଗଡ଼ ଏସ୍‌ବିଆଇ ଛକ ହୋଇ ପଦଯାତ୍ରା ଚାଲିବ। ସେଠୁ ୨୬ କି.ମି. ଦୂର ଝାରସୁଗୁଡ଼ା ଆମଲିପାଲିଠାରେ ରାହୁଲ ଗାନ୍ଧୀ ରାତ୍ର ରହଣି କରିବେ ବୋଲି ଜଣାପଡ଼ିଛି।




ସରକାରୀ ମାନ୍ୟତା, ମାସିକ ୨୬ହଜାର ଟଙ୍କା ଭତ୍ତା ସହ ୧୪ଦଫା ଦାବି ନେଇ ନିଖିଳ ଓଡ଼ିଶା (ଏମ୍‌ଡିଏମ୍) ପାଚିକା ସହାୟିକାମାନେ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦେବା ସହ ବିକ୍ଷୋଭ କରୁଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)

# ବିଧାନସଭାରେ ବେଦାନ୍ତ ତାତି

**ଭୁବନେଶ୍ୱର,୬।୨(ଅନିଲ ଦାସ)**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିକୁ ବେଦାନ୍ତକୁ ଦିଆଯାଇଛି। ଏ ପର୍ଯ୍ୟନ୍ତ ସେ ଜମି କମ୍ପାନୀ ପାଖରେ ରହିଛି। କମ୍ପାନୀକୁ ରାଜ୍ୟ ସରକାର ଅନୁକମ୍ପା ଦେଖାଉଛନ୍ତି। ଲୋକପାଳ, ହାଇକୋର୍ଟ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନି ବୋଲି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଅଭିଯୋଗ କରିଛନ୍ତି। ମଙ୍ଗଳବାର ବିଧାନସଭା ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ନରସିଂହ କହିଛନ୍ତି ଯେ ବେଦାନ୍ତକୁ ରାଜ୍ୟ ସରକାର ଅହେତୁକ ଅନୁକମ୍ପା ଦେଖାଇଛନ୍ତି। ଏ ଯାଏ ଚାଷୀଙ୍କ ଜମି ଫେରିନାହିଁ। ବେଦାନ୍ତକୁ ୩ ହଜାର ଏକର ଜମି ଦରକାର ଥିଲେ ବି ରାଜ୍ୟ ସରକାର ୧୫ ହଜାର ଏକର ଜମି ଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ

## ରୁଲିଂ ଦାବିରେ ଧାରଣା ଦେଲେ ନରସିଂହ ଗୃହ ମୁଲତବୀ

ପାଇଁ ବାଚସ୍ପତି ରୁଲିଂ ଦିଅନ୍ତୁ ବୋଲି ନରସିଂହ ଦାବି କରିଥିଲେ। ରୁଲିଂ ନ ଦେଲେ ଗୃହରେ ଧାରଣା ଦେବେ ବୋଲି ବାଚସ୍ପତିଙ୍କୁ କହିଥିଲେ। ନରସିଂହ ନିଜ ସିଟ୍‌ରୁ ଉଠିଆସି ବାଚସ୍ପତିଙ୍କ ପୋଡିୟମ ପାଖରେ ରୁଲିଂ ଦେବାକୁ ଜିଦ୍ ଧରିଥିଲେ। ବାଚସ୍ପତି ତାଙ୍କୁ ନିଜ ସିଟ୍‌କୁ ଯିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ। ଏ ବିଷୟରେ ଅନୁଧ୍ୟାନ କରି ଯାହା ପଦକ୍ଷେପ ନେବା କଥା ନିଆଯିବ ବୋଲି ବାଚସ୍ପତି କହିବାରୁ ନରସିଂହ ଅସନ୍ତୋଷ ପ୍ରକାଶ କରି ଗୃହର ମଧ୍ୟଭାଗରେ ଧାରଣା ଦେଇଥିଲେ। ଏହାକୁ ନେଇ ଗୃହରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ନରସିଂହ ଧାରଣା ଦେବା ପରେ ବିଜେଡି ସଭ୍ୟ ଅମର ଶତପଥୀ ଏବଂ ପ୍ରଣବ ପ୍ରକାଶ ଦାସ ଗୃହକୁ କିଛି ସମୟ ପାଇଁ ମୁଲତବୀ କରି ବରିଷ୍ଠ ସଦସ୍ୟଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ଏଥିପାଇଁ ବିଭିନ୍ନ ପର୍ଯ୍ୟାୟରେ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ରଖାଯାଇଥିଲା। ଅନ୍ୟପଟେ ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଶୂନ୍ୟକାଳରେ ବିଧାନସଭାରେ ଆନ୍ଦୋଳନରତ ଗାଁ ସାଥୀଙ୍କ ଦାବି ପ୍ରସଙ୍ଗ ଉଠାଇଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଗାଁ ସାଥୀଙ୍କ ଦାବି ସରକାର ପୂରଣ କରନ୍ତୁ ବୋଲି ଦାବି କରିଥିଲେ। ଏହାକୁ ନରସିଂହ ସମର୍ଥନ କରିଥିଲେ। ସରକାର ସେମାନଙ୍କ ସହ ତୁରନ୍ତ ଆଲୋଚନା କରି ସମସ୍ୟାର ସମାଧାନ କରନ୍ତୁ ବୋଲି ସେ ଦାବି କରିଥିଲେ।

# ୨୦୨୫ ସୁଦ୍ଧା ସବୁ ଗାଁକୁ ପିଇବା ପାଣି

**ଭୁବନେଶ୍ୱର,୬।୨(ଅନିଲ ଦାସ)**

## ପାନୀୟ ଜଳ ଯୋଗାଣକୁ ନେଇ ବିଧାନସଭାରେ ଉଦ୍‌ବେଗ

ଖରାଦିନ ଆସିଲାଣି। ସମଗ୍ର ରାଜ୍ୟରେ ପାନୀୟ ଜଳ ସମସ୍ୟା ଦେଖାଦେବ। ପିଇବା ପାଣି ସମସ୍ୟାକୁ ନେଇ ମଙ୍ଗଳବାର ବିଧାନସଭା ପ୍ରଶ୍ନ କାଳରେ ଉଭୟ ଶାସକ ଓ ବିରୋଧୀ ଦଳ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି, ପାଇପ ଯୋଗେ ସବୁ ଗାଁକୁ ପାନୀୟ ଜଳ ଯୋଗାଇବା ପାଇଁ ସରକାର ଯେଉଁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି ତାହା ଆସନ୍ତା ବର୍ଷେ ଭିତରେ କିପରି ପୂରଣ ହେବ। ମନ୍ତ୍ରୀଙ୍କ ଅଞ୍ଚଳ ବୌଦ୍ଧ ଜିଲାରେ ଲୋକେ ପାଣି ପାଉନାହାନ୍ତି। କେବଳ ବୌଦ୍ଧ ନୁହେଁ ଯାଜପୁର, ପୁରୀ ଭଳି ଅନ୍ୟାନ୍ୟ ଜିଲାରେ ମଧ୍ୟ ପାନୀୟ ଜଳ ସମସ୍ୟା ରହିଛି। ମାତ୍ର ୩୩ ପ୍ରତିଶତ ଲୋକଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି। ମନ୍ତ୍ରୀ କେମିତି କହୁଛନ୍ତି ବର୍ଷକ ଭିତରେ ସମସ୍ତଙ୍କୁ ପାନୀୟ ଜଳ ଯୋଗାଇ ଦେବେ। କେବେ ସୁଦ୍ଧା ସାରା ରାଜ୍ୟରେ ପିଇବା ପାଣି ମିଳିବ ମନ୍ତ୍ରୀ କୁହନ୍ତୁ ବୋଲି ସେ ପ୍ରଶ୍ନ କରିଥିଲେ। ସେହିପରି ବିଜେଡି ସଭ୍ୟ ନୃସିଂହ ସାହୁ, ପ୍ରଫୁଲ୍ଲ ସାମଲ, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଅଶୋକ ବଳ, ଭାଜପା ସଭ୍ୟ ସୁକାନ୍ତ ନାୟକ, କୁସୁମ ଟେଟେ ପ୍ରମୁଖ ପାନୀୟ ଜଳ ଯୋଗାଣକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ରାଜ୍ୟରେ କେତୋଟି ମେଗା ପାଇପ ୱାଟର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି, ସେଥିରୁ କେତେ ଶେଷ ହୋଇଛି, ଅବଶିଷ୍ଟ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ, ଯେଉଁଠି ପାଇପ ୱାଟର ନାହିଁ ସେଠାରେ ନଳକୂପ କିମ୍ବା ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ କି ବ୍ୟବସ୍ଥା କରାଯାଇଛି, ଲୋକମାନଙ୍କୁ କେବେ ସୁଦ୍ଧା ପିଇବା ପାଣି ମିଳିବ ବୋଲି ସଦସ୍ୟମାନେ ପ୍ରଶ୍ନ କରିଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି, ରାଜ୍ୟର ଗ୍ରାମାଞ୍ଚଳରେ ଥିବା ସମସ୍ତ ପରିବାରଙ୍କୁ ୨୦୨୫ ସୁଦ୍ଧା ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏବେ ସୁଦ୍ଧା ରାଜ୍ୟର ମୋଟ ୮୮, ୬୩, ୩୩୯ ପରିବାର ମଧ୍ୟରୁ ୬୨, ୬୫,୫୬୧ ପରିବାରକୁ ପାନୀୟ ଜଳ ସଂଯୋଗ କରାଯାଇଛି। ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟରେ ୩୩ ହଜାର କୋଟି ବ୍ୟୟ ଅଟକଳରେ ୨୦୭ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି। ସେଥିରୁ ୧୬ ପ୍ରକଳ୍ପର ନିର୍ମାଣ ଶେଷ ହୋଇଥିବା ବେଳେ ୧୯୧ଟି ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଅବଶିଷ୍ଟ ୨୦୨୫ ସୁଦ୍ଧା ଶେଷ ହେବ। ପ୍ରତି ୭୦ ଜନସଂଖ୍ୟାରେ ଗୋଟିଏ ନଳକୂପ ବସାଇବା ବ୍ୟବସ୍ଥା ରହିଛି। ଯେଉଁଠି ପାଇପ ଯୋଗେ ପାନୀୟ ଜଳ ପହଞ୍ଚିପାରୁ ନାହିଁ ସେଠାରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାକୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

# ସରକାରୀ ବିଭାଗରେ ୯୮ ହଜାର ପଦବୀ ଖାଲି

**ଭୁବନେଶ୍ୱର,୬।୨ (ଅନିଲ ଦାସ)**

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ୯୮ ହଜାର ପଦବୀ ଖାଲିପଡ଼ିଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ୪୧ଟି ବିଭାଗରେ ୯୮, ୩୪୮ ପଦବୀ ଖାଲି ରହିଛି। ଭାଜପା ସଭ୍ୟ ମୁକେଶ ମହାଲିଙ୍ଗଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ସର୍ବାଧିକ ୨୬,୮୧୫ ପଦବୀ ଖାଲିଥିବା ବେଳେ ସ୍କୁଲ ଓ ଗଣଶିକ୍ଷା ବିଭାଗରେ ୨୧, ୮୪୪, ଉଚ୍ଚଶିକ୍ଷା ବିଭାଗରେ ୩୭୭୭, ଗୃହ ବିଭାଗରେ ୭୩୧୫, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ୫୮୯୨, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୩୫୫୨, ଜଳସମ୍ପଦ ବିଭାଗରେ ୨୭୩୨, ପୂର୍ତ୍ତ ବିଭାଗରେ ୧୫୦୭, କୃଷି ବିଭାଗରେ ୨୮୨୧, ଜଙ୍ଗଲ, ପରିବେଶ, ଓ ଜଳବାୟୁ ପରିବର୍ତ୍ତନ ବିଭାଗରେ ୩୬୦୭, ଶ୍ରମ ଓ କର୍ମଚାରୀ ବୀମା ବିଭାଗରେ ୧୧୧୮ ପଦବୀ ଖାଲିରହିଛି। ତେବେ ଶିଳ୍ପ ବିଭାଗରେ ମାତ୍ର ଗୋଟିଏ ପଦବୀ ଖାଲି ରହିଥିବା ମନ୍ତ୍ରୀ ଦର୍ଶାଇଛନ୍ତି। ୨୦୨୪ ଜାନୁୟାରୀ ୩୧ ସୁଦ୍ଧା ବିଭାଗ ଦ୍ୱାରା ପ୍ରଦତ୍ତ ଖାଲି ପଦବୀ ପୂରଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ମୁଖ୍ୟମନ୍ତ୍ରୀ କଳାକାର ଯୋଜନାରେ ସାମିଲ ହେବେ ଆଉ ୩୦ ହଜାର କଳାକାର

**ଭୁବନେଶ୍ୱର,୬।୨(ଅନିଲ ଦାସ)**

- ହିତାଧିକାରୀଙ୍କ ସଂଖ୍ୟା ୮୦ ହଜାରକୁ ବୃଦ୍ଧି ହେବ
- ୫-ଟି ଅଧ୍ୟକ୍ଷଙ୍କ ଜିଲା ଗସ୍ତ ସମୟରେ ଆସିଥିଲା ଅନୁରୋଧ ପ୍ରସ୍ତାବ

'ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା'ରେ ଆଉ ୩୦ ହଜାର କଳାକାରଙ୍କୁ ସାମିଲ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଏହି ନିଷ୍ପତ୍ତି ନେଇଛନ୍ତି। ଏହା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଏକ ପ୍ରମୁଖ ଯୋଜନା। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲା ଗସ୍ତ ସମୟରେ ଏହି ଯୋଜନାରେ ଅଧିକ କଳାକାରଙ୍କୁ ସାମିଲ କରିବା ପାଇଁ କଳାକାର ଓ ସେମାନଙ୍କ ସଙ୍ଗଠନ ଅନୁରୋଧ କରି ପ୍ରସ୍ତାବ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏହାପରେ ଏହି ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ଯୋଜନାରେ ୫୦,୦୦୦ କଳାକାରଙ୍କୁ ମାସିକ ୧୨୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉଛି। ବର୍ତ୍ତମାନ ଏହି ଯୋଜନାର ହିତାଧିକାରୀଙ୍କ ସଂଖ୍ୟା ୮୦ ହଜାରକୁ ବୃଦ୍ଧି କରାଯାଇଛି। ଏହା ଦ୍ୱାରା ରାଜ୍ୟର ଆଉ ୩୦ ହଜାର କଳାକାର ଏଥିରେ ଉପକୃତ ହେବେ। ଲୋକକଳାଗୁଡ଼ିକ ଆମ ଜାତିର ଅସ୍ମିତା। କଳାକାରମାନେ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାରକ ତଥା ବାର୍ତ୍ତାବହ। ଏହି ଯୋଜନାରେ ଅଧିକ କଳାକାରଙ୍କୁ ସାମିଲ କରାଯିବା ଯୋଗୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅନେକ କଳାକାର ଉତ୍ସାହିତ ଓ ଉପକୃତ ହେବେ। ଏହା ଦ୍ୱାରା କଳାର ସଂରକ୍ଷଣ, ବିକାଶ, ପ୍ରଚାର ଓ ପ୍ରସାର ହେବା ସହିତ ଓଡ଼ିଶାର କଳା ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବ।

# ମଧୁବାବୁ ପେନ୍‌ସନ ଯୋଜନାରେ ଆଉ ୪ ଲକ୍ଷ ସାମିଲ

**ଭୁବନେଶ୍ୱର, ୬।୨ (ଅନିଲ ଦାସ)**

## ହିତାଧିକାରୀଙ୍କ ସଂଖ୍ୟା ୩୬.୭୫ ଲକ୍ଷକୁ ବୃଦ୍ଧି

ରାଜ୍ୟ ସାମାଜିକ ସୁରକ୍ଷା ବ୍ୟବସ୍ଥା ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ ହେବାକୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ଖୁସିର ଖବର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧୁବାବୁ ପେନ୍‌ସନ ଯୋଜନାରେ ଆଉ ୪ ଲକ୍ଷ ଲୋକଙ୍କୁ ସାମିଲ କରିବା ପ୍ରସ୍ତାବକୁ ମଙ୍ଗଳବାର ଅନୁମୋଦନ କରିଛନ୍ତି। ଏହାଦ୍ୱାରା ରାଜ୍ୟର ସମୁଦାୟ ମଧୁବାବୁ ପେନ୍‌ସନ ହିତାଧିକାରୀଙ୍କ ସଂଖ୍ୟା ୩୨.୭୫ ଲକ୍ଷରୁ ବୃଦ୍ଧି ପାଇ ୩୬.୭୫ ଲକ୍ଷରେ ପହଞ୍ଚିବ। ରାଜ୍ୟ ସରକାର ଏଥିପାଇଁ ମାସକୁ ୧୯୦.୨୦ କୋଟି ଟଙ୍କା ଖର୍ଚ୍ଚ କରିବେ। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲା ଗସ୍ତ ସମୟରେ ବିଭିନ୍ନ ଅଞ୍ଚଳର ସ୍ଥାନୀୟ ଲୋକମାନେ ଏହି ଯୋଜନାରେ ଅଧିକ ଲୋକଙ୍କୁ ସାମିଲ କରିବାକୁ ଅନୁରୋଧ କରିଥିଲେ। ଲୋକଙ୍କ ଆବେଦନକୁ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ମଧୁବାବୁ ପେନ୍‌ସନ ଯୋଜନାର ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ୨୦୨୩ ଅଗଷ୍ଟରେ ଅତିରିକ୍ତ ୪.୧୩ ଲକ୍ଷ ଲୋକଙ୍କୁ ଏହି ଯୋଜନାରେ ସାମିଲ କରିଥିଲେ। ରାଜ୍ୟ ସରକାର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ସାମାଜିକ ସୁରକ୍ଷା ପ୍ରଦାନ କରିଥାନ୍ତି। ଏଥିରେ ବରିଷ୍ଠ ନାଗରିକ, ବିଧବା, ଭିନ୍ନକ୍ଷମ, ଅବିବାହିତା ମହିଳା, ସୁସ୍ଥ ହୋଇଥିବା କୁଷ୍ଠ ଓ ଏଡ୍‌ସ ରୋଗୀ, ଛାଡ଼ପତ୍ର ପାଇଥିବା ମହିଳା, କିନ୍ନର, କୋଭିଡ୍ ଅନାଥ ପିଲାମାନେ ସାମିଲ ହୋଇଥାନ୍ତି। ଏହି ଯୋଜନାରେ ଛୋଟପିଲାଠାରୁ ୭୯ ବର୍ଷ ବୟସ ପର୍ଯ୍ୟନ୍ତ ହିତାଧିକାରୀମାନେ ମାସକୁ ୫୦୦ ଟଙ୍କା ପାଉଥିବା ବେଳେ ୮୦ ବର୍ଷ ବା ଅଧିକ ବୟସର ଲୋକ ମାସକୁ ୭୦୦ ଟଙ୍କା ପାଉଛନ୍ତି। ଭିନ୍ନକ୍ଷମ ବ୍ୟକ୍ତିଙ୍କ କ୍ଷେତ୍ରରେ ୪୦ରୁ ୫୯ ପ୍ରତିଶତ ଅକ୍ଷମତା ଥିବା ଲୋକ ମାସକୁ ୫୦୦ ଟଙ୍କା ପାଉଥିବା ବେଳେ ୬୦ ପ୍ରତିଶତ ବା ଅଧିକ ଅକ୍ଷମତା ବ୍ୟକ୍ତି ୭୦୦ ଟଙ୍କା ପାଉଛନ୍ତି। ୬୦ ପ୍ରତିଶତରୁ ଅଧିକ ଅକ୍ଷମତା ଥିବା ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ଲୋକଙ୍କୁ ମାସିକ ୯୦୦ ଟଙ୍କା ପ୍ରଦାନ କରାଯାଉଛି।

# ଓଡ଼ିଶାରେ ରୂପାନ୍ତରୀକରଣର ଯୁଗ ଚାଲିଛି: ପ୍ରଶାନ୍ତ

**ଭୁବନେଶ୍ୱର,୬।୨(ସୁନିତ୍ ମିଶ୍ର)**

## ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା

ଓଡ଼ିଶାରେ ଏବେ ରୂପାନ୍ତରୀକରଣର ଯୁଗ ଚାଲିଛି। ବିଦ୍ୟାଳୟଠାରୁ ଆରମ୍ଭକରି ମନ୍ଦିର ପର୍ଯ୍ୟନ୍ତ ସବୁଠି ବ୍ୟାପକ ପରିବର୍ତ୍ତନ ହେଉଛି। ଯାହା କେବେ କେହି ଚିନ୍ତାକରି ନ ଥିଲେ, ତାହା ରାଜ୍ୟ ସରକାର କରି ଦେଖାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ସରକାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବା ସହ ଅନ୍ୟ ପାଇଁ ଓଡ଼ିଶା ମାର୍ଗଦର୍ଶକ ହୋଇଛି ବୋଲି ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି କହିଛନ୍ତି। ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ମଙ୍ଗଳବାର ଅପରାହ୍ନରେ ଆରମ୍ଭ ହୋଇଛି। ସରକାରୀ ଦଳ ମୁଖ୍ୟ ସଚେତକ ମୁଦୁଲି ପ୍ରସ୍ତାବ ଆଗତ କରିବା ସହ କହିଛନ୍ତି, ରାଜ୍ୟପାଳ ରାଜ୍ୟ ସରକାରଙ୍କ ବିକାଶର ଚିତ୍ରକୁ ଯେଉଁଭଳି ଉପସ୍ଥାପିତ କରିଛନ୍ତି ସେଥିଲାଗି ତାଙ୍କୁ ଧନ୍ୟବାଦ। ଯେଉଁମାନେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଜମି ଦେଇଥିଲେ ସେମାନଙ୍କୁ ଧନ୍ୟବାଦ। ଗତ ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କରି ରାଜ୍ୟବାସୀଙ୍କୁ ପରିବର୍ତ୍ତନ ଏକ ବଡ ଧାରା ମୁଖ୍ୟମନ୍ତ୍ରୀ ଦେଖାଇଛନ୍ତି। ଯେଉଁମାନେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଦେଖୁଛନ୍ତି ସେମାନେ ପ୍ରଶଂସା ନ କରି ରହିପାରୁନାହାନ୍ତି। ରାଜ୍ୟବ୍ୟାପୀ ଲୋକମାନେ ଯେଉଁମାନେ ମହାପ୍ରଭୁଙ୍କ ଦର୍ଶନ କରିପାରୁ ନ ଥିଲେ ସେମାନଙ୍କୁ ପୁରୀ ଆସିବା ଲାଗି ରାଜ୍ୟ ସରକାର ଲକ୍ଷ୍ମୀ ଯୋଜନାରେ ବସ୍ ଚଳାଚଳ ଆରମ୍ଭ କରିଛନ୍ତି। କେବଳ ସେତିକି ନୁହେଁ, ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ପାଇଁ ଗ୍ରାମାଞ୍ଚଳରେ ସରକାର ପ୍ରଚୁର ଅର୍ଥ ଖର୍ଚ୍ଚ କରୁଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ଆଶୀର୍ବାଦ ମୁଖ୍ୟମନ୍ତ୍ରୀଙ୍କ ଉପରେ ରହିଛି। ୭୦୦ ବର୍ଷରେ ଯେଉଁ କାର୍ଯ୍ୟ ହୋଇପାରି ନ ଥିଲା, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମାଧ୍ୟମରେ ତାହା ସେ କରି ଦେଖାଇଛନ୍ତି। କେବଳ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମ ନୁହେଁ ରାଜ୍ୟର ବିଭିନ୍ନ ମନ୍ଦିର ଭିତ୍ତିଭୂମିର ପର୍ଯ୍ୟାୟକ୍ରମେ ବିକାଶ କରାଯାଉଛି। ବରିଷ୍ଠ ନାଗରିକ ଓ ମହିଳାମାନଙ୍କ ପାଇଁ ନବୀନ ପଟ୍ଟନାୟକ 'ଶ୍ରବଣ କୁମାର' ପାଲଟିଛନ୍ତି। ତୀର୍ଥରେ ଯିବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। କ୍ଷୁଧାମୁକ୍ତି ଆନ୍ଦୋଳନରେ ଓଡ଼ିଶା ପଥ ପ୍ରଦର୍ଶକ ହୋଇଛି। ଧାନ ଉତ୍ପାଦନରେ ଓଡ଼ିଶା ଜାତୀୟସ୍ତରରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ସତ୍ତ୍ୱେ ଓଡ଼ିଶା ବାରମ୍ବାର କୃଷି କର୍ମଣ ପୁରସ୍କାର ପାଉଛି। ଏହା ହେଉଛି ପ୍ରତିବଦ୍ଧତାର ପ୍ରମାଣ। କ୍ରୀଡ଼ା, ପର୍ଯ୍ୟଟନ, ଜଳସେଚନ ଆଦି ସବୁକ୍ଷେତ୍ରରେ ବିକାଶ କରାଯାଉଛି। ଆଗକୁ ଏହି ଧାରା ଆହୁରି ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି। ଏହାପରେ ବାଚସ୍ପତି ୫ଟା ୭ ମିନିଟ୍ ସମୟରେ ବୁଧବାର ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

# ବାତଜ୍ୱର ନିରାକରଣ ପାଇଁ ୧୦ରୁ ସାମୂହିକ ଔଷଧ ସେବନ

**ଭୁବନେଶ୍ୱର, ୬।୨(ଅସମାପିକା ସାହୁ)**

ରାଜ୍ୟରେ ଆସନ୍ତା ୧୦ତାରିଖରୁ ବାତଜ୍ୱର ନିରାକରଣ ପାଇଁ ସାମୂହିକ ଔଷଧ ସେବନ(ଏମ୍‌ଡିଏ) କାର୍ଯ୍ୟକ୍ରମ ଆରମ୍ଭ ହେବ। ୧୯ ତାରିଖ ପର୍ଯ୍ୟନ୍ତ ଏହା ୭ ଜିଲା ବଲାଙ୍ଗୀର, ଖୋର୍ଦ୍ଧା, କଟକ, କନ୍ଧମାଳ, କଳାହାଣ୍ଡି, ନୟାଗଡ଼ ଓ ରାୟଗଡ଼ାରେ ଚାଲିବ। ଏନେଇ ମଙ୍ଗଳବାର ବିଭାଗ ପକ୍ଷରୁ ଆୟୋଜିତ ଗଣମାଧ୍ୟମ କର୍ମଶାଳାରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଲେ, ଏହି ୭ ଜିଲାର ୫୬ଟି ବ୍ଲକ ଓ ସହରାଞ୍ଚଳର କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ଯେଉଁଠି ବାତଜ୍ୱରର ଅଧିକ ପ୍ରଭାବ ରହିଛି, ସେହି ସ୍ଥାନଗୁଡିକରେ ଏମ୍‌ଡିଏ କାର୍ଯ୍ୟକ୍ରମ କରାଯିବ। ବଲାଙ୍ଗୀର, କଳାହାଣ୍ଡି ଓ ରାୟଗଡ଼ା ଜିଲାରେ ତିନି ପ୍ରକାର ବଟିକା ଡିଇସି, ଆଲବେଣ୍ଡାଜୋଲ ଓ ଆଇଭରମେକ୍ଟିନ ଖାଇବାକୁ ଦିଆଯିବ ଏବଂ କଟକ, ଖୋର୍ଦ୍ଧା, ନୟାଗଡ଼ ଓ କନ୍ଧମାଳରେ ଦୁଇ ପ୍ରକାରର ଔଷଧ (ଡି.ଇ.ସି ଓ ଆଲ୍‌ବେଣ୍ଡାଜୋଲ) ଦିଆଯିବ। ଏହି ୭ ଜିଲାରେ ପ୍ରାୟ ୪୫ ଲକ୍ଷ ୮୯ ହଜାର ୭୯୪ ଲୋକଙ୍କୁ ଏହି ଔଷଧ ଖାଇବାକୁ ଦିଆଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। କାର୍ଯ୍ୟକ୍ରମକୁ ସଫଳ ରୂପାୟନ ପାଇଁ ୧୬,୭୪୭ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଟର ବା ସ୍ୱେଚ୍ଛାସେବୀଙ୍କୁ ତାଲିମ ଦିଆଯାଇ ନିୟୋଜିତ କରାଯାଇଛି। କାର୍ଯ୍ୟକ୍ରମ ତଦାରଖ କରିବା ପାଇଁ ୧,୭୧୨ଜଣ ତଦାରଖକାରୀ ବା ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି। ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ ଏହି ଔଷଧ ଖୁଆଇବେ। ଭ୍ରାମ୍ୟମାଣ ଟିମ୍‌ଗୁଡ଼ିକ ବିଭିନ୍ନ ସ୍କୁଲ, କଲେଜ ଓ ଅଫିସକୁ ଯାଇ ଖୁଆଇବେ। ଦୁଇବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ଗୁରୁତର ଅସୁସ୍ଥ ଲୋକଙ୍କୁ ଛାଡ଼ି ସମସ୍ତଙ୍କୁ ଆଶା ତଥା ଅନ୍ୟ ସ୍ୱେଚ୍ଛାସେବୀଙ୍କ ସାମ୍ନାରେ ଫାଇଲେରିଆ ନିରାକରଣ ଔଷଧଗୁଡ଼ିକ ସେବନ କରିବାକୁ ହେବ। ଆଇଭରମେକ୍ଟିନ ବଟିକା ୬ ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକମାନଙ୍କୁ ଉଚ୍ଚତା ଅନୁଯାୟୀ ଦିଆଯିବ। ଏହି କାର୍ଯ୍ୟକ୍ରମକୁ ସଫଳ ତଥା ବ୍ୟାପକ କରିବା ପାଇଁ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ସମନ୍ୱୟ ଲୋଡ଼ାଯାଇଛି। ସମ୍ପୃକ୍ତ ଅଞ୍ଚଳର ଲୋକମାନେ ଫାଇଲେରିଆ ନିରୋଧୀ ଔଷଧ ସେବନ କରିବା ସହ ସରକାରଙ୍କ ଫାଇଲେରିଆ ମୁକ୍ତ ଓଡ଼ିଶା ଗଠନ ଆହ୍ୱାନକୁ ସଫଳ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି।

# ସନ୍ତୋଷ କୁମାର ସ୍ୱାଇଁ ଓସାକ୍ସର ନୂଆ ପ୍ରକଳ୍ପ ନିର୍ଦ୍ଦେଶକ



**ଭୁବନେଶ୍ୱର,୬।୨(ଅସମାପିକା ସାହୁ)**

ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି(ଓସାକ୍ସ)ର ନୂତନ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଡା. ସନ୍ତୋଷ କୁମାର ସ୍ୱାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଓସାକ୍ସର ଅଧିକାରୀ ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଏଥିସହ ପ୍ରକଳ୍ପର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରାଯାଇଥିଲା। ଏଚ୍‌ଆଇଭି/ଏଡ୍‌ସ ଦୂରୀକରଣ ଦିଗରେ ଓସାକ୍ସର କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ପରାମର୍ଶ ଦେଇଥିଲେ। ୨୦୩୦ ସୁଦ୍ଧା ରାଜ୍ୟରେ ଏଡ୍‌ସର ମୂଳୋତ୍ପାଟନ ପାଇଁ ମିଳିତ ଜାତିସଂଘର ଲକ୍ଷ୍ୟ ହାସଲରେ ସକାରାତ୍ମକ ଚିନ୍ତାଧାରା ସହ ସମସ୍ତଙ୍କୁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ପୂର୍ବରୁ ଡା. ସ୍ୱାଇଁ ରାଉରକେଲା ସରକାରୀ ହସ୍ପିଟାଲର ନିର୍ଦ୍ଦେଶକ ରହିବା ସହ ଆମ ହସ୍ପିଟାଲ ପରିଚାଳନା ସୁଚାରୁ ରୂପେ ସମ୍ପାଦନ କରିଥିଲେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ଡା. ଉର୍ମିଳା ମିଶ୍ର ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଥିଲେ। ସେ ଗତ ୩୧ତାରିଖରେ ଅବସର ନେଇଛନ୍ତି।

# ବଜ୍ରପାତକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିବାକୁ ଦାବି କଲେ ମାନସ

**ଭୁବନେଶ୍ୱର,୬।୨ (ଅନିଲ ଦାସ)**



ମାନସ ମଙ୍ଗରାଜ

ବଜ୍ରପାତକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିବାକୁ ପାର୍ଲାମେଣ୍ଟରେ ବିଜେଡି ଦାବି କରିଛି। ବିଜୁ ଜନତା ଦଳର ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ମଙ୍ଗଳବାର ରାଜ୍ୟ ସଭାରେ ଏହି ପ୍ରସଙ୍ଗ ଉଠାଇଛନ୍ତି। ବଜ୍ରପାତ ଯୋଗୁ ଲୋକଙ୍କ ଜୀବନ ଯାଉଥିବାରୁ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି)ର ତଥ୍ୟକୁ ଉପସ୍ଥାପନ କରି ଏହାକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିବାକୁ ଦାବି କରିଛନ୍ତି। ସେ କହିଛନ୍ତି, ଆଇଏମ୍‌ଡିର ତଥ୍ୟ ଅନୁସାରେ ବଜ୍ରପାତ ଯୋଗୁ ଦେଶରେ ପ୍ରତିବର୍ଷ ପ୍ରାୟ ୨୫୦୦ ଲୋକଙ୍କ ମୃତ୍ୟୁ ହେଉଛି। ଅନେକ ଲୋକ ପୋଡ଼ି ହେଉଥିବା ବେଳେ ମାଂସପେଶୀ ଆଘାତପ୍ରାପ୍ତ ହେବା ଦୃଷ୍ଟିକୁ ଆସୁଛି। ସେହିପରି ଶରୀରର ଅନେକ ଅଂଶ ମଧ୍ୟ କାମ କରି ନ ଥାଏ। ଏପରି କି ହୃଦ୍‌ଘାତ ଓ ହଠାତ ମୃତ୍ୟୁ ମଧ୍ୟ ଆସିଥାଏ। ସେମାନଙ୍କ ମଧ୍ୟରୁ ପ୍ରାୟ ୯୬% ହେଉଛନ୍ତି ଗ୍ରାମାଞ୍ଚଳର। ଯେଉଁମାନେ କି କୃଷକ, ଗୋରୁ ଚରାଳି, ମତ୍ସ୍ୟଜୀବୀ ଓ ଶ୍ରମିକ ଶ୍ରେଣୀର। ଶେଷ ବର୍ଷର ତଥ୍ୟ ଅନୁସାରେ ଓଡ଼ିଶାରେ ସର୍ବାଧିକ ବଜ୍ରପାତ ହୋଇଛି। ପାଣିପାଗ ପରିବର୍ତ୍ତନ ଓ ଅନ୍ୟ ସବୁ କାରଣରୁ ଓଡ଼ିଶାରେ ଅଧିକ ବଜ୍ରପାତ ହେଉଛି। ତେବେ ରାଜ୍ୟ ସରକାରଙ୍କ ପଦକ୍ଷେପ ଯୋଗୁ ୨୦୧୯-୨୦ ତୁଳନାରେ ୨୦୨୦-୨୧ରେ ଓଡ଼ିଶାରେ ବଜ୍ରପାତଜନିତ ମୃତ୍ୟୁସଂଖ୍ୟା କମ୍ ହୋଇଛି। ୨୦୧୯-୨୦ରେ ୨୦୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୦-୨୧ରେ ଏହା ୧୫୬କୁ ଖସି ଆସିଛି। ୨୦୧୫ ଏପ୍ରିଲ ପହିଲାରେ ବଜ୍ରପାତକୁ ରାଜ୍ୟ ସରକାର ରାଜ୍ୟ ବିପର୍ଯ୍ୟୟ ଭାବେ ଘୋଷଣା କରିଛନ୍ତି। ବଜ୍ରପାତରେ ମୃତକଙ୍କ ପରିବାରକୁ ରାଜ୍ୟ ସରକାର ୪ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଯୋଗାଇ ଦେଉଛନ୍ତି। ତେବେ ବଜ୍ରପାତକୁ କେନ୍ଦ୍ର ସରକାର ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କଲେ କ୍ଷତିଗ୍ରସ୍ତ ପରିବାର ଅଧିକ ଉପକୃତ ହେବେ। ଅଧିକ ଆର୍ଥିକ ସହାୟତା ପାଇପାରିବେ। ଏଥିପାଇଁ ପଦକ୍ଷେପ ନିଆଯାଉ ବୋଲି ମାନସ ଦାବି କରିଛନ୍ତି। ଏଥିସହ ବଜ୍ରପାତ ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରସ୍ତାବ ଦିଆଯାଇଛି। ବଜ୍ରପାତଜନିତ ମୃତ୍ୟୁ ହ୍ରାସ କରିବା ପାଇଁ ରାଜ୍ୟ ସରକାର ଜଙ୍ଗଲ ଓ କୃଷି ବିଭାଗକୁ ବହୁଳ ପରିମାଣରେ ତାଳଗଛ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଥାଇଲାଣ୍ଡ ଓ ବାଂଲାଦେଶ ବଜ୍ରପାତଜନିତ ମୃତ୍ୟୁ କମାଇବାରେ ସଫଳ ହୋଇଛନ୍ତି।



"ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି– ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। –ଶ୍ରୀଅରବିନ୍ଦ



# କପି ବିରୋଧୀ ଆଇନ

ଆଗରୁ ଧାରଣା ଥିଲା ଯେ,କେବଳ ଅମଲାତନ୍ତ୍ରୀ, ରାଜନୈତିକ ବ୍ୟକ୍ତି ଓ ବ୍ୟବସାୟୀ ଦୁର୍ନୀତି କରି ଭାରତକୁ ତଳିତଳାନ୍ତ କରିବାରେ ଦାୟୀ। କିନ୍ତୁ ବାସ୍ତବ ପରିସ୍ଥିତି ଦର୍ଶାଉଛି ଯେ, ଦୁର୍ନୀତିର ମୂଳଦୁଆ ପକାଇଛି ଏହି ଦେଶର ସାଧାରଣ ନାଗରିକ, ଯେଉଁଥିପାଇଁ ଏହି ମାଟିରୁ କେବେହେଲେ ଦୁର୍ନୀତି ଦୂରକରାଯାଇପାରିବ ବୋଲି ବିଶ୍ୱାସ ହେଉନାହିଁ। ତା' ପଛର କାରଣ ରହିଛି ଅନେକ ଏବଂ ମୁଖ୍ୟ କାରଣ ହେଉଛି ସମସ୍ତେ ନିଜର ସକ୍ଷମତାଠାରୁ ଯଥେଷ୍ଟ ଆଗରେ ଅଛନ୍ତି ବୋଲି ଦର୍ଶାଇବାକୁ ଚାହାନ୍ତି। ସେଥିପାଇଁ ସମସ୍ତଙ୍କୁ ସବୁ ପ୍ରଥମେ ଦରକାର। ଏହି ଲକ୍ଷ୍ୟ ରଖି ଜୀବନର ଦୌଡ଼ରେ ପ୍ରତିଯୋଗିତା କରୁଥିବା ଭାରତୀୟ ନାଗରିକ ତାହାର ଦକ୍ଷତା ବୃଦ୍ଧି ପରିବର୍ତ୍ତେ ଲୋଭର ଆଶ୍ରୟ ନେଇ ଆଗେଇବାକୁ ଚାହିଁଥାଏ। ପରୀକ୍ଷାରେ ଭଲ ନମ୍ବର ଆଣିବା ପାଇଁ ପିଲାମାନେ କପିର ଆଶ୍ରୟ ନେଇଥାନ୍ତି। ଏପରିକି ସେତିକିରେ କାମ ନ ହେଲେ ମାତାପିତା ଲାଞ୍ଚ ଦେବାକୁ ଖାତା ଦେଖୁଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଖରେ ପହଞ୍ଚିଯାଆନ୍ତି। ବଡ଼ ମଣିଷ ହେବା ପରେ ସରକାରୀ ପଦବୀ ପାଇଁ ଦେଉଥିବା ପରୀକ୍ଷାରେ ଯୁବତୀଯୁବକ ସେହିଭଳି ପ୍ରକାର ଦୁର୍ନୀତିର ଆଶ୍ରୟ ନେଇଥାନ୍ତି।

ଏବେ କେନ୍ଦ୍ର ଓ ରାଜ୍ୟ ପବ୍ଲିକ୍ ସର୍ଭିସ୍ କମିଶନ, ରେଲୱେ ରିକ୍ରୁଟମେଣ୍ଟ ବୋର୍ଡ (ଆର୍‌ଆର୍‌ବି), ବ୍ୟାଙ୍କ ପରୀକ୍ଷା, କେନ୍ଦ୍ର ସରକାରଙ୍କର ମନ୍ତ୍ରଣାଳୟ ଓ ସମସ୍ତ ବିଭାଗ ସହ ଜଡ଼ିତ ସଂସ୍ଥା ଏବଂ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ଇତ୍ୟାଦି ସବୁ କେନ୍ଦ୍ରୀୟ ପରୀକ୍ଷାରେ ସମସ୍ତ ପ୍ରକାର ଅନୈତିକ କାର୍ଯ୍ୟ ରୋକିବା ଲାଗି ଆଇନ ଆଗତ କରାଯାଇଛି। ଏହିସବୁ ପରୀକ୍ଷାର ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସର୍ବନିମ୍ନ ୩ ବର୍ଷରୁ ୫ ବର୍ଷ ଯାଏ ଜେଲଦଣ୍ଡ ସହ ୧୦ ଲକ୍ଷ ଟଙ୍କା ଜରିମାନାର ପ୍ରାବଧାନ ରଖାଯାଇଛି। ଏହା ବ୍ୟତୀତ ପରୀକ୍ଷା ପରିଚାଳନାରେ ନିୟୋଜିତ ସେବା ପ୍ରଦାନକାରୀ ସଂସ୍ଥା ଉପରେ ୧ କୋଟି ଟଙ୍କା ଜରିମାନା କରାଯିବା ସହ ପରୀକ୍ଷା ଖର୍ଚ୍ଚ ଆଦାୟ କରାଯିବ ବୋଲି ଖବର ପ୍ରକାଶ ପାଇଛି। ସମ୍ଭବତଃ ସ୍ୱାଧୀନ ଭାରତରେ ସର୍ବାଧିକ ସମୟ ଚାଲିଥିବା ପରୀକ୍ଷା ଏବଂ ଫଳାଫଳ ସମ୍ପୃକ୍ତ ଦୁର୍ନୀତିର ଶୀର୍ଷରେ ପହଞ୍ଚିଥିଲା ଭାଜପା ଶାସିତ ମଧ୍ୟପ୍ରଦେଶ ସରକାରଙ୍କ ବ୍ୟାପମ ଘଟଣାରେ। ସେହି ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ସଚିବଙ୍କ ସମେତ ବିଭିନ୍ନ କେନ୍ଦ୍ରମନ୍ତ୍ରୀ ଏବଂ ପ୍ରବଳ ସଂଖ୍ୟକ ଅଣରାଜନୈତିକ ବ୍ୟକ୍ତି ସମ୍ପୃକ୍ତ ଥିଲେ। ମେଡିକାଲ କିମ୍ବା ଇଞ୍ଜିନିୟରିଂରେ ବିଭିନ୍ନ ସରକାରୀ ପଦବୀରେ ପଶିବା ପାଇଁ ଜାଲିଆତି କରି ଅନେକ ହଜାର ଲୋକ ଚାକିରିରେ ଅଛନ୍ତି। ଯେଉଁମାନେ ସେହି ଦୁର୍ନୀତିର ପର୍ଦ୍ଦାଫାଶ କରିବା ପାଇଁ ଚେଷ୍ଟା କରିଥିଲେ ସେମାନଙ୍କୁ ଦେଶର ବିଭିନ୍ନ ସ୍ଥାନରେ ହତ୍ୟା କରାଯିବାର ଖବର ସମସ୍ତେ ଜାଣନ୍ତି। ଏପରିକି ମଧ୍ୟପ୍ରଦେଶର ଜଣେ ପୂର୍ବତନ ରାଜ୍ୟପାଳଙ୍କ ପୁତ୍ର ଏବଂ ସେହି ରାଜ୍ୟର ହାଇକୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ପୁତ୍ରଙ୍କୁ ରାଜ୍ୟ ବାହାରେ ହତ୍ୟା କରାଯାଇଥିଲା। ଦୁର୍ନୀତିକୁ ବଢ଼ାଇବା ପାଇଁ ବିପୁଳ ଅର୍ଥ, ଗୁଣ୍ଡାମି ଓ ଧମକ ଏବଂ ଉଚ୍ଚପଦସ୍ଥ ଲୋକଙ୍କ ସକ୍ରିୟ ସାହାଯ୍ୟ ଲୋଡ଼ାଯାଇଥିବା ହେତୁ ବ୍ୟାପମର ପ୍ରଭାବ ଆଜି ମଧ୍ୟ ରହିଛି। ଭାତହାଣ୍ଡିରୁ ଗୋଟିଏ ଦାନା ଚିପିଲା ଭଳି ମଧ୍ୟପ୍ରଦେଶର ଭାଜପା ସରକାରର ଦୀର୍ଘଦିନ ଧରି ଚାଲିଆସୁଥିବା କାରନାମା ପ୍ରମାଣ କରୁଛି ଯେ ସବୁ ରାଜନୈତିକ ଦଳ ଏବଂ ଭାରତ ବ୍ୟାପୀ କେନ୍ଦ୍ର ଓ ସବୁ ରାଜ୍ୟର ଅମଲାତାନ୍ତ୍ରିକ ବ୍ୟବସ୍ଥା ପରୀକ୍ଷା ଦୁର୍ନୀତିରେ ସକ୍ରିୟ ଭାବେ ଜଡ଼ିତ ରହିଆସିଛି। ଓଡ଼ିଶାରେ ମଧ୍ୟ ସବୁ ଛୋଟ ବଡ଼ ପରୀକ୍ଷା ବେଳେ ପ୍ରଶ୍ନପତ୍ର ଲିକ୍‌ର ଦୁଃଖଦାୟକ ଖବର ବାରମ୍ବାର ମିଳୁଛି। ଏହି ପ୍ରଚ୍ଛଦପଟରେ ଦେଖିଲେ କେନ୍ଦ୍ରର ଭାଜପା ସରକାର ଆଣିଥିବା 'ଆଣ୍ଟି ଚିଟିଂ ଆଇନ' କୌଣସି ଭାବେ ପରୀକ୍ଷା ଜାଲିଆତିକୁ ରୋକିବା ପାଇଁ ଉଦ୍ଦିଷ୍ଟ ନୁହେଁ। ହୁଏତ ଏହି ନୂଆ ଆଇନ କିଛି ପରିମାଣରେ ଦୁର୍ନୀତି ରୋକିବାରେ ସଫଳ ହୋଇପାରେ। ସବୁକିଛି ନିର୍ଭରକରେ ଆଇନର କାର୍ଯ୍ୟକାରିତା ଉପରେ।

**ଭାତହାଣ୍ଡିରୁ ଗୋଟିଏ ଦାନା ଚିପିଲା ଭଳି ମଧ୍ୟପ୍ରଦେଶର ଭାଜପା ସରକାରର ଦୀର୍ଘଦିନ ଧରି ଚାଲିଆସୁଥିବା କାରନାମା ପ୍ରମାଣ କରୁଛି ଯେ ସବୁ ରାଜନୈତିକ ଦଳ ଏବଂ ଭାରତ ବ୍ୟାପୀ କେନ୍ଦ୍ର ଓ ସବୁ ରାଜ୍ୟର ଅମଲାତାନ୍ତ୍ରିକ ବ୍ୟବସ୍ଥା ପରୀକ୍ଷା ଦୁର୍ନୀତିରେ ସକ୍ରିୟ ଭାବେ ଜଡ଼ିତ ରହିଆସିଛି। ଓଡ଼ିଶାରେ ମଧ୍ୟ ସବୁ ଛୋଟ ବଡ଼ ପରୀକ୍ଷା ବେଳେ ପ୍ରଶ୍ନପତ୍ର ଲିକ୍‌ର ଦୁଃଖଦାୟକ ଖବର ବାରମ୍ବାର ମିଳୁଛି।**

# କୋଟା, କ୍ୟାରିୟର ଓ ଆମ ସମାଜ



ଅଭିଜିତ୍ ଜୟପ୍ରକାଶ ପ୍ରଧାନ

ରାଜସ୍ଥାନର କୋଟା ସହର ମେଡିକାଲ ତଥା ଜେ.ଇ.ଇ. ପରି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ପାଇଁ ଏକ ପରିଚିତ ନାମ। ତେବେ ହଠାତ୍ ଏହି ସହର ସରକାରଙ୍କ ନିଦ ହଜାଇଦେଇଛି। କାରଣ ହେଉଛି, ଏହି ସହରରେ ଆତ୍ମହତ୍ୟା କରୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା। ଏକଦା ଅଶୀ ଦଶକରେ ରାଜସ୍ଥାନର ଅନ୍ୟତମ ଶିଳ୍ପନଗରୀ ଥିବା କୋଟା, କଟନ ଶାଢ଼ି ଓ ଚୂନପଥର ପାଇଁ ପ୍ରସିଦ୍ଧ ଥିଲା। କିନ୍ତୁ ନବେଦଶକ ପରେ ନୂଆ ନୂଆ କୋଚିଂ ଅନୁଷ୍ଠାନମାନ ଖୋଲିବା ପରେ ଏହାର ପରିଚୟ ବଦଳିଲା। ଦେଶର କୋଣ ଅନୁକୋଣରୁ ଛାତ୍ରୀଛାତ୍ର ମେଡିକାଲ ଓ ଆଇ.ଆଇ.ଟି. ପରି ପରୀକ୍ଷା ପାଇଁ ପ୍ରସ୍ତୁତି କରିବା ଲାଗି ଏଠାକୁ ଆସିବାକୁ ଲାଗିଲେ। ତେବେ କୋଟା ସହରରେ ଛାତ୍ରୀଛାତ୍ରମାନଙ୍କର ଆତ୍ମହତ୍ୟା ଘଟଣା ନୂଆ ନୁହେଁ। ରାଜସ୍ଥାନ ବିଧାନସଭାରେ ରଖାଯାଇଥିବା ଉତ୍ତର ଅନୁଯାୟୀ ବିଗତ ଦଶବର୍ଷରେ ଏହି ଆତ୍ମହତ୍ୟା କରିଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୫୦ରୁ ଅଧିକ ହେବ। ରାଜସ୍ଥାନ ସରକାର ଏହି ଘଟଣାକୁ ଏବେ ଗୁରୁତ୍ୱର ସହ ନେବା ସହିତ ମୁଖ୍ୟମନ୍ତ୍ରୀ ଏକ କମିଟି ଗଠନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତ ପରି ୧୪୦କୋଟି ଜନସଂଖ୍ୟାବିଶିଷ୍ଟ ରାଷ୍ଟ୍ରରେ ଗୋଟିଏ ସହରରେ ଆଠ ମାସରେ ବାଇଶଟି ଆତ୍ମହତ୍ୟା ହୁଏତ ସଂଖ୍ୟା ଦୃଷ୍ଟିରୁ ବେଶି ହୋଇ ନ ପାରେ, କିନ୍ତୁ ଏହି ସମସ୍ତ ଆତ୍ମହତ୍ୟା ଯଦି ଗୋଟିଏ ନିର୍ଦ୍ଦିଷ୍ଟ ବୟସ ଗୋଷ୍ଠୀର ଏବଂ ନିର୍ଦ୍ଦିଷ୍ଟ କାରଣ ପାଇଁ ହେଉଥାଏ, ତାହା ନିଶ୍ଚିତ ଭାବରେ ଚିନ୍ତାର ବିଷୟ।

କୋଟା ସହରରେ ପ୍ରାୟ ଦୁଇଶହରୁ ଅଧିକ କୋଚିଂ ଅନୁଷ୍ଠାନ ରହିଛି, ଯେଉଁଗୁଡ଼ିକ ବିଭିନ୍ନ ସର୍ବଭାରତୀୟ ପରୀକ୍ଷା ପାଇଁ ପିଲାମାନଙ୍କୁ କୋଚିଂ ଦିଅନ୍ତି। ପ୍ରାୟ ଦୁଇରୁ ତିନି ଲକ୍ଷ ପିଲା ପ୍ରତିବର୍ଷ ଭାରତର ବିଭିନ୍ନ ପ୍ରାନ୍ତରୁ ଏଠାକୁ କୋଚିଂ ନେବା ପାଇଁ ଆସିଥାନ୍ତି। ବଢୁଥିବା ଆତ୍ମହତ୍ୟା ପଛରେ ମାନସିକ ଅବସାଦ ବା ଚାପ ତ ନିଶ୍ଚିତ ରହିଛି, ତେବେ ସେସବୁର କାରଣ ଯଦି ଆମେ ଖୋଜିବାକୁ ଯିବା ପ୍ରଥମେ ଆସିବ ସେଠାରେ ଥିବା ଘରୋଇ କୋଚିଂ ଅନୁଷ୍ଠାନଗୁଡ଼ିକ। ଆଡ୍‌ମିଶନ ହେବା ମାତ୍ରେ ଏକ ତୀବ୍ର ପ୍ରତିଯୋଗିତା ମୂଳକ ପରିବେଶ ମଧ୍ୟକୁ ଠେଲି ଦିଆଯାଏ ପିଲାଙ୍କୁ। ଡେଲି ଟେଷ୍ଟ, ସାପ୍ତାହିକ ଟେଷ୍ଟ, ଅର୍ଦ୍ଧମାସିକ ତଥା ମାସିକ ଟେଷ୍ଟ ଆଦିଗୁଡ଼ିକ ମଧ୍ୟରେ ରୁନ୍ଧି ହୋଇଯାଏ ପିଲାଟି। ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ସର୍ଭେର ରିପୋର୍ଟ ଅନୁଯାୟୀ କୋଟା ସହରରେ ସମୁଦାୟ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଅନୁପାତ ହେଉଛି ୧:୧୨୫। ପ୍ରତି କ୍ଲାସ୍‌ରୁମ୍‌ରେ ଶହେରୁ ଅଧିକ ପିଲା, ତେଣୁ ସବୁ ପିଲାଙ୍କ ପାଇଁ ଶିକ୍ଷକମାନଙ୍କର ବ୍ୟକ୍ତିଗତ ନିରୀକ୍ଷଣ ସମ୍ଭବପର ହୋଇପାରେ ନାହିଁ। ଏକ ଛୋଟ ସହରରୁ ଯାଇଥିବା ତଥା ସାଧାରଣ ମେଧାସମ୍ପନ୍ନ ପିଲାଟିଏ



ଏପରି ଗୋଟିଏ ପରିବେଶରେ ସବୁବେଳେ ନିଜକୁ ଖାପ ଖୁଆଇ ପାରେନାହିଁ। ବାରମ୍ବାର ଟେଷ୍ଟରେ ର୍‍ୟାଙ୍କ୍ କମ୍ ଆସିବା ହେତୁ ଉଭୟ ଘରୁ ଓ କୋଚିଂ ଅନୁଷ୍ଠାନରୁ ଚାପର ଶିକାର ହୁଏ ପିଲାଟି। ପୁଣି ବର୍ତ୍ତମାନ ସମୟରେ କୋଟାରେ କେତେଗୁଡ଼ିଏ କୋଚିଂ ସେଣ୍ଟରର ବାର୍ଷିକ ଫି ଚାରିରୁ ପାଞ୍ଚ ଲକ୍ଷ ଟଙ୍କା। ବାରମ୍ବାର ର୍‍ୟାଙ୍କ୍ କମ୍ ଆସିବା ହେତୁ, ଗୋଟିଏ ସାଧାରଣ ମଧ୍ୟବିତ୍ତ ପରିବାରରୁ ଏତେଗୁଡ଼ିଏ ଟଙ୍କା ଖର୍ଚ୍ଚ କରି ପଢ଼ିବାକୁ ଆସିଥିବା ପିଲାଟି ପ୍ରଦର୍ଶନଜନିତ ଚାପର ଶିକାର ହୁଏ। ଆଉ ଏହି ସବୁ ଚାପ ମଧ୍ୟରେ ନିଜର ପରିବାର ତଥା ଆତ୍ମୀୟଙ୍କଠାରୁ ହଜାର ହଜାର କିଲୋମିଟର ଦୂରରେ ଥିବା ପିଲାଟିର ମାନସିକ ଅବସ୍ଥା କେମିତି ରହୁଥିବ ତାହା ସହଜରେ ଅନୁମେୟ।

ଅନେକେ ହୁଏତ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଆଇ.ଆଇ.ଟି. ବା ମେଡିକାଲ ପାଇଁ ପାଠପଢ଼ା ଆଉ ୧୧ ଏବଂ ୧୨ ଶ୍ରେଣୀରେ ସୀମିତ ନାହିଁ। କୋଚିଂ ସେଣ୍ଟରଗୁଡ଼ିକ ଫାଉଣ୍ଡେଶନ୍ କୋର୍ସ ନାଁରେ ଷଷ୍ଠ, ସପ୍ତମ ଶ୍ରେଣୀରେ ପଢୁଥିବା ପିଲାମାନଙ୍କୁ ମେଡିକାଲ ଅଥବା ଇଞ୍ଜିନିୟରିଂ ଉଇଙ୍ଗ୍‌ରେ ବିଭକ୍ତ କରି ତଦନୁଯାୟୀ ସେମାନଙ୍କୁ କୋଚିଂ ଦେଉଛନ୍ତି। ଥରେ ଭାବି ଦେଖିଲେ, ଦଶ/ବାର ବର୍ଷର ପିଲାଟିଏ, ଯାହାକୁ ଦୁନିଆ କିମ୍ବା କ୍ୟାରିଅର ବିଷୟରେ ସାମାନ୍ୟତମ ଜ୍ଞାନ ନ ଥିବ, ତାକୁ ହିଁ ଆମେ ପ୍ରତିଯୋଗିତାର ଅନ୍ଧକୂପ ଭିତରକୁ ଠେଲି ଦେଉଛନ୍ତି। ଅନେକେ ଜାଣି ନ ଥିବେ କୋଟା ସହର ଓ ତା'ର ଆଖପାଖରେ ଅନେକ ଗୁଡ଼ିଏ ସ୍କୁଲ ରହିଛି; ଯେଉଁଗୁଡ଼ିକ ରାଜସ୍ଥାନ ବୋର୍ଡ କିମ୍ବା ସି.ବି.ଏସ୍.ଇ. ସହିତ ଅନୁବନ୍ଧିତ। ସେହି ସବୁ ସ୍କୁଲଗୁଡ଼ିକରେ ଉପସ୍ଥାନର କୌଣସି ଧରାବନ୍ଧା ନିୟମ ନ ଥାଏ। କୋଟାର କୋଚିଂ ସେଣ୍ଟରଗୁଡ଼ିକ ସହିତ ସେମାନଙ୍କର ସଲାସୁତରା ଥାଏ, ଯାହାଫଳରେ ପିଲାମାନେ ସେହି ସ୍କୁଲ ସବୁରେ ନାମଲେଖାଇ କୋଟାରେ ରହି କେବଳ କୋଚିଂ ସେଣ୍ଟର ଗୁଡ଼ିକରେ ପାଠ ପଢ଼ିବେ। ସ୍କୁଲରେ ଉପସ୍ଥାନର କୌଣସି ଗୁରୁତ୍ୱ ନ ଥିବାରୁ ସେମାନେ କେବଳ ପରୀକ୍ଷା ସମୟରେ ହିଁ ସ୍କୁଲ ଆସିବେ। ଥରେ ଭାବନ୍ତୁ, ସ୍କୁଲ, ଯାହା କି ଗୋଟିଏ ପିଲାର ଶୈକ୍ଷିକ, ବୌଦ୍ଧିକ ତଥା ନୈତିକ ଶିକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଆମେ ଅଭିଭାବକ ହିସାବରେ ପିଲାଟିକୁ ସେସବୁରୁ ବଞ୍ଚିତ କରି ସେମାନଙ୍କୁ ଏମିତି ଏକ ରେସ୍‌ରେ ଦୌଡ଼ିବାକୁ ବାଧ୍ୟ କରୁଛନ୍ତି; ଯେଉଁ ରେସ୍‌ର ଗୁରୁତ୍ୱ ବୁଝିବାକୁ ସେ ପିଲାଟି ନିଜେ ମଧ୍ୟ ସକ୍ଷମ ହୋଇନାହିଁ।

ତେବେ କୋଚିଂ ସେଣ୍ଟର, ଅଭିଭାବକମାନଙ୍କ ଛଡ଼ା ଆଉ ଯେଉଁ ମୁଖ୍ୟ କାରଣଟି ଲୁଚି ରହିଛି ତାହା ହେଲା ଆମ ସମାଜ, ଯାହାର ଅଂଶ ଆମେ ନିଜେ ଓ ଆଜିକାଲିର ପରୀକ୍ଷାକେନ୍ଦ୍ରିକ ଶିକ୍ଷା ବ୍ୟବସ୍ଥା। ଛୋଟବେଳରୁ ପିଲାଟି ପାଠପଢ଼ାରେ ଭଲ ପ୍ରଦର୍ଶନ କଲେ ତା' ମୁଣ୍ଡରେ ଭର୍ତ୍ତି କରିଦିଆଯାଉଛି ଯେ ଆଇ.ଆଇ.ଟି. କିମ୍ବା ମେଡିକାଲ କଲେଜରେ ସ୍ଥାନ ନ ମିଳିଲେ ସମାଜରେ ସମ୍ମାନ ମିଳିବ ନାହିଁ। କଳା, ଦର୍ଶନ ଶାସ୍ତ୍ର, ଆଇନ, ରାଜନୀତି ବିଜ୍ଞାନ, ଖେଳକୁଦ ଆଦି କୌଣସି ବିଷୟରେ ପିଲାର ଇଚ୍ଛା ଥାଇପାରେ, କିନ୍ତୁ ଆମେ ସେସବୁକୁ ଅଣଦେଖା କରିଦେଇ ମେଡିକାଲ କିମ୍ବା ଇଞ୍ଜିନିୟରିଂ ଉପରେ ହିଁ ଚାପ ଦେଉ। ଅବଶ୍ୟ ଏହା ପଛରେ ଗୋଟେ କାରଣ ରହିଛି। ସ୍ୱାଧୀନତା ପରେ ଭାରତର ସ୍ୱାସ୍ଥ୍ୟ ବ୍ୟବସ୍ଥା ଯେବେ ସେତେଟା ଉନ୍ନତ ନ ଥିଲା, ସେବେ ଡାକ୍ତରୀ ବୃତ୍ତିକୁ ଅତ୍ୟନ୍ତ ସମ୍ମାନଜନକ ତଥା ଲାଭଜନକ ବୃତ୍ତି ରୂପେ ବିବେଚନା କରାଯାଉଥିଲା। ସେହିପରି ଅଶୀ ଓ ନବେ ଦଶକ ଆଡ଼କୁ ଦ୍ରୁତ ଶିଳ୍ପାୟନ ଫଳରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଲା ଏବଂ ସେ ସମୟରେ ଦେଶରେ ଇଞ୍ଜିନିୟରିଂ କଲେଜ ସଂଖ୍ୟା ମଧ୍ୟ ବେଶି ନ ଥିଲା। ତେଣୁ ଡାକ୍ତରୀ ଓ ଇଞ୍ଜିନିୟରିଂ ବୃତ୍ତି ସମାଜରେ ଏକ ସ୍ୱତନ୍ତ୍ର ସ୍ୱୀକୃତି ପାଇଥିଲା ଓ ମେଧାବୀ ଛାତ୍ରୀଛାତ୍ରମାନେ ଏ ଦୁଇଟିରେ ନିଜ କ୍ୟାରିଅର ଗଢ଼ିବାକୁ ଆଗ୍ରହୀ ଥିଲେ। କିନ୍ତୁ ସମୟ ଏବେ ବଦଳିଛି, ଇଞ୍ଜିନିୟରିଂ ଓ ମେଡିକାଲ କଲେଜର ସଂଖ୍ୟା ମଧ୍ୟ ଯଥେଷ୍ଟ ଭାବରେ ବୃଦ୍ଧି ପାଇଛି। ଏକ ପରିସଂଖ୍ୟାନ ଅନୁଯାୟୀ ଆଗାମୀ ଦଶବର୍ଷ ଭିତରେ ଭାରତ ବିଶ୍ୱର ସର୍ବାଧିକ ଡାକ୍ତରୀ ଓ ଇଞ୍ଜିନିୟରିଂ ବୃତ୍ତିଧାରୀ ଲୋକଙ୍କର ଦେଶ ହେବ। ତେଣୁ ବର୍ତ୍ତମାନ ସମୟରେ ଏହି ମାନସିକତାରୁ ଆମ ସମସ୍ତଙ୍କୁ ବାହାରିବାକୁ ପଡ଼ିବ ଯେ, ଏହି ଦୁଇଟି ବୃତ୍ତି ବା ଏହି ପ୍ରକାର ପ୍ରତିଯୋଗିତାମୂଳକ ପରୀକ୍ଷାର ର୍‍ୟାଙ୍କ୍ ହିଁ ଗୋଟିଏ ପିଲାକୁ ମେଧାବୀର ସାର୍ଟିଫିକେଟ୍ ଦେବ।

ତେବେ କୋଟା ସହରର ସମସ୍ୟା ପ୍ରଶାସନିକ ଦୃଷ୍ଟିରୁ ରାଜସ୍ଥାନର ସମସ୍ୟା ହୋଇପାରେ କିନ୍ତୁ ପ୍ରକୃତରେ ଏହା ଆମ ସମସ୍ତଙ୍କର ସମସ୍ୟା। ଯଦି ଆମେ ଏଣ୍ଟ୍ରାନ୍ସ ପରୀକ୍ଷାର ଫଳାଫଳକୁ ବିଚାରକୁ ନେବା, ସଫଳତା ପାଉଥିବା ପିଲାମାନଙ୍କର ସଂଖ୍ୟା ସମୁଦାୟ ପରୀକ୍ଷା ଦେଉଥିବା ପିଲାମାନଙ୍କ ସଂଖ୍ୟାର ଏକ ପ୍ରତିଶତ। ବାକି ଅନେଶତ ପ୍ରତିଶତ ପିଲା ଯେଉଁମାନେ କି ଏତେ କୋମଳ ବୟସରୁ ସମାଜ ହେଉ କିମ୍ବା ପରିବାର ଚାପରେ ପଡ଼ି ଏ ରେସ୍‌ରେ ଦୌଡ଼ି ବିଫଳ ହୋଇଛନ୍ତି, ସେମାନଙ୍କ କଥା ଅନ୍ତତଃ ଥରୁଟିଏ ଭାବିବା।

**ସହକାରୀ ଉପବିଭାଗ ଅଧିକାରୀ,
ଲୋକସେବା ଭବନ ଓଡ଼ିଶା, ଭୁବନେଶ୍ୱର,
ମୋ: ୮୯୧୭୩୭୨୯୭୯**

# ଜଳ ସଞ୍ଚୟେ ସମୃଦ୍ଧି



ପ୍ରଣତି ଆଚାର୍ଯ୍ୟ ମିଶ୍ର

ପୃଥିବୀରେ ନିଃଶ୍ୱାସ ନେବା ପାଇଁ ସ୍ୱଚ୍ଛ ବାୟୁ ପରେ ସମସ୍ତଙ୍କୁ ପିଇବା ପାଇଁ ପାଣି ଦରକାର। କିନ୍ତୁ କିଛି ଲୋକଙ୍କୁ ପିଇବା ପରେ ମଧ୍ୟ ପ୍ରଚୁର ପରିମାଣରେ ପାଣିର ଆବଶ୍ୟକତା ରହିଛି, ଏଠାରେ ଏବଂ ସେଠାରେ ଢାଳିବା ପାଇଁ। ଯେଉଁମାନେ ପାଣିର ଅପବ୍ୟବହାର କରନ୍ତି ସେମାନଙ୍କୁ ଦେଖି ଅନେକ କିଛି ମନରେ ଆସେ। ପାଣି ବ୍ୟବହାରର ବିଶୃଙ୍ଖଳିତ ବ୍ୟବସ୍ଥା ଆମ ଦେଶରେ ଏକ ବିଡ଼ମ୍ବନା। କେହି କେହି ନିଜ କାର୍ ଧୋଇବା ପାଇଁ ଶହ ଶହ ଲିଟର ପାଣି ଢାଳନ୍ତି ତ କାହାକୁ ବ୍ୟବହାର ପାଇଁ ବାଲଟିଏ ପାଣି ମିଳେ ନାହିଁ। ସତ କଥା ହେଉଛି ପାଣିର ଉପଲବ୍ଧତା ସୁନିଶ୍ଚିତ ହେବା ଦରକାର! ଯେଉଁମାନେ କିଣିପାରୁଛନ୍ତି ସେମାନଙ୍କ ପାଇଁ ବିଦେଶରୁ ମଧ୍ୟ ପାଣି ଆସୁଛି, କିନ୍ତୁ ଗରିବ ଲୋକମାନେ ଏକ ଗ୍ଲାସ ବିଶୁଦ୍ଧ ପାଣି ପାଆନ୍ତି ନାହିଁ। ଆଜି ଭାରତରେ ପାଖାପାଖି ୨ହଜାର ନଦୀ ଅଛି, କିନ୍ତୁ ଏତେ ଅପରିଷ୍କାର ଯେ ସହରଗୁଡ଼ିକରେ ପିଇବା ପାଣିର ସଙ୍କଟ ଦେଖାଯାଏ। ପ୍ରତି ଦୁଇ ଦିନରେ ଟ୍ୟାଙ୍କରରୁ ପାଣି ଆସେ। ଜଳ ପ୍ରକୃତିର ଏକ ଉପହାର। କିନ୍ତୁ ଏହି ମୂଲ୍ୟବାନ ପାଣି ନିଜ ପାଇଁ କୌଣସି ଉପଯୁକ୍ତ ସ୍ଥାନ ପାଉନାହିଁ ଏବଂ ସ୍ମାର୍ଟ ସିଟିର ସଙ୍କୀର୍ଣ୍ଣ ଗଳିରେ ଦୁର୍ଗନ୍ଧିତ ହେଉଛି। ଆମେ କେବେ ଜଳର ମୂଲ୍ୟ ବୁଝିପାରିନାହୁଁ। ହଜାର ହଜାର ବର୍ଷ ଧରି ଏକ ଚିରନ୍ତନ ସତ୍ୟର ପୁନରାବୃତ୍ତି ହେଉଛି। ଜଳ ସଙ୍କଟ ଦୂର କରିବାର ସରଳ ଉପାୟ ବର୍ଷାଜଳ ସଂରକ୍ଷଣ। ବର୍ଷା ଜଳ ଅତ୍ୟନ୍ତ ଶୁଦ୍ଧ ଓ ଲାଭଦାୟକ ବୋଲି ଅନେକ ଥର ପ୍ରମାଣିତ ହୋଇଛି। କିନ୍ତୁ ଏ ଦିଗରେ ସଚେତନତା ଏବେ ବି ଖୁବ୍ କମ୍ ରହିଛି। ଆମେ ବର୍ଷ ସାରା ଘରୋଇ ବ୍ୟବହାରରେ ଜଳର ଆବଶ୍ୟକତା ଅନୁଭବ କରିଥାଉ। ସାଧାରଣତଃ ଜଣେ ବ୍ୟକ୍ତି ଦୈନିକ ପାଖାପାଖି ଚାଳିଶରୁ ପଚାଶ ଲିଟର ପାଣି ନିଜ ପାଇଁ ବ୍ୟବହାର କରିଥାଏ। କିନ୍ତୁ ଆମର ବ୍ୟବହୃତ ପାଣି ମାଟି ଭିତରକୁ ନ ଯାଇ ଡ୍ରେନରେ ପଚି ଯାଏ।

ନଦୀ କୂଳରେ ମାନବ ସଭ୍ୟତାର ବିକାଶ ହୋଇଛି। ଭାରତୀୟ ସଂସ୍କୃତିରେ ନଦୀକୁ ମା' କୁହାଯାଏ। କାରଣ ଏହି ନଦୀ ପାନୀୟ ଜଳ ରୂପରେ ଜୀବନ ଦେଇଥାଏ। କିନ୍ତୁ ଲୋଭି ମାନବ ପ୍ରାରମ୍ଭିକ ବିକାଶର ଚକ୍ରରେ ଫସି ଯାଇ ସମସ୍ତ ନଦୀକୁ ବିଷାକ୍ତ କରିଦେଇଥିଲା। ଆମ ଦେଶର ୪୦୦ ନଦୀ ପ୍ରଦୂଷଣର ଶିକାର ହେଉଛି। ଆଗାମୀ ଦିନରେ ଏହି ୪୦୦ ନଦୀ ଡ୍ରେନରେ ପରିଣତ ହେବ ବୋଲି ବିଶ୍ୱାସ କରାଯାଉଛି। ଭୂତଳ ଜଳସ୍ତର ହ୍ରାସ ପାଉଥିବାରୁ ଚେନ୍ନାଇ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସହର ପାଣିର ବ୍ୟବହାରକୁ ସୀମିତ କରୁଛି। କାରଖାନାଗୁଡ଼ିକ ଯୋଗୁ ଜଳସ୍ତର ହ୍ରାସ ପାଇଛି। କେତେକ ସଚେତନ ସହରର ଲୋକମାନେ ନିଜ ସ୍ତରରେ ସେଭ ୱାଟର ଗ୍ରୁପ୍ ଗଠନ କରିଛନ୍ତି। ଏହି ଲୋକମାନେ ଶପଥ ନେଇଥାନ୍ତି ଯେ କୌଣସି ଉପାୟରେ ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ



ଅତି କମ୍‌ରେ ଏକ ବାଲଟି ପାଣି ସଞ୍ଚୟ କରିବେ। ତାଙ୍କ ପାଇଁ କଲୋନିରେ ଟ୍ୟାଙ୍କର ରଖାଯାଇଛି।

ଲୋକମାନେ ସେହି ବାଲ୍ଟିକୁ ପୂରା ଦାୟିତ୍ୱରେ ଭର୍ତ୍ତି କରନ୍ତି। ଏବେ କଲୋନିର ପାର୍କ ଓ ବଗିଚାକୁ ସବୁଜ ରଖାଯାଇଛି, ଯେଉଁଥିରେ ସଂରକ୍ଷିତ ପାଣି ରହିଛି। ଧୀରେ ଧୀରେ ଏତେ ଶୃଙ୍ଖଳା ଆସିଛି ଯେ ଲୋକମାନେ ପ୍ରତିଦିନ ଦୁଇ ବାଲଟି ପାଣି ସଞ୍ଚୟ କରନ୍ତି। କିନ୍ତୁ ଏଭଳି ଉଦାହରଣ କ୍ୱଚିତ ଦେଖିବାକୁ ମିଳେ। ଏହା ଆଶାର କିରଣ ହୋଇପାରେ, କିନ୍ତୁ ଏହା ଏକ କଇଁଛ ଚାଲି ସଦୃଶ। ଭାରତର ହଜାର ହଜାର ସହର ଓ ଗାଁରେ ଏହା ପ୍ରସାରିତ ହେବା ଦରକାର ଯେ ପାଣିକୁ ନଷ୍ଟ କରାଯିବା ଉଚିତ ନୁହେଁ, ଯଦି ଭବିଷ୍ୟତକୁ ବଞ୍ଚାଇବାକୁ ଚାହୁଁଛନ୍ତି ତେବେ ଜଳ ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି କରାଯିବା ଉଚିତ। ଜଣେ ବୟସ୍କ ମହିଳା ବହୁତ ସୁନ୍ଦର କଥା କହିଥିଲେ, ପାଣି ସଞ୍ଚୟ କରିବା ପରିବର୍ତ୍ତେ ଏହାକୁ ନଷ୍ଟ କରନ୍ତୁ ନାହିଁ। କିଛି ଦିନ ତଳେ ଏକ ଲୋକଗୀତ ବାଜୁଥିଲା, ଯାହାର ମଧୁର ବାର୍ତ୍ତା ଥିଲା ବ୍ୟର୍ଥରେ ପାଣି ନ ଫିଙ୍ଗିବା ଦ୍ୱାରା ଅସୀମ ସମୃଦ୍ଧି ମିଳିଥାଏ। ପାଣି ସଞ୍ଚୟ କରି ଖୁସି, ସନ୍ତୁଳନ, ସୁସ୍ଥ ମନର ଅତ୍ୟନ୍ତ ପ୍ରେରଣାଦାୟକ କଥା ସେହି ଗୀତରେ ପ୍ରକାଶ ପାଇଥିଲା।

ପରିସଂଖ୍ୟାନ କହୁଛି ଯେ ବିଶ୍ୱରେ ପ୍ରାୟ ୧୦ ନିୟୁତ ବୋତଲ ପାଣି କିଣାଯାଏ। ଅନେକ ସମୟରେ ଅଧା ବୋତଲ ପାଣି ଫିଙ୍ଗି ଦିଆଯାଏ। ଏହା ପାଣିର ଅପମାନ। ଆମେ ସମସ୍ତେ ଏହି ମାନସିକତାରେ ଅଭ୍ୟସ୍ତ ହୋଇଯାଇଛୁ। ଆମେ ରୋଷେଇ ଘର ଏବଂ ବାଥ୍‌ରୁମ ପାଣିକୁ ବଗିଚା କରିବା ପାଇଁ ବ୍ୟବହାର କରୁନାହୁଁ। ପ୍ରତିଦିନ ଲକ୍ଷ ଲକ୍ଷ ଲିଟର ପାଣି ନାଳ ଭିତରକୁ ଯାଉଛି, କିନ୍ତୁ ପୃଥିବୀ ବିକଳ ହୁଏ ଯେ ତା' ପାଖକୁ ପାଣି ଫେରୁ ନାହିଁ। ଆମେ ଘରୋଇ ବ୍ୟବହାର ପାଇଁ ୯୦ ପ୍ରତିଶତ ପାଣି ଫିଙ୍ଗି ଦେଇଥାଉ। ଏହାର ସବୁଠାରୁ ଲଜ୍ଜାଜନକ ଉଦାହରଣ ହେଉଛି ଆର୍‌ଓ(ଫିଲ୍‌ଟର)ର ବ୍ୟବହାର। ଆର୍‌ଓ ଏପରି କାମ କରେ ଯେ ଯଦି ଦଶ ଲିଟର ପାଣି ସଫା କରିବାକୁ ପଡେ, ତେବେ ପଚିଶ ଲିଟର ପାଣି ନଷ୍ଟ ହୋଇଯାଏ। ସେହି ପାଣି କୁଆଡ଼େ ଯାଉଛି? ନାଳରେ। ଏହା ପାଣିର ଅପବ୍ୟବହାର। ଭାରତରେ ଯେଉଁଠି ପ୍ରତି ମାସରେ କୌଣସି ନା କୌଣସି ପୂଜା ପର୍ବରେ ପାଣିର ଅର୍ଚ୍ଚନା କରାଯାଏ, ଯେଉଁଠାରେ ସନ୍ତାନ ଜନ୍ମଠାରୁ ଆରମ୍ଭ କରି ବୟସ୍କଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଜଳକୁ ବ୍ୟବହାର କରାଯାଏ, ସେଠାରେ ଲୋକମାନେ ଜଳର ଅତି ନିର୍ମମ ବ୍ୟବହାର କରିଥାନ୍ତି। ଜଳର ମୂଲ୍ୟ ବୁଝି ନ ପାରିବା ଓ ବିଭିନ୍ନ ଉପାୟରେ ନଷ୍ଟ କରିବାର ପରିଣାମ ହେଉଛି ସମଗ୍ର ଦେଶରେ ଜଳ ଉପଲବ୍ଧତା ୨୦ ବର୍ଷ ତଳେ ଯାହା ଥିଲା ଏବେ ଯଥେଷ୍ଟ ହ୍ରାସ ପାଇଛି।

**ନୟାଗଡ଼, ମୋ: ୯୪୩୭୬୪୨୯୪୭**

## ଏଇ ଭାରତରେ

ଅନେକ ସନ୍ତାନ ପରିବାରରେ ମାତାପିତାଙ୍କୁ ଏକୁଟିଆ ଛାଡ଼ି ଦେଇ ଅନ୍ୟତ୍ର ରହୁଥିବା ଦେଖାଯାଉଛି। ଏଭଳି ସ୍ଥିତିରେ ସେମାନେ ଖାଇଲେ କି ନାହିଁ ତା'ଉପରେ ବି ଚିନ୍ତା କରୁନାହାନ୍ତି। ଅନେକ ମାତାପିତା ଅସହାୟ ଅବସ୍ଥାରେ ଜୀବନ ବିତାଉଛନ୍ତି ତ ଅନେକେ ବୃଦ୍ଧାଶ୍ରମକୁ ଚାଲିଯାଉଛନ୍ତି। କିନ୍ତୁ ପୁଣେର ଦୀପଙ୍କର ଏଭଳି ଅନେକ ବୃଦ୍ଧାବୃଦ୍ଧଙ୍କ ଆଶାବାଡ଼ି ପାଲଟିଛନ୍ତି। ଦୀପଙ୍କର ସେମାନଙ୍କୁ ମାଗଣାରେ ଖାଦ୍ୟ ଯୋଗାଇ ଦେଉଛନ୍ତି। ସେ ଆର୍ଟ ଅଫ୍ ହେଲ୍‌ପିଂ ଫାଉଣ୍ଡେଶନ ଦ୍ୱାରା ଏହି ସେବା ଜାରି ରଖିଛନ୍ତି। ଦୀପଙ୍କରଙ୍କ ସହ ଅନେକ ସ୍ୱେଚ୍ଛାସେବୀ ସାମିଲ ହୋଇଛନ୍ତି। ସେମାନେ ଘରେ ଅସହାୟ ଅବସ୍ଥାରେ ଥିବା ବୃଦ୍ଧାବୃଦ୍ଧଙ୍କ ନିକଟରେ ପ୍ରତିଦିନି ଖାଦ୍ୟ ପହଞ୍ଚାଇ ଦେଉଛନ୍ତି। କେବଳ ମାଗଣାରେ ଖାଦ୍ୟ ଦେଉନାହାନ୍ତି, ବରଂ ସେମାନଙ୍କୁ ତେଜରାତି, ବସ୍ତ୍ର ଓ ଔଷଧ ଯୋଗାଇ ଦେଉଛନ୍ତି; ଏପରି କି ସେମାନଙ୍କ ଘର ମଧ୍ୟ ସଫା କରିଦେଉଛନ୍ତି। ବହୁ ସମୟରେ ସ୍ୱେଚ୍ଛାସେବୀମାନେ ବୃଦ୍ଧାବୃଦ୍ଧଙ୍କ ନିକଟରେ ରହି ସେମାନଙ୍କ ମନକୁ ହାଲୁକା କରୁଛନ୍ତି। ଦୀପଙ୍କରଙ୍କୁ ୨ ବର୍ଷ ହୋଇଥିବାବେଳେ ସେ ପିତାଙ୍କୁ ହରାଇଥିଲେ। ପରେ ବହୁ କଷ୍ଟରେ ଶିକ୍ଷା ଶେଷକରି ଚାକିରି କରିଥିଲେ, କିନ୍ତୁ ତାହାକୁ ଛାଡ଼ି ଏହି କାର୍ଯ୍ୟ କରୁଛନ୍ତି। ଏବେ ସେ ୨୦୦-୩୦୦ ବୃଦ୍ଧାବୃଦ୍ଧଙ୍କୁ ନେଇ ଏକ ବୃଦ୍ଧାଶ୍ରମ ଖୋଲିବାକୁ ଯୋଜନା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୭ ଫେବୃଆରୀ ୧୯୭୫

- ପାରାଦୀପଠାରେ କ୍ରୋମ ପଥର ବୋଝେଇ ନେଇ ଦୁଇ ଦଳଙ୍କ ମଧ୍ୟରେ ସଂଘର୍ଷ ଘଟିବା ଫଳରେ ୫୦ ଜଣ ଗିରଫ।
- ମେଘାଳୟ ମନ୍ତ୍ରିମଣ୍ଡଳରେ ଜଣେ କ୍ୟାବିନେଟ ଓ ୩ ରାଷ୍ଟ୍ରମନ୍ତ୍ରୀଙ୍କ ଯୋଗଦାନ ପରେ ମନ୍ତ୍ରିମଣ୍ଡଳ ସଭ୍ୟ ସଂଖ୍ୟା ୧୧ରେ ପହଞ୍ଚିଛି।
- ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସେକ୍ରେଟାରୀ ମହମ୍ମଦ ଅତାଉର ରହମନ ପଶ୍ଚିମ ଜର୍ମାନୀରେ ଭାରତର ନୂଆ ରାଷ୍ଟ୍ରଦୂତ।

## sudoku / ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | 9 | | | | | 2 | | 4 |
| | 8 | | | | | 1 | | |
| | 6 | 4 | | | | 9 | | 8 |
| | | | | 1 | 9 | 8 | | |
| | | | | | 7 | | | |
| | | 2 | | 5 | | | 1 | 7 |
| | 5 | | 9 | | 8 | | 4 | |
| | | | | | 1 | 7 | | |
| 4 | | | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 9 | 7 | 4 | 1 | 8 | 2 | 5 |
| 2 | 4 | 5 | 9 | 3 | 8 | 7 | 1 | 6 |
| 8 | 1 | 7 | 5 | 6 | 2 | 3 | 9 | 4 |
| 9 | 8 | 4 | 2 | 1 | 5 | 6 | 3 | 7 |
| 1 | 2 | 6 | 3 | 7 | 4 | 9 | 5 | 8 |
| 7 | 5 | 3 | 8 | 9 | 6 | 1 | 4 | 2 |
| 5 | 7 | 2 | 1 | 8 | 9 | 4 | 6 | 3 |
| 6 | 9 | 8 | 4 | 2 | 3 | 5 | 7 | 1 |
| 4 | 3 | 1 | 6 | 5 | 7 | 2 | 8 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିଯୁକ୍ତି ପାଇଁ କିଛି ନାହିଁ

ମହାଶୟ,

ଦେଶର ଅର୍ଥମନ୍ତ୍ରୀ ଯେଉଁ ବଜେଟ ଉପସ୍ଥାପନା କଲେ ସେଥିରେ ଏମିତି କୌଣସି ନୂଆ ଖବର ନ ଥିଲା ; ଯେଉଁଥିପାଇଁ ସାଧାରଣ ଜନତା ଖୁସି ହେବେ। ବଜେଟରେ ୨୦୪୭ରେ ଭାରତକୁ ଗୋଟିଏ ବିକଶିତ ଦେଶ ଭାବେ ଠିଆ କରାଇବାର ସ୍ୱପ୍ନ ଦିଆଗଲା । ଏଇ ତେଇଶ ବର୍ଷର ସମୟ କିଛି କମ୍ ନୁହେଁ। ବର୍ତ୍ତମାନର ସରକାରଙ୍କୁ ବେକାର ସମସ୍ୟା ଉପରେ ବିରୋଧୀ ଘେରୁଥିବାରୁ ସରକାର ଯୁବ ପିଢ଼ିଙ୍କୁ କିପରି ଚାକିରି ଦିଆଯିବ ତା' ଉପରେ ବଜେଟରେ ଉଲ୍ଲେଖ ରହିଥିଲା କିନ୍ତୁ କେତେ ସଫଳ ହେବ କିଏ ଜାଣେ । ଦେଶରେ ସୋଲାର ପାୱାର ବା ସୂର୍ଯ୍ୟ ଶକ୍ତିକୁ କିପରି ସାଧାରଣ ଲୋକଙ୍କ ପାଖକୁ ପହଞ୍ଚାଇବେ ସେଥିପାଇଁ ବଜେଟରେ ସ୍ଥାନ ଦିଆଯାଇଛି । ସୌର ଶକ୍ତି ୩୦୦ୟୁନିଟର ବିଦ୍ୟୁତ ଉତ୍ପାଦନ କରି ପନ୍ଦର ହଜାରରୁ ଅଠର ହଜାର ଟଙ୍କା ବଞ୍ଚାଇପାରିବ। ଇନ୍‌କମ ଟ୍ୟାକ୍ସରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଦେଶର ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ଇଣ୍ଟେରିୟମ ବଜେଟ ଭିତରେ ଆତ୍ମବିଶ୍ୱାସ ରହିଛି ଏହି ବଜେଟ ଦେଶର ଚାରୋଟି ସ୍ତମ୍ଭକୁ ସଶକ୍ତୀକରଣ କରିବ। ସେଗୁଡ଼ିକ ଯଥାକ୍ରମେ ହେଲେ ଯୁବଗୋଷ୍ଠୀ, ଦରିଦ୍ର, ମହିଳା ଓ ଚାଷୀ। କିନ୍ତୁ ଦେଶର ପ୍ରକୃତ ବଜେଟ ନିର୍ବାଚନ ପରେ ହିଁ ଆସିବ। ନିର୍ବାଚନକୁ ଆଖିରେ ରଖି ଅର୍ଥମନ୍ତ୍ରୀ ବଜେଟ ବିଷୟରେ କମ୍ ବରଂ ଭାଜପା ସରକାରଙ୍କ ଉପଲବ୍ଧି ଉପରେ ବେଶି କହିଛନ୍ତି।

**–କାଳି ଦାସ, ବ୍ରହ୍ମପୁର, ଖୋ କଳିଙ୍ଗନଗର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନ ଆସ ତହିଁ ନ ଦିଅ ଦେଖା
ବ୍ୟଥିତ ମୁହିଁ ଫେରଇଁ ଘରେ
ଅଭିମାନର ଲୋତକ ରାଶି
ନ ପଡେ ତଳେ ନୟନେ ମରେ।
–(ନିଜ ଭୁଲା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ୨ ବ୍ରାଉନସୁଗାର ଡିଲରଙ୍କୁ ଧରିଲା ସ୍ପେଶାଲ କ୍ରାଇମ୍ ୟୁନିଟ୍

## ୪୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ




**ଭୁବନେଶ୍ୱର,୬।୨(ସତ୍ୟଜିତ୍ ରାଉତ):** କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ ହାତରେ ଧରାପଡ଼ିଛନ୍ତି ଦୁଇ ବ୍ରାଉନସୁଗାର ଡିଲର। ପୋଲିସ ଟିମ୍ ମଙ୍ଗଳବାର ସକାଳେ ପାହାଲ ନିକଟରେ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଖୁଣ୍ଟୁଣୀ ଗ୍ରାମର ଶିବ ପ୍ରସାଦ ଦାସ (୨୭) ଓ ଜଗବନ୍ଧୁ ଦାସ (୨୯)। ସେମାନଙ୍କ ନିକଟରୁ ୪୦ ଲକ୍ଷ ଟଙ୍କାର ୪୦୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏଥିସହ ଗୋଟିଏ ଆର୍-୧୫ ବାଇକ୍, ମୋବାଇଲ ଏବଂ ନଗଦ ୩୫ଶହ ଟଙ୍କା ଜବତ ହୋଇଛି। ଏନେଇ ସ୍ପେଶାଲ କ୍ରାଇମ ୟୁନିଟ୍ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ବୁଧବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯୁକ୍ତ ଦ୍ୱୟ କିଛିଦିନ ହେଲା ଖୋର୍ଦ୍ଧାରୁ ବ୍ରାଉନସୁଗାର ଆଣି ଭୁବନେଶ୍ୱର ସମେତ ବିଭିନ୍ନ ଅଞ୍ଚଳରେ ଥିବା ଛୋଟ ବ୍ୟବସାୟୀଙ୍କୁ ବିକ୍ରି କରୁଥିଲେ। ଅଭିଯୁକ୍ତଦ୍ୱୟଙ୍କ ଉପରେ ସ୍ପେଶାଲ କ୍ରାଇମ ୟୁନିଟ୍ ଟିମ୍ କିଛିଦିନ ହେଲା ନଜର ରଖିଥିଲା। ପାହାଲ ନିକଟରେ ଥିବା ଜାଣି ପୋଲିସ ଟିମ୍ ଚଢ଼ାଉ କରି ଉଭୟଙ୍କୁ କାବୁ କରିଥିଲା। ତେବେ ଏହି ରାକେଟ୍‌ରେ ଆଉ କେତେ ସଦସ୍ୟ ଥିବା ପୋଲିସ ସନ୍ଦେହ କରୁଛି। ସେମାନେ ଖୋର୍ଦ୍ଧା ଓ ବାଲେଶ୍ୱରର ବଡ଼ ବ୍ରାଉନସୁଗାର ବେପାରୀଙ୍କ ସହ ଲିଙ୍କ୍‌ରେ ରହୁଥିଲେ। ଏହି ମାମଲାରେ ଅଧିକ ତଥ୍ୟ ଯୋଗାଡ଼ କରିବାକୁ ଆବଶ୍ୟକତା ପଡ଼ିଲେ ଅଭିଯୁକ୍ତଦ୍ୱୟଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ସୂଚନା ଦିଆଯାଇଛି।





ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଏକାମ୍ର ଉତ୍ସବର ମଙ୍ଗଳବାର ୪ର୍ଥ ସନ୍ଧ୍ୟାରେ ପରିବେଷିତ ନୃତ୍ୟ ଓ ନାଟକ। (ଫଟୋ-ମୌସମ ନନ୍ଦ)

**ଏକାମ୍ର ଉତ୍ସବର ଚତୁର୍ଥ ସନ୍ଧ୍ୟା**

# ନୃତ୍ୟରେ ଓଡ଼ିଶାର ଇତିହାସ, ରୂପାନ୍ତରଣ ଗାଥା



ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ଓ କଳାକାର, ଅତିଥିଙ୍କ ସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍।

**ଭୁବନେଶ୍ୱର,୬।୨(ଶର୍ମିଷ୍ଠା ପାଣିଗ୍ରାହୀ)**

ନୃତ୍ୟରେ ଭରି ରହିଥିଲା ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ। ରାଜ୍ୟର ଇତିହାସ ଆଉ ବର୍ତ୍ତମାନର ରୂପାନ୍ତର ଓଡ଼ିଶା। ଲକ୍ଷ୍ମୀପୂଜା, କବିଙ୍କ ହାତର କିଛି ସୁନ୍ଦର ଲେଖା, ପଞ୍ଚସଖା ଯୁଗ, ଭାରତ ଛାଡ଼ ଆନ୍ଦୋଳନ, କର ଅବା ମର ସ୍ଲୋଗାନ, ଉତ୍କଳ ପ୍ରଦେଶ ଗଠନ, ଶାସ୍ତ୍ରୀୟ ଭାଷା ମାନ୍ୟତା, କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା, ନଅଙ୍କ ଦୁର୍ଭିକ୍ଷରୁ ବାତ୍ୟା ମୁକାବିଲା, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ସରକାରଙ୍କ ଯୋଜନା ଆଉ ରୂପାନ୍ତରଣ ଓଡ଼ିଶାର ଗାଥା। ଅବସର ଥିଲା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଆୟୋଜିତ ଏକାମ୍ର ଉତ୍ସବର ଚତୁର୍ଥ ସନ୍ଧ୍ୟା। ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ସଂଯୋଜନାରେ ଓଡ଼ିଶୀ ଡ୍ୟାନ୍ସ ଏକାଡେମୀ, ନୃତ୍ୟ ନୈବେଦ୍ୟ, ନୂପୁର ଆଦି ବିଭିନ୍ନ ଅନୁଷ୍ଠାନର ୧୫୦ରୁ ଊର୍ଦ୍ଧ୍ୱ ଶିଳ୍ପୀଙ୍କ ନୃତ୍ୟ ପରିବେଷଣ ଆରମ୍ଭରୁ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ଏହାପରେ କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରା ଜଗନ୍ନାଥଙ୍କ ଭଜନରୁ ତାଙ୍କ ପ୍ରଦର୍ଶନ ରଖିଥିଲେ। ଜୟ ଜଗନ୍ନାଥ, କାଳିଆରେ...ଓ ସାଥିୟା...,ରଙ୍ଗବତୀ.. ଆଦି ଗୀତ ଗାଇଥିଲେ। ଅଭିନେତା କୁନା ତ୍ରିପାଠୀ ମଜାଳିଆ ଢଙ୍ଗରେ ଭାଷାକୁ ନେଇ ବେଶ ରୋଚକ କଥା କହିଥିଲେ। ସନ୍ଧ୍ୟାର ଅନନ୍ୟ ଆକର୍ଷଣ ସାଜିଥିଲା ବୁଢ଼ାବୁଢ଼ୀ ନାଟକ। ଏହା ମାଧ୍ୟମରେ ମାତୃଭାଷାକୁ ନେଇ ଏକ ସୁନ୍ଦର ବାର୍ତ୍ତା ଦିଆଯାଇଥିଲା। ଜୀବନର ପରିଣତ ବୟସରେ ବୁଢ଼ାବୁଢ଼ୀ ଓଡ଼ିଶାର ସବୁ ଜିଲା ବୁଲିବାକୁ ଯାଆନ୍ତି। ସବୁ ଜିଲାର ମହିମା, ଚାଲି ଚଳଣି, ଖାଦ୍ୟ- ପିଠା ପଣା ଓ ଭାଷା ମଧ୍ୟ ଜାଣନ୍ତି। ଓଡ଼ିଶାରେ କେତେ ସୁନ୍ଦର ଭାଷା ଓ ତା'ର କହିବା ଶୈଳୀକୁ ଶୁଣନ୍ତି ଓ ଶିଖନ୍ତି ମଧ୍ୟ। ସତରେ ଆମ ଓଡ଼ିଆ ଭାଷା କେତେ ମଧୁର। ଭାଷା ହିଁ ଭବିଷ୍ୟତ ବୋଲି ଏହି ନାଟକରେ ବାର୍ତ୍ତା ଦିଆଯାଇଥିଲା। ଅଭିନୟରେ ପ୍ରଜ୍ଞା, ଶଙ୍କର, ଅନ୍ତର୍ଯ୍ୟାମୀ ପଣ୍ଡା, ବ୍ରଜ ସିଂହ, ଦେବୁ ବ୍ରହ୍ମା, ହାଡ୍ଡୁ, ଟୁକୁନା, ସ୍ମୃତି, ଚିରଞ୍ଜିବ, ଐଶ୍ୱର୍ଯ୍ୟା ପ୍ରମୁଖ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲେ। ଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ମନ୍ତ୍ରୀ ରୀତା ସାହୁ ଓ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଉପସ୍ଥିତ ଥିଲେ।

### ସମ୍ବର୍ଦ୍ଧିତ କଲେ ୫-ଟି ଅଧ୍ୟକ୍ଷ

ଏକାମ୍ର ଉତ୍ସବରେ କଳା କ୍ଷେତ୍ରରେ ଅବଦାନ ରଖିଥିବା ୨୧ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ଦେବାଶିଷ ମହାପାତ୍ର, ଗୀତା ଦାଶ, ଘନଶ୍ୟାମ ମହାପାତ୍ର, ସବ୍ୟସାଚୀ ମହାପାତ୍ର, ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟ, ଶିଶିର ମିଶ୍ର, ବିଭୁ ଦାସ, ଗଦାଧର ପୁଛି, ତାନସେନ ସିଂ, ହରିପ୍ରସାଦ ଚୌରାସିଆ, ଗୀତା ପଟ୍ଟନାୟକ, ଅଲେଖ ବିଶ୍ୱାଳ, ଶୀର୍ଷାନନ୍ଦ କାନୁନ୍‌ଗୋ, ଦେବଦାସ ଛୋଟରାୟ, ସୁବାସ ଦାଶ, ଦିଲ୍ଲୀପ ରାୟ, ସୁରେନ୍ଦ୍ର ସାହୁ, ସୌଦାମିନୀ ମିଶ୍ର, ନମ୍ରତା ଦାସ, ପ୍ରଦ୍ୟୁମ୍ନ ଲେଙ୍କା ଓ ବସନ୍ତ ସାହୁ। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଅତିଥି ଭାବେ ଯୋଗଦେଇ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ସେ ଗୁରୁ ଅରୁଣା ମହାନ୍ତିଙ୍କୁ ସମ୍ମାନିତ କରିବା ସହ ସମସ୍ତ ନୃତ୍ୟଶିଳ୍ପୀଙ୍କ ସହ ଫଟୋ ଉଠାଇଥିଲେ। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ ମଧ୍ୟ ଉପସ୍ଥିତ ଥିଲେ।



କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରା ସଙ୍ଗୀତ ପରିବେଷଣ କରୁଛନ୍ତି।

## ବିମାନବନ୍ଦରରେ ଲିଙ୍କ୍ ବିଲ୍ଡିଂ ଉଦ୍‌ଘାଟିତ




ବିମାନବନ୍ଦରର ଲିଙ୍କ୍ ବିଲ୍ଡିଂ ଉଦ୍‌ଘାଟନ ଉତ୍ସବରେ ମନ୍ତ୍ରୀ ଟୁକୁନୀ ସାହୁ, ଏମ୍‌ପି ଅପରାଜିତା ଷଡଙ୍ଗୀ ଓ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ।



ଉଦ୍‌ଘାଟିତ ହୋଇଥିବା ବିମାନବନ୍ଦର କୋଠା।

**ଭୁବନେଶ୍ୱର, ୬।୨(ଅସମାପିକା ସାହୁ)**

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଲିଙ୍କ୍ ବିଲ୍ଡିଂ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଫଳରେ ଟର୍ମିନାଲ-୧ ସହ ଟର୍ମିନାଲ- ୨ ଯୋଡ଼ିହୋଇଛି। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଭି. କେ. ସିଂହ ଭିଡିଓ କନଫରେନ୍ସିଂ ଜରିଆରେ ଏହାର ଉଦ୍‌ଘାଟନ କରିଛନ୍ତି। ୩,୩୬୦ ବର୍ଗମିଟର ଅଞ୍ଚଳ ପରିମିତ ନୂଆ ଲିଙ୍କ୍ ବିଲ୍ଡିଂଟି ସ୍ୱତନ୍ତ୍ର ଭାବେ ଅନ୍ତର୍ଜାତୀୟ ଯାତ୍ରୀଙ୍କ ଆଗମନ ପାଇଁ ବ୍ୟବହାର ହେବ। ଏଥିରେ ଦୁଇଟି କନ୍‌ଭେୟର ବେଲ୍ଟ, ୩ଟି ଏସ୍‌କାଲେଟର, ୩ଟି ଲିଫ୍ଟ ରହିଛି। ଏଥିସହିତ ଏଠାରେ ୧୨ଟି ଇମିଗ୍ରେସନ କାଉଣ୍ଟର ରହିଛି। ନୂଆ ଲିଙ୍କ୍ ବିଲ୍ଡିଂ ଯୋଗୁ ଭୁବନେଶ୍ୱର ବିମାନବନ୍ଦରର ଯାତ୍ରୀ ପରିବହନ କ୍ଷମତା ପୂର୍ବର ୪.୧୫ ନିୟୁତରୁ ବଢ଼ି ୪.୬୫ ନିୟୁତରେ ପହଞ୍ଚିଥିବା ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି। ଉଦ୍‌ଘାଟନୀ ଅବସରରେ ଭୁବନେଶ୍ୱର ବିମାନବନ୍ଦରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇଥିଲେ।

## ଏବେଠୁ ତାତିଲାଣି ଓଡ଼ିଶା

- ୩୫ ଡିଗ୍ରୀରେ ୨ ସହର
- ୧୦ ପରେ ବଦଳିପାରେ ପାଣିପାଗ

**ଭୁବନେଶ୍ୱର, ୬।୨(ଅସମାପିକା ସାହୁ)**

ରାଜ୍ୟରେ ଫେବୃଆରୀ ଆରମ୍ଭରୁ ଲୋକଙ୍କୁ କଲବଲ କଲାଣି ତାତି। ଉପକୂଳରୁ ଆଭ୍ୟନ୍ତରୀଣ ଓଡ଼ିଶା, ସବୁଆଡ଼େ ପ୍ରବଳ ଖରା ଓ ଗରମ ଲୋକଙ୍କୁ ଅସ୍ତବ୍ୟସ୍ତ କଲାଣି। ସୋମବାର ରାତ୍ରି ତାପମାତ୍ରା ଉପକୂଳରେ ସ୍ୱାଭାବିକଠାରୁ ୨ରୁ ୫ଡିଗ୍ରୀ ଅଧିକ ରେକର୍ଡ କରାଯାଇଥିବାବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ ୩ରୁ ୭ଡିଗ୍ରୀ ଅଧିକ ରହିଥିଲା। ମଙ୍ଗଳବାର ରାଜ୍ୟର ୧୩ଟି ସହରରେ ଦିନ ତାପମାତ୍ରା ୩୩ ଡିଗ୍ରୀ ଓ ଏହାଠାରୁ ଅଧିକ ରେକର୍ଡ କରାଯାଇଛି। ପାରଳାଖେମୁଣ୍ଡି ଏବଂ ଭବାନୀପାଟଣାରେ ରାଜ୍ୟର ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଟିଟିଲାଗଡ଼ ଏବଂ ମାଲକାନଗିରିରେ ୩୪.୫, ଭୁବନେଶ୍ୱର ୩୪.୪, ବଲାଙ୍ଗୀର ୩୩.୮, ଅନୁଗୋଳ ଏବଂ ଝାରସୁଗୁଡ଼ାରେ ୩୩.୭, ଢେଙ୍କାନାଳ ୩୩.୬, ସୋନପୁର ୩୩.୫, ଚାନ୍ଦବାଲି ୩୩.୨, ଭଦ୍ରକ ୩୩.୧, କଟକରେ ୩୩ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ତେବେ ଆସନ୍ତା ତିନିଦିନ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ଖରା ଅନୁଭୂତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଅନ୍ୟପଟେ ଗତ କିଛି ବର୍ଷର ରେକର୍ଡକୁ ଦେଖିଲେ ସାଧାରଣତଃ ଫେବୃଆରୀ ତୃତୀୟ ସପ୍ତାହ ପରେ ତାପମାତ୍ରା ବୃଦ୍ଧି ହୋଇଥାଏ। ୨୦୨୧ରେ ଫେବୃଆରୀ ୨୦ରେ ରାଜ୍ୟର ତାପମାତ୍ରା ୪୦ ଡିଗ୍ରୀ ପାର କରିଥିଲା। କିନ୍ତୁ ଚଳିତବର୍ଷ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଲ୍‌ନିନୋ ପ୍ରଭାବ ଏବଂ ସ୍ଥାନୀୟ ଜଳବାୟୁରେ ପରିବର୍ତ୍ତନ ଏହାର କାରଣ ବୋଲି ପାଣିପାଗ ବିଜ୍ଞାନୀ କହୁଛନ୍ତି। ଅପରପକ୍ଷେ ଆସନ୍ତା ୧୦ତାରିଖ ପରେ ରାଜ୍ୟରେ ପାଣିପାଗରେ ପରିବର୍ତ୍ତନ ଆସିପାରେ। ୧୧ତାରିଖରୁ ରାଜ୍ୟର କିଛି ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି। ୧୧ରେ ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ନୂଆପଡ଼ା ଏବଂ ୧୨ରେ କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

## ସ୍ୱତନ୍ତ୍ର ଡ୍ରାଇଭ୍, ୪ ମଦ୍ୟପ ଚାଳକ ଗିରଫ

**ଭୁବନେଶ୍ୱର,୬।୨ (ସତ୍ୟଜିତ୍ ରାଉତ)**

କମିଶନରେଟ୍ ପୋଲିସର ସ୍ପେଶାଲ ଡ୍ରାଇଭ୍ ଜରିଆରେ ୪ଜଣ ମଦ୍ୟପ କାର୍ ଚାଳକ ଧରାପଡ଼ିଛନ୍ତି। ଲକ୍ଷ୍ମୀସାଗର ଥାନା ପକ୍ଷରୁ ସମସ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ସେମାନେ ବ୍ୟବହୃତ କରିଥିବା ୪ଟି କାର୍ ଜବତ କରାଯାଇଛି। ସୂଚନାଯୋଗ୍ୟ, ଲକ୍ଷ୍ମୀସାଗର ଥାନାର ୪ଟି ପୋଲିସ ଟିମ୍ ସୋମବାର ରାତିରେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଗୋଲେଇ ଛକ ନିକଟରେ ରହି ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକଙ୍କ ବିରୋଧରେ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ୍ କରିଥିଲେ। ସେହି ସମୟରେ ଅଭିଯୁକ୍ତମାନେ ଦ୍ରୁତ ବେଗରେ ବେପରୁଆ ଭାବେ ଗାଡି ଚାଳନା କରୁଥିବା ଦେଖି ପୋଲିସ ସେମାନଙ୍କୁ ଅଟକାଇ ଯାଞ୍ଚ କରିଥିଲା। ସେମାନେ ଅତ୍ୟଧିକ ମାତ୍ରାରେ ମଦ୍ୟପାନ କରି ଗାଡି ଚାଳନା କରୁଥିବା ଜଣାପଡ଼ିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏନେଇ ୪ଟି ପୃଥକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଏହି ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ୍ ରାଜଧାନୀରେ ଆଗକୁ ମଧ୍ୟ ଜାରି ରହିବ ବୋଲି ସୂଚନା ଦିଆଯାଇଛି।

# ଯୁବପିଢ଼ିଙ୍କୁ ବିମାନ ଚଳାଚଳ ସମ୍ବନ୍ଧୀୟ ଦକ୍ଷତା ତାଲିମ

**ଭୁବନେଶ୍ୱର, ୬।୨(ଅସମାପିକା ସାହୁ)**

ରାଜ୍ୟର ଯୁବପିଢ଼ିଙ୍କୁ ଦିଆଯିବ ବିମାନ ଚଳାଚଳ ସମ୍ବନ୍ଧୀୟ ଦକ୍ଷତା ତାଲିମ। ଏଥିପାଇଁ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ସହ ମିଶି ଜିଏମ୍‌ଆର୍ ଏରୋ ଏକାଡେମୀ(ଜିଏମ୍‌ଆର୍‌ଏଏ) ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ କରିଛି। ଏହି ପରିପ୍ରେକ୍ଷୀରେ ବିମାନ ଚଳାଚଳ ନିର୍ଦ୍ଦେଶାଳୟ, ରାଜ୍ୟ ଦକ୍ଷତା ବିକାଶ ଓ ନିଯୁକ୍ତି ନିର୍ଦ୍ଦେଶାଳୟ ଏବଂ ଜିଏମ୍‌ଆର୍ ମଧ୍ୟରେ ମଙ୍ଗଳବାର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଉକ୍ତ ବୁଝାମଣାପତ୍ର ଅନୁସାରେ, ସାର୍ଟିଫିକେଶନ ଇନ୍ ଏୟାରପୋର୍ଟ ଅପରେଶନ୍(ସିଏଓ), ବେସିକ୍ ଫାୟାର ଫାଇଟର୍ସ କୋର୍ସ(ବିଏଫ୍‌ଏଫ୍‌ସି)




ଦୁଇ ମନ୍ତ୍ରୀଙ୍କ ଉପସ୍ଥିତିରେ ବୁଝମଣାପତ୍ର ସ୍ୱାକ୍ଷର ହେଉଛି।

ଏବଂ ଏୟାର କାର୍ଗୋ ମ୍ୟାନେଜମେଣ୍ଟ ଏକ୍‌ଜିକ୍ୟୁଟିଭ୍(ଏସିଏମ୍‌ଇ) ଭଳି ସ୍ୱତନ୍ତ୍ର ପାଠ୍ୟକ୍ରମରେ ୩୦୦ରୁ ଅଧିକ ଓଡ଼ିଆ ଯୁବକଙ୍କୁ ଦକ୍ଷ ତାଲିମ ଦିଆଯିବ। ସେହିପରି ବିଜୁ ପଟ୍ଟନାୟକ ବିମାନ ଚଳାଚଳ କେନ୍ଦ୍ର(ବିପିଏସି) ଜରିଆରେ ବାଣିଜ୍ୟ ଓ ପରିବହନ ବିଭାଗ ସହ ହୋଇଥିବା ବୁଝାମଣାପତ୍ର ଓଡ଼ିଆ ଯୁବକଙ୍କ ପାଇଁ ବିମାନ ଚଳାଚଳ ଭିତ୍ତିକ ପାଠ୍ୟକ୍ରମରେ ନିଜକୁ ଉନ୍ନତ କରିବାର ସୁଯୋଗ ସୃଷ୍ଟି କରିବ। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଏବଂ ଦକ୍ଷତା ବିକାଶ

### ଜିଏମ୍‌ଆର୍‌ଏଏ ସହ ରାଜ୍ୟ ସରକାରଙ୍କ ଚୁକ୍ତି

ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଉପସ୍ଥିତ ଥିଲେ। ମନ୍ତ୍ରୀ ସାହୁ କହିଲେ, ୫-ଟି ଢାଞ୍ଚାରେ ଓଡ଼ିଶାରେ ବିମାନ ଚଳାଚଳ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ଏହି ପରିବର୍ତ୍ତନ କେବଳ ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରୁନାହିଁ, ବରଂ ଏକ ନୂଆ ଓଡ଼ିଶା ଗଠନରେ ସହାୟକ ହେଉଛି। ମନ୍ତ୍ରୀ ଘଡ଼େଇ କହିଲେ, ଓଡ଼ିଶା ଆଜି ବିଶ୍ୱସ୍ତରରେ ନିଜର ଉପସ୍ଥିତି ହାସଲ କରିପାରିଛି। ଜିଏମ୍‌ଆର୍ ସହିତ ଭାଗୀଦାରିର ନିଆଯାଉଥିବା ଏଭଳି ପଦକ୍ଷେପ ମାଧ୍ୟମରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ଭାବେ ଉଭା ହେବ ଏବଂ ଯୁବପିଢ଼ିଙ୍କ ପାଇଁ ଅତୁଳନୀୟ ଦକ୍ଷତା ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ଜିଏମ୍‌ଆର୍‌ଏଏର ମୁଖ୍ୟ ତଥା ଉପାଧ୍ୟକ୍ଷ ଏୟାର ମାର୍ଶାଲ କେ. ଅନନ୍ତରମଣ ସରକାରଙ୍କ ପ୍ରୟାସକୁ ପ୍ରଶଂସା କରି ଏହି ପଦକ୍ଷେପର ପରିବର୍ତ୍ତନକାରୀ ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିଲେ। ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମନୋଜ ମିଶ୍ର ଏବଂ ଅତିରିକ୍ତ ଶାସନ ସଚିବ ଦେବଦତ୍ତ ସୁରଞ୍ଜିତା ଜେନା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଓଏସ୍‌ଡି-କମ୍-ଅତିରିକ୍ତ ଶାସନ ସଚିବ ଗଙ୍ଗାଧର ସାହୁ, ଜିଏମ୍‌ଆର୍ ଏରୋ ଏକାଡେମୀର ପାରୁଲ କୁଳଶ୍ରେଷ୍ଠ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅକ୍ଷୟ ମିଶ୍ରଙ୍କୁ ଶ୍ରେଷ୍ଠ ଏନ୍‌ସିସି ଅଫିସର ପୁରସ୍କାର



**ବାଲୁଗାଁ,୬।୨(ସଂଗ୍ରାମ ପାଇକରାୟ)**

ବାଲୁଗାଁ ମହାବିଦ୍ୟାଳୟର ଏନ୍‌ସିସି ଅଧିକାରୀ ଡ.ଅକ୍ଷୟ ମିଶ୍ରଙ୍କୁ ତାଙ୍କ କାର୍ଯ୍ୟ ଦକ୍ଷତା ସହ ଆଞ୍ଚଳିକସ୍ତରରେ ପରିବେଶ ସୁରକ୍ଷା ଓ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟ ପାଇଁ ଚଳିତବର୍ଷ ଓଡ଼ିଶା ଡାଇରେକ୍ଟୋରେଟ ପକ୍ଷରୁ ରାଜ୍ୟସ୍ତରରେ ଶ୍ରେଷ୍ଠ ଏନ୍‌ସିସି ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ବାୟୁସେନା କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ମିଶ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ପ୍ରକାଶଥାଉ କି, ଡ. ମିଶ୍ର ପରିବେଶ ସୁରକ୍ଷା କ୍ଷେତ୍ରରେ ପୂର୍ବରୁ ପ୍ରକୃତିମିତ୍ର ଓ ପ୍ରକୃତିବନ୍ଧୁ ସମ୍ମାନ ଲାଭ କରିବା ସହ ଚଳିତ ବର୍ଷ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା ପାଇଁ ଖୋର୍ଦ୍ଧା ଡିଭିଜନ ପକ୍ଷରୁ ବିଜୁ ପଟ୍ଟନାୟକ ପୁରସ୍କାର ଲାଭ କରିବା ସହ ଅନେକ ସଚେତନତା ଓ ସେବାମୂଳକ କାର୍ଯ୍ୟ କରି ସମ୍ମାନିତ ହୋଇଛନ୍ତି। ଏଥିପାଇଁ ମିଶ୍ରଙ୍କୁ ବାଲୁଗାଁ ମହାବିଦ୍ୟାଳୟ ଅଧକ୍ଷା ଡ.କଳ୍ପନା ଦାଶ, ଡ.ଜୟନ୍ତୀ ସାମଲ, ଡ.ଲକ୍ଷ୍ମୀଧର ସୁବୁଦ୍ଧି, ଡ.କୈଳାସ ଚନ୍ଦ୍ର ମହାରଣା ଓ ମହାବିଦ୍ୟାଳୟର କର୍ମଚାରୀ ଶୁଭେଚ୍ଛା ଜଣାଇଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞ

**ଟାଙ୍ଗୀ,୬।୨(ରଘୁନାଥ ସାହୁ)**

ଟାଙ୍ଗୀ ଗ୍ରାମସ୍ଥିତ ମା'ରତ୍ନମାଳି ଦେବୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଆସନ୍ତା ୯ତାରିଖରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହେବ। କଳସ ଯାତ୍ରାରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସଂକୀର୍ତ୍ତନ ମଣ୍ଡଳୀଙ୍କ ସହ ଶ୍ରଦ୍ଧାଳୁମାନେ ନଗର ପରିକ୍ରମା କରି ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ସୂର୍ଯ୍ୟପୂଜା, ଧେନୁ ପୂଜା, ଚଣ୍ଡୀ ପାଠ, ମହା ଆଳତି ଓ ଆର୍ଯ୍ୟାହୂତି କାର୍ଯ୍ୟକ୍ରମ ପ୍ରତ୍ୟହ ଅନୁଷ୍ଠିତ ହେଉଛି। ଟାଙ୍ଗୀ, ବଡପାରୀ, ବ୍ରାହ୍ମଣ୍ଡି, ନୂଆଗାଁ, ପଥରବନ୍ଧ, ଚାନ୍ଦପୁର, ଏକତାଳ ଗ୍ରାମର ଜନସାଧାରଣ ଯୋଗଦେଇ ମା'ଙ୍କ କୃପା ଭିକ୍ଷା କରିଥିଲେ।

### ବୁଦ୍ଧଦେବ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଖୋର୍ଦ୍ଧା,୬।୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସ୍ପୋର୍ଟ୍ସଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠାନର ପୂର୍ବତନ ସଭାପତି ବୁଦ୍ଧଦେବ ମହାପାତ୍ରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଭ୍ୟ ଅକ୍ଷୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବୁଦ୍ଧଦେବଙ୍କ ସ୍ମୃତିଚାରଣ ସହ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ପୋର୍ଟ୍ସ ଆସୋସିଏଶନ ଜଣେ ପ୍ରବୀଣ ମାର୍ଗଦର୍ଶକଙ୍କୁ ହରାଇଲା ବୋଲି ସମ୍ପାଦକ ଉପେନ୍ଦ୍ର ନାଥ ଦାସ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତିପ୍ରକାଶ ମହାନ୍ତି, ଅକ୍ଷୟ ମହାନ୍ତି, ବାଲୁଙ୍କି ବିଶ୍ୱାଳ, କିଶୋର ଚନ୍ଦ୍ର ସେଠୀ, କାଳିଶଙ୍କର ରାଉତରାୟ, ଡାନିଏଲ ନାଏକ, ଅନିଲ କୁମାର ସାହୁ, ମକବୁଲ ଖାଁ, ମନୋରଞ୍ଜନ ଖୁଣ୍ଟିଆ, ହାସିମୁଦ୍ଦିନ ଖାଁ, ସୁଦର୍ଶନ ରଣା ଓ ବୀରକିଶୋର ସିଂ ପ୍ରମୁଖ ସ୍ୱର୍ଗତ ମହାପାତ୍ରଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# 'ଅଚଳ ବୋର୍‌ୱେଲ୍ ମାସକରେ କାର୍ଯ୍ୟକ୍ଷମ ହେବ'

**ବୋଲଗଡ଼,୬।୨(ଦେବବ୍ରତ ହୋତା)**

ବୋଲଗଡ଼ ଅଞ୍ଚଳରେ ପ୍ରତିବର୍ଷ ବିଭିନ୍ନ କାରଣରୁ ଫସଲହାନି ଘଟୁଛି। ଯାହାକି ଚାଷୀଙ୍କ ଚିନ୍ତାର କାରଣ ପାଲଟିଛି। ଏହି ଅଞ୍ଚଳରେ ୩୩ ପ୍ରତିଶତ ଜଳସେଚନ ସୁବିଧା ଥିବା ସରକାରୀ କାଗଜପତ୍ରରେ ଦର୍ଶାଯାଇଥିବା ବେଳେ ବାସ୍ତବରେ ସ୍ଥିତି ସମ୍ପୂର୍ଣ୍ଣ ଅଲଗା। ବୃହତ୍ ଜଳସେଚନ ପ୍ରକଳ୍ପ ନ ଥିବା ବେଳେ ଚେକ୍‌ଡ୍ୟାମ୍‌ଗୁଡ଼ିକ ବିପର୍ଯ୍ୟସ୍ତ ଓ ଅଧିକାଂଶ ବୋରିଂ ପଏଣ୍ଟ ଅଚଳ ହୋଇପଡ଼ିଛି। ଚଳିତ ଖରିଫ ଧାନଚାଷ ସମୟରେ ସ୍ୱଳ୍ପ ବୃଷ୍ଟିପାତ ଅନ୍ୟ କାରଣ ଯୋଗୁ ଫସଲହାନି ଘଟିଛି। ଏନେଇ ଚାଷୀମାନେ କ୍ଷତିଭରଣା ପାଇଁ ତହସିଲଦାର ଓ ଜିଲାପାଳଙ୍କ ନିକଟରେ ଦାବିକରି ଆସୁଛନ୍ତି। ହେଲେ କୌଣସି ସୁଫଳ ମିଳିନାହିଁ। ଚାଷୀମାନେ ଗତ ଜାନୁଆରୀ ୧୦ରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ୧୬ ତାରିଖରେ ଅଞ୍ଚଳର ଶତାଧିକ ଚାଷୀ ପ୍ରକାଶ ରାଉତରାୟଙ୍କ ଆବାହକତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ଅବସରରେ ଉପସ୍ଥିତ ଚାଷୀନେତା ଏବଂ ଅନ୍ୟମାନେ।

ଧାରଣା ଦେଇଥିଲେ। ତେବେ ସେଠାରେ ଉପଜିଲାପାଳ ପହଞ୍ଚି ୨୭ ତାରିଖରେ ଅଭିଯୋଗର ଶୁଣାଣି କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମାତ୍ର କୌଣସି ପ୍ରଶାସନିକ ଅଧିକାରୀ ଆଲୋଚନା ପାଇଁ ଆସିଲେ ନାହିଁ। ଫଳରେ ଚାଷୀମାନେ ବୋଲଗଡ଼ ବ୍ଲକ ଅଞ୍ଚଳକୁ ମରୁଡି ଘୋଷଣା, କୃଷି ଋଣ ସମ୍ପୂର୍ଣ୍ଣ ଛାଡ, ଜମିକୁ ଜଳସେଚନ ସୁବିଧା ଆଦି ଦାବି ପୂରଣ ପାଇଁ ପିଚୁକୁଳିସ୍ଥିତ ସୁଭାଷ ବୋଷ ପ୍ରତିମୂର୍ତ୍ତି ନିକଟରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ନମ୍ବର ଜାତୀୟ ରାଜପଥରେ ଫେବୃଆରୀ ୭ରେ ଅବରୋଧ କରିବାପାଇଁ ନିଷ୍ପତ୍ତି ନେଇଥିଲେ। ଏହି ସୂଚନା ପାଇବା ପରେ ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀ ମଙ୍ଗଳବାର ଚାଷୀନେତାଙ୍କୁ ତାଙ୍କ କାର୍ଯ୍ୟାଳୟକୁ ଡାକି ଆଲୋଚନା କରିଛନ୍ତି। ବେଗୁନିଆ ଥାନାଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ମାଧ୍ୟମରେ ଏହି ଆନ୍ଦୋଳନର ଆବାହକ ପ୍ରକାଶ ଚନ୍ଦ୍ର ରାଉତରାୟ ଓ ଅନ୍ୟ ୩ଜଣଙ୍କୁ ଡକାଇ ଏସ୍‌ଡିପିଓ ଦିଲୀପ କୁମାର ଦାସ, ସିଏସ୍‌ଓ ସୁଗୁଡ଼ା ମୁର୍ମୁ ଓ ଜିଲା କୃଷି ଅଧିକାରୀ ଶରତ ଚନ୍ଦ୍ର ପରିଡ଼ାଙ୍କ ଉପସ୍ଥିତିରେ ଚାଷୀଙ୍କ ଦାବି ପୂରଣ ନେଇ ଆଲୋଚନା ପରେ ନିଷ୍ପତ୍ତି ପାଇଁ ପୁଣି ୪ଦିନ ସମୟ ନେଇଛନ୍ତି। ତେବେ ବ୍ଲକ ଅଞ୍ଚଳର ଅଚଳ ବୋରୱେଲ ଆସନ୍ତା ଏକ ମାସ ମଧ୍ୟରେ ମରାମତି କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି। ଚାଷୀ ନେତା ପ୍ରକାଶଙ୍କ ସୂଚନା ଅନୁଯାୟୀ, ଆସନ୍ତା ୯ ତାରିଖରେ ମଧ୍ୟରେ ଦାବି ପୂରଣ ନ ହେଲେ ଚାଷୀମାନେ ରାଜରାସ୍ତାକୁ ଅବରୋଧ କରିବା ସହ ଧାରଣାରେ ବସିବା ପାଇଁ ନିଷ୍ପତ୍ତି ନେବେ। ଏହି ଆଲୋଚନାରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର ପ୍ରକାଶ ଚନ୍ଦ୍ର ରାଉତରାୟ, ବଡକୁମାରୀ ସମବାୟ ସମିତି ସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ, ପିଚୁକୁଳି ସମବାୟ ସମିତି ସଭାପତି ପବିତ୍ର ମୋହନ ମାଝୀ ଓ ଦେଉଳି ସମବାୟ ସମିତିର ସଭାପତି ବିଜୟ ସାହୁ ଉପସ୍ଥିତ ଥିଲେ।

# ଧର୍ମଘଟ ସଫଳ ପାଇଁ ଆହ୍ୱାନ




ସମ୍ମିଳନୀରେ ସୂଚନା ଦିଆଯାଉଛି।

**ଖୋର୍ଦ୍ଧା,୬।୨(ପ୍ରଭାତ ପାଣିଗ୍ରାହୀ)**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ-ଏମ) ଖୋର୍ଦ୍ଧା ଜିଲା ପକ୍ଷରୁ ମଙ୍ଗଳବାର ସିଆଇଟିୟୁ କାର୍ଯ୍ୟାଳୟ ପରିସରରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୬ ତାରିଖରେ ଦେଶବ୍ୟାପୀ ହେବାକୁ ଥିବା ଧର୍ମଘଟ ସମ୍ପର୍କରେ ଆଲୋଚନା ହୋଇଥିଲା। ଜନସାଧାରଣଙ୍କ ଉପରେ ଆର୍ଥିକ ବୋଝ ବଢିଚାଲିଛି। ଚାଷୀଙ୍କ ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଆର୍ଥିକ ଅନାଟନ ମଧ୍ୟରେ ପେଶି ହୋଇ ଚାଷୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି। ଆଦାୟ ଫସଲର ଉଚିତ ମୂଲ୍ୟ ପାଉନି ଚାଷୀ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ଓ ଚାଷୀ ମାରଣ ନୀତିକୁ ସମାଲୋଚନା କରିଥିଲେ। ତୈଳ ଉପରୁ ଟିକଟ ଛାଡ, ବଦ୍ୟୁତ କ୍ଷେତ୍ରରେ ପ୍ରିପେଡ ମିଟର, ଠିକା ନିଯୁକ୍ତି ବନ୍ଦ ତଥା ବେକାର ଯୁବକଯୁବତୀଙ୍କୁ ନିଯୁକ୍ତି, ଜୀବିକା ମିଶନରେ ଆଶା, ଅଙ୍ଗନୱାଡି ଓ କର୍ମଚାରୀଙ୍କୁ ସ୍ଥାୟୀ, ବ୍ୟାଙ୍କ ମିତ୍ର ଓ ସଖୀଙ୍କୁ ଶ୍ରମିକ ମାନ୍ୟତା ଆଦି ଦାବି ନେଇ ଧର୍ମଘଟକୁ ସଫଳ ପାଇଁ ଆହ୍ୱାନ ଦିଆଯାଇଛି। ଏହି ସମ୍ମିଳନୀରେ ଗିରିଶ ଚନ୍ଦ୍ର ମହାରଣା ସଭାପତିତ୍ୱ କରିଥିଲେ। ସିଆଇଟିୟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି, ଓଡ଼ିଶା କୃଷକ ସଭା ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ବାମପନ୍ଥୀ ନେତା ଅନନ୍ତ ମଙ୍ଗରାଜ, କୃଷକ ସଭା ଜିଲା ସମ୍ପାଦକ ସାରଙ୍ଗଧର ବେହେରା, ଶ୍ରମିକ ୟୁନିୟନ ସମ୍ପାଦକ ଯୋଗେନ୍ଦ୍ର ଦାସ, ଦୁର୍ଗା ପ୍ରସାଦ ସ୍ୱାଇଁ, ଦେବେନ୍ଦ୍ର ରାଉତ, ବାବୁ କିଶୋର ମାର୍ଥା, କୈଳାସ ବଳିୟାରସିଂ ପ୍ରମୁଖ ଯୋଗଦେଇ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ସମାଲୋଚନା କରିଥିଲେ।

**ନୀଳାମ୍ବୁ ମହୋତ୍ସବ ଚତୁର୍ଥ ସନ୍ଧ୍ୟା**

# ମନ ଜିଣିଲା ପାଇକ ଆଖଡ଼ା



ନୀଳାମ୍ବୁ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମଙ୍ଗଳବାର ପାଇକ ଆଖଡ଼ା ପ୍ରଦର୍ଶନ କରାଯାଉଛି।

**ଟାଙ୍ଗୀ,୬।୨(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଚିଲିକା ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ବାର୍ଷିକ ନୀଳାମ୍ବୁ ମହୋତ୍ସବର ମଙ୍ଗଳବାର ଥିଲା ଚତୁର୍ଥ ସନ୍ଧ୍ୟା। ବିଭିନ୍ନ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନର କୁନିକୁନି ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ରତନପୁରର ଉତ୍କଳ କନ୍ୟା ପାଇକ ଆଖଡ଼ା ପକ୍ଷରୁ ପାଇକ ଆଖଡ଼ା ପ୍ରଦର୍ଶନ କରାଯାଇଥିଲା, ଯାହାକି ଆକର୍ଷଣ ସାଜିଥିଲା। ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ବିଡିଓ ରେଶ୍ମା ଟେଟେ, ତହସିଲଦାର ମିତାଲି ପାତ୍ର, ଖୋର୍ଦ୍ଧା ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିନଟେଣ୍ଡେଣ୍ଟ ସତ୍ୟରଞ୍ଜନ ନନ୍ଦ, ଟାଙ୍ଗୀ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଭୂପେନ କୁମାର କର, ବିଶ୍ୱଭୂଷଣ ଛୋଟରାୟ, ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠର ପ୍ରଧାନଶିକ୍ଷକ ବିଶ୍ୱଜିତ ପଲାଇ, ବିଦ୍ୟାଳୟ ସଭାପତି ଗଣେଶ ବାରିକ, ଟାଙ୍ଗୀ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରା, ଚାନ୍ଦପୁର ଥାନା ଆଇଆଇସି ଜଗଦୀଶ ଚନ୍ଦ୍ର କର, ସଂସଦ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ପ୍ରବକ୍ତା ସରୋଜ କୁମାର ପାଇକରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଉଦଘୋଷକ ଭାବେ ସତ୍ୟନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ଜଟଣୀ,୬।୨(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ବ୍ଲକ ଅନ୍ତର୍ଗତ ମୁଣ୍ଡଳ ଗ୍ରାମରେ ସିଦ୍ଧ ମହାବୀର ଦେବଙ୍କ ୧୬ ତମ ବାର୍ଷିକ ଜନ୍ମ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଶନିବାର ତଥା ପ୍ରଥମ ଦିବସ ଏବଂ ରବିବାର ରାମ ନାଟକ ଇନ୍ଦ୍ରଜିତ ଏବଂ ରାବଣ ବଦ୍ଧ ପରିବେଷଣ କରାଯାଇଥିଲା। ରବିବାର ୫୦ରୁ ଉର୍ଦ୍ଧ୍ୱ ବ୍ରତଧାରୀ ମହିଳା ପୁରୁଷ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ରଙ୍ଗିଆ ନଈ ଘାଟରୁ ପୂଜାର୍ଚ୍ଚନା ପରେ କଳସ ଶୋଭାଯାତ୍ରାରେ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ସୋମବାର ସୂର୍ଯ୍ୟ ପୂଜା, ଗୋପୂଜା, ଗୀତା ପାଠ, ସନ୍ଧ୍ୟାଆଳତି, ଭଜନ ସମାରୋହ, ନାମ ସଂକୀର୍ତ୍ତନ ଏବଂ ମଙ୍ଗଳବାର ରୁଦ୍ରାଭିଷେକ, ଚଣ୍ଡୀପାଠ ସହିତ ମଙ୍ଗଳବାର ପୂର୍ଣ୍ଣାହୁତି ହୋଇଥିଲା। ଜ୍ଞାନ ରଞ୍ଜନ ଦାଶ ଓ ବାଳକୃଷ୍ଣ ମିଶ୍ର ବିଶ୍ୱଶାନ୍ତି ମହାଯଜ୍ଞର ପରିଚାଳନା ଦାଇତ୍ୱ ତୁଲାଇଥିବା ବେଳେ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀ ସହଯୋଗ କରିଥିଲେ। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ସତର୍କ, ସଜାଗ ରହିଲେ ସୁରକ୍ଷିତ ରହିବ



ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥିମାନେ।

**ଖୋର୍ଦ୍ଧା,୬।୨(ପ୍ରଭାତ ପାଣିଗ୍ରାହୀ)**

ପ୍ରାଣନାଥ (ପିଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କୁ ନେଇ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଆରମ୍ଭ ହୋଇଛି। ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ମହାବିଦ୍ୟାଳୟ ଅଧକ୍ଷା ଡ. ବିନୋଦିନୀ ମିଶ୍ର ସଭାପତିତ୍ୱ କରି ଛାତ୍ରୀଙ୍କୁ ଦୃଢ ଆତ୍ମବିଶ୍ୱାସ ରଖିବାକୁ ପରାମର୍ଶ ଦେଇଥିଲେ। କୌଣସି ବିପଦ ଆସିଲେ ଭୟଭୀତ ନ ହୋଇ ଧୈର୍ଯ୍ୟର ସହ ସମ୍ମୁଖୀନ ହେବାକୁ କହିଥିଲେ। ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଙ୍କୁ ରାଣୀ ଝାନ୍ସୀ, ଲକ୍ଷ୍ମୀବାଈଙ୍କ ପରି ସାହାସୀ ହେବାକୁ କହିଥିଲେ। ସମାଜ ପ୍ରତି ସେବା ସମର୍ପଣ ଭାବ ରଖି ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ। ପ୍ରାଧାପକ ଶୁଭେନ୍ଦ୍ର ମହାନ୍ତି ଛାତ୍ରୀମାନଙ୍କୁ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ହେବାକୁ କହିଥିଲେ। ସର୍ବଦା ସତର୍କ, ସାବଧାନ ରହିଲେ ସୁରକ୍ଷିତ ରହିବେ। ଏଥିସହ ଅନ୍ୟଙ୍କୁ ସହଯୋଗର ହାତ ବଢାଇବାକୁ କହିଥିଲେ। ସମାଜର ସର୍ବାଙ୍ଗୀନ ବିକାଶ, ଉନ୍ନତି ପ୍ରଗତି ଦିଗରେ ଅଗ୍ରସର ହେବାକୁ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟ ଉପାଧକ୍ଷ ପ୍ରଣବ ପ୍ରକାଶ ମହାନ୍ତି ନାରୀ ସ୍ୱାଧୀନତା ଓ ଛାତ୍ରୀମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧାପିକା ସୁଧାଂଶୁମାଳା ରାଉତ ଶିବିର ସଂଯୋଜନା କରିଥିଲେ। ପ୍ରଶିକ୍ଷିକାଭାବେ ଆସମା ବେଗମ, ଶୁଭସ୍ମିତା ମହାରଣା, ଲିପ୍ସା ପ୍ରଧାନ, ଲିପିକା ବରାଡ, ଅନିତା ମହାପାତ୍ର ଯୋଗଦେଇ ଛାତ୍ରୀମାନଙ୍କୁ ବିଭିନ୍ନ ଆତ୍ମରକ୍ଷା କୌଶଳ ଶିକ୍ଷା ଦେଇଥିଲେ। ଶିବିରରେ ବହୁ ଛାତ୍ରୀ ଯୋଗଦେଇଛନ୍ତି।

# ସୂଚନା ଅଧିକାର ନିୟମ ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା

**ଖୋର୍ଦ୍ଧା,୬।୨(ପ୍ରଭାତ ପାଣିଗ୍ରାହୀ)**

ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ସୂଚନା ଅଧିକାର ଆଇନ ପ୍ରକଳ୍ପ ପରିଚାଳନା ୟୁନିଟ୍ (ଆରଟିଆଇ ପିଏମୟୁ) ପକ୍ଷରୁ ମଙ୍ଗଳବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ଆୟୋଜିତ ଏହି ଶିବିରରେ ଜିଲାର ବିଭିନ୍ନ କାର୍ଯ୍ୟାଳୟର ଶହେରୁ ଉର୍ଦ୍ଧ୍ୱ ସୂଚନା ଅଧିକାରୀ ଓ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଯୋଗଦେଇଥିଲେ। ସୂଚନା ଅଧିକାର ଅଧିନିୟମ ୨୦୦୫ର ଧାରା-୪(୧)(ଖ) ଅଧୀନରେ ପ୍ରୋ ଆକ୍ଟିଭ ଡିକ୍ଲୋଜର ବାଧ୍ୟତାମୂଳକ ନିୟମାବଳୀ ବିଷୟରେ ତାଲିମ ଦିଆଯାଇଥିଲା। ଓଡ଼ିଶା ସରକାରଙ୍କ ସୂଚନା ଅଧିକାର



ଆଇନର ଡୋମେନ ଏକ୍ସପର୍ଟ ଶ୍ରୀହର୍ଷ ପରିଛା ଆଭାସୀ ମାଧ୍ୟମରେ ଶିବିର ପରିଚାଳନା କରିଥିଲେ। ଦୈନନ୍ଦିନ କାର୍ଯ୍ୟରୁ ବ୍ୟବହାରିକ ଉଦାହରଣ ଦେଇ ପରିଛା ସୂଚନା ଅଧିକାରର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ ସମୟରେ ଆସୁଥିବା ଆବେଦନ ଗୁଡିକ ପରିଚାଳନା ବେଳେ ସର୍ବଦା ନିୟମ ଅନୁଯାୟୀ କାର୍ଯ୍ୟ ତଥା ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଅନୁରୋଧ ଗୁଡିକର ଉତ୍ତର ପ୍ରଦାନ କରିବେ। ଧାରା ୪(୧)(ଖ)ର ନିୟମ ସମ୍ପର୍କରେ ଉପସ୍ଥିତ ପ୍ରଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ପ୍ରଶ୍ନୋତ୍ତର ଅଧିବେଶନରେ ଅଂଶଗ୍ରହଣକାରୀଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ସଂଯୋଜନା କରିଥିଲେ।

### ଶ୍ରୀମଦ ଭାଗବତ କଥା ମହୋତ୍ସବ

**ଟାଙ୍ଗୀ,୬।୨(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ କୁହୁଡିଠାରେ ଗୀତଭବନ ଅନୁକୂଲ୍ୟରେ ଚାଲିଥିବା ସପ୍ତଦିବସୀୟ ଶ୍ରୀମଦ ଭାଗବତ କଥା ମହୋତ୍ସବର ମଙ୍ଗଳବାର ଥିଲା ପଞ୍ଚମ ଦିବସ। ସ୍ୱାମୀ ଶ୍ରୀମୁକୁନ୍ଦ କୃଷ୍ଣଜୀ ମହାରାଜ, ଶ୍ରୀକୃଷ୍ଣ ମହାରାଜ ଗିରି ଗୋବର୍ଦ୍ଧନ କଥାମୃତ ଓ ଶ୍ରୀଜଗନ୍ନାଥ ସଂସ୍କୃତି ବିଷୟରେ ଆଲୋକପାତ କରିଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଯୋଗଦେଇଥିଲେ। ଶ୍ରଦ୍ଧାଳୁମାନେ ଛପନ ଭୋଗ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ସମର୍ପଣ କରାଇଥିଲେ। ବୁଧବାର ଶ୍ରୀକୃଷ୍ଣ ରୁକ୍ମଣୀ ବିବାହ ଉତ୍ସବ ଅନୁଷ୍ଠିତ ହେବ ବୋଲି ଗୀତାଭବନ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ବୀରେନ୍ଦ୍ର ଗିରି, ନାଗା ସାଧୁ ମହନ୍ତ, ଉଦ୍ଧବ ଭାରତୀ, ନାଗା ରଘୁନାଥ ଦାସ ମହାରାଜ ଉପସ୍ଥିତ ଥିଲେ।

# ଲେଣ୍ଡୋକୁ ହରାଇ ହରିପୁର ବିଜୟୀ

**ନିରାକାରପୁର,୬।୨(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ଲେଣ୍ଡୋ କ୍ରିକେଟ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଘୋଡାଶାଳ ପଡିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ହରିପୁର କ୍ରିକେଟ କ୍ଲବ ଓ ଲେଣ୍ଡୋ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ହରିପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮୫ ରନ ସଂଗ୍ରହ କରିଥିଲା। ଜବାବରେ ଲେଣ୍ଡୋ ଟିମ୍ ସମସ୍ତ ଉଇକେଟ ବିନିମୟରେ ୬୨ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ରିପୁନ ମଙ୍ଗରାଜ ଓ ଜଗୁନ ସାମଲ ମ୍ୟାଚ୍ ପରିଚାଳନା କରିଥିଲେ। ମୋହି ମଙ୍ଗରାଜ, ରୋଶନ ମଙ୍ଗରାଜ, ପଖିନ ପ୍ରଧାନ, ବବୁଲ ଖୁଣ୍ଟିଆ, ସୁମ ସ୍ୱାଇଁ, ଓମ୍ ବିଶ୍ୱାଳ, ଶକ୍ତି ମହାନ୍ତି, ପିପୁ ଛୋଟରାୟ , ବାବୁ ରାଉତରାୟ, ଶାନୁ ବିଶ୍ୱାଳ, ସୋନୁ ହରିଚନ୍ଦନରାୟ, ରାଜୁ ସ୍ୱାଇଁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ସେମିରେ କୁମାରବସ୍ତ ରାଇଜିଂଷ୍ଟାର

**ବୋଲଗଡ଼,୬।୨(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ କୋଦୁଅବେରେଣୀ ଖେଳପଡ଼ିଆରେ ଚାଲିଥିବା ଦ୍ୱାଦଶତମ ମା'ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ କଟକ ଜିଲାର ସୁନ୍ଦରଗାଁ କ୍ରିକେଟ କ୍ଲବ ଓ ଖୋର୍ଦ୍ଧା କୁମାରବସ୍ତ ରାଇଜଂଷ୍ଟାର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ସୁନ୍ଦରଗାଁ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୪.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୯୨ ରନ ସଂଗ୍ରହ କରିଥିଲା। ଜବାବରେ କୁମାରବସ୍ତ ଟିମ୍ ୫.୪ ଓଭରରେ ୩ ଉଇକେଟ ବିନିମୟରେ ୯୩ ରନ ସଂଗ୍ରହ କରି ମ୍ୟାଚ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। କବିନ୍ଦ୍ର ନାୟକ ଓ ବିନୟ ପାଇକରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚରେ ଅତିଥିଭାବେ ସାମାଜିକକର୍ମୀ ସାରଙ୍ଗଧର କର ଏବଂ ନିହାର ରଞ୍ଜନ ରାଉତ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କୁମାରବସ୍ତ ରାଇଜଂଷ୍ଟାର କ୍ରିକେଟ କ୍ଲବର ବିକାଶ ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଛି। ମା'ରାମଚଣ୍ଡୀ କ୍ଲବର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିଙ୍କଠାରୁ ଜଣେ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

# ଟାଙ୍ଗୋଳ ଫୁଟ୍‌ବଲ ଟୁର୍ନାମେଣ୍ଟ: ଟାଙ୍ଗୀ ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

**ନିରାକାରପୁର,୬।୨(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ଟାଙ୍ଗୋଳ ପଞ୍ଚାୟତସ୍ଥିତ ହାଇସ୍କୁଲ ଖେଳପଡ଼ିଆରେ ମା'ମଙ୍ଗଳା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟ୍‌ବଲ ଟୁର୍ନାମେଣ୍ଟରେ ଟାଙ୍ଗୀ ଫୁଟ୍‌ବଲ କ୍ଲବ ଚାମ୍ପିୟନ ହୋଇଛି। ମଙ୍ଗଳବାର ଫାଇନାଲ ମ୍ୟାଚ୍ ଟାଙ୍ଗୀ ଫୁଟ୍‌ବଲ କ୍ଲବ ଓ ଭୁବନେଶ୍ୱର ଫୁଟ୍‌ବଲ କ୍ଲବ ମଧ୍ୟରେ ହୋଇଥିଲା। ୨-୦ ଗୋଲରେ ଟାଙ୍ଗୀ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଚିତ୍ତରଞ୍ଜନ ପରିଡା, ଗୟା ନାୟକ ଓ ଦୟା ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ସାମାଜିକକର୍ମୀ ସଞ୍ଜୟ କୁମାର ପଟ୍ଟନାୟକ, ବିଶ୍ୱଭୂଷଣ ଛୋଟରାୟ, ସରପଞ୍ଚ ବିରେଶ ରାଜଗୁରୁ, ଖବରଦାତା ରାମନାରାୟଣ ଦାଶ, ଟଙ୍କଧର ମହାପାତ୍ର, ମନୋରଞ୍ଜନ ଚମ୍ପତି, ରତ୍ନାକର ସାହୁ, ନବକିଶୋର ପ୍ରଧାନ, ଆଲୋକ କୁମାର ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଓ ରନର୍ସଅପ୍ ଟିମକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇଛି। ଦିଲ୍ଲୀପ କୁମାର ସେଠୀ, ବଟକୃଷ୍ଣ ସାହୁ, ପ୍ରସନ୍ନ କୁମାର ପଟ୍ଟଯୋଶୀ, ଧର୍ମାନନ୍ଦ ମୁଦୁଲି, ଶରତ ନାୟକ, ଯୋଗୀ ନାୟକ, ବାବୁ ନାୟକ ପ୍ରମୁଖ ଟୁର୍ନାମେଣ୍ଟ ପରିଚଳାନାରେ ସହଯୋଗ କରିଥିଲେ।

**ମା'ବଘେଇ କ୍ରିକେଟ ଟୁର୍ନାମେଣ୍ଟ**

# ଯାଁଳା ବିଜୟୀ

**ଖୋର୍ଦ୍ଧା,୬।୨ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ଦେଉଳଟାଙ୍ଗୀ ମା'ବଘେଇ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଯାଁଳା ବିଜୟୀ ହୋଇଛି। ସ୍ଥାନୀୟ ଖେଳପଡିଆରେ ଯାଁଳା ଓ ଲୋଣ୍ଡୋ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଯାଁଳା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୪ଉଇକେଟ ବିନିମୟରେ ୧୧୭ ରନ ସଂଗ୍ରହ କରିଥିଲା। ଅଭିମନ୍ୟୁ ସ୍ୱାଇଁ ୬୯ ରନ ସଂଗ୍ରହ କରିଥିଲେ। ଲୋଣ୍ଡୋ ଦଳର ଆକାଶ ୩ଟି ଉଇକେଟ ନେଇଥିଲେ। ଜବାବରେ ଲୋଣ୍ଡୋ ଟିମ୍ ୪ଉଇକେଟ ବିନିମୟରେ ୫୧ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଅଭିମନ୍ୟୁ ସ୍ୱାଇଁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶାଶ୍ୱତ ରଞ୍ଜନ ଜେନା ଓ ଗୋପିନାଥ ମାଝି ମ୍ୟାଚ ପରିଚାଳନା କରିଥିଲେ। ସ୍କୋରରେ ସନ୍ତୋଷ ଜେନା, ଭାଷ୍ୟକାରରେ ଶ୍ରଦ୍ଧାନନ୍ଦ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ସୁଶାନ୍ତ ନାୟକ, ଶ୍ୟାମ ସୁନ୍ଦର ଜେନା, ଝଜ ସାମନ୍ତରାୟ, ସୌମ୍ୟରଞ୍ଜନ ସ୍ୱାଇଁ, ମହେଶ୍ୱର ମହାପାତ୍ର ଯୋଗଦେଇଥିଲେ।



## ସଂକ୍ଷେପରେ

### ଏସ୍‌ସିବିରେ ଖବରଦାତାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

କଟକ, ୬।୨(ଶିଲ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ସର୍ଜରି ବିଭାଗରେ ଏକ ଛାପା ଗଣମାଧ୍ୟମର ଜଣେ ଖବରଦାତାଙ୍କୁ ମଙ୍ଗଳବାର ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଖବରଦାତା ଜଣଙ୍କ ସର୍ଜରି ବିଭାଗର ମାଇନର ଓଟିକୁ ଷ୍ଟିଚ୍ ଫିଟାଇବାକୁ ଯାଇଥିବାବେଳେ ସେଠାରେ ଉପସ୍ଥିତ ଥିବା ଏକ ସଂସ୍ଥାର ଜଣେ କର୍ମଚାରୀ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏନେଇ ସେ ଏସ୍‌ସିବି ମେଡିକାଲ ପ୍ରଶାସନିକ ଅଧିକାରୀ ଅବିନାଶ ରାଉତଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ହେବା ସହ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନିକ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି।

### ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କଟକ ସଦର, ୬।୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ପ୍ରଣତି ପଟ୍ଟନାୟକ, ଡ. ସ୍ମିତା ମହାନ୍ତି, ପ୍ରାଧ୍ୟାପିକା ବିଷ୍ଣୁପ୍ରିୟା ରାଉତରାୟ, ମାଷ୍ଟର ଟ୍ରେନର ସୂର୍ଯ୍ୟକାନ୍ତି ବିଶ୍ୱାଳ ଓ ସନ୍ଧ୍ୟାରାଣୀ ଦାସ ଯୋଗଦେଇଥିଲେ। ଗତ ଜାନୁଆରୀ ୨୯ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିରରେ ୧୧୦ ଜଣ ବାଳିକା ତାଲିମ ଗ୍ରହଣ କରିଥିଲେ। ଅଧ୍ୟାପକ ପ୍ରଦୀପ୍ତ କୁମାର ବିଶ୍ୱାଳ, ବାବାଜୀ ଚରଣ ବିଶ୍ୱାଳ, ସଂଗ୍ରାମ କେଶରୀ ବେହେରା, ଦିବ୍ୟଜ୍ୟୋତି ସାହୁ, ବୈଦ୍ୟନାଥ ପଣ୍ଡା, ବିଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସଭା

କଟକ ସଦର, ୬।୨(ସୁଶାନ୍ତ କୁମାର ଜେନା)

୪୨ ମୌଜାର ଅଗ୍ରଣୀ ସାମାଜିକ ସଙ୍ଗଠନ ସ୍ୱାମିଜୀ ଯୁବକ ସଂଘ ପକ୍ଷରୁ କଳପଡା ଗ୍ରାମରେ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବ ବୈଜ୍ଞାନିକ ଅନିଲ ପ୍ରଧାନ, ସଂଘର ପ୍ରତିଷ୍ଠାତା ଇଂ. ବିରଞ୍ଚି ନାରାୟଣ ଭୂୟାଁ, ଅଭିନେତା ସମରେନ୍ଦ୍ର ମହାପାତ୍ର, ନାଟ୍ୟକାର ଅଶୋକ କୁମାର ପଟ୍ଟନାୟକ, ଅଧ୍ୟାପକ ପ୍ରଦୀପ୍ତ ବିଶ୍ୱାଳ, ସାମାଜିକ କର୍ମୀ ପ୍ରଫୁଲ୍ଲ କର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାହିତ୍ୟ କୃତି, ଗବେଷଣା, ସମାଜସେବା, ରକ୍ତଦାନ ଭଳି ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୪୨ ମୌଜା ବରାଳ ଗ୍ରାମର ସାମାଜିକ କର୍ମୀ ତଥା ସାରସ୍ୱତ ସାଧକ ଇଂ. ସେବକ ଶ୍ରୀକାନ୍ତଙ୍କୁ ସମ୍ମାନିତ କରାଯାଇଛି।

### ସାମାଜିକ କର୍ମୀଙ୍କ ପରଲୋକ

ଫୁଲନଖରା, ୬।୨(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ମହୁରା ଗ୍ରାମର ସାମାଜିକ କର୍ମୀ ଦେବେନ୍ଦ୍ର ନାଥ ଦାସ(୮୨)ଙ୍କର ପରଲୋକ



ହୋଇଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ ସୂର୍ଯ୍ୟନାରାୟଣ ଦାସ, ଚନ୍ଦ୍ରକାନ୍ତ ଦାସ, ଦୁଇ ବୋହୂ, ଭଣଜାବୋହୂଙ୍କ ସମେତ ନାତୁଣୀ, ନାତି ଉପସ୍ଥିତ ଥିଲେ। ଖବରପାଇ ସାମାଜିକ କର୍ମୀ ଅରୁଣ କୁମାର ସାହୁ, ପୂର୍ବତନ ସମିତିସଭ୍ୟ କୈଳାସ ଚନ୍ଦ୍ର ସାହୁ, ଯୁବନେତା ଲକ୍ଷ୍ମୀଧର ପ୍ରଧାନ, ହରିଅନ୍ତା ପଞ୍ଚାୟତ ସମିତିସଭ୍ୟ ବୈଷ୍ଣବ ବେହେରା, ସରପଞ୍ଚ ପଦ୍ମିନୀ ପ୍ରଧାନ, ବାରଙ୍ଗ ବ୍ଲକ୍‌ର ପୂର୍ବତନ ବିଡିଓ ଧରଣୀଧର ନାଥ, କୁରାଙ୍ଗଶାସନ ସରପଞ୍ଚଙ୍କ ପ୍ରତିନିଧି ସୁନତ ଭୋଇ ପ୍ରମୁଖ ଦେବେନ୍ଦ୍ରଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଦେବେନ୍ଦ୍ରଙ୍କ ମରଶରୀର ଗ୍ରାମ ପରିକ୍ରମା କରାଯିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଭଣଜା ସତ୍ୟ ନାରାୟଣ ମହାନ୍ତି ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ଦେବେନ୍ଦ୍ର ଏଲ୍‌ଆଇସି ଅଫ୍ ଇଣ୍ଡିଆର ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟ କରିବା ସହିତ ସମାଜସେବା କ୍ଷେତ୍ରରେ ନିଜକୁ ସାମିଲ କରିଥିଲେ। ତାଙ୍କ ଚାକିରି କାଳ ମଧ୍ୟରେ ଅଞ୍ଚଳର ଅନେକ ଯୁବକଙ୍କୁ କର୍ମ ନିଯୁକ୍ତି ଦେଇଥିଲେ।

# ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଚୌଦ୍ୱାର, ୬।୨(ଆଶୁତୋଷ ଦାସ)



ପୌର କାର୍ଯ୍ୟାଳୟ ସମ୍ମୁଖରେ ମହିଳାମାନେ ଧାରଣାରେ ବସିଛନ୍ତି।

ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା (ମୁକ୍ତା)ର କାର୍ଯ୍ୟକାରିତା ପାଇଁ ଚୟନ କରାଯାଇଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହି ଚୟନ ପ୍ରକ୍ରିୟାକୁ ବିରୋଧ କରି ଚୌଦ୍ୱାର ପୌରପାଳିକା ଅଧୀନ ବିଭିନ୍ନ ୱାର୍ଡରେ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କେତେଜଣ ମହିଳା ମଙ୍ଗଳବାର ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପୌର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଗୋଷ୍ଠୀ ଚୟନରେ ଅନିୟମିତତା କରାଯାଇଥିବା, ଚୟନ ସମ୍ପର୍କିତ ନିୟମ ଉଲ୍ଲଂଘନ କରାଯାଇଥିବା ଓ ଚୟନ ପ୍ରକ୍ରିୟା ପୂର୍ବରୁ ୱାର୍ଡରେ ଥିବା ସମସ୍ତ ଗୋଷ୍ଠୀକୁ ଖବର ଦିଆଯାଇ ନ ଥିବା ଧାରଣାରତ ମହିଳାମାନେ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସାର୍ବଜନୀନ କରାଯାଉଥିବାବେଳେ ମୁକ୍ତା ଯୋଜନାରେ କାମ କରିବା ପାଇଁ କେଉଁ ଆଧାରରେ ଗୋଷ୍ଠୀ ଚୟନ କରାଯାଇଛି ବୋଲି ମହିଳାମାନେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଓ ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କୁ

**ଗୋଷ୍ଠୀ ଚୟନରେ ଅନିୟମିତତା ଅଭିଯୋଗ**

ପ୍ରଶ୍ନ ପଚାରିଥିଲେ। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ମହାପାତ୍ର କହିଛନ୍ତି, ଯୋଜନାର ସଫଳ ରୂପାୟନ ପାଇଁ ପୌର କାର୍ଯ୍ୟାଳୟ ତରଫରୁ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି। ଗୋଟିଏ କାମ ପାଇଁ ଏକାଧିକ ଗୋଷ୍ଠୀ ଆବେଦନ କରିଥିବାରୁ ଲଟେରି ମାଧ୍ୟମରେ ଗୋଷ୍ଠୀ ଚୟନ କରାଯାଇଛି ବୋଲି ସେ କହିଛନ୍ତି। ହେଲେ ଏହି ଉତ୍ତରରେ ମହିଳାମାନେ ସନ୍ତୁଷ୍ଟ ନ ହୋଇ ହୋହଲ୍ଲା କରିଥିଲେ। ଅପରପକ୍ଷରେ ପୌରାଧ୍ୟକ୍ଷା ସାମଲ କହିଛନ୍ତି, ମୁକ୍ତା ଯୋଜନାରେ ପୌରପାଳିକାର ୧୯ଟି ୱାର୍ଡରେ ପ୍ରାୟ ୧କୋଟି ୮୪ ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନ କାର୍ଯ୍ୟ କରିବା ପାଇଁ ଅନେକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କଠାରୁ ଆବେଦନପତ୍ର ଆହ୍ୱାନ କରାଯାଇଥିଲା। ପରେ ଉପାଧ୍ୟକ୍ଷା, ନିର୍ବାହୀ ଅଧିକାରୀ, ପୌରଯନ୍ତ୍ରୀ, କାଉନ୍‌ସିଲର, କର୍ମଚାରୀ, ଆବେଦନ କରିଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ଓ ସମ୍ପାଦକଙ୍କ ଉପସ୍ଥିତିରେ ଆବେଦନ ଫର୍ମ ଯାଞ୍ଚ କରାଯାଇ ଲଟେରି ମାଧ୍ୟମରେ ଗୋଷ୍ଠୀ ଚୟନ କରାଯାଇଛି। ଏଥିରେ କୌଣସି ଅନିୟମିତତା ହୋଇ ନ ଥିବା ସେ କହିଛନ୍ତି।

# ୧୦ରୁ ଔଷଧ ସେବନ

କଟକ, ୬।୨(କାର୍ତ୍ତିକ ସାହୁ)

**ଫାଇଲେରିଆ ନିରାକରଣ ପାଇଁ ସମନ୍ୱୟ ବୈଠକ**

ଫାଇଲେରିଆ ନିରାକରଣ ନିମନ୍ତେ ଆସନ୍ତା ୧୦ ତାରିଖରେ କଟକ ସହରର ୫ଟି ୱାର୍ଡରେ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ୩୧, ୩୬, ୩୭, ୪୪ ଓ ୪୫ ନମ୍ବର ୱାର୍ଡରେ ଏହି କାର୍ଯ୍ୟକ୍ରମ ହେବ। କଟକ ସହରସ୍ଥିତ ମଞ୍ଜୁଲତା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଉଦ୍‌ଘାଟନ ହେବ। ସେହିଠାରେ ଏକ ଏମ୍‌ଡିଏ କର୍ନର ଗଠନ କରାଯିବ। ସିଏମ୍‌ସି ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ଜିଲା ସମନ୍ୱୟ ବୈଠକରେ ସିଏମ୍‌ସି କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବିସ୍ତୃତ ଭାବେ ଏ ନେଇ ଆଲୋଚନା କରିଛନ୍ତି।

ସୂଚନା ଅନୁସାରେ, ଅଙ୍ଗନୱାଡି, ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ ଓ ସ୍ୱେଚ୍ଛାସେବୀମାନେ ଘରକୁ ଘର ବୁଲି ଫାଇଲେରିଆ ନିରାକରଣ ଔଷଧ ପ୍ରଦାନ କରିବେ। ଲିମ୍ଫାଟିକ-ଫାଇଲେରିଆମୁକ୍ତ ଲକ୍ଷ୍ୟ ହାସଲ ଦିଗରେ କୌଣସି ପ୍ରୟାସ ହାତଛଡ଼ା ନ କରିବାକୁ କମିଶନର ସ୍ୱାଇଁ ଆହ୍ୱାନ ଦେଇଛନ୍ତି। କଟକ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଫାଇଲେରିଆ ନିରାକରଣ ନିମନ୍ତେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ପାଇଁ କାର୍ଯ୍ୟସୂଚୀ ସ୍ଥିର ହୋଇଛି। ଜନସାଧାରଣ ନିଜକୁ ଏବଂ ନିଜ ପରିବାରକୁ ଫାଇଲେରିଆରୁ ସୁରକ୍ଷିତ ରଖିବା ପାଇଁ ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତିରେ ଏହି ଔଷଧ ସେବନ କରିବା ଆବଶ୍ୟକ। ଜନସାଧାରଣ ଅଧିକରୁ ଅଧିକ ସଚେତନ ହେଲେ ଫାଇଲେରିଆ ମୁକ୍ତ ସମାଜ ସମ୍ଭବ ହୋଇପାରିବ। ଗର୍ଭବତୀ ମହିଳା ଏବଂ ଶଯ୍ୟାଶାୟୀ ରୋଗୀଙ୍କ ବ୍ୟତୀତ ୨ ବର୍ଷ ବୟସରୁ ଊର୍ଦ୍ଧ୍ୱ ଶିଶୁଠାରୁ ପ୍ରାପ୍ତବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ବଟିକା ସେବନ କରିପାରିବେ। ଏହି ବଟିକା ସେବନ କରିବା ପୂର୍ବରୁ ନିହାତି ଖାଦ୍ୟ ଖାଇବା ପାଇଁ ପରାମର୍ଶ ଦିଆଯାଇଛି। ଏହି ବୈଠକରେ କଟକ ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର, କେନ୍ଦ୍ରୀୟ ଟିମ୍‌ର ଡା. ଅଭିମନ୍ୟୁ, ଏଡିୟୁପିଏଚଓ ଡା. କାନ୍ତି ନାୟକ, ସିଟି ପ୍ରୋଗ୍ରାମ ମ୍ୟାନେଜର ଏଲିନା ମହାପାତ୍ର, ସିଡିପିଓ ସ୍ୱର୍ଣ୍ଣଲତା ଦାସ ଓ ମେଡିକାଲ ଅଫିସର ଅଭିଜିତ କର ପ୍ରମୁଖ ଉପସ୍ଥିତ ଥିଲେ।

# 'ଯୁବବର୍ଗ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ'




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କଟକ, ୬।୨ (କାର୍ତ୍ତିକ ସାହୁ)

**ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଉଦ୍‌ଘାଟିତ**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସରରେ ୭ଦିନିଆ ଦ୍ୱିତୀୟ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ କହିଛନ୍ତି, ଆଜିର ଯୁବବର୍ଗ କ୍ରୀଡ଼ା ପ୍ରତି ନିଜର ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ। ସମ୍ମାନିତ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ ଛାତ୍ରୀଛାତ୍ରମାନେ ପ୍ରତିଯୋଗିତା ମନୋଭାବ ରଖି କ୍ରୀଡ଼ାରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବିଧାୟକ ସୌଭିକ୍ ବିଶ୍ୱାଳ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହ, ଉଦ୍ଦୀପନାର ସହ ନିଜର ନୈପୁଣ୍ୟତା ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ସିଏମ୍‌ସି କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, କ୍ରୀଡ଼ାର ବିକାଶ ପାଇଁ ଯୁବଗୋଷ୍ଠୀର ଅବଦାନ ରହିବା ଜରୁରୀ। ଓଡ଼ିଶାର ପ୍ରାୟ ୨୭ଟି ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍ ଯୋଗଦେଇ ଫୁଟ୍‌ବଲ, ଚେସ୍, ହକି, ୱାର୍ଡ ଗେମ୍, ଆଇଟି, କବାଡି, ଭଲିବଲ ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନ ସମାରୋହ ପରେ ବାଘନାଚ, ମାଲଖମ୍ଭ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# 'ଉଚ୍ଚଶିକ୍ଷା ବିକାଶର ସ୍ୱପ୍ନ ଶିକ୍ଷାନୁଷ୍ଠାନ ରୂପାନ୍ତରଣ'

**ଜେକେବିକେ କଲେଜରେ ଶିଳାନ୍ୟାସ**

କଟକ, ୬।୨ (କାର୍ତ୍ତିକ ସାହୁ)

ଜାତୀୟ କବି ବୀରକିଶୋର (ଜେକେବିକେ) କଲେଜରେ ଛାତ୍ରୀଛାତ୍ରଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ୫ ମହଲା କୋଠା ନିର୍ମାଣ କରାଯିବ। ଏହି କୋଠା ନିର୍ମାଣ ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମଙ୍ଗଳବାର ଶିଳାନ୍ୟାସ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଉଚ୍ଚଶିକ୍ଷା ବିକାଶ ସ୍ୱପ୍ନର ଏକ ଅଂଶ ଶିକ୍ଷାନୁଷ୍ଠାନ ରୂପାନ୍ତରଣ ବୋଲି ମନ୍ତ୍ରୀ ନାୟକ କହିଥିଲେ। ସେହିପରି କଟକ ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି, ଜେକେବିକେ କଲେଜ ମେଧାବୀ ବିଦ୍ୟାର୍ଥୀ ସୃଷ୍ଟି କରି ଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିଧାୟକ ସୌଭିକ୍ ବିଶ୍ୱାଳ କହିଛନ୍ତି, ନୂଆ ଓଡ଼ିଶା ସ୍ୱପ୍ନର ପ୍ରତିଫଳନ ଜାତୀୟ କବି ବୀରକିଶୋରଙ୍କ ସାହିତ୍ୟରେ ଯେପରି ଥିଲା ତାହା ଏହି ଭିତ୍ତିଭୂମି ପ୍ରତିଷ୍ଠା ଦ୍ୱାରା ପ୍ରତିଫଳିତ ହୋଇଛି। ଅଧ୍ୟକ୍ଷା ପ୍ରଫେସର ଡ. ଅନୁଜା ମହାପାତ୍ର କଲେଜର ଭିତ୍ତିଭୂମି ବିକାଶରେ ରାଜ୍ୟ ସରକାର ପ୍ରମୁଖ ସହଯୋଗ ନିମନ୍ତେ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ନୂତନ ରଞ୍ଜନ ମହାନ୍ତି, ଡ. ପଦ୍ମଜା ପଣ୍ଡିତ, ଦୈତ୍ୟାରି ସାହୁ, ଜୟଶ୍ରୀ ମଲ୍ଲିକ, ଦେବଦତ୍ତା ମିଶ୍ର, ଡ. ଶିବପ୍ରସାଦ ଦଳାଇଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ପାଠପଢ଼ା ପାଇଁ ଜଗଦାନନ୍ଦଙ୍କ ମରଶରୀର ଦାନ

କଟକ, ୬।୨(ଶିଲ୍ପା ପ୍ରିୟଦର୍ଶିନୀ)

**୧୦ ବର୍ଷ ତଳେ ଚୁକ୍ତି କରିଥିଲେ**



କଟକ ବକ୍ସିବଜାର ବେପାରୀ ସାହି ଅଞ୍ଚଳର ଜଗଦାନନ୍ଦ ସାହୁ(୯୦)ଙ୍କର ବାର୍ଦ୍ଧକ୍ୟଜନିତ କାରଣରୁ ମଙ୍ଗଳବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ଏହାପରେ ତାଙ୍କ ମରଶରୀରକୁ ଏସ୍‌ସିବି ମେଡିକାଲର ଶରୀରଗଠନ ବିଭାଗକୁ ଦାନ କରିଛନ୍ତି ପୁଅ ବିକାଶ ଚନ୍ଦ୍ର ସାହୁ। ମୃତ୍ୟୁ ପରେ ଏସ୍‌ସିବି ମେଡିକାଲର ଶରୀରଗଠନ ବିଭାଗକୁ ମୃତଦେହ ଦାନ କରିବା ପାଇଁ ୨୦୧୪ ମେ' ୨୧ରେ ଜଗଦାନନ୍ଦ ଚୁକ୍ତି କରିଥିଲେ। ଏ ସମ୍ପର୍କରେ ବିକାଶ କହିଛନ୍ତି, ବାପାଙ୍କର ଏହା ଶେଷଇଚ୍ଛା ଥିଲା। ମରଶରୀର ଏସ୍‌ସିବି ମେଡିକାଲକୁ ପଠାଯାଇଛି। ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କ ଅଧ୍ୟୟନରେ ଏହା ସହାୟକ ହେବ। ରୀତିନୀତି ଅନୁଯାୟୀ ଦଶାହ, ଏକାଦଶ କାର୍ଯ୍ୟ କରାଯିବ। ବାପାଙ୍କ ଏଭଳି କାର୍ଯ୍ୟରେ ଅନୁପ୍ରାଣିତ ହୋଇ ମୁଁ ଏବଂ ମୋ ପରିବାରର ସମସ୍ତ ସଦସ୍ୟ ମୃତ୍ୟୁ ପରେ ଏସ୍‌ସିବି ମେଡିକାଲକୁ ଶରୀର ଦାନ ପାଇଁ ପଞ୍ଜୀକରଣ କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲୁ। ଅପରପକ୍ଷରେ ଶରୀର ଗଠନ ବିଭାଗର ସନ୍ତୋଷ କୁମାର ସାହୁ କହିଛନ୍ତି, ମୃତ୍ୟୁ ପରେ ଶରୀର ଦାନ ପାଇଁ ଏକ ପଞ୍ଜୀକରଣ ପ୍ରକ୍ରିୟା ରହିଛି। ଯେଉଁ ବ୍ୟକ୍ତି ଏନେଇ ନାମ ପଞ୍ଜୀକରଣ କରିଥିବେ ସେମାନଙ୍କ ସମସ୍ତ ତଥ୍ୟ ଯାଞ୍ଚ କରିବା ପରେ ଆମେ ମରଶରୀରକୁ ଗ୍ରହଣ କରିଥାଉ। ପରେ ଏହାକୁ ସତେଜ ରଖିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଜଗଦାନନ୍ଦଙ୍କ ମରଶରୀର ଛାତ୍ରୀଛାତ୍ର ପାଠପଢାରେ ସହାୟକ ହେବ। ଆଗାମୀ ଦିନରେ ଏଭଳି ପ୍ରକ୍ରିୟାକୁ ଅନେକ ଆପଣାଇବେ ବୋଲି ଆଶା ରହିଥିବା ସାହୁ କହିଛନ୍ତି।



କଟକ ମହାନଗର ନିଗମର ୨୪ନଂ. ୱାର୍ଡସ୍ଥିତ ହରିପୁର ସାହିରେ ଅନୁଷ୍ଠିତ ବସ୍ତିବାସିନ୍ଦାଙ୍କ ବିକାଶ ରାଜ୍ୟ ସରକାରଙ୍କ ସଙ୍କଳ୍ପ ସଚେତନତା କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ବକ୍ତବ୍ୟ ଦେଉଛନ୍ତି।

# ପ୍ରଧାନମନ୍ତ୍ରୀ ଆବାସ ତଦନ୍ତରେ ଖର୍ଚ୍ଚ ୧୨ ଲକ୍ଷ ଟଙ୍କା

କଟକ ସଦର, ୬।୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତର ୫୨୭ ଜଣ ମହିଳାଙ୍କୁ ୨୦୨୩ ଜାନୁଆରୀରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି କାର୍ଯ୍ୟାଦେଶ ଦିଆଯାଇଥିଲା। ପ୍ରାଥମିକ ସ୍ତରରେ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ୨୦୨୦ ଏପ୍ରିଲରୁ ଅଦ୍ୟାବଧି ଏକ ଗାଡ଼ି ବିଭିନ୍ନ ପଞ୍ଚାୟତ ବୁଲି ଜିଓ ଟ୍ୟାଗ୍ କରିବା ସହ ବିବରଣୀ ସଂଗ୍ରହ କରିଥିଲା। ଏଥିପାଇଁ ଗାଡ଼ି ଭଡ଼ା ବାବଦକୁ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ଅର୍ଥ ରୁରାଲ ହାଉସିଂ ପାଣ୍ଠିରୁ ଖର୍ଚ୍ଚ କରାଯାଇଥିବା ଲୋକାଲ ଫଣ୍ଡ ଅଡିଟ୍‌ରୁ ଜଣାପଡ଼ିଛି। ଏତିକି ଅର୍ଥରେ ୧୦ ଜଣ ବ୍ୟକ୍ତିଙ୍କୁ ନୂଆ ଘର ଦିଆଯାଇ ପାରିଥାନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ଏନେଇ ବିଡିଓ ରୁମାନା ଜାଫ୍ରିଙ୍କୁ ପଚାରିବାରୁ ସେ ପ୍ରତିକ୍ରିୟା ଦେବାକୁ ମନା କରିଥିଲେ। ଅପରପକ୍ଷରେ ସୂଚନା ଅଧିକାର ଆଇନ ବଳରେ ଏ ସମ୍ପର୍କିତ ତଥ୍ୟ ସମ୍ପୃକ୍ତ ବିଭାଗକୁ ମଗାଯାଇଥିଲେ ସୁଦ୍ଧା ତାହା ମିଳିପାରି ନାହିଁ ବୋଲି ଜନସୂଚନା ଅଧିକାରୀ ଖାଡେଶ୍ୱର ଦାସ କହିଛନ୍ତି।

# ୨ ଦିନରେ ସାନି ସତ୍ୟପାଠ ଦାଖଲକର

କଟକ, ୬।୨ (କାର୍ତ୍ତିକ ସାହୁ)

ଏସ୍‌ସିବି ମେଡିକାଲ ବିଭିନ୍ନ ବିଭାଗ କୋଠାରେ ଅଗ୍ନି ନିରାପତ୍ତା ସମ୍ପର୍କିତ ମାମଲାର ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଛି। ଅଗ୍ନି ନିରାପତ୍ତା କାର୍ଯ୍ୟ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ପକ୍ଷରୁ ଦାଖଲ

**ଏସ୍‌ସିବି ମେଡିକାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ମାମଲା**



କରାଯାଇଥିବା ସତ୍ୟପାଠକୁ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ରୋଗୀମାନଙ୍କୁ ସ୍ଥାନାନ୍ତର କରାଯିବା ସହ ଏସ୍‌ସିବି, ସିଏମ୍‌ସି ଓ ଅଗ୍ନିଶମ ବିଭାଗ ମଧ୍ୟରେ ସମନ୍ୱୟ ବିନା ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯାଇପାରିବ ନାହିଁ ବୋଲି ସତ୍ୟପାଠରେ ଉଲ୍ଲେଖ ଥିଲା। ଏହାକୁ ଅଦାଲତ ଅଗ୍ରାହ୍ୟ କରିଦେଇଛନ୍ତି। ଏଥିସହ ନିରାପତ୍ତା ବ୍ୟବସ୍ଥା ଗ୍ରହଣ ବିଳମ୍ବ ହେଉଥିବାରୁ ହାଇକୋର୍ଟ ବିରକ୍ତି ପ୍ରକାଶ କରିଛନ୍ତି। ସାନି ସତ୍ୟପାଠ ଦାଖଲ ଲାଗି ସରକାରୀ ଓକିଲ ଅଦାଲତଙ୍କୁ ସମୟ ମାଗିଥିଲେ। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଆସନ୍ତା ଦୁଇଦିନ ମଧ୍ୟରେ ସାନି ସତ୍ୟପାଠ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ମୈତ୍ରୀ ସଂସଦ ପକ୍ଷରୁ ମାମଲାକୁ ଆଇନଜୀବୀ ଅଜୟ କୁମାର ମହାନ୍ତି ପରିଚାଳନା କରୁଛନ୍ତି।

# ଏସ୍‌ସିବି ମେଡିକାଲ, ଶିଶୁ ଭବନ ପରିଦର୍ଶନକଲେ ଆର୍‌ଡିସି, ଜିଲାପାଳ



ଆର୍‌ଡିସି ଏବଂ ଜିଲାପାଳ ଏସ୍‌ସିବି ମେଡିକାଲରେ ନିର୍ମାଣାଧୀନ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

କଟକ, ୬।୨(କାର୍ତ୍ତିକ ସାହୁ)

**ପ୍ରକଳ୍ପ କାମ ଶେଷ ହେବା ଅବଧି ପଚାରି ବୁଝିଲେ**

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ରଞ୍ଜନ କୁମାର ଦାସ ଓ କଟକ ଜିଲାପାଳ ବିନୀତ ଭରଦ୍ୱାଜ ମଙ୍ଗଳବାର ଏସ୍‌ସିବି ମେଡିକାଲ ଓ ଶିଶୁ ଭବନ ପରିଦର୍ଶନ କରିଛନ୍ତି। ଉଭୟ ସ୍ୱାସ୍ଥ୍ୟାନୁଷ୍ଠାନରେ ନିର୍ମାଣାଧୀନ ବିଭିନ୍ନ ବିଭାଗ ଓ ଚିକିତ୍ସାଳୟର ସ୍ୱାସ୍ଥ୍ୟସେବା ସଂକ୍ରାନ୍ତରେ ସମୀକ୍ଷା କରିଛନ୍ତି। ଏସ୍‌ସିବି ମେଡିକାଲର ସମ୍ପ୍ରସାରିତ ପ୍ରକଳ୍ପ ବୁଲି ଦେଖିବା ସହ ଅଧୀକ୍ଷକ ପ୍ରଫେସର ଡ. ସୁଧାଂଶୁ ଶେଖର ମିଶ୍ର ଓ ପ୍ରଶାସନିକ ଅଧିକାରୀ ଅବିନାଶ ରାଉତଙ୍କ ସହିତ ହସ୍ପିଟାଲ୍‌ର ପାର୍କିଂ, ଶଯ୍ୟା ସଂଖ୍ୟା ଏବଂ ଆବଶ୍ୟକ ହେଉଥିବା ଡାକ୍ତରଙ୍କ ସଂଖ୍ୟା ବିଷୟରେ ଆଲୋଚନା କରିଥିଲେ। କେବେ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ସରକାରଙ୍କୁ ହସ୍ତାନ୍ତର କରାଯିବ ସେ ସମ୍ପର୍କରେ ଓଡ଼ିଶା ବ୍ରିଜ୍ କନ୍‌ଷ୍ଟ୍ରକ୍ସନ କର୍ପୋରେଶନର ବରିଷ୍ଠ ଅଧିକାରୀ ସୌରେନ୍ କୁମାର ସାହୁ, କଲ୍ଲୋଳ କିଶୋର ପ୍ରଧାନ, ଏଇସିଓଏମ୍‌ର ବୈଷୟିକ ନିର୍ଦ୍ଦେଶକ ତଥା ଟିମ୍ ଲିଡର ଦିଲ୍ଲୀପ କୁମାର ଅଗ୍ରୱାଲ, ଏଲ୍‌ଆଣ୍ଡଟି ପ୍ରକଳ୍ପ ମୁଖ୍ୟ ଏମ୍. ଅରୁଣାଗିରୀଙ୍କ ସହ ଆଲୋଚନା କରିଥିଲେ। ମେଡିକାଲରେ ସମ୍ପ୍ରସାରିତ ହେଉଥିବା ସମସ୍ତ ଅଞ୍ଚଳ ସେମାନେ ବୁଲି ଦେଖିଥିଲେ। ସେହିପରି ଶିଶୁ ଭବନର ଅଧୀକ୍ଷକ ପ୍ରଫେସର ଡ. ପ୍ରଦୀପ କୁମାର ଜେନା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଶିଶୁ ଭବନର ନୂତନ କୋଠା ସେମାନଙ୍କୁ ବୁଲାଇବା ସହ ସମ୍ପ୍ରସାରିତ ଅଞ୍ଚଳ ବୁଲାଇ ଦେଖାଇଥିଲେ। ଶିଶୁ ଭବନର ବିଭିନ୍ନ ଆବଶ୍ୟକତା, ଡାକ୍ତର ସଂଖ୍ୟା, ଶଯ୍ୟା ସଂଖ୍ୟା, ପାର୍କିଂ ଅଞ୍ଚଳ ସମ୍ପର୍କରେ ଆର୍‌ଡିସି ଏବଂ ଜିଲାପାଳ ପଚାରି ବୁଝିଥିଲେ। ଅଧୀକ୍ଷଣ ଯନ୍ତ୍ରୀ ଇଂ. ପ୍ରଭାସ ମାଝି ଶିଶୁ ଭବନର ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପ ସମ୍ପର୍କରେ ସେମାନଙ୍କୁ ସୂଚନା ଦେଇଥିଲେ।




୬।୨।୨୦୨୪

| | |
|---|---|
| ୫,୮୦,୯୩୧ ଟଙ୍କା | |
| ସୁନା | ୨.୫୦୦ ଗ୍ରାମ୍ |
| ରୁପା | ୧୦୯.୫୦୦ ଗ୍ରାମ୍ |

# ରାଜନୈତିକ ପ୍ରଚାର ହେଉଥିବା ନେଇ ଜିଲାପାଳଙ୍କୁ ଦାବିପତ୍ର

## ସରକାରୀ କାର୍ଯ୍ୟକ୍ରମରେ ନିର୍ଦ୍ଦିଷ୍ଟ ଦଳର ଶକ୍ତି ପ୍ରଦର୍ଶନ

ପୁରୀ,୬।୨(ଅଜିତ୍ ମହାନ୍ତି)



ସରକାରୀ କାର୍ଯ୍ୟକ୍ରମରେ ନିର୍ଦ୍ଦିଷ୍ଟ ଦଳର ଶକ୍ତି ପ୍ରଦର୍ଶନ ତଥା ରାଜନୈତିକ ପ୍ରଚାର କରାଯିବା ଫଳରେ ପଞ୍ଚାୟତର ସ୍ୱାର୍ଥ ହାନି ହେଉଥିବା ଅଭିଯୋଗ କରି ବୀରହରେକୃଷ୍ଣପୁର ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ଅଜୟ ପ୍ରଧାନ ଏବଂ ଚାଳିଶ ବାଟିଆ ଗ୍ରାମ ପଞ୍ଚାୟତ ସମିତି ସଭ୍ୟା ସସ୍ମିତା ପଣ୍ଡା ଜିଲାପାଳଙ୍କୁ ଏକ ଦାବିପତ୍ର ମଙ୍ଗଳବାର ପ୍ରଦାନ କରିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି, 'ଆମ ଓଡ଼ିଶା ନବୀନ ଓଡ଼ିଶା' ଓ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ପଦକ୍ଷେପ ଅନ୍ତର୍ଗତ ପଞ୍ଚାୟତସ୍ତରୀୟ ସଚେତନ ଶିବିର ଆୟୋଜନ କରାଯିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଯାହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଏହି କାର୍ଯ୍ୟକ୍ରମ ଅନୁଯାୟୀ, ଗତ ୩ ତାରିଖ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ହେଲେ ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତର ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀ, ସରପଞ୍ଚ ଏବଂ ପଞ୍ଚାୟତ ପିଇଓମାନେ ବିଜେଡିର ଦଳୀୟ କାର୍ଯ୍ୟକ୍ରମରେ ପରିଣତ କରିଦେଲେ। ରାଜ୍ୟ ରାଜକୋଷରୁ ଅର୍ଥ ଖର୍ଚ୍ଚ କରାଯାଇ ହେଉଥିବା ଏହି କାର୍ଯ୍ୟକ୍ରମରେ ବିଜେଡି ପାଇଁ ଦଳୀୟ ପ୍ରଚାର କରୁଥିବା ଦେଖାଦେଇଛି। ଏହି ନିୟମ ବିରୋଧ କାର୍ଯ୍ୟକୁ ବିରୋଧ କରିବାରୁ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ମଧ୍ୟ ଉକ୍ତ କାର୍ଯ୍ୟକ୍ରମକୁ ଡକା ଗଲାନାହିଁ। ପୂର୍ବରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମଣ୍ଡଳ ଉନ୍ନୟନ ଅଧିକାରୀ କହିଥିଲେ, ଏହା ଏକ ସରକାରୀ କାର୍ଯ୍ୟକ୍ରମ। ଏଥିରେ ଯେପରି କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ନିଜର ରାଜନୈତିକ ପୃଷ୍ଟପୋଷକତା ପାଇଁ ପ୍ରଚାରପ୍ରସାର କରିପାରିବେ ନାହିଁ, ସେଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ହେବ। ମାତ୍ର ରାଜ୍ୟ ରାଜକୋଷରୁ ଅର୍ଥ ରାଶି ଖର୍ଚ୍ଚ କରାଯାଇ 'ଆମ ଓଡ଼ିଶା ନବୀନ ଓଡିଶା'ର ଯେଉଁ କାର୍ଯ୍ୟକ୍ରମ ହେଉଛି ଏଥିରେ ଶାସକ ଦଳ ନିଜର ରାଜନୈତିକ ଭିତ୍ତିଭୂମିର ପ୍ରଚାର ପ୍ରସାର କରୁଛନ୍ତି। ସାର୍ବଜନୀନ କାର୍ଯ୍ୟରେ ଗୋଟିଏ ଦଳକୁ ପ୍ରାଧାନ୍ୟ ଦେଇ ଗ୍ରାମବାସୀଙ୍କ ମଧ୍ୟରେ ଭେଦଭାବର ମଞ୍ଜି ବୁଣାଯାଉଛି। ଗ୍ରାମବାସୀଙ୍କ ଭିତରେ ମନାନ୍ତର କରାଇ ପଞ୍ଚାୟତରେ କୌଣସି ପ୍ରକଳ୍ପର ସଫଳତା ଦିଗରେ ବାଧା ଉପୁଜୁଛି। ରାଜ୍ୟ ରାଜକୋଷର ଅର୍ଥ ରାଜ୍ୟବାସୀଙ୍କ ହିତ ପାଇଁ ବିନିଯୋଗ ହେବା ଦରକାର। ନିଜ ସ୍ୱାର୍ଥ ପାଇଁ ଯେଉଁ ଅଧିକାରୀ କିମ୍ବା ରାଜନେତା ପଞ୍ଚାୟତ ବିକାଶକୁ ହାନି କରୁଛନ୍ତି, ସେମାନଙ୍କ ବିରୋଧରେ ଦେଶ ଦ୍ରୋହ ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ୨ ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ଜିଲାପାଳଙ୍କୁ ଦାବି କରିଛନ୍ତି।

# ଶାଢ଼ି ବନ୍ଧାଇଲେ ରାମଚନ୍ଦ୍ର ମେକାପ

ପୁରୀ,୬।୨(ଅଜିତ୍ ମହାନ୍ତି)



ଶ୍ରୀମନ୍ଦିରରେ ମେକାପ ସେବକ ଭାବେ ରାମଚନ୍ଦ୍ର ମେକାପଙ୍କ ଶାଢ଼ିବନ୍ଧା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ବିଧି ଅନୁଯାୟୀ, ଶାଢ଼ିବନ୍ଧା ନୀତି ଆୟୋଜିତ ହୋଇଥିଲା। ଶାଢ଼ିବନ୍ଧା ପରେ ଶ୍ରୀ ମେକାପ ମହାପ୍ରଭୁଙ୍କ ଆଶୀର୍ବାଦ ନେଇଥିଲେ। କୋଠଭୋଗ ଯୋଗଣିଆ ମେକାପ ସେବକ ଭାବେ ରାମଚନ୍ଦ୍ର ମେକାପ ମହାପ୍ରଭୁଙ୍କ ସେବା କରିବା ଲାଗି ସ୍ୱୀକୃତି ମିଳିଛି। ଶ୍ରୀ ମେକାପ ମହାପ୍ରଭୁଙ୍କ ସେବାରେ ନିୟୋଜିତ ହୋଇ ଧନ୍ୟ ମନେ କରିଛନ୍ତି। ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସେବାରେ ନିୟୋଜିତ ସେବାୟତମାନେ ଶାଢ଼ି ବାନ୍ଧିବା ପରେ ହିଁ ମହାପ୍ରଭୁଙ୍କ ସେବା କରିଥାନ୍ତି। ଶ୍ରୀମନ୍ଦିର ଛତିଶା ନିଯୋଗ ମହାନାୟକ ପାଟ୍ଟଯୋଶୀ ମହାପାତ୍ର, ଦେଉଳକରଣ, ତଢଉକରଣ, ଖୁଣ୍ଟିଆ ମେକାପ, ଲେଙ୍କା ଏବଂ ନିଯୋଗ ବରିଷ୍ଠ ସେବାୟତଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ବିଧିବଦ୍ଧ ଭାବେ ଶାଢ଼ି ବାନ୍ଧି ମହାପ୍ରଭୁଙ୍କ ସେବାରେ ରାମଚନ୍ଦ୍ର ମେକାପ ନିୟୋଜିତ ହୋଇଛନ୍ତି। କୋଠଭୋଗ ଯୋଗାଣିଆ ମେକାପ ଭାବରେ ରାମଚନ୍ଦ୍ର ମେକାପ ମହାପ୍ରଭୁଙ୍କ ସେବା କରିବେ।

## ସଂକ୍ଷେପରେ

### ନୂତନ ଉପଜିଲାପାଳଙ୍କ ଯୋଗଦାନ



ପୁରୀ,୬।୨(ଅଜିତ୍ ମହାନ୍ତି): ପୁରୀର ନୂତନ ଉପଜିଲାପାଳ ଭାବେ ଗୋପୀନାଥ କୁଅଁର ମଙ୍ଗଳବାର ଯୋଗ ଦେଇଛନ୍ତି। କୁଅଁର ପୂର୍ବତନ ଉପଜିଲାପାଳ ଭବତାରଣ ସାହୁଙ୍କଠାରୁ ବିଧିବଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ କୁଅଁର ଯାଜପୁର ଜିଲାରେ ଉପଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ। ତେବେ କିଛି ଦିନ ତଳେ ସରକାରୀସ୍ତରରେ ଅଧିକାରୀଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସେହି କ୍ରମରେ ଉପଜିଲାପାଳ ଥିବା ଭବ ତାରଣ ସାହୁଙ୍କୁ ଶ୍ରୀମନ୍ଦିର ପ୍ରଶାସନକୁ ବଦଳି କରାଯାଇଥିଲା।

### ବଲଙ୍ଗା ମହାବିଦ୍ୟାଳୟରେ ସଂସ୍କୃତିରେ ଜୀବିକା ଆଲୋଚନାଚକ୍ର

ବଲଙ୍ଗା,୬।୨ (କେଦାରେଶ୍ୱର ନନ୍ଦ): ବଲଙ୍ଗା ମହାବିଦ୍ୟାଳୟରେ ସଂସ୍କୃତ ବିଭାଗରେ ସଂସ୍କୃତିରେ ଜୀବିକା ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତ ବିଭାଗର ମୁଖ୍ୟ ଅଧ୍ୟାପକ କେଳୁଚରଣ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ଅଧ୍ୟକ୍ଷ ପ୍ରଭାତ କୁମାର ମୁଖ୍ୟ ସାଧନକର୍ମୀ ଭାବେ ଯୋଗଦେଇଥିଲେ। ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ସଂସ୍କୃତ ବିଭାଗ ମୁଖ୍ୟ ଡ. ପ୍ରଶାନ୍ତ ପଣ୍ଡା ଆଲୋଚନାରେ ଭାଗନେଇଥିଲେ। କେବଳ ମାତ୍ର ପୂଜାର୍ଚ୍ଚନା କିମ୍ବା ଶିକ୍ଷାଦାନ ଦ୍ୱାରା ସଂସ୍କୃତ ପଢୁଥିବା ଛାତ୍ରୀଛାତ୍ର ଜୀବିକା ଅର୍ଜନ କରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜ୍ୟୋତିଷ, ଆୟୁର୍ବେଦ, ବାସ୍ତୁ ଆଦି ଅନେକ ବିଭାଗ ମାଧ୍ୟମରେ ଜୀବିକା ଅର୍ଜନ ସହ ସମାଜରେ ପ୍ରତିଷ୍ଠା ଅର୍ଜନ କରିପାରିବେ। ଭାରତୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ପ୍ରଶାନ୍ତ ମିଶ୍ର ଓ ଲକ୍ଷ୍ମୀପ୍ରିୟା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରୂପକ ମହୋତ୍ସବ ଉଦ୍ୟାପିତ

ପୁରୀ,୬।୨(ଅଜିତ୍ ମହାନ୍ତି)

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀ ସଦାଶିବ ପରିସରସ୍ଥ ଜୟଦେବ ସଭାଗାରଠାରେ ଆୟୋଜିତ ୨ ଦିନିଆ ଅଷ୍ଟାଦଶୀ ପରିଯୋଜନା ଅନ୍ତର୍ଗତ ରୂପକ ମହୋତ୍ସବ ମଙ୍ଗଳବାର ଉଦ୍ୟାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡିଙ୍କ ପୃଷ୍ଟପୋଷକତାରେ ପରିସରର ନିର୍ଦ୍ଦେଶକ ପ୍ରଫେସର ଅତୁଲ ନନ୍ଦଙ୍କ ଅଧ୍ୟକ୍ଷତାରେ ଉଦ୍ୟାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଦ୍ୟାପନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ତିରୁପତି ରାଷ୍ଟ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ, ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର କୃଷି ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ ମିଶ୍ର, ଶ୍ରୀ ସଦାଶିବ ପରିସରର ପ୍ରାକ୍ତନ ପ୍ରଫେସର ଦୁର୍ଗା ପ୍ରସାଦ ଦାସ ମହାପାତ୍ର, ଧର୍ମଶାସ୍ତ୍ର ବିଭାଗ ମୁଖ୍ୟ ପ୍ରଫେସର ଲଳିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍ୟାପନୀର ପ୍ରଥମ ଅଧିବେଶନରେ ଶଙ୍କର ତ୍ରିପାଠୀ, ଭରତ ନାୟକ, ଶିବସୁନ୍ଦର ମିଶ୍ର, ସତ୍ୟ ଦାସ, ଲକ୍ଷ୍ମୀଧର ପୂଜାପଣ୍ଡା, ଗୁରୁ ଶତପଥୀ, କାର୍ତ୍ତିକ ସାହୁ, ଗୋପବନ୍ଧୁ ପ୍ରତିହାରୀ, ସୂର୍ଯ୍ୟମଣି ରଥ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଦେବେନ୍ଦ୍ରନାଥ ନନ୍ଦ, କେ. ସୁରେଶ ବାବୁ, ଶମ୍ଭୁନାଥ ହୋତା ପ୍ରମୁଖ ପ୍ରତିଭାଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଭାଷା ଏକାଡେମୀ କୋଇଲେଣ୍ଟି, କେରଳଙ୍କ କର୍ଣ୍ଣଭାରମ, ଶ୍ରୀ ଭଗବାନ ଦାସ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ, ହରିଦ୍ୱାରଙ୍କ ମର୍ତ୍ତ୍ୟ ଚାତୁର୍ଯ୍ୟମ୍, ଶ୍ରୀ ସଦାଶିବ ପରିସର ପୁରୀଙ୍କ ଷୋଡ଼ଶ ସଂସ୍କାରମ୍ ଅତ୍ୟନ୍ତ ମନୋଜ୍ଞ ପରିବେଶରେ ଚିତ୍ତାକର୍ଷକ ଭାବେ ମଞ୍ଚସ୍ଥ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ବିଶ୍ୱନାଥ ମିଶ୍ର ଏବଂ ଅଧ୍ୟାପିକା ଡ. ସ୍ୱାଗତିକା ମହାନ୍ତି ସଂଯୋଜନା କରିଥିଲେ। ଅଧ୍ୟାପକ ସୁଶାନ୍ତ ଶତପଥୀ ଓ ଡ. ରୁଦ୍ରପ୍ରସାଦ ମିଶ୍ର ମଞ୍ଚରେ ସହାୟତା କରିଥିଲେ। ପ୍ରଫେସର ଧର୍ମେନ୍ଦ୍ର ସିଂହଦେଓ ଏହି ଅଷ୍ଟାଦଶୀ ପରିଯୋଜନାର ପ୍ରକଳ୍ପ ନିର୍ଦ୍ଦେଶକ ଥିଲେ।



ରୂପକ ମହୋତ୍ସବ ଉଦ୍ୟାପନୀ ଦିବସରେ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ତୃତୀୟ ବାର୍ଷିକ ବ୍ରଜ ବିଜୟ ମହୋତ୍ସବ

ପିପିଲି,୬।୨(ଦୁର୍ଗା ମାଧବ ମିଶ୍ର)

ମଙ୍ଗଳପୁରସ୍ଥିତ ନୂଆ ଗୋଡ଼ି ମଦନମୋହନ ସେବାଶ୍ରମ ଆନୁକୂଲ୍ୟରେ ଶ୍ରୀମଦ୍ ନବକିଶୋର ଦାସ ବାବାଜୀ ମହାରାଜଙ୍କ ତୃତୀୟ ବାର୍ଷିକ ବ୍ରଜ ବିଜୟ ମହୋତ୍ସବ ମଙ୍ଗଳବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଶାଳ ନଗର ସଂକୀର୍ତ୍ତନ, ଧର୍ମସଭା, ସାଧୁ ସେବା ତଥା ପ୍ରସାଦ ବିତରଣ କାର୍ଯ୍ୟକ୍ରମ କରାଯାଇଥିଲା। ଧର୍ମସଭାରେ ଆଠଗଡ଼ ଗୌଡ଼ୀୟ ମଠର ଯଶୋଦା ନନ୍ଦନ ମହାରାଜ, ପୁରୀ ଗୋପୀନାଥ ଗୌଡ଼ୀୟ ମଠର ଭକ୍ତି ବନ୍ଧନ ବାମନ ମହାରାଜ, ସାନଛତା ମଠ ମହନ୍ତ ଲଛମନ ଦାସ ମହାରାଜ, ହରିଦ୍ୱାରରୁ ଶ୍ରୀମଦ୍ ଅକିଞ୍ଚନ ମହାରାଜଙ୍କ ସମେତ ଇସ୍କନର ଭକ୍ତମାନେ ଯୋଗଦେଇ ଆଧ୍ୟାତ୍ମିକ ପ୍ରବଚନ ଦେଇଥିଲେ। ତାଙ୍କ ସହିତ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନାତି ଧୀରେନ୍ଦ୍ର ନାଥ ଦାସ, ଶିକ୍ଷାବିତ୍ କୈଳାସ ମିଶ୍ର, ବ୍ରହ୍ମଚାରୀ ବିନୋଦ ବିହାରୀ ପ୍ରଭୁ ପ୍ରମୁଖ ଯୋଗଦେଇଥିଲେ। ଆଧ୍ୟାତ୍ମିକ ସଭାକୁ ମଦନମୋହନ ସେବାଶ୍ରମ ମୁଖ୍ୟ ନରୋତ୍ତମ ଦାସ ବାବାଜୀ ମହାରାଜ ଓ ଅନ୍ୟ ସଦସ୍ୟ ପରିଚାଳନା କରିଥିବାବେଳେ ରମେଶ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

# ରାଜଲକ୍ଷ୍ମୀ ସୁରବାଣୀ ପକ୍ଷରୁ ବସନ୍ତ ଉତ୍ସବ

ପୁରୀ,୬।୨(ଅଜିତ୍ ମହାନ୍ତି)

ରାଜଲକ୍ଷ୍ମୀ ସୁରବାଣୀ ପକ୍ଷରୁ ପ୍ରସ୍ତୁତ ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ବସନ୍ତ ଉତ୍ସବ– ୨୦୨୪ ଜିଲା ସଂସ୍କୃତି ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସାରସ୍ୱତ ସାଧିକା ପ୍ରତିମା ମିଶ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ବରେ କବି ହରିହର ମିଶ୍ରଙ୍କ ରଚିତ କବିତା ସଂକଳନ 'ପରାଗ ସଙ୍ଗମ' ଲୋକାର୍ପିତ ହୋଇଥିଲା। କବି ଶ୍ୟାମ ପ୍ରକାଶ ସେନାପତି ପୁସ୍ତକର ସମୀକ୍ଷା ପାଠ କରିଥିଲେ। ସେହିପରି ଦ୍ୱିତୀୟ ପର୍ବ ଭକ୍ତି ଓ ଅନୁରାଗ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମହାପ୍ରସାଦ କର, ଅଞ୍ଜଳି ମିଶ୍ର, ରଞ୍ଜନ ମିଶ୍ର, ଯଜ୍ଞଦତ୍ତ ଦାଶ, ସଂଘମିତ୍ରା ଦାଶ ପ୍ରମୁଖ ଚିତ୍ତାକର୍ଷକ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଗୀତିକାର ଗୁରୁ ଶତପଥୀଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଅନ୍ତିମ ତଥା ତୃତୀୟ ପର୍ବରେ କବି ହରିହର ମିଶ୍ରଙ୍କ ରଚିତ ଏବଂ ଅଭିନେତା ରବି ନାରାୟଣ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ କ୍ଷୁଦ୍ରନାଟକ 'ଏ ଅମୃତ କାହାର' ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମକୁ ସଙ୍ଗୀତ ନିର୍ଦ୍ଦେଶକ ରୂପକଳ୍ପ ମିଶ୍ର ସଂଯୋଜନା କରିଥିଲେ। ଏଥିରେ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ନୂତନ ବିଡିଓଙ୍କୁ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା



ଅସ୍ତରଙ୍ଗ,୬।୨(ପ୍ରଦୀପ୍ତ ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକର ନୂତନ ବିଡିଓ ଭାବେ ସୁଶ୍ରୀ ସସ୍ମିତା ବେହେରା ଯୋଗଦେଇଛନ୍ତି। ଗତ ମାସରେ ବଦଳି ଅର୍ଡର ପ୍ରକାଶ ପାଇଥିବାବେଳେ ଇଡ୍‌କୋ ଅଫିସରେ କାର୍ଯ୍ୟରତ ସୁଶ୍ରୀ ଅସ୍ତରଙ୍ଗ ବିଡିଓ ଭାବେ ଯୋଗଦେବା ପରେ ମଙ୍ଗଳବାର ତାଙ୍କୁ ବିଜେଡି କର୍ମକର୍ତ୍ତାମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି। ବିଜେଡି ବ୍ଲକ ସଭାପତି କେଦାରନାଥ ବିଶ୍ୱାଳଙ୍କ ନେତୃତ୍ୱରେ ଦଳର କର୍ମକର୍ତ୍ତା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ସମୟରେ ସାଂସଦଙ୍କ ପ୍ରତିନିଧି ଚମ୍ପକ ବାରିକ, ମନ୍ତ୍ରୀଙ୍କ ପ୍ରତିନିଧି ଭୀମସେନ ସ୍ୱାଇଁ, ୧ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ବନିତା ବେହେରା, ରୁଦ୍ରପ୍ରସାଦ ଲେଙ୍କା, ସରପଞ୍ଚ କ୍ଷୀରୋଦ କାଣ୍ଡି, ବୃନ୍ଦାବନ ନାୟକ, ବାବୁରାମ ମଲ୍ଲିକ, ପଞ୍ଚାନନ ସ୍ୱାଇଁ, କୁଞ୍ଜ ବିହାରୀ ପ୍ରଧାନଙ୍କ ସହ ବିଜେଡି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ନୂତନ ବିଡିଓ ସୁଶ୍ରୀ ଜଣେ ସରଳ, ଅମାୟିକ ବ୍ୟକ୍ତିତ୍ୱ ଭାବେ ଜଣାଶୁଣା। ଅସ୍ତରଙ୍ଗ ବ୍ଲକ ୧୫ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି ବିଡିଓ ବେହେରା କହିଛନ୍ତି।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରଦକ୍ଷିଣ କଲେ ଶ୍ରଦ୍ଧାଳୁ

କୃଷ୍ଣପ୍ରସାଦ,୬।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ସହ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ବିଡିଓ ବିଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରତି ପଞ୍ଚାୟତରୁ ୨୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ପୁରୀ ଆସିବା ନିମନ୍ତେ ବସ୍‌ର ବ୍ୟବସ୍ଥା କରାଯାଇଥିଲା। ବ୍ଲକ ନୋଡାଲ ଅଧିକାରୀ ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣ, ଗୋଷ୍ଠୀ ବିଭ ଅଧିକାରୀ ମହେନ୍ଦ୍ର ରଞ୍ଜନ ସାହୁ, ତିିପ ପଞ୍ଚାୟତ ପିଇଓ ଭାସ୍କର ଚନ୍ଦ୍ର ସାହୁ, ସିଆଣ୍ଡି ପିଇଓ ପଙ୍କଜ ଲୋଚନ ବିଶ୍ୱାଳ, କୃଷ୍ଣପ୍ରସାଦ ପିଇଓ ପଞ୍ଚାନନ ପୂଜାରୀ, ଅରଖକୁଦା ପିଇଓ ରବୀନ୍ଦ୍ର ସାହୁଙ୍କ ସମେତ ସମ୍ପୃକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୯ରେ ମା' ଉକୁଳେଇ ମହୋତ୍ସବ

ଅସ୍ତରଙ୍ଗ,୬।୨(ମମତା ଜେନା)

ଅସ୍ତରଙ୍ଗ ଅଞ୍ଚଳର ପ୍ରସିଦ୍ଧ ଶକ୍ତି ପୀଠ ମା' ଉକୁଳେଇ ପୀଠ। ପ୍ରାଚୀନ କିମ୍ବଦନ୍ତୀ ଅନୁଯାୟୀ, ଯେ କୌଣସି ଜ୍ୱର ରୋଗୀ ଯେଉଁଭଳି ଅବସ୍ଥାରେ ଥାଉ, ଥରେ ମା'ଙ୍କ ଧୂପ ପାଇବା ସହିତ ପାଦୁକ ପାଣିରେ ଗାଧେଇଲେ ସେ ରୋଗରୁ ଉପଶମ ହୁଏ। ସେଥିପାଇଁ ଧାଇଁ ଆସନ୍ତି ଶ୍ରଦ୍ଧାଳୁ। ପ୍ରତ୍ୟେକ ବର୍ଷ ଓଡ଼ିଆ ମାଘ ମାସ ଅମାବାସ୍ୟା ତିଥିରେ ତ୍ରିବେଣୀ ବୁଡ଼ ଅନୁଷ୍ଠିତ ହୁଏ। ଏହି ଦିନରେ ମା'ଙ୍କ ଜନ୍ମଦିନ, ତ୍ରିବେଣୀ କହିଲେ ୩ ନଦୀର ଆସର। ପ୍ରାଚୀର ଶାଖା, ଦେବୀ ଓ ସେଠି ଥିବା ମା'ଙ୍କ ଜନ୍ମ ପୋଖରୀ ଏହି ୩ ଜଳାଶୟକୁ ନେଇ ତ୍ରିବେଣୀ। କଥା ଅଛି ଏହି ମାଘ ଅମାବାସ୍ୟାରେ ଯେଉଁ ଭକ୍ତ ଏହି ତ୍ରିବେଣୀରେ ବୁଡ଼ ଦେଇ ମା'ଙ୍କ ନିକଟରେ ଗୁଆ ଓ କଳସ ବସାଏ ତାହାର ମନୋସ୍କାମନା ପୂର୍ଣ୍ଣ ହୁଏ। ଏହି ଅମାବାସ୍ୟା ପାଇଁ ମା'ଙ୍କ ମନ୍ଦିରରେ ପ୍ରସ୍ତୁତି ଜୋରଦାର ଚାଲିଛି। ମନ୍ଦିରର କର୍ମକର୍ତ୍ତାଙ୍କ ଦ୍ୱାରା ରଙ୍ଗ, କପଡ଼ା ଲଗାଇବା, ସ୍ୱଚ୍ଛତା ସବୁ କାର୍ଯ୍ୟକ୍ରମ ଚାଲୁଥିବାବେଳେ, ଶତାଧିକ ଭକ୍ତଙ୍କ ଗାଡ଼ି ପାର୍କିଂ, ଶୃଙ୍ଖଳିତ ଦର୍ଶନ ପାଇଁ ଶିଦ୍ଧେଶ୍ୱର କ୍ଲବ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ସବୁଠୁ ମହତ୍ୱପୂର୍ଣ୍ଣ କଥା, ଏହା ଏକମାତ୍ର ଶକ୍ତିପୀଠ ଯେଉଁଠି ନିଃଶୁଳ୍କ ଭକ୍ତ ସେବା କରାଯାଏ। ଆସନ୍ତା ୯ ତାରିଖ ରେ ମା'ଙ୍କ ଜନ୍ମଦିନ, ମହୋତ୍ସବ ଓ ଚାପ ଖେଳ ଦେଖିବା, ଯଜ୍ଞରେ ଭାଗ ନେବା ଓ ପ୍ରସାଦସେବନ ସମ୍ପୂର୍ଣ୍ଣ ନିଃଶୁଳ୍କ ରହିଛି। ଏନେଇ ମା' ଉକୁଳେଇଙ୍କ ସେବାୟତ ମଗୁଳି ବାବା ମତ ଦେଇଛନ୍ତି।

# ବିଜେଡିର ଡିଜିଟାଲ ୱାର୍କଶପ

ପୁରୀ,୬।୨(ଅଜିତ୍ ମହାନ୍ତି)

ବର୍ତ୍ତମାନ ସାମାଜିକ ଗଣମାଧ୍ୟମର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଯୁବ ପିଢୀ ସାମାଜିକ ଗଣମାଧ୍ୟମରେ ଅଧିକ ସକ୍ରୀୟ ରହୁଛନ୍ତି। ଆଉ କିଛି ମାସ ପରେ ଦେଶରେ ସାଧାରଣ ନିର୍ବାଚନ ସହ ରାଜ୍ୟରେ ବିଧାନ ସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଆଗାମୀ ସାଧାରଣ ନିର୍ବାଚନରେ ସାମାଜିକ ଗଣମାଧ୍ୟମ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ତେଣୁ ବିଜେଡି ପକ୍ଷରୁ ମଙ୍ଗଳବାର ଏକ ଡିଜିଟାଲ ୱାର୍କଶପ ବିଜେଡି ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ଜିଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ଦ୍ୱାରା ଡିଜିଟାଲ କର୍ମକର୍ତ୍ତାଙ୍କୁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରରେ ପୁରୀ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, କୃଷ୍ଣଚନ୍ଦ୍ର ପଣ୍ଡା, ରବିଶଙ୍କର ପ୍ରତିହାରୀ, ପୁରୀ ଜିଲା ବିଜେଡି ସଭାପତି ନାରାୟଣ ସ୍ୱାଇଁ, ଜୋନ୍ ସଭାପତି ବିଜୟ କେତନ ସାହୁ, ରବିନାରାୟଣ ସାମନ୍ତରାୟ, ରଶ୍ମିରଞ୍ଜନ ଦାସ, ଅଭିନାଶ ପ୍ରଧାନ, ସାଗର ପାତ୍ର, ରୋଜାଲିନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଡିଜିଟାଲ ୱାର୍କଶପ୍‌ରେ ଶତାଧିକ କର୍ମୀ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ।



ୱାର୍କଶପରେ ବିଜେଡି ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆ ଏବଂ ଅନ୍ୟମାନେ।

# ପଞ୍ଚାୟତ କାର୍ଯ୍ୟାଳୟ ବାରଣ୍ଡା ପିଲାଙ୍କ ବିଦ୍ୟାଳୟ

- କମ୍ପ୍ୟୁଟର ଗୃହ ପାଲଟିଛି ରୋଷଶାଳା
- ପଞ୍ଚାୟତ ଗୋଦାମ ଗୃହରେ ଅଙ୍ଗନୱାଡ଼ି କେନ୍ଦ୍ର

ଅସ୍ତରଙ୍ଗ,୬।୨(ପ୍ରଦୀପ୍ତ ଦୀକ୍ଷିତ)

କାକଟପୁର ନିର୍ବାଚନମଣ୍ଡଳୀ କାକଟପୁର ବ୍ଲକ ଅଧୀନ ନାଶିକେଶ୍ୱର ପଞ୍ଚାୟତ ବାରଣ୍ଡା ଦୀର୍ଘ ୧୩ ବର୍ଷରୁ ଉର୍ଦ୍ଧ୍ୱ ହେବ ପିଲାଙ୍କ ପାଇଁ ବିଦ୍ୟାଳୟ ପାଲଟିଛି। ଏଠାରେ ପ୍ରଧାନସାହି ପ୍ରକଳ୍ପ ବିଦ୍ୟାଳୟର ୧ମରୁ ୫ମ ଶ୍ରେଣୀର ୫୦ଜଣ ପିଲା ପାଠ ପଢୁଛନ୍ତି। ଏଥିପାଇଁ ପଞ୍ଚାୟତ ଅଫିସର ଘର ଖଣ୍ଡେ ମଧ୍ୟ ମିଳିନି। ବିଦ୍ୟାଳୟର ନିଜସ୍ୱ ଗୃହ ନ ଥିବାରୁ ପିଲା ଏଭଳି ଦୟନୀୟ ଅବସ୍ଥାରେ ପାଠ ପଢୁଛନ୍ତି। କମ୍ପ୍ୟୁଟର ଗୃହରେ ପିଲାଙ୍କ ମଧ୍ୟାହ୍ନଭୋଜନ ପ୍ରସ୍ତୁତି ଚାଲିଛି। ତୁରନ୍ତ ବିଦ୍ୟାଳୟ ପାଇଁ ନୂତନ ଗୃହ ଯୋଗାଇ ଦେବାକୁ ଛାତ୍ରୀଛାତ୍ର କହିଥିଲେ। ଏ ବିଷୟରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ସଞ୍ଜୟ ସାହୁ ବିଭାଗୀୟ



ଅଧିକାରୀଙ୍କୁ ସମ୍ପୂର୍ଣ୍ଣ ଅବଗତ କରିଥିବା କହିଛନ୍ତି। ଅନ୍ୟପଟେ ନାଶିକେଶ୍ୱର ପଞ୍ଚାୟତ ଗୋଦାମ ଗୃହ ମଧ୍ୟରେ ଦୀର୍ଘ ବର୍ଷ ହେବ ଅଙ୍ଗନୱାଡ଼ି କେନ୍ଦ୍ର ଚାଲିଛି। ଏନେଇ ଅଙ୍ଗନୱାଡ଼ି ଦିଦି ମମତା ସାହୁ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଥିବା କହିଛନ୍ତି। ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଅର୍ଥ ମଞ୍ଜୁର ହୋଇଥିବାବେଳେ ରାଜନୀତି କାରଣରୁ ଗୃହ ନିର୍ମାଣ ହୋଇପାରୁ ନ ଥିବା କାକଟପୁର ସିଡିପିଓ ମେରୀ ମାଇକେଲ କହିଛନ୍ତି। ଏନେଇ କାକଟପୁର ବ୍ଲକ ଶିକ୍ଷାଧିକାରୀ ଦିଲୀପ ଜେନା କହିଛନ୍ତି, ବିଦ୍ୟାଳୟ ପାଇଁ ଜାଗା ଚିହ୍ନଟ ହୋଇଛି। ସରକାରଙ୍କ ପକ୍ଷରୁ ୧୦ଲକ୍ଷ ଟଙ୍କା ଅନୁଦାନ ଆସିଛି। ହେଲେ ପିଲାଙ୍କ ପାଇଁ କେବେ ଅଙ୍ଗନୱାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ଗୃହ ହେବ ତାହା ଜଣା ନ ଥିବା କହିଥିଲେ।

# ଓଡ଼ିଶାରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା



ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଆସିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଅନ୍ୟ ନେତାଙ୍କୁ ଝାଡ଼ଖଣ୍ଡ-ଓଡ଼ିଶା ସୀମାନ୍ତ ବାଂଶଯୋର ଫାଟକ ନିକଟରେ ଶୋଭାଯାତ୍ରାରେ ନିଆଯାଉଛି।



ବୀରମିତ୍ରପୁରଠାରେ ଆଦିବାସୀମାନେ ପାରମ୍ପରିକ ବାଦ୍ୟଯନ୍ତ୍ରରେ ରାହୁଲଙ୍କୁ ସ୍ୱାଗତ କରୁଛନ୍ତି।



ରାହୁଲ ଗାନ୍ଧୀଙ୍କୁ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଉଛି।



ବାଂଶଯୋରଠାରେ ଆୟୋଜିତ ସଭାରେ ରାହୁଲ ଗାନ୍ଧୀ, ବରିଷ୍ଠ ନେତା ଜୟରାମ ରମେଶ, ଓଡ଼ିଶା ପ୍ରଭାରୀ ଅଜୟ କୁମାର, ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ ଅନ୍ୟ ବରିଷ୍ଠ ନେତାମାନେ।

# ଏକାଧିକ ଆଶାୟୀ, ଦ୍ୱନ୍ଦ୍ୱରେ ବିଜେଡି କର୍ମୀ

ବାଲେଶ୍ୱର, ୬।୨
(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବିଧାନସଭା ନିର୍ବାଚନମଣ୍ଡଳୀକୁ ଦେଖିଲେ ବିଧାୟକ ସୁଧାଂଶୁ ଶେଖର ପରିଡ଼ା ବିଜେଡିରୁ ବହିଷ୍କୃତ ହେବା ପରେ ସେଠାକାର ରାଜନୈତିକ ଦୃଶ୍ୟପଟ ବଦଳିବାରେ ଲାଗିଛି। କୃଷି ଯନ୍ତ୍ରପାତି ଲାଗି ମିଳୁଥିବା ସରକାରୀ ସବ୍‌ସିଡି ଅର୍ଥ ହେରଫେର କରିବା ଅଭିଯୋଗରେ ସେ ବିଜେଡିରୁ ବାଦ୍ ପଡ଼ିଥିବାରୁ ସେଠାରୁ ଅନ୍ୟ ଆଶାୟୀ ଟିକେଟ ପାଇବା ପାଇଁ କସରତ କରୁଥିବା ଦେଖିବାକୁ ମିଳୁଛି। ଏପରି କି ନିର୍ବାଚନମଣ୍ଡଳୀରେ ବିଜେଡି ନେତା ଓ କର୍ମୀଙ୍କ ମଧ୍ୟରେ ତାଳମେଳ ରହୁନାହିଁ। ଏଭଳି ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଥିବାରୁ ସାଧାରଣ କର୍ମୀ କାହାଙ୍କୁ ସମର୍ଥନ କରିବେ ଦ୍ୱନ୍ଦ୍ୱରେ ପଡ଼ି ଭାଗ ଭାଗ ହେବାରେ ଲାଗିଛନ୍ତି। ବିଜେଡି ଗୋଷ୍ଠୀକନ୍ଦଳରୁ ଦଳୀୟ ସ୍ଥିତି ଅସ୍ଥିର ହୋଇ ପଡ଼ିଥିବା ଦେଖି ବିରୋଧୀ ଏହାର ଫାଇଦା ଉଠାଇବା ପାଇଁ ପ୍ରୟାସ ଜାରି ରଖିଥିବା ପରିଲକ୍ଷିତ ହେଉଛି।

ଗତ ୩ଟି ନିର୍ବାଚନରେ ରେମୁଣାର ସ୍ଥିତି ଦେଖିଲେ ୨୦୧୯ରେ ଭାଜପା ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ୪,୧୮ ଭୋଟ୍‌ରେ ପରାଜିତ କରି ବିଜେଡି ପ୍ରାର୍ଥୀ ସୁଧାଂଶୁ ଶେଖର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୪ରେ ଭାଜପାର ଗୋବିନ୍ଦ ଚନ୍ଦ୍ର ଦାସ ବିଜୟୀ ହୋଇଥିବା ବେଳେ ୨୦୦୯ରେ ବିଜେଡିର ସୁଦର୍ଶନ ଯେନା ବିଧାୟକ ହୋଇଥିଲେ। ତେବେ ସୁଧାଂଶୁ ବିଧାୟକ ହେବା ପରେ ନିର୍ବାଚନମଣ୍ଡଳୀରେ ତାଙ୍କ ନେତୃତ୍ୱରେ ଦଳ ସଙ୍ଗଠିତ ହେବା ସହ ସୁଦୃଢ଼ ହେଉଥିଲା। ୨୦୨୨ ପଞ୍ଚାୟତ ନିର୍ବାଚନରେ ବିଜେଡି ସମର୍ଥନରେ ଏହି ନିର୍ବାଚନମଣ୍ଡଳୀ ଅଧୀନ ରେମୁଣା ବ୍ଲକରେ ୨୨ ଓ ସଦର ବ୍ଲକରେ ୫ ସମିତି ସଭ୍ୟାସଭ୍ୟଙ୍କୁ ସେ ଜିତାଇବା ସହ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ହାତେଇଥିଲେ। ସେହିପରି ରେମୁଣା ବ୍ଲକର ୨୦ ସରପଞ୍ଚ ଓ ସଦର ବ୍ଲକରେ

**ରେମୁଣା ବିଧାନସଭା ନିର୍ବାଚନମଣ୍ଡଳୀ**



୫ଜଣ ସରପଞ୍ଚ ଏବଂ ୫ ଜିଲା ପରିଷଦ ସଦସ୍ୟାସଦସ୍ୟ ବିଜୟ ଲାଭ କରିଥିଲେ। ୨୦୨୩ ପୌର ନିର୍ବାଚନରେ ରେମୁଣା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ରେ ମୋଟ୍ ୧୩ଟି ୱାର୍ଡ ମଧ୍ୟରୁ ୧୦ ବିଜେଡି କାଉନ୍‌ସିଲର ଜିତିବା ସହ ଅଧ୍ୟକ୍ଷ ପଦବୀକୁ ହାତେଇବା ସୁଧାଂଶୁଙ୍କ ଦ୍ୱାରା ସମ୍ଭବ ହୋଇଥିଲା ବୋଲି ସେତେବେଳେ କୁହାଯାଇଥିଲା। ତାଙ୍କୁ ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରିବା ପରେ ସେ ଅଲୋଡ଼ା ହୋଇଯାଇଛନ୍ତି। କିନ୍ତୁ ଦଳର ଅନ୍ୟ ନିର୍ବାଚିତ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ଆଗଧାଡ଼ିର ନେତା ଓ କର୍ମୀଙ୍କ ପାଇଁ ସେ ଆଦୌ ଅଲୋଡ଼ା ନୁହନ୍ତି ବୋଲି ନିର୍ବାଚନମଣ୍ଡଳୀରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ବହିଷ୍କୃତ ବିଧାୟକଙ୍କ ସ୍ଥାନରେ କିଏ ଦଳୀୟ ଟିକେଟ ପାଇବେ, ତାହାକୁ ନେଇ ଚାଲିଛି ଜୋରଦାର ପ୍ରତିଯୋଗିତା। ଯୁବନେତାଙ୍କଠାରୁ ଆରମ୍ଭ କରି ବରିଷ୍ଠଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜକୁ ଆଶାୟୀ ଭାବେ ଦର୍ଶାଇ କ୍ଷେତ୍ର ଦଖଲ ଅଭିଯାନରେ ଅଛନ୍ତି। କେତେ ଜଣ ଆଶାୟୀ ନୂଆବର୍ଷ ତଥା ଉତ୍ସବ ଦିନଗୁଡ଼ିକରେ ପୋଷ୍ଟର ଲଗାଇ ନିର୍ବାଚନମଣ୍ଡଳୀର ଭୋଟରମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରୁଛନ୍ତି। ଏଭଳି ସମୟରେ ପୂର୍ବରୁ ପାର୍ଟିରେ ଦେଖାଦେଇ ଆସିଥିବା ଅନ୍ତର୍ଦ୍ୱନ୍ଦ୍ୱ ଏବେ ସକ୍ରିୟ ହୋଇଛି। ଜିଲାର ପୂର୍ବତନ ସଭାପତି ରବୀନ୍ଦ୍ର ଜେନାଙ୍କ ଗୋଷ୍ଠୀ ଓ ବିଧାୟକଙ୍କ ଗୋଷ୍ଠୀ ମଧ୍ୟରେ ଟକରାଟକ୍କିରି ଚାଲିଛି। ଆସନ୍ତା ନିର୍ବାଚନ ସକାଶେ ବିଧାୟକ ପ୍ରାର୍ଥୀ ପାଇଁ ଦଳୀୟ ଟିକେଟ ହାତେଇବାକୁ ବିଭିନ୍ନ ମହଲରେ ଶକ୍ତି ପ୍ରଦର୍ଶନ ସହ ଉପରିସ୍ଥ ନେତା ଓ ଜିଲା ପର୍ଯ୍ୟବେକ୍ଷକଙ୍କଠାରେ ଜୋରଦାର ଲବି ହେଉଛି। ଦଳର ସୁପ୍ରିମୋଙ୍କ ଉପରେ ଆସ୍ଥା ରଖି ଖୋଦ୍ ବିଧାୟକ ଦଳକୁ ଫେରି ପ୍ରାର୍ଥୀ ହେବାର ଦୃଢ଼ୋକ୍ତି ପ୍ରକାଶ କରୁଥିବା ବେଳେ ପୂର୍ବତନ ବିଧାୟକ ସୁଦର୍ଶନ ଯେନା, ଶିକ୍ଷାବିତ୍ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ସାମାଜିକ କର୍ମୀ ବଂଶୀଧର ଦଳେଇ, ଇଂ. ଦୀପକ ମଲ୍ଲିକ, ବରିଷ୍ଠ ଓଏଏସ୍ ଅଧିକାରୀ ସରୋଜ ସେଠୀ, ଇଂ. କାର୍ତ୍ତିକ ସେଠୀ, ଯୁବନେତା ଚନ୍ଦନ ମଲ୍ଲିକ ବିଜେଡିରୁ ପ୍ରାର୍ଥୀ ହେବାର ଆଶା ବାନ୍ଧି କାର୍ଯ୍ୟ କରୁଥିବା ପରିଲକ୍ଷିତ ହେଉଛି।

## ଅଜିତ ପାୱାର ଗୋଷ୍ଠୀ ଅସଲ ଏନ୍‌ସିପି

ନୂଆଦିଲ୍ଲୀ,୬।୨

ଜାତୀୟତାବାଦୀ କଂଗ୍ରେସ ପାର୍ଟିର ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ଅସଲି ଏନ୍‌ସିପି ବୋଲି ନିର୍ବାଚନ କମିଶନ ମଙ୍ଗଳବାର ଘୋଷଣା କରିଛନ୍ତି। ଫଳରେ ଦଳକୁ ନେଇ ଏହାର ପ୍ରତିଷ୍ଠାତା ଶରଦ ପାୱାର ଏବଂ ଅଜିତଙ୍କ ଗୋଷ୍ଠୀ ମଧ୍ୟରେ ଯେଉଁ ବିବାଦ ଲାଗିରହିଥିଲା, ତାହାର ଅନ୍ତ ଘଟିଛି।

୨୦୨୩ ଜୁଲାଇରେ ଅଜିତ ତାଙ୍କ ଦାଦା ତଥା ଏନ୍‌ସିପି ପ୍ରତିଷ୍ଠାତା ଶରଦଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିବା ସହ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଭାଜପା-ଶିବସେନା ସରକାରରେ ସାମିଲ ହୋଇଥିଲେ। ଫଳରେ ଏନ୍‌ସିପି ଦୁଇଭାଗ ହୋଇଥିଲା। ଦଳର ନାମ ଓ ଚିହ୍ନକୁ ନେଇ ଉଭୟ ଗୋଷ୍ଠୀ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଧିକ ବିଧାୟକ ଥିବା ଅଜିତ ପାୱାର ଗୋଷ୍ଠୀ ସପକ୍ଷରେ ନିର୍ବାଚନ କମିଶନ ରାୟ ଦେଇ ଏହାକୁ ଅସଲି ଏନ୍‌ସିପି ଘୋଷଣା କରିବା ସହ ଦଳୀୟ ଚିହ୍ନ 'କାନ୍ଥଘଣ୍ଟା' ପ୍ରଦାନ କରିଛନ୍ତି। ଇସିଙ୍କ ନିଷ୍ପତ୍ତିକୁ ବିନମ୍ରତାର ସହ ଗ୍ରହଣ କରିଛୁ ବୋଲି



ଅଜିତ ପାୱାର

ଅଜିତ ସୋସିଆଲ ମିଡିଆରେ କହିଛନ୍ତି। ଆଗକୁ ରାଜ୍ୟ ସଭା ନିର୍ବାଚନ ଥିବାରୁ ଶରଦ ପାୱାରଙ୍କୁ ବୁଧବାର ଅପରାହ୍ନ ୪ଟା ସୁଦ୍ଧା ନିଜ ଦଳ ପାଇଁ ତିନୋଟି ନାଁ ପ୍ରସ୍ତାବ ରଖିବାକୁ ଇସି କହିଛନ୍ତି। ଗତ ୬ ମାସ ମଧ୍ୟରେ ଉଭୟ ଗୋଷ୍ଠୀର ୧୦ଥରରୁ ଅଧିକ ଶୁଣାଣି ପରେ ନିର୍ବାଚନ କମିଶନ ନିଷ୍ପତ୍ତି ଶୁଣାଇଛନ୍ତି। ଅଜିତ ଗୋଷ୍ଠୀ ତରଫରୁ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ, ନୀରଜ କୌଲ, ଅଭିକଳ୍ପ ପ୍ରତାପ ସିଂ, ଶ୍ରୀରଙ୍ଗ ବର୍ମା, ଦେବାଂଶୀ ସିଂ, ଆଦିତ୍ୟ କ୍ରିଷ୍ଣା ଏବଂ ଯାମିନୀ ସିଂଙ୍କୁ ନେଇ ଗଠିତ ଲିଗାଲ ଟିମ୍ ଶୁଣାଣିରେ ଭାଗ ନେଇଥିଲେ।

# ଅର୍ପଣ ଚାଉଳରେ ମହାପ୍ରସାଦ ପ୍ରସ୍ତୁତି ନେଇ ବର୍ଷିଲା ଭାଜପା

ଭୁବନେଶ୍ୱର,୬।୨(ସୁନିତ୍ ମିଶ୍ର)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବେଳେ ବିଜେଡି ପକ୍ଷରୁ ଅର୍ପଣ ରଥ ଦ୍ୱାରା କରାଯାଇଥିବା ଚାଉଳ ସଂଗ୍ରହ ପରବର୍ତ୍ତୀ ସମୟରେ ବାରମିଶା (ଅରୁଆ/ଉଷୁନା) ଚାଉଳ କାହିଁକି ସଂଗୃହୀତ କରାଯାଉଛି, ସେନେଇ ପ୍ରଶ୍ନ ଉଠିଥିଲା। ଗଜପତି ମହାରାଜା ସେହି ଚାଉଳ ସଂଗ୍ରହରେ ମନ୍ଦିର ପରିଚାଳନା ସମିତିର ସହମତି ନ ଥିବା କଥା କହିଥିଲେ। ଉକ୍ତ ଚାଉଳକୁ ସରକାର ଏବେ ଶ୍ରୀମନ୍ଦିରରେ ମହାପ୍ରସାଦ ଆକାରରେ ଭୋଗ ଲଗାଉଛନ୍ତି। ଏହା ମନ୍ଦିର ପ୍ରଶାସନର ନିର୍ଦ୍ଦେଶରେ ହେଉଥିବାବେଳେ ଦୀର୍ଘ ବର୍ଷର ମନ୍ଦିର ନୀତି ଓ ପରମ୍ପରାକୁ ନଷ୍ଟ କରିଛି। ଏତେ ବଡ଼ ଭୁଲ୍ ନିଷ୍ପତ୍ତି କାହା ନିର୍ଦ୍ଦେଶରେ, କେଉଁ ସ୍ୱାର୍ଥରେ, କିଏ ଏବଂ କାହା ମାଧ୍ୟମରେ ନିଆଯାଇଛି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପ୍ରଶ୍ନ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ଏଭଳି ନିଷ୍ପତ୍ତି ଉପରେ ରାଜ୍ୟ ସରକାର ସ୍ପଷ୍ଟୀକରଣ ଦେବା ଦରକାର। ମନ୍ଦିର ପରମ୍ପରାର ବ୍ୟତିକ୍ରମ ଘଟାଇ 'ଅର୍ପଣ ରଥ' ମାଧ୍ୟମରେ ନିଜର ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ଯେଉଁଭଳି ମହାପ୍ରଭୁଙ୍କୁ ସାଧନକରି ଚାଉଳ ଏବଂ ଦକ୍ଷିଣା ଆଦାୟ କରାଯାଇଥିଲା, ସେତେବେଳେ ଉଷୁନା ଚାଉଳ ସଂଗ୍ରହ କରାଯାଇଥିବାର ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଶ୍ରୀମନ୍ଦିରର ଅନେକ ସେବାୟତ ଏକଥା ମଧ୍ୟ କହିଥିଲେ ଯେ, ସଂଗୃହୀତ ବାରମିଶା ଚାଉଳରେ ମହାପ୍ରଭୁଙ୍କ ପାଖରେ ଭୋଗ ଲାଗିପାରିବ ନାହିଁ। ନୀତି ଅନୁଯାୟୀ ମନ୍ଦିରରେ କେବଳ ଗୋଟି ଚାଉଳ ବ୍ୟବହାର କରାଯାଏ। ତଥାପି ଏ ସମସ୍ତ ବିଷୟକୁ ଅଣଦେଖାକରି ସରକାରୀ ଦଳର ରାଜନୈତିକ ଚାପରେ ଉଷୁନା ଚାଉଳକୁ ମନ୍ଦିରରେ ଭୋଗ ଲଗାଗଲା। ଅର୍ପଣ ଯାତ୍ରାବେଳେ ଲୋକମାନେ ମନଖୋଲି ଟଙ୍କା ମଧ୍ୟ ଦାନ କରିଥିଲେ। ସେ ଟଙ୍କା କୁଆଡ଼େ ଗଲା ବୋଲି ମନମୋହନ ପ୍ରଶ୍ନ କରିଛନ୍ତି। ଆଗାମୀ ଦିନରେ ଭାଜପା ଏହାକୁ ଏକ ପ୍ରମୁଖ ପ୍ରସଙ୍ଗ ଭାବେ ଲୋକଙ୍କ ପାଖକୁ ନେବ ବୋଲି ସେ କହିଛନ୍ତି।

# ପରୀଙ୍କୁ ନ୍ୟାୟ ମିଳିଲା, ଭାଜପାର ଅସଲ ଚେହେରା ପଦାରେ ପଡ଼ିଲା: ବିଜେଡି

ଭୁବନେଶ୍ୱର,୬।୨(ଅନିଲ ଦାସ)

ନାବାଳିକା ପରୀଙ୍କ ନିଖୋଜ ଓ ହତ୍ୟା ଘଟଣା ଅତ୍ୟନ୍ତ ଦୁଃଖଦ ଥିଲା, ଯାହା ସମସ୍ତଙ୍କୁ ମର୍ମାହତ କରିଥିଲା। ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ଥିବା ଯୋଗୁ ମାମଲାର ତଦନ୍ତ ପାଇଁ ରାଜ୍ୟ ସରକାରଏସ୍‌ଆଇଟି ଗଠନ କରିଥିଲେ। ତଦନ୍ତକୁ ତଦାରଖ କରିବା ପାଇଁ ହାଇକୋର୍ଟଙ୍କୁ ଅନୁରୋଧ କରିଥିଲେ। ନିୟମିତ ବ୍ୟବଧାନରେ ଏହାର ଅଗ୍ରଗତିନେଇ ଏସ୍‌ଆଇଟି ଷ୍ଟାଟସ୍ ରିପୋର୍ଟ ଦାଖଲ କରୁଥିଲା। ଏସ୍‌ଆଇଟି ବହୁ ପରିଶ୍ରମ କରି ପ୍ରକୃତ ଅପରାଧୀକୁ ଚିହ୍ନଟ କରିବା ସହ ତଥ୍ୟ ପ୍ରମାଣଜୁଟାଇଥିଲା। ଫଳରେ



ସ୍ନେହାଙ୍ଗିନୀ ଛୁରିଆ

ଅପରାଧୀକୁ ୨୦ ବର୍ଷ ଦଣ୍ଡବିଧାନ ହୋଇଛି, ପରୀଙ୍କୁ ନ୍ୟାୟ ମିଳିଛି।

ଏହି ଐତିହାସିକ ରାୟ ଆସିବା ପରେ ରାଜ୍ୟ ଭାଜପା ନେତାଙ୍କ ଅସଲ ମୁଖା ଖୋଲିଯାଇଛି ବୋଲି ବିଜୁ ଜନତା ଦଳ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି। ମଙ୍ଗଳବାର ଗଣମାଧ୍ୟମକୁ ସେ କହିଛନ୍ତି ଯେ ଓଡ଼ିଶାବାସୀଙ୍କୁ ଶକ୍ତ ଆଘାତ ଓ ଦୁଃଖ ଲାଗିଥିଲା, ଯେତେବେଳେ ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ଓଡ଼ିଶା ଭାଜପାର କେତେକ ନେତା ମାମଲାର ରାଜନୀତୀକରଣ କରି ତଦନ୍ତକୁ ଦିଗହରା କରିବାକୁ ଅପଚେଷ୍ଟା କରିଥିଲେ । ବାରମ୍ବାର ପ୍ରସଙ୍ଗର ରାଜନୀତୀକରଣ କରି ମାମଲାକୁ ବିଳମ୍ବିତ ଓ ଦିଗହରା କରାଯାଇଥିଲା। ପ୍ରଥମେ ହାଇକୋର୍ଟ ଏବଂ ପରେ ସୁପ୍ରିମକୋର୍ଟରେ ଉଦ୍ୟମ କରି ଝଟକା ପାଇଥିଲେ। ଦେଶର ନାମୀଦାମୀ ଓକିଲଙ୍କୁ ମାମଲା ଲଢ଼ିବାକୁ କୋର୍ଟରେ ଠିଆ କରାଇଥିଲେ। ଏଭଳି ସ୍ୱର୍ଣ୍ଣକାତର ମାମଲାରେ ସର୍ବଦା ଓଡ଼ିଶା ଭାଜପା ରାଜନୀତି କରେ। ଓଡ଼ିଶାକୁ ବଦନାମ କରିବାକୁ ବାରମ୍ବାର ଅପଚେଷ୍ଟା କରାଗଲା। କିଡ୍‌ନୀ ଏବଂ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗ ବିକ୍ରି ପାଇଁ ଚକ୍ରାନ୍ତ କରାଯାଇଥିବା ଭଳି ଡାହାମିଛମାନ କୁହାଯାଇଥିଲା। ଅଭିଯୁକ୍ତକୁ କିଭଳି ଜାମିନ ମିଳିବ ସେନେଇ ବହୁ ଚେଷ୍ଟା କରିଥିଲେ, ଯାହା ହାଇକୋର୍ଟରେ ପ୍ରତ୍ୟାଖ୍ୟାତ ହୋଇଥିଲା। ଜଣେ ନାବାଳିକା ସହ ହୋଇଥିବା ଅତ୍ୟାଚାର ପ୍ରସଙ୍ଗରେ ଏଭଳି ହୀନ ରାଜନୀତି କରିଥିବା ଗୋଷ୍ଠୀଙ୍କୁ ଲଜ୍ଜା ଲାଗିବା ଦରକାର। ପରୀଙ୍କୁ ନ୍ୟାୟ ମିଳିଛି, ତାଙ୍କ ଆତ୍ମା ଶାନ୍ତି ପାଉ ବୋଲି ଛୁରିଆ କହିଛନ୍ତି।

## ସଂକ୍ଷେପରେ

### ପୁରୁଣା କାର୍ ଶୋରୁମ୍ ମାଲିକ ଗିରଫ

**୬.୫୦ ଲକ୍ଷ ଟଙ୍କା ଠକେଇ**

**ଭୁବନେଶ୍ୱର,୬।୨(ସତ୍ୟଜିତ୍ ରାଉତ):** ଗାଡ଼ି ଦେବା ଆଳରେ ୬.୫୦ ଲକ୍ଷ ଟଙ୍କା ଠକେଇ ମାମଲାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ପୁରୁଣା କାର୍ ଶୋରୁମ୍ ମାଲିକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ କଟକ ସଦର ଥାନା ଅଞ୍ଚଳର ଏସ୍‌କେ ଜାବୁଲା (୪୧)। ତାଙ୍କର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ 'ଆଜ୍‌ମେର୍ ମୋଟର୍ସ' ନାମରେ ଏକ ପୁରୁଣା କାର୍ ଶୋରୁମ୍ ରହିଛି। ଚନ୍ଦ୍ରଶେଖରପୁର ଅଞ୍ଚଳର ଶଙ୍କର ସେନାପତି ୬ ଲକ୍ଷ ୫୦ ହଜାର ଟଙ୍କା ଦେଇ ଅଭିଯୁକ୍ତଙ୍କ କାର୍ ଶୋ'ରୁମ୍‌ରୁ ୨୦୨୨ ଏପ୍ରିଲ୍ ୧୬ରେ ଏକ ପୁରୁଣା ବୋଲେରୋ ନେଇଥିଲେ। ଜାବୁଲା ତାଙ୍କୁ ଦୁଇମାସ ମଧ୍ୟରେ ମାଲିକାନା ହସ୍ତାନ୍ତର କରିବାର ପ୍ରତିଶ୍ରୁତି ଦେଇ ଚୁକ୍ତି କରିବା ପରେ ଉକ୍ତ ଗାଡିର କାଗଜପତ୍ର ଓ ଏନଓସି ଦେଇଥିଲେ। ହେଲେ ପରେ ଅଭିଯୁକ୍ତ ତାଙ୍କୁ ଗାଡିର ମାଲିକାନା ହସ୍ତାନ୍ତର କରି ନ ଥିଲେ। ପରେ ଶଙ୍କର ସମ୍ପୃକ୍ତ ବ୍ୟାଙ୍କ୍‌ରେ ଯାଞ୍ଚ କରିବା ପରେ ଜାଣିବାକୁ ପାଇଲେ ଯେ, ଅଭିଯୁକ୍ତ ଜଣକ ଉକ୍ତ ଗାଡିର କିସ୍ତି ଶୁଝି ନ ଥିବାରୁ ତାଙ୍କୁ କୌଣସି ଏନ୍‌ଓସି ମିଳିନାହିଁ। ଅଭିଯୁକ୍ତଜଣକ ଜାଲ୍ ଏନ୍‌ଓସି ଦେଇ ଠକିଥିବା ଜଣାପଡ଼ିବା ପରେ ଶଙ୍କର ଥାନାରେ ଏତଲା ଦେଇଥିଲେ। ସୋମବାର ପୋଲିସ ଏକ ମାମଲା (ନଂ.୮୩/୨୦୨୩) ରୁଜୁ କରି କରି କାର୍ଯ୍ୟାନୁଷ୍ଠାନ ନେଇଛି।

### ଦେବବ୍ରତ ମଦନରାୟଙ୍କୁ ୧୦ମ ଜଗଦୀଶ କଥା ସମ୍ମାନ

**'ଜଗଦୀଶ ଯୁବ ସମ୍ମାନ' ପାଇବେ ପ୍ରଜ୍ଞାପ୍ରବର୍ତ୍ତିକା ଦାଶ**

**ଭୁବନେଶ୍ୱର,୬।୨(ଶର୍ମିଷ୍ଠା ପାଣିଗ୍ରାହୀ):** 'ଜଗଦୀଶ ମହାନ୍ତି ଟ୍ରଷ୍ଟ' ତରଫରୁ ୨୦୨୪ ମସିହା ପାଇଁ ସମ୍ମାନଜନକ 'ଜଗଦୀଶ କଥା ସମ୍ମାନ' ଘୋଷଣା କରାଯାଇଛି। ଏହି ପୁରସ୍କାର ପାଇଁ ଏଥର ବିଶିଷ୍ଟ କଥାକାର ଦେବବ୍ରତ ମଦନରାୟ ମନୋନୀତ ହୋଇଛନ୍ତି। ସେହିପରି 'ଜଗଦୀଶ ଯୁବ ସମ୍ମାନ' ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି କଥାକାର ପ୍ରଜ୍ଞାପ୍ରବର୍ତ୍ତିକା ଦାଶ। ଆଗାମୀ ୧୭ ତାରିଖରେ ଭୁବନେଶ୍ୱରସ୍ଥିତ ରେଡକ୍ରସ ଭବନଠାରେ ଆୟୋଜିତ ହେବାକୁଥିବା 'ଜଗଦୀଶ ଜୟନ୍ତୀ' ଉତ୍ସବରେ ବିଶିଷ୍ଟ କଥାକାର ତରୁଣକାନ୍ତି ମିଶ୍ର ଏବଂ ଗାଳ୍ପିକ ସଦାନନ୍ଦ ତ୍ରିପାଠୀ ପ୍ରମୁଖ ବରେଣ୍ୟ ଅତିଥିଙ୍କ ଗହଣରେ ପ୍ରତିଭାଦ୍ୱୟଙ୍କୁ ପୁରସ୍କୃତ କରାଯିବ। ଏହି ଉତ୍ସବରେ ଯୋଗଦେବାକୁ ଟ୍ରଷ୍ଟ ଅଧ୍ୟକ୍ଷା ଡ. ସରୋଜିନୀ ସାହୁ ଏବଂ ସମ୍ପାଦକ ସରୋଜ ବଳ ଅନୁରୋଧ କରିଛନ୍ତି।

**ମୋ ବସ୍ ଧକ୍କାରେ ଯୁବକ ଗୁରୁତର ଘଟଣା**

### ଗିରଫ ହେଲେ ଡ୍ରାଇଭର

**ଭୁବନେଶ୍ୱର,୬।୨(ସତ୍ୟଜିତ୍ ରାଉତ):** ଭୁବନେଶ୍ୱର ପଟିଆରେ ମୋ ବସ୍ ଧକ୍କାରେ ଯୁବକ ଗୁରୁତର ହେବା ଘଟଣାରେ ଇନ୍‌ଫୋସିଟି ଥାନା ପୋଲିସ ସମ୍ପୃକ୍ତ ଡ୍ରାଇଭରଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ମୈତ୍ରୀ ବିହାର ଥାନା ଅନ୍ତର୍ଗତ ସାଲିଆ ସାହି ହାତିଆଶୁଣୀ ନଗରରେ ରହୁଥିବା କନ୍ଧମାଳ ଜିଲା ଫୁଲବାଣୀର ମନୋଜ କୁମାର ମଲ୍ଲିକ (୪୫)। ଦୁର୍ଘଟଣା ଘଟାଇଥିବା ବସ୍‌କୁ ମଧ୍ୟ ପୋଲିସ ଜବତ କରିଛି। ରବିବାର ରାତି ପ୍ରାୟ ୮ଟାବେଳେ ଦଣ୍ଡପାଣୀ ରେଡ୍ଡୀ ପଟିଆ ପାର୍ଶ୍ୱରୁ ନିଜ ଗାଁ ଶିଖରଚଣ୍ଡୀ ନଗରକୁ ଫେରୁଥିଲେ। ଜୟଦେବ ବିହାରରୁ ପଟିଆ ପାର୍ଶ୍ୱକୁ ଯାଉଥିବା ମୋ ବସ୍‌ଟି ମ୍ୟାଗନେଟିକ ଛକ ନିକଟରେ ଥିବା ଡିଏଚ୍‌ଏଫସି ବ୍ୟାଙ୍କ ନିକଟରେ ଦଣ୍ଡପାଣୀଙ୍କୁ ପଛ ପଟୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ସେ ଗୁରୁତର ହୋଇଥିଲେ। ଏହି ଘଟଣାକ୍ରମେ ପରିବାର ଓ ସ୍ଥାନୀୟ ଲୋକ ରାସ୍ତା ରୋକ କରିବା ସହ ବସ୍ ଭଙ୍ଗାରୁଜା କରିଥିଲେ। ଏନେଇ ଏତଲାକ୍ରମେ ସୋମବାର ପୋଲିସ ଏକ ମାମଲା (ନଂ.୫୬/୨୦୨୩) ରୁଜୁ କରିଥିଲା।

# ହୃଦ୍‌ଘାତ ସମୟରେ ଜୀବନ ବଞ୍ଚାଇବ ସିପିଆର୍

ଭୁବନେଶ୍ୱର, ୬।୨ (ବନ୍ଦନା ସେଠୀ)

**ଏମ୍ସ ଭୁବନେଶ୍ୱର ପକ୍ଷରୁ ସ୍ୱତନ୍ତ୍ର ତାଲିମ କର୍ମଶାଳା**

ସମଗ୍ର ଦେଶରେ ଏବେ ହୃଦ୍‌ରୋଗ ମୃତ୍ୟୁର ମୁଖ୍ୟ କାରଣ ଭାବେ ଉଭା ହୋଇଛି। ହୃଦ୍‌ଘାତ ହେବା ସମୟରେ ତୁରନ୍ତ ଚିକିତ୍ସା ସେବା ଉପଲବ୍ଧ ହେବା ପର୍ଯ୍ୟନ୍ତ ମସ୍ତିଷ୍କକୁ ଜୀବିତ ରଖିବା ନିମନ୍ତେ ସିପିଆର୍ (କାର୍ଡିଓ-ପଲ୍‌ମୋନାରି ରିସ୍ୟୁସିଟେଶନ) ଅତ୍ୟନ୍ତ ଜରୁରୀ। ହୃଦ୍‌ଘାତରେ ଆକ୍ରାନ୍ତ ବ୍ୟକ୍ତିଙ୍କ ପାଖରେ ଉକ୍ତ ସମୟରେ ଉପସ୍ଥିତ ବ୍ୟକ୍ତି ତୁରନ୍ତ ସିପିଆର୍ ମାଧ୍ୟମରେ ସମ୍ପୃକ୍ତ ରୋଗୀଙ୍କୁ ଚିକିତ୍ସା ସେବା ମିଳିବା ପର୍ଯ୍ୟନ୍ତ ବଞ୍ଚାଇ ରଖିପାରିବେ। ତେଣୁ ସମଗ୍ର ଦେଶରେ ସିପିଆର୍ ତାଲିମ ନିମନ୍ତେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାକୁ ତ୍ୱରାନ୍ୱିତ କରିବା ଦିଗରେ ଏମ୍ସ ଭୁବନେଶ୍ୱର ପକ୍ଷରୁ ରାଜ୍ୟର ୧୦ ଜିଲାର ୨ଶହରୁ ଅଧିକ ମହିଳା ଏନ୍‌ଏସ୍‌ଏସ୍ (ଜାତୀୟ ସେବା ଯୋଜନା) ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ ନିମନ୍ତେ ଏକ କର୍ମଶାଳା ମଙ୍ଗଳବାର ଆରମ୍ଭ ହୋଇଛି। ଏମ୍ସ ଭୁବନେଶ୍ୱର ଏବଂ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ



ଏମ୍ସ ପରିସରରେ ସିପିଆର୍ ତାଲିମ୍ ଦିଆଯାଉଛି।

'ସ୍ୱାସ୍ଥ୍ୟ ସମାନତା ଏବଂ ସୁସ୍ଥତା ନିମନ୍ତେ ମହିଳା ସ୍ୱେଚ୍ଛାସେବୀଙ୍କୁ ସଶକ୍ତ କରିବା' ଶୀର୍ଷକ ଏହି କର୍ମଶାଳାକୁ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଓ ସାମାଜିକ କର୍ମୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଉଦ୍‌ଘାଟନ କରିଥିଲେ। ହୃଦ୍‌ଘାତରୁ ବଞ୍ଚିବା ପାଇଁ ହେଲେ ସିପିଆର୍ କେତେଶୀଘ୍ର ଆରମ୍ଭ ହୁଏ ଓ ଏହା କିପରି ଦିଆଯାଏ ସେ ନେଇ ଦେଶର ପ୍ରାୟ ୯୮ ପ୍ରତିଶତ ଲୋକ ତାଲିମପ୍ରାପ୍ତ ନୁହନ୍ତି। ଏପରିସ୍ଥଳେ ହୃଦ୍‌ଘାତଜନିତ ସମସ୍ୟା ସହିତ ଲଢେଇ କରିବା ପାଇଁ ସରଳ ସିପିଆର୍ କୌଶଳ ତାଲିମ ପ୍ରଦାନ ବଡ଼ ଆହ୍ୱାନ। ଜଣେ ଛାତ୍ରୀଙ୍କୁ ସିପିଆର୍ ତାଲିମ ପ୍ରଦାନ କରାଗଲେ, ତାଙ୍କ ଦ୍ୱାରା ସମାଜ ବିଶେଷ ଉପକୃତ ହୋଇପାରିବ ବୋଲି ଡା. ବିଶ୍ୱାସ କହିଥିଲେ। କର୍ମଶାଳାରେ ସୁସ୍ଥ ଜୀବନଶୈଳୀ, ମାସିକ ଋତୁସ୍ରାବଜନିତ ସମସ୍ୟା, ଉଚ୍ଚରକ୍ତଚାପ, ମଧୁମେହ, ଅସନ୍ତୁଳିତ ଜୀବନଶୈଳୀ ଜନିତ ସମସ୍ୟା ଆଦି ସମ୍ପର୍କରେ ତାଲିମ ପ୍ରଦାନ କରାଯିବ। ଏପରି କର୍ମଶାଳା ଦ୍ୱାରା ଛାତ୍ରୀମାନେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଏହାର ଉପଚାର ସମ୍ପର୍କରେ ଜ୍ଞାନ ଆହରଣ କରିପାରିବେ, ଯାହାକି ସେମାନଙ୍କୁ ଆତ୍ମବିଶ୍ୱାସୀ କରିବ ବୋଲି ପଦ୍ମଶ୍ରୀ ତୁଳସୀ ମତ ଦେଇଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ. ଶ୍ରୀତମ ସ୍ୱରୂପ ଜେନା ଛାତିକୁ ଉପଯୁକ୍ତ ଢଙ୍ଗରେ କିପରି ସଙ୍କୋଚନ/ଚାପ ଦିଆଯିବ, ମାସ୍କ ଭେଣ୍ଟିଲେଶନ ଏବଂ ଏଇଡି (ସ୍ୱୟଂଚାଳିତ ବାହ୍ୟ ଡିଫିବ୍ରିଲେଟର)ର ବ୍ୟବହାର ସମ୍ପର୍କରେ ବର୍ଣ୍ଣନା କରିଥିଲେ।




କ୍ୟାନ୍‌ସରରେ ପୀଡ଼ିତ ବ୍ରିଟେନ୍‌ର ରାଜା ଚାର୍ଲ୍ସଙ୍କ ଆଶୁ ଆରୋଗ୍ୟ କାମନା କରି ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକା କଳା।

### ସିଦ୍ଧାନ୍ତଙ୍କୁ ପ୍ରଶଂସା କଲେ ବୈଜ୍ଞାନିକ ସଚିଦାନନ୍ଦ ପଣ୍ଡା

**ସମ୍ମିଳନୀରେ ନୂତନ ପିଢ଼ି ସହ ଯୋଡ଼ି ହେଲେ ପୁରାତନଛାତ୍ର**



ଭୁବନେଶ୍ୱର,୬।୨(ଶର୍ମିଷ୍ଠା ପାଣିଗ୍ରାହୀ)

କଟକ ରେଭେନ୍‌ଶା କଲେଜିଏଟ୍ ସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ର ସିଦ୍ଧାନ୍ତ କୁମାର ସାହୁଙ୍କୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଉତ୍ସାହିତ କରିଛନ୍ତି ସେହି ବିଦ୍ୟାଳୟର ପୁରାତନ ଛାତ୍ର ତଥା ଯୁକ୍ତରାଷ୍ଟ୍ର ଆମେରିକାରେ ରହୁଥିବା ଓଡ଼ିଆ ବୈଜ୍ଞାନିକ ଡ. ସଚ୍ଚିଦାନନ୍ଦ ପଣ୍ଡା। ସେ ସିଦ୍ଧାର୍ଥଙ୍କ ଅଭିଭାଷଣ ଶୁଣି ପ୍ରଶଂସା କରିବା ସହ ଭବିଷ୍ୟତ ପାଇଁ ପ୍ରେରଣା ଯୋଗାଇଛନ୍ତି। ଡ. ପଣ୍ଡା ଜିନ ଓ ମଲିକ୍ୟୁଲ ସମ୍ବନ୍ଧରେ ଗବେଷଣା କରି ଆମେରିକାର ଜଣେ ପ୍ରସିଦ୍ଧ ବୈଜ୍ଞାନିକ। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅବସରରେ ସିଦ୍ଧାନ୍ତ ଓଡ଼ିଆ ଭାଷାକୁ ନେଇ ଚମତ୍କାର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅଭିଭାଷଣ ସମସ୍ତଙ୍କୁ ବିମୋହିତ କରିବା ସହ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ଭାଷଣ ଦେଉଥିବା ପିଲାଟି ଜଣେ ରେଭେନ୍‌ଶା କଲେଜିଏଟ ସ୍କୁଲର ଛାତ୍ର ଜାଣିବା ପରେ ଡ. ପଣ୍ଡା ଆନନ୍ଦ ଓ ଗର୍ବରେ ଆସି ସିଦ୍ଧାନ୍ତଙ୍କୁ ପ୍ରଶଂସା କରିଥିଲେ। ଏହାପରେ ସିଦ୍ଧାନ୍ତଙ୍କ ସହ ଫଟୋ ମଧ୍ୟ ଉଠାଇଥିଲେ।

# ୧୩ରୁ ଦଶମ ଅନ୍ତର୍ଜାତୀୟ ରେଡିଓ ମେଳା

ଭୁବନେଶ୍ୱର, ୬।୨ (ବନ୍ଦନା ସେଠୀ)

- **ଶଙ୍କର୍ଷଣ ମଙ୍ଗରାଜ ପାଇବେ 'ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ'**
- **ରେଡିଓ ଜକି ହେବାର ସୁଯୋଗ ମିଳିବ**

ଆସନ୍ତା ୧୩ ଓ ୧୪ ତାରିଖରେ ଦଶମ ଆଉଟରିଚ୍ ଅନ୍ତର୍ଜାତୀୟ ରେଡ଼ିଓ ମେଳା ଭୁବନେଶ୍ୱରର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହେବ। ଏଥିରେ ଦେଶର ଅନେକ ରେଡ଼ିଓ ପ୍ରସାରକ ଓ ରେଡ଼ିଓ ଷ୍ଟେଶନ ଯୋଗଦେବେ। ପ୍ରସାରଣ କ୍ଷେତ୍ରରେ ଉତ୍କର୍ଷ ପାଇଁ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନଙ୍କୁ ସମ୍ମାନିତ କରାଯିବ ବୋଲି ରେଡ଼ିଓ ମେଳାର ଆୟୋଜକ ସୁବ୍ରତ କୁମାର ପତି ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମେଳାରେ ୩ହଜାରରୁ ଅଧିକ ପ୍ରକାର ପୁରୁଣା ରେଡ଼ିଓ, ପ୍ରସାରଣ ସାମଗ୍ରୀ, ହାମ୍ ରେଡ଼ିଓ ଓ ଗ୍ରାମ୍‌ଫୋନ ପ୍ରଦର୍ଶନ କରାଯିବ। ସେହିପରି ରେଡିଓ ଜକି ହେବା ପାଇଁ ମେଳାରେ ୪୦ଜଣଙ୍କୁ ସୁଯୋଗ ମିଳିପାରିବ। ଯୋଗ୍ୟ ପ୍ରାର୍ଥୀ କମ୍ୟୁନିଟି ରେଡିଓ, ପ୍ରାଇଭେଟ ଏଫ୍‌ଏମ୍ ବା ଅନ୍‌ଲାଇନ ରେଡ଼ିଓରେ ଚାକିରି ପାଇଁ ସୁଯୋଗ ପାଇପାରିବେ। ଏଥିପାଇଁ କୌଣସି ବୟସ ସୀମା ନାହିଁ। ୨୦ରୁ ଅଧିକ ଷ୍ଟେଶନର ଅଧିକାରୀ ଯୋଗଦେଇ ନିଜ ଚ୍ୟାନେଲ ପାଇଁ ଆର୍.ଜେ. ଚୟନ କରିବେ। ସେହିପରି ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହେବ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ପ୍ରତିଯୋଗିତା ପାଇଁ ଛାତ୍ରୀଛାତ୍ରମାନେ ଅନଲାଇନ ଏବଂ ସ୍ପଟ୍ ପଞ୍ଜୀକରଣ କରିପାରିବେ। ଏହି ଅବସରରେ ରେଡିଓ ଉପସ୍ଥାପକ ଶଙ୍କର୍ଷଣ ମଙ୍ଗରାଜଙ୍କୁ 'ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ' ଏବଂ ଉପସ୍ଥାପକ ମନୋଜ ମହାପାତ୍ରଙ୍କୁ 'ଉପେନ୍ଦ୍ର କୁମାର ପାହାଡ଼ସିଂହ ମେମୋରିଆଲ ଆୱାର୍ଡ' ପ୍ରଦାନ କରାଯିବ। ତାମିଲନାଡୁର ହୋଲିକ୍ରସ କମ୍ୟୁନିଟି ରେଡିଓକୁ ଚଳିତବର୍ଷ 'ଶ୍ରେଷ୍ଠ କମ୍ୟୁନିଟି ରେଡ଼ିଓ', ବିହାରର ରାମବିଳାସ ପ୍ରସାଦଙ୍କୁ 'ଶ୍ରେଷ୍ଠ ରେଡ଼ିଓ ଶ୍ରୋତା' ଭାବରେ ସମ୍ମାନିତ କରାଯିବ। ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସହାୟତାରେ ରେଡ଼ିଓ ମେଳାରେ ପ୍ରତି ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ ବୋଲି ସୂଚନା ଦିଆଯାଇଛି।

# ଭୋର ୪ଟା ୩୪ରେ ଚନ୍ଦ୍ରଭାଗା ବୁଡ଼

କୋଣାର୍କ,୬।୨(ଜ୍ୟୋତିରାଜ ମହାନ୍ତି)

**ଚନ୍ଦ୍ରଭାଗା ମାଘ ସପ୍ତମୀ ବୁଡ଼ ନିମନ୍ତେ ତ୍ରିଶୂଳୀଙ୍କ ନୀତି ଚୂଡ଼ାନ୍ତ**

ଆସନ୍ତା ୧୬ ତାରିଖରେ ଚନ୍ଦ୍ରଭାଗାରେ ପବିତ୍ର ମାଘସପ୍ତମୀ ବୁଡ଼। ଏନେଇ କୋଣାର୍କସ୍ଥିତ ଯାତ୍ରୀ ନିବାସ ସମ୍ମେଳନ କକ୍ଷରେ ନୀତି ସମ୍ପାଦନ ସମ୍ବନ୍ଧୀୟ ସବ୍‌କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ଉପଜିଲାପାଳ ଭବତାରଣ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ, ମାଧିପୁର ଗ୍ରାମର ମହାଦେବ ତ୍ରିବେଣୀଶ୍ୱର, ସନ୍ଥପୁର ଗ୍ରାମର ମହାଦେବ ଐଶାଣେଶ୍ୱର ଓ କୁରୁଜଙ୍ଗ ଗ୍ରାମର ମହାଦେବ ଦକ୍ଷିଣେଶ୍ୱର ତ୍ରିଶୂଳୀ ନିଜ ନିଜ ପୀଠରେ ମାଘ ଷଷ୍ଠୀ ରାତି ୯ଟାରୁ ୯ଟା ୫୫ମିନିଟ୍ ସମୟରେ ସୁଶୋଭିତ ବିମାନରେ ରାତ୍ର ୧୦ଟା ସମୟରେ ନିଜ ନିଜ ପୀଠରୁ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ମଧ୍ୟରେ ବାହାରିବେ। କୋଣାର୍କ ମେଡିକାଲ ଛକଠାରେ ସମବେତ ହେବେ। ପରେ ତ୍ରିଶୂଳୀଙ୍କ ରାତି ୧୨ଟାରୁ ୧ଟା ସମୟରେ କୋଣାର୍କ ଏନ୍‌ଏସି ଅଫିସ ଭୋଗ ମଣ୍ଡପଠାରେ ସମବେତ ହେବା ପରେ ଦେବନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ଭୋଗ ଲାଗି କରାଯିବ। ତ୍ରିଶୂଳୀଙ୍କ କୋଣାର୍କ ରାଜସ୍ୱ ନିରୀକ୍ଷକ ଅଫିସ ଓ କୋଣାର୍କ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ପୂଜାର୍ଚ୍ଚନା ସହ ଭୋଗ ଅର୍ପଣ କାର୍ଯ୍ୟ ଅନୁଷ୍ଠିତ ହେବ। ରାତି ୧ଟା ୩୦ ମିନିଟ୍ ସମୟରେ ତ୍ରିଶୂଳୀ ଏକ ବିରାଟ ପଟୁଆରରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଅଭିମୁଖେ ଯାତ୍ରା ଆରମ୍ଭ କରି ପୁଷ୍କରିଣୀ ସ୍ନାନ ମଣ୍ଡପଠାରେ ଅବସ୍ଥାନ କରିବେ। ତୀର୍ଥ ପୁଷ୍କରିଣୀରୁ ପବିତ୍ର ଜଳ ଅଣାଯିବା ପରେ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ ହେବ। ରାତି ୪ଟା ୩୪ ମିନିଟ୍‌ରେ ତିନି ଠାକୁରଙ୍କ ସ୍ନାନକାର୍ଯ୍ୟ ସମ୍ପନ୍ନ କରାଯିବ। ତୀର୍ଥ ପୁଷ୍କରିଣୀରେ ଓଡ଼ିଶା ତଥା ରାଜ୍ୟ ବାହାରୁ ଆସିଥିବା ଶ୍ରଦ୍ଧାଳୁ ମାଘ ସପ୍ତମୀ ବୁଡ଼ ପକାଇବେ ବୋଲି ପୁରୀ ଜିଲା ପ୍ରଶାସନ ପକ୍ଷରୁ ନୀତି ଚୂଡ଼ାନ୍ତ କରାଯାଇଛି। ବୈଠକରେ ଡ୍ରେନେଜ୍ ବିଭାଗ ପକ୍ଷରୁ କରାଯାଉଥିବା ତୀର୍ଥ ପୁଷ୍କରିଣୀ ଖନନ କାର୍ଯ୍ୟ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କରାଯାଉଥିବା ପାଇଖାନା କାମ, ୱାଟ୍‌କୋ ପକ୍ଷରୁ ଅସ୍ଥାୟୀ ନଳକୂପ ଖନନ, କୋଣାର୍କ ଏନ୍‌ଏସି ପକ୍ଷରୁ ପରିମଳ କାମ, ପାର୍କିଂ ସ୍ଥାନ ନିରୂପଣ, ଟ୍ରାଫିକ ନିୟନ୍ତ୍ରଣ, ପୋଲିସ ମୁତୟନ, ଶ୍ରଦ୍ଧାଳୁଙ୍କ ସୁରକ୍ଷା ନିମନ୍ତେ ପୋଲିସ ମୁତୟନ, ଠାକୁରଙ୍କ ଶୋଭାଯାତ୍ରା ସମେତ ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା କରାଯାଇଥିଲା। ବୈଠକରେ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, ନିମାପଡ଼ା ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା, କୋଣାର୍କ ଏନ୍‌ଏସି ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।




ସବ୍‌କମିଟି ବୈଠକରେ ପୁରୀ ଉପଜିଲାପାଳ ଭବତାରଣ ସାହୁ ଓ ଅନ୍ୟମାନେ।

## ସେଲ୍ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ କୁନ୍‌ମୁନ୍



@ ଆଲିସା



@ ସୁଶୀଲ



@ ରାଜ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଜୀ ସାର୍ଥକରେ ଦର୍ଶକ ଦେଖିବେ 'ଗଦର-୨'

ଭୁବନେଶ୍ୱର,୬।୨ (ଅନୁରାଧା ମହାରଣା)

ଓଡିଶାର ମନୋରଞ୍ଜନ ଚ୍ୟାନେଲ ଜୀ ସାର୍ଥକ ସର୍ବଦା ଦର୍ଶକଙ୍କୁ ଭିନ୍ନ ଭିନ୍ନ ମାଧ୍ୟମରେ ମନୋରଞ୍ଜନ କରିଆସିଛି। ଏହି କ୍ରମରେ ଭାଲେଣ୍ଟାଇନ ସପ୍ତାହରେ ପ୍ରଥମଥର ଜୀ-ସାର୍ଥକରେ ଫିଲ୍ମ 'ଗଦର ୨' ଦର୍ଶକ ଦେଖିବେ। ୧୧ ତାରିଖ ସନ୍ଧ୍ୟା ୬ଟାରେ ଏହି ଫିଲ୍ମ ପ୍ରସାରିତ ହେବ। ଅନିଲ ଶର୍ମାଙ୍କ ନିର୍ଦ୍ଦେଶିତ 'ଗଦର ୨' ଫିଲ୍ମକୁ ପ୍ରଥମଥର ଓଡିଆରେ ଦର୍ଶକ ଦେଖିବେ। ଅଭିନେତା ସନି ଦେଓଲ ଏବଂ ଅମିଷା ପଟେଲଙ୍କ ଅଭିନୀତ ଏହି ଫିଲ୍ମ ୨୦୦୧ ମୂଳ ଚଳଚ୍ଚିତ୍ର 'ଗଦର ଏକ ପ୍ରେମ କଥା'ର ଏକ ସିକ୍ୱେଲ। ଫିଲ୍ମଟି ବକ୍ସ ଅଫିସରେ ଏକ ବ୍ଲକ୍ ବଷ୍ଟର ହେବା ସହ ଅନେକ ରେକର୍ଡ ଭାଙ୍ଗିଥିଲା। ପ୍ରଥମଥର ଏହି ଫିଲ୍ମ ଲୋକ ସଭା ସଦସ୍ୟଙ୍କ ପାଇଁ ନୂଆ ସଂସଦ ଗୃହରେ ଏହାର ସ୍କ୍ରିନିଂ ହୋଇଥିଲା। ଆକ୍ସନ, ଡ୍ରାମା, ପ୍ରେମ କାହାଣୀକୁ ନେଇ ନିର୍ମିତ ଏହି ଫିଲ୍ମ ଭରପୂର ମନୋରଞ୍ଜନ ଦେବ ବୋଲି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ପ୍ରତୀକ ସିଲ କହିଛନ୍ତି।




### ଟ୍ୟୁଶନ ଶିକ୍ଷକଙ୍କ ଘରକୁ ବୋମାମାଡ଼

ଖୋର୍ଦ୍ଧା,୬।୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟ ସୁଦର୍ଶନ ବିହାରରେ ମଙ୍ଗଳବାର ରାତିରେ ବୋମାମାଡ଼ ହୋଇଛି। ଜଣେ ଟ୍ୟୁଶନ ଶିକ୍ଷକଙ୍କ ଘରକୁ ଦୁଇଜଣ ଦୁର୍ବୃତ୍ତ ବୋମାମାଡ କରିଛନ୍ତି। ଖବରପାଇ ଟାଉନ ଥାନା ଅଧିକାରୀ ସଞ୍ଜୟ ନାୟକ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ଘର ଆଗରେ ଲାଗିଥିବା ସିସିଟିଭି ଯାଞ୍ଚ କରିଛି। ୨ଜଣ ଦୁର୍ବୃତ୍ତ ଏକ ପଲସରରେ ଆସି ବୋମାମାଡ଼ କରି ଫେରାର ହୋଇଯିବା ଦୃଶ୍ୟ କଏଦ ହୋଇଛି। ତେବେ ବୋମାମାଡ଼ର କାରଣ ଅସ୍ପଷ୍ଟ ରହିଥିବା ବେଳେ ଖବର ଲେଖା ପର୍ଯ୍ୟନ୍ତ ଥାନାରେ ଏନେଇ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି। ସୂଚନା ମୁତାବକ, ସମ୍ପୃକ୍ତ ଶିକ୍ଷକ ଘରେ ପିଲାଙ୍କ ଟ୍ୟୁଶନ କରିଥାନ୍ତି। ସବୁଦିନ ପରି ଘରେ ଟ୍ୟୁଶନ କରୁଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ତାଙ୍କ ଘରକୁ ବୋମାମାଡ଼ କରିଥିଲେ। ତେବେ ବୋମାମାଡ଼ ଶବ୍ଦ ଶୁଣି ପଡିଶା ଲୋକେ ଆତଙ୍କିତ ହୋଇପଡିଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଦିବ୍ୟାଙ୍ଗ ପିଲାଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ

ପୁରୁଣା ଭୁବନେଶ୍ୱର,୬।୨(ସୁବାସ ଚନ୍ଦ୍ର ପ୍ରଧାନ)

ପାରମ୍ପରିକ ସଙ୍ଗୀତ ଅନୁଷ୍ଠାନ ପକ୍ଷରୁ ତବଲା ଶିକ୍ଷା କରୁଥିବା ଦିବ୍ୟାଙ୍ଗ ପିଲାମାନଙ୍କୁ ନେଇ ଗୁଆଝରଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନମନ, ଓମ୍, ବାସୁ, ଗୁଗୁଲ, ସୋହାନ, ସ୍ୱହମ, ବିକି, ସ୍ୱମ୍, ହରି, ବିଖ୍ତୁ, କାହ୍ନା, ଫାଙ୍କି, ଅପୁ ତବଲା ପରିବେଷଣ କରିଥିଲେ। ମୁଖ୍ୟ ଅତିଥିଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ସମ୍ମାନିତ ଅତିଥି ଦେବେନ୍ଦ୍ର ଶତପଥୀ, ଗାୟିକା ସାଗରିକା ପଟ୍ଟନାୟକ, କ୍ୟାପିଟାଲ ହସପିଟାଲର ଶିଶୁ ବିଭାଗର ମୁଖ୍ୟ ଛାୟାକାନ୍ତ ଗୌଡ, ଗୀତାର ବାଦକ ସଦାଶିବ ଦାସ, ଜିତେନ୍ଦ୍ରନାଥ ବେହେରା, ଗାୟିକା କ୍ରିଷ୍ଣା ଶତପଥୀ, ପଦ୍ମ ଚରଣ ରାଉତ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସେବାଗ୍ରାମ ଫାଉଣ୍ଡେସନ ସମ୍ପାଦକ ଭରତ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବାସୁଆଘାଇ, କଲ୍ୟାଣପୁର, ମେଣ୍ଢାଶାଳ ବିଜେତା

**ଭୁବନେଶ୍ୱର ବ୍ଲକସ୍ତରୀୟ ପଞ୍ଚାୟତ କପ୍**

ବାରଙ୍ଗ,୬।୨(ଲିଙ୍ଗରାଜ ରାଉତ)

ପିଣ୍ଡିକ ୟୁଥ୍ କ୍ଲବ ପଡ଼ିଆରେ ଆରମ୍ଭ ହୋଇଥିବା ଭୁବନେଶ୍ୱର ବ୍ଲକସ୍ତରୀୟ ପଞ୍ଚାୟତ କପ୍‌ର ତୃତୀୟ ଦିବସ ମଙ୍ଗଳବାରରେ ୩ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ତମାଣ୍ଡୋକୁ ହରାଇ ବାସୁଆଘାଇ ବିଜୟୀ ହୋଇଛି। ତମାଣ୍ଡୋ ଟସ୍ ଜିତି ବ୍ୟାଟିଂ କରି ୧୨ ଓଭରରେ ୧୦ ଉଇକେଟ୍ ହରାଇ ୭୨ରନ ସଂଗ୍ରହ କରିଥିଲା। ଜବାବରେ ବାସୁଆଘାଇ ୮ ଓଭର ୫ ବଲରେ ୭୩ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଟିକରପଡ଼ାକୁ ହରାଇ କଲ୍ୟାଣପୁର ବିଜୟୀ ହୋଇଥିଲା। କଲ୍ୟାଣପୁର ବ୍ୟାଟିଂ କରି ୭ ଉଇକେଟ୍ ହରାଇ ୧୪୩ ରନ୍ ସଂଗ୍ରହ କରିଥିଲା। ବିପକ୍ଷ ଟିକରପଡ଼ା ୫ ଉଇକେଟ୍ ହରାଇ ୧୩୧ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ତୃତୀୟ ମ୍ୟାଚ୍‌ରେ ରଣସିଂହପୁରକୁ ହରାଇ ମେଣ୍ଢାଶାଳ ବିଜୟୀ ହୋଇଥିଲା। ରଣସିଂହପୁର ପ୍ରଥମେ ବ୍ୟାଟିଂ କରି ୬୧ ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷ ମେଣ୍ଢାଶାଳ ୯.୩ ଓଭରରେ ୬୪ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା।

### ସିଆରପିଏଫ୍ ଛକରେ ଇ-ଟଏଲେଟ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୬।୨ (ବନ୍ଦନା ସେଠୀ)

ବିଏମ୍‌ସି ପକ୍ଷରୁ ସିଆରପିଏଫ୍ ମୋ ବସ୍‌ଷ୍ଟାଣ୍ଡ ନିକଟରେ ମଙ୍ଗଳବାର ଦେୟମୁକ୍ତ ଇ-ଟଏଲେଟ୍‌କୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଛନ୍ତି। ବିଏମ୍‌ସି ଅଞ୍ଚଳରେ ଏହାକୁ ମିଶାଇ ମୋଟ ୪୨ଟି ଇ-ଟଏଲେଟ୍ ବ୍ୟବହାର ଉପଯୋଗୀ ରହିଛି। ତେବେ ମୋଟ୍ ୫୦ଟି ଟଏଲେଟ ମଧ୍ୟରୁ ଆଉ ୬ଟି ନିର୍ମାଣାଧୀନ ଥିବାବେଳେ ଅନ୍ୟ ୨ଟି ମରାମତି ହେଉଛି। ଏହାକୁ ଲୋକମାନେ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବ୍ୟବହାର କରିପାରିବେ ବୋଲି ସୂଚନା ଦିଆଯାଇଛି।

**ଭାଲେଣ୍ଟାଇନ୍ସ ଉଇକ୍**

# ଆଜି 'ରୋଜ୍ ଡେ'





କଟକ,୬।୨(ଶିକ୍ସା ପ୍ରିୟଦର୍ଶିନୀ)

ବୁଧବାରଠାରୁ ଆରମ୍ଭ ହେଉଛି ଭାଲେଣ୍ଟାଇନ୍ସ ଉଇକ୍। ଏହାକୁ ପାଳନ କରିବା ପାଇଁ ପ୍ରେମୀ ଯୁଗଳଙ୍କଠାରୁ ଆରମ୍ଭ କରି ନବ ଦମ୍ପତିଙ୍କ ମଧ୍ୟରେ ବେଶ୍ ଆଗ୍ରହ ଦେଖିବାକୁ ମିଳିଛି। ଫେବୃଆରୀ ୧୪ ତାରିଖରେ ଭାଲେଣ୍ଟାଇନ୍ସ ଦିବସ ପାଳନ କରାଯିବ। ତେବେ ଏହା ପୂର୍ବରୁ ବିଭିନ୍ନ ଦିବସ ପାଳନ କରାଯାଏ। ସପ୍ତାହର ପ୍ରଥମ ଦିନ ରୋଜ୍ ଡେ, ଦ୍ୱିତୀୟ ଦିନ ପ୍ରପୋଜ୍ ଡେ, ତୃତୀୟ ଦିନ ଚକୋଲେଟ ଡେ, ଚତୁର୍ଥ ଦିନ ଟେଡି ଡେ, ପଞ୍ଚମ ଦିନ ପ୍ରମିଜ ଡେ, ଷଷ୍ଠ ଦିନ ହଗ୍ ଡେ, ସପ୍ତମ ଦିନ କିସ୍ ଡେ ଏବଂ ଅଷ୍ଟମ ଦିନ ଭାଲେଣ୍ଟାଇନ୍ସ ଡେ ଭାବେ ପାଳନ କରାଯାଏ। ତେବେ ଏହି ଦିନଗୁଡିକରେ ପ୍ରେମୀଯୁଗଳ ବିଭିନ୍ନ ଉପହାର ଦେଇଥାନ୍ତି। ଏଥିପାଇଁ ଦୋକାନରେ ଅନେକ ଉପହାର ସାଙ୍ଗକୁ ଭାଲେଣ୍ଟାଇନ କାର୍ଡ ବିକ୍ରି ହେଉଛି। ଏହି ସାମଗ୍ରୀ ମଧ୍ୟରେ ଏଲ୍ଇଡି ଫ୍ରେମ୍ ଦର ୫୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ଭାଲେଣ୍ଟାଇନ ଉଇକ କାର୍ଡ ଦର ୬୫୦ ଟଙ୍କା, ଟେଡି ଉଇଥ ରୋଜ୍ ଗ୍ଲାସ ଫ୍ରେମ୍ ଦର ୬୫୦ ଟଙ୍କା, ଲଭ ମ୍ୟାଗ୍‌ନେଟ୍ ଦର ୪୯୦ ଟଙ୍କା, ବାଲାନ୍ସ ହାର୍ଟ ଦର ୪୯୦ ଟଙ୍କା, କପଲ ଶୋ ପିସ୍ ଦର ୧୫୦୦ ଟଙ୍କା ରହିଛି। କଷ୍ଟମାଇଜ ଗିଫ୍ଟ ବକେଟ ଯେଉଁଥିରେ ଗ୍ରାହକ ନିଜ ପସନ୍ଦ ମୁତାବକ ଜିନିଷ ଯଥା-ରୋଜ୍, ଚକୋଲେଟ, ଟେଡି, ରିଂ, କାର୍ଡ ଆଦି ରଖି ନିଜ ପ୍ରିୟ ଲୋକଙ୍କୁ ଦେଇପାରିବେ। ଏଥିସହ ଭାଲେଣ୍ଟାଇନ୍ସ ଡେ' କାର୍ଡର ଦାମ୍ ୫୦ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଚଳିତବର୍ଷ ନୂଆ କରି ଭାଲେଣ୍ଟାଇନ୍ସ ଉଇକ କାର୍ଡ ଓ ବାଲାନ୍ସ ହାର୍ଟ ଆସିଥିବାରୁ ଏହାର ଚାହିଦା ଅଧିକ ରହିଛି। ଭାଲେଣ୍ଟାଇନ୍ସ ସପ୍ତାହର ପ୍ରଥମ ଦିନ ରୋଜ୍ ଡେ' ରହିଥିବାରୁ ବ୍ୟବସାୟୀମାନେ ଦୋକାନରେ ଫୁଲ ସଜେଇ ରଖିଛନ୍ତି। ବିଶେଷକରି କୋଲକାତା ଓ ବାଙ୍ଗାଲୋର ଗୋଲାପର ଚାହିଦା ଅଧିକ ରହିଛି। କୋଲକାତା ଗୋଲାପ ଦର ଗୋଟାକୁ ୧୦ ଟଙ୍କା ଓ ବାଙ୍ଗାଲୋର ଗୋଲାପ ଗୋଟାକ ୩୦ ଟଙ୍କା ରହିଛି। ସେହିପରି ଗୋଲାପି, ହଳଦିଆ, ଧଳା ଗୋଲାପ ଦର ୪୦ ଟଙ୍କା ଲେଖାଏ ରହିଛି। ତେବେ ନୂଆ କରି ଗୋଲାପ ଷ୍ଟିକ୍ ଦର ୨୦ ଟଙ୍କା ରହିଥିବା ବେଳେ ବଞ୍ଚ ଗୋଲାପ ଦର ୭୦୦ ଟଙ୍କା ପର୍ଯ୍ୟନ୍ତ ରହିଥିବା ଜଣାପଡିଛି।

### ଏମାନଙ୍କ ମୁହଁରୁ...



"ଭାଲେଣ୍ଟାଇନ୍ସ ସପ୍ତାହ ପାଳନ ପାଇଁ ଦୋକାନରେ ବିଭିନ୍ନ ସାମଗ୍ରୀ ଉପଲବ୍ଧ ରହିଛି। ଚଳିତବର୍ଷ ପ୍ରଥମ ଥର ଷ୍ଟିକ୍ ଗୋଲାପ ଓ ବଞ୍ଚ ଗୋଲାପ ଗ୍ରାହକଙ୍କ ପାଇଁ ଆଣିଛୁ। ରୋଜ୍ ଡେ ସକାଳୁ ହିଁ ଫୁଲ ପାଇଁ ଦୋକାନରେ ଭିଡ଼ ଲାଗିଥାଏ। ଏବର୍ଷ ଭଲ ବ୍ୟବସାୟ ହେବ ବୋଲି ଆଶା ରହିଛି।

**-ବସନ୍ତ ବେହେରା, ବ୍ୟବସାୟୀ**



"ପ୍ରତିବର୍ଷ ରୋଜ୍ ଡେ'ରେ ବେପାର ଜମିଥାଏ। ବିଶେଷକରି ବାଙ୍ଗାଲୋର ଗୋଲାପର ଚାହିଦା ଅଧିକ ରହିଥାଏ। ଏହାକୁ ଦୃଷ୍ଟିରେ ରଖି ଦୋକାନରେ ଗୋଲାପ ରଖାଯାଇଛି। ଏଥିସହ ବିଭିନ ରଙ୍ଗର ଗୋଲାପ ମଧ୍ୟ ଉପଲବ୍ଧ ରହିଛି। ଭଲ ବେପାର ହେବ ବୋଲି ଆଶା ରହିଛି।

**-ଅଜିତ୍ କୁମାର ବେହେରା, ବ୍ୟବସାୟୀ**



"ଭାଲେଟାଇନ୍ସ ସପ୍ତାହରେ ନିଜ ପ୍ରିୟଜନଙ୍କୁ ସ୍ୱତନ୍ତ୍ର ଉପହାର ଦେବାକୁ ଅନାଇ ବସିଥାନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ଦେଖି ଭେରାଇଟି ଗିଫ୍ଟ ଆଣିଛୁ। ଦୋକାନରେ ଲୋକଙ୍କ ଭିଡ଼ ଜମିବା ସହ ଭଲ ବ୍ୟବସାୟ ହେବ ବୋଲି ଆଶା ରଖିଛି।

**-କ୍ଷୀରୋଦ ସାହୁ, ବ୍ୟବସାୟୀ**




### ଓଡ଼ିଶା-ମୋ ପରିବାର ସହଯୋଗରେ ବେଙ୍ଗାଲୁରୁରୁ ଓଡ଼ିଶାକୁ ଫେରିଲା ମୃତଦେହ

ଭୁବନେଶ୍ୱର, ୬।୨ (ବନ୍ଦନା ସେଠୀ)

ବେଙ୍ଗାଲୁରୁରୁ ଓଡ଼ିଶାକୁ ମୃତଦେହ ଫେରାଇ ଆଣିବାରେ ପୁଣି ସହଯୋଗର ହାତ ବଢାଇଛି ଓଡ଼ିଶା-ମୋ ପରିବାର। କେନ୍ଦ୍ରାପଡ଼ା ଜିଲା ରାଜନଗର ସନ୍ଥପଡା ଗ୍ରାମର ୩୮ବର୍ଷୀୟ ଶ୍ରୀକାନ୍ତ କୁମାର ମହାନ୍ତି ବେଙ୍ଗାଲୁରୁରେ କାମ କରୁଥିଲେ। କିଛିଦିନ ତଳେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା, ମାତ୍ର ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ ଏକମାତ୍ର ରୋଜଗାରକ୍ଷମ ସଦସ୍ୟଙ୍କୁ ହରାଇ ପରିବାର ଲୋକେ ଭାଙ୍ଗିପଡିଥିବାବେଳେ ସମ୍ବଳ ନ ଥିବାରୁ ମୃତଦେହକୁ ନିଜ ଗାଁକୁ ଫେରାଇ ଆଣିବା ପାଇଁ ଓଡ଼ିଶା ମୋ ପରିବାରର ସହାୟତା ଲୋଡ଼ିଥିଲେ। ଓଡ଼ିଶା-ମୋ ପରିବାର ତରଫରୁ ବେଙ୍ଗାଲୁରୁରେ ବସବାସ କରୁଥିବା ସାମାଜିକ କର୍ମୀ ସଂଜୟ ଦାଶଙ୍କୁ ଏ ବିଷୟରେ ଅବଗତ କରାଯାଇଥିଲା। ତାଙ୍କ ତତ୍ତ୍ୱାବଧାନରେ ଶ୍ରୀକାନ୍ତଙ୍କ ମୃତଦେହକୁ ଓଡ଼ିଶା ଫେରାଇ ଆଣିବାକୁ ଚେଷ୍ଟା କରାଯାଇଥିଲା। ଅପରପକ୍ଷେ ରାଜ୍ୟ ସରକାରଙ୍କ ଓଡ଼ିଶା ପରିବାର ନିର୍ଦ୍ଦେଶକ ଦିଲୀପ ରାଉତରାୟଙ୍କୁ ମଧ୍ୟ ଏହି ବିଷୟରେ ଅବଗତ କରାଯାଇଥିଲା। ରାଉତରାୟ ସ୍ୱତନ୍ତ୍ର ଦାୟିତ୍ୱରେ ଥିବା ଅଧିକାରୀ ତଥା କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ସମନ୍ୱୟରେ ଶ୍ରୀକାନ୍ତଙ୍କ ମୃତଦେହ ମଙ୍ଗଳବାର ସକାଳ ୯ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲା। ସେଠାରେ ଓଡ଼ିଶା-ମୋ ପରିବାର ଏବଂ ଓଡ଼ିଶା ପରିବାରର ପ୍ରତିନିଧିଙ୍କ ଉପସ୍ଥିତିରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏଥିସହ ମୃତଦେହର ଅନ୍ତିମ ସଂସ୍କାର ଲାଗି ଭୁବନେଶ୍ୱରରୁ ସନ୍ଥପଡ଼ାକୁ ଯିବା ପାଇଁ ଓଡ଼ିଶା-ମୋ ପରିବାର ପକ୍ଷରୁ ଯାତାୟାତ ବ୍ୟବସ୍ଥା କରାଯାଇଥିଲା।



କଟକ-ଭୁବନେଶ୍ୱର ପୋଲିସ କମିଶନର ଭାବେ ଦାୟିତ୍ୱ ନେବା ପରେ ସଞ୍ଜୀବ ପଣ୍ଡା ମଙ୍ଗଳବାର ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।




ପୂର୍ଣ୍ଣ ଅନୁଦାନ ସହ ବିଭିନ୍ନ ଦାବି ନେଇ ଅଣ ସରକାରୀ ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ କଲେଜ (ଯୁକ୍ତ୨ ଓ ଯୁକ୍ତ୩) ଅଧ୍ୟାପକ ଏବଂ କର୍ମଚାରୀ ଆସୋସିଏଶନ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ।

## ପାଠାଗାର ବିକାଶ ପାଇଁ କେନ୍ଦ୍ରରୁ ୨୫୦୦କୋଟି ବ୍ୟୟବରାଦ

ଭୁବନେଶ୍ୱର,୬।୨(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ବିଶ୍ୱବିଦ୍ୟାଳୟର ପରିଜା ପାଠାଗାର ଏବଂ କେନ୍ଦ୍ର ସଂସ୍କୃତି ବିଭାଗର ରାଜା ରାମମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନ ପକ୍ଷରୁ ସାର୍ବଜନୀନ ପାଠାଗାର ବ୍ୟକ୍ତିଙ୍କ ପାଇଁ ପାଠାଗାର ସମ୍ପର୍କିତ ଜାତୀୟ ମିଶନର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଉଦଘାଟନ ଉତ୍ସବରେ ଫାଉଣ୍ଡେସନ ମହାନିର୍ଦ୍ଦେଶକ ପ୍ରଫେସର ବି.ଭି.ଶର୍ମା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ପାଠାଗାର ବିକାଶ ପାଇଁ ୨୫୦୦କୋଟି ଟଙ୍କା ଅନୁଦାନ ବ୍ୟୟବରାଦ କରାଯାଇଛି। ଏଥିରେ ଗ୍ରାମାଞ୍ଚଳର ପାଠାଗାରଗୁଡ଼ିକର ବିକାଶ ପାଇଁ ଗୁରୁତ୍ୱ ଦିଆଯାଉଛି। ଦେଶର ପ୍ରତିଟି ପଞ୍ଚାୟତରେ ପାଠାଗାର ପ୍ରତିଷ୍ଠା ସହ ଲୋକଙ୍କ ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଅଧ୍ୟକ୍ଷତା ଅଭିଭାଷଣରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିଜା ପାଠାଗାରର ସମୃଦ୍ଧ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ପୁରୀ ସର୍କଲର ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଡ.ଡି.ବି.ଗଡ଼ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଂଯୋଜିକା ଆଶାପୂର୍ଣ୍ଣା ପ୍ରିୟଦର୍ଶିନୀ ନାୟକ ମଞ୍ଚାସୀନ ଥିବାବେଳେ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ରୁଦ୍ରନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ଓଡ଼ିଶା ମୋଟର ଯାନ ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡ କାର୍ଯ୍ୟାଳୟ ଉଦଘାଟିତ

ଭୁବନେଶ୍ୱର, ୬।୨(ଅନୁରାଧା ମହାରଣା)

ଓଡ଼ିଶା ମୋଟର ଯାନ ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡ କାର୍ଯ୍ୟାଳୟ ସୋମବାର ଉଦଘାଟିତ ହୋଇଯାଇଛି। ରାଜ୍ୟ ଜଳ ସଂପଦ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ତଥା ବୋର୍ଡର ଅଧ୍ୟକ୍ଷା ଟୁକୁନି ସାହୁ ଏହି କାର୍ଯ୍ୟାଳୟର ଉଦଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ସାହୁ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ରାଜ୍ୟର ମୋଟର ଯାନ ଚାଳକ ଓ କର୍ମଚାରୀମାନଙ୍କୁ ବିଭିନ୍ନ ସୁବିଧା ଦେବା ପାଇଁ କଲ୍ୟାଣ ବୋର୍ଡ ଗଠନ କରିଛନ୍ତି। ଏହି କଲ୍ୟାଣ ବୋର୍ଡ ଜରିଆରେ ସେମାନେ କିପରି ସୁବିଧା ପାଇବେ, ସେଥି ନିମନ୍ତେ ଏହି ନୂତନ ଭାବେ ଉଦଘାଟିତ କାର୍ଯ୍ୟାଳୟ ସୁବିଧାଜନକ ହେବ। ସଭ୍ୟମାନେ ସେମାନଙ୍କର ନାମ ପଞ୍ଜୀକରଣ କରିବା, ହିତାଧିକାରୀଙ୍କୁ ଅନୁକମ୍ପା ରାଶି ପ୍ରଦାନ ପାଇଁ ଆବେଦନ ସଂଗ୍ରହ ଓ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗରେ ସେମାନଙ୍କର କାର୍ଯ୍ୟ ପରିଚାଳନା ଆଦିରେ ଏହା ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି। ପରେ ପରେ ମନ୍ତ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ବାଣିଜ୍ୟ ଓ ପରିବହନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ବାଣିଜ୍ୟ ଓ ପରିବହନ ବିଭାଗ କମିଶନର ଅମିତାଭ ଠାକୁର, ବାଣିଜ୍ୟ ଓ ପରିବହନ ବିଭାଗର ଅଧିକାରୀ ଏବଂ ଓଡ଼ିଶା ମୋଟର ଯାନ ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବୈଠକରେ ଯୋଗଦେଇଥିବା ବିଭିନ୍ନ ମୋଟର ଯାନ ସଂଘର କର୍ମକର୍ତ୍ତା ତଥା ବୋର୍ଡର ସଦସ୍ୟମାନେ ଯୋଗଦେଇ ମୋଟର ଯାନ ଚାଳକ ଓ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ।

**ଦ.ପୂ. ରେଳପଥ - ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ସିକେପି-ସାଉଥ୍-୨୩-୨୪-୫୭, (୨) ସିକେପି-ସାଉଥ୍-୨୩-୨୪-୫୪, ତାରିଖ: ୦୫।୦୨।୨୦୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଏନ୍‌ଜି.), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** (୧) ଡିଇଏନ୍ (ସାଉଥ୍)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ବାଂଶପାଣି ଓ ବଡ଼ବିଲ ଷ୍ଟେଶନଠାରେ ହାଇ ଲେଭଲ୍ ପ୍ଲାଟ୍‌ଫର୍ମର ସମ୍ପ୍ରସାରଣ। (୨) ଡିଇଏନ୍ (ସାଉଥ୍)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ଡାଙ୍ଗୋଆପୋଷୀ କ୍ୱାରିରୁ ଡାଙ୍ଗୋଆପୋଷୀ (ଡିପିଏସ୍)ସ୍ଥିତ ବାଲାଷ୍ଟ ଡିପୋରେ ୯୮୪୧୩ ସିୟୁଏମ୍ ପାଇଁ ୫୦ ମିମି ଗେଜ୍‌ର ହାର୍ଡ ଷ୍ଟୋନ୍ ମେଶିନ୍ କ୍ରଶ୍‌ଡ ଟ୍ରାକ୍ ବାଲାଷ୍ଟର ଯୋଗାଣ, ଷ୍ଟାକିଂ ଏବଂ ଯେକୌଣସି ପ୍ରକାର ରେଳ ୱାଗନରେ ବୋଝେଇ ଓ ଖଲାସ କରିବା। **ଟେଣ୍ଡର ମୂଲ୍ୟ:** ₹୪୬,୨୯,୮୬୨.୪୯ (କ୍ର.ସଂ. ୧ ପାଇଁ) ଏବଂ ₹୧୫,୩୧,୫୨,୨୭୮.୮୬ (କ୍ର.ସଂ. ୨ ପାଇଁ)। **ଇଏମ୍‌ଡି:** ₹୯୨,୬୦୦/- (କ୍ର.ସଂ. ୧ ପାଇଁ) ଏବଂ ₹୯,୧୫,୮୦୦/- (କ୍ର.ସଂ. ୨ ପାଇଁ)। **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦.୦୦। **ଖୋଲାଯିବା ତାରିଖ:** ତା୨୭।୦୨।୨୦୨୪ରିଖ (କ୍ର.ସଂ. ୧ ପାଇଁ) ଏବଂ ତା୦୪।୦୩।୨୦୨୪ରିଖ (କ୍ର.ସଂ. ୨ ପାଇଁ)। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ ବିଡରମାନଙ୍କ ନିକଟରେ କ୍ଲାସ-III ଡିଜିଟାଲ ସିଗ୍‌ନେଚର ସାର୍ଟିଫିକେଟ୍ ରହିଥିବା ଏବଂ ସେମାନେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଯୋଗାଇଦିଆଯିବ (କର୍ତ୍ତୃପକ୍ଷ- ରେଲୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-ଆଇ/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦)। (PR-1107)

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELGSUT-06E

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ ମଣ୍ଡଳର ତାଳଚେର ରୋଡ ଏବଂ ତାଳଚେର ମଧ୍ୟରେ ରେଳ କରିଡର ବିସ୍ତାର କାର୍ଯ୍ୟର 132/33KV ଚାପାଲ ଗ୍ରୀଡରୁ ବାହାରୁଥିବା 33KV ଶିଳ୍ପ ଫିଡରର ପରିବର୍ତ୍ତନ ଏବଂ ସ୍ଥାନାନ୍ତର ଓ ତାଳଚେର ରୋଡ ଏବଂ ବୁଢ଼ାପଙ୍କ ମଧ୍ୟରେ ଫ୍ଲାଏ ଓଭର କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹):** 58,72,571.01, EMD (₹) : 1,17,500.00, କାର୍ଯ୍ୟ ଶେଷ ହେବା ଅବଧି: 06 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.20.02.2024ରିଖ 1500 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଟେଣ୍ଡରଦାତା / ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାନୁସାରେ ଇ-ଟେଣ୍ଡରରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରଯୁଜ୍ୟ ନଥିପତ୍ର ଅପଲୋଡ ହେବା ଉଚିତ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (GSU) / ଅନୁଗୁଳ
PR-118/CG/23-24

# ରାଜଧାନୀରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ କମିବ

ଭୁବନେଶ୍ୱର, ୬।୨ (ବନ୍ଦନା ସେଠୀ)

### ଶ୍ୱାନ ବନ୍ଧ୍ୟାକରଣ କେନ୍ଦ୍ର ଉଦ୍‌ଘାଟିତ



ଭୁବନେଶ୍ୱରରେ ବୁଲା କୁକୁରଙ୍କ ଆତଙ୍କ କମିବା ସହ ସେମାନଙ୍କ ସଂଖ୍ୟା ହ୍ରାସ ପାଇବା ନେଇ ସମ୍ଭାବନା ଦେଖାଦେଇଛି। ବିଏମ୍‌ସି ପକ୍ଷରୁ ମଙ୍ଗଳବାର ମଞ୍ଚେଶ୍ୱରଠାରେ ଶ୍ୱାନ ବନ୍ଧ୍ୟାକରଣ କେନ୍ଦ୍ର ଉଦ୍‌ଘାଟିତ ହେବାପରେ ବୁଧବାରଠାରୁ କୁକୁରଙ୍କ ବନ୍ଧ୍ୟାକରଣ ଜୋର୍‌ଦାର ହେବା ନେଇ ସୂଚନା ଦିଆଯାଇଛି। ୨୦୨୩ ଜୁଲାଇରୁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ସମେତ ସାରା ରାଜ୍ୟରେ କୁକୁର ବନ୍ଧ୍ୟାକରଣ ଅସ୍ତ୍ରୋପଚାର ବନ୍ଦ ରହିଥିଲା। ଫଳରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢିଯାଇଥିଲା। ଜାନୁଆରୀ ୮ରେ ହାଇକୋର୍ଟ ଏହା ଉପରୁ ରହିତାଦେଶ ହଟାଇବା ପରେ ବିଏମ୍‌ସି ପକ୍ଷରୁ ବନ୍ଧ୍ୟାକରଣ ନେଇ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପୂର୍ବରୁ ବିଏମ୍‌ସି ଏବଂ ମହାରାଷ୍ଟ୍ରର ଏକ ସଂସ୍ଥା ଭେଟ୍ ଫର୍ ଆନିମଲ୍ ମଧ୍ୟରେ ଚୁକ୍ତିନାମା ହୋଇ ଅସ୍ତ୍ରୋପଚାର କରାଯାଉଥିଲା। ତେବେ ଅସ୍ତ୍ରୋପଚାର ବନ୍ଦ ହେବା ପରେ ମହାରାଷ୍ଟ୍ର ଫେରି ଯାଇଥିବା ସମ୍ପୃକ୍ତ ସଂସ୍ଥାର କର୍ମକର୍ତ୍ତାଙ୍କୁ ପୁଣିଥରେ ଭୁବନେଶ୍ୱର ଡକାଯାଇଛି। ସଂସ୍ଥାର କର୍ମକର୍ତ୍ତା ଏବଂ ଡାକ୍ତରଙ୍କୁ ମିଶାଇ ପ୍ରାୟ ୧୫ଜଣ ସଦସ୍ୟ ଏବେ ଅସ୍ତ୍ରୋପଚାରରେ ନିୟୋଜିତ ରହିବେ। ଏଥିପାଇଁ ସମ୍ପୃକ୍ତ ସଂସ୍ଥାକୁ ପ୍ରତି କୁକୁର ପିଛା ୧୬୫୦ଟଙ୍କା ପ୍ରଦାନ କରାଯିବ। କୁକୁରଙ୍କୁ ଆଣି ସେମାନଙ୍କର ଅସ୍ତ୍ରୋପଚାର କରିବା ସହ ତାଙ୍କର ଖାଦ୍ୟ ପାନୀୟ, ରକ୍ଷଣାବେକ୍ଷଣ ସବୁକିଛି ଏଥିରେ ସାମିଲ ରହିଛି। ପୂର୍ବରୁ ଶହୀଦ ନଗରଠାରେ କୁକୁରଙ୍କର ବନ୍ଧ୍ୟାକରଣ ହେଉଥିଲା। ମାତ୍ର ସେଠାରେ ସ୍ଥାନର ଅଭାବ ଦେଖା ଦେଉଥିବାରୁ ଅଳ୍ପ ସଂଖ୍ୟକ କୁକୁରଙ୍କୁ ଅଣାଯାଉଥିଲା। ଫଳରେ ଯେଉଁ ଲକ୍ଷ୍ୟ ନେଇ ବନ୍ଧ୍ୟାକରଣ ଆରମ୍ଭ ହୋଇଥିଲା ତାହା ସଫଳ ହେଉ ନଥିଲା। ତେଣୁ ମଞ୍ଚେଶ୍ୱର ସ୍ଥିତ ଏହି ପୁରୁଣା ଓମେନ୍ସ ହଷ୍ଟେଲକୁ କୁକୁର ବନ୍ଧ୍ୟାକରଣ କେନ୍ଦ୍ର ଭାବେ ନିର୍ମାଣ କରାଯାଇଛି। ଏଠାରେ ଏକା ସଙ୍ଗରେ ୨୪୦ଟି କୁକୁର ରହିବାର କ୍ଷମତା ରହିଛି। ୪୮ଟି ଶ୍ୱାନ ଗୃହ ରହିଥିବାବେଳେ ୨ଟି ଅପରେଶନ ଥିଏଟରରେ ୫ଟି ଅପରେଶନ ଟେବୁଲ ରହିଛି। କୁକୁରମାନଙ୍କୁ ଆଣିବା ଓ ଛାଡିବା ପାଇଁ ୨ଟି ଗାଡ଼ି ସହିତ ଆବଶ୍ୟକ ଡାକ୍ତର, ଚିକିତ୍ସା ସହାୟକ ଏବଂ କର୍ମଚାରୀ ରହିଛନ୍ତି। ସେହିପରି ବନ୍ଧ୍ୟାକରଣ ସହିତ ସେମାନଙ୍କୁ ଆଣ୍ଟି ରାବିସ୍ ଟିକା ଦିଆଯାଇ ଚିକିତ୍ସା କରାଯିବ। ସେମାନେ ସୁସ୍ଥ ହେବାପରେ ଯେଉଁଠାରୁ କୁକୁରଙ୍କୁ ଅଣାଯାଇଥିଲା ପୁଣି ଥରେ ସେଠାରେ ଛାଡିଦିଆଯିବ। ୨୦୨୫ ସୁଦ୍ଧା ସହରକୁ ରାବିଜ୍ ଫ୍ରି ସହର କରିବାର ଲକ୍ଷ୍ୟ ସାଧନ ହୋଇ ପାରିବ ବୋଲି କୁହାଯାଇଛି। ଏବେସୁଦ୍ଧା ବିଏମ୍‌ସି ୨୦୦୮ଟି ବୁଲା କୁକୁରଙ୍କ ବନ୍ଧ୍ୟାକରଣ କରିଛି। କୌଣସି ଅଞ୍ଚଳରେ ବୁଲା କୁକୁରଙ୍କର ଦୌରାତ୍ମ୍ୟ ବୃଦ୍ଧି ପାଇଲେ ନାଗରିକମାନେ ୧୯୨୯କୁ ଫୋନ୍ କରି ଜଣାଇ ପାରିବେ କିମ୍ବା ସଫା ଭୁବନେଶ୍ୱର ଆପ୍‌ରେ ଜଣାଇ ପାରିବେ ବୋଲି ସୂଚନା ଦିଆଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେ, ସାମାଜିକ ନ୍ୟାୟ କମିଟିର ଅଧ୍ୟକ୍ଷା ବିନୟିନୀ ଜେନା, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିଶନର (ୱେଲଫେୟାର) ରମେଶ ଚନ୍ଦ୍ର ଜେନା ପ୍ରମୁଖଙ୍କ ସହ ଟିମ୍ ବିଏମ୍‌ସି ଉପସ୍ଥିତ ଥିଲେ।

GOVERNMENT OF ODISHA
No.A-1423
**Department of Water Resources**
OFFICE OF THE ADDITIONAL CHIEF ENGINEER
NORTHERN MINOR IRRIGATION CIRCLE, SAMBALPUR
E-Mail Id: senmicsbpr@yahoo.co.in
**"e" Procurement Notice**
Bid Identification No.: ACENMIC, SBP- 03/2023-24

| | | |
|---|---|---|
| 1 | Name of the work | : Improvement to Distribution system of Girischandrapur MIP in Naktideul Block of Sambalpur District under ERM 2023-24. |
| 2 | Total No. of works | : 01 (One) No. |
| 3 | Estimated cost | : Rs.137.50 Lakh (Approximately) |
| 4 | Period of completion | : 9 (Nine) calendar months |
| 5 | Date & time of availability of bid document in the portal | : From 11.00 A.M. of Dt.09.02.2024 upto 5.30 P.M. of Dt.19.02.2024 |
| 6 | Last date & time for receipt of bids in the portal | : Upto 05.30 P.M. of Dt.19.02.2024 |
| 7 | Date of opening of technical bid (Cover-I) | : Dt.20.02.2024 at 11.00 A.M. onwards |
| 8 | Name and address of the officer inviting tender | : Additional Chief Engineer, Northern Minor Irrigation Circle, Sambalpur |
| 9 | Further details can be seen from the e-Procurement Portal "https://tendersodisha.gov.in". | |

Sd./- Additional Chief Engineer,
OIPR-32208/11/0004/2324 Northern Minor Irrigation Circle, Sambalpur

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Zone-A, Fourth Floor, Fortune Towers, Chandrasekharpur,
Bhubaneswar – 751023, Odisha, Ph No: 0674-2300654 / 0674-2300664

**TENDER NOTICE**

NIT No: OCPL/MCMP/CIVIL-104/2024 Dt.07/02/2024

Sealed bids in prescribed format are invited from reputed Companies/ Firms / Agencies for execution of the following work:

| Sl. No. | Name of the work | Cost of tender paper | Last date of sale /download of tender document | Date of submission / opening |
|---|---|---|---|---|
| 1 | Construction of Market Pindi at Village Sarbahal, Hemgir, Sundargarh, Odisha | Rs.5,900/- (Rupees Five Thousand Nine Hundred Only) including GST @ 18% | 06.03.2024 | 03:00 P.M. / 03:30 P.M. on 13.03.2024 |

Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in

Sd./- Sr. Manager (Commercial & Contracts)

**ଅଷ୍ଟପ୍ରହର ନାମଯଜ୍ଞ**

ମାହାଙ୍ଗା,(ଯଯାତି ସିଂହ):ମାହାଙ୍ଗା ବ୍ଲକ ଜଳେଶ୍ୱରପୁର ପରିଡ଼ାପାଟଣା ଗ୍ରାମର ମା'ମଙ୍ଗଳା ପୀଠସ୍ଥଳୀରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତାଭାବେ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଏବଂ ପୂଜକଭାବେ ପଣ୍ଡିତ ଅଚ୍ଛୁତାନନ୍ଦ ମହାପାତ୍ର ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ୫ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ଶୁଭାଧିବାସ, ନାମଯଜ୍ଞ ଓ ନାମ ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ଭାସ୍କର ବଳ, ଗୋବିନ୍ଦ ପରିଡା, ପ୍ରଫୁଲ୍ଲ ସାହୁ, କାଶୀନାଥ ବଳ, ଉମେଶ ଚନ୍ଦ୍ର ସାହୁ, ଭାସ୍କର ପରିଡା, ଦୀନବନ୍ଧୁ ଖୁଣ୍ଟିଆ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଅକ୍ଷୟ ସାହୁ, ହରେକୃଷ୍ଣ ସାହୁ, ହୃଷୀକେଶ ପରିଡା, ହେମନ୍ତ ପରିଡା, ପ୍ରଫୁଲ୍ଲ ପରିଡା, ଲକ୍ଷ୍ମଣ ନାୟକ, ପ୍ରମୁଖ ସହଯୋଗ କରିଥିଲେ।



## ସଂକ୍ଷେପରେ

### ଶ୍ୱଶୁରଙ୍କୁ ହତ୍ୟା ଘଟଣା: ଅଭିଯୁକ୍ତ ଜ୍ୱାଇଁ ଜେଲ ଗଲେ

ଖୁଣ୍ଟୁଣୀ, ୬।୨(ସଚ୍ଚିଦାନନ୍ଦ ପଣ୍ଡା)

ଶ୍ୱଶୁରଙ୍କୁ ହତ୍ୟା କରିବା ଘଟଣାରେ ଖୁଣ୍ଟୁଣୀ ପୋଲିସ ଅଭିଯୁକ୍ତ ଜ୍ୱାଇଁଙ୍କୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖୁଣ୍ଟୁଣୀ ଥାନା ଅଧୀନ ଭୋଗରା ଗ୍ରାମର ପ୍ରଶାନ୍ତ ଜେନା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଖୁଣ୍ଟୁଣୀ ଥାନା ଅଧୀନ ବିଲୁଆଗଡ ଗ୍ରାମର ମେଘନାଦ ଜେନାଙ୍କ ଝିଅକୁ ୧୪ ବର୍ଷ ତଳେ ପ୍ରଶାନ୍ତ ବିବାହ କରିଥିଲେ। ଯୌତୁକ ଦାବିକରି ପ୍ରଶାନ୍ତ ତାଙ୍କ ସ୍ତ୍ରୀଙ୍କୁ ବିଭିନ୍ନ ସମୟରେ ନିର୍ଯାତନା ଦେଉଥିଲେ। ଗତ ରବିବାର ମଧ୍ୟ ସେ ତାଙ୍କୁ ମାଡ଼ ମାରିଥିଲେ। ଏ ସମ୍ପର୍କରେ ଖବର ପାଇବା ପରେ ଝିଅଙ୍କୁ ଆଣିବା ପାଇଁ ସ୍ତ୍ରୀ ବିଦ୍ୟୁଲତାଙ୍କ ସହିତ ମେଘନାଦ ଭୋଗରା ଗ୍ରାମରେ ପହଞ୍ଚିଥିଲେ। ସେଠାରେ ପ୍ରଶାନ୍ତ ରାଗିଯାଇ ମେଘନାଦଙ୍କୁ ମାଡ଼ ମାରିଥିଲେ। ସେ ଅଚେତ ହୋଇପଡ଼ିବାରୁ ବିଦ୍ୟୁଲତା ତାଙ୍କୁ ଅଟୋରେ ଆଣି ଘରୋଇ କ୍ଲିନିକ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ନେଇଯାଇଥିଲେ। ବିଳମ୍ବିତ ରାତିରେ ମେଘନାଦଙ୍କ ଅବସ୍ଥା ଗୁରୁତର ହେବାରୁ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରଶାନ୍ତ ତାଙ୍କୁ ହତ୍ୟା କରିଥିବା ନେଇ ବିଦ୍ୟୁଲତା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୩/୨୪) ରୁଜୁ କରିଛି।

### ବାଙ୍କୀ କଲେଜ ଅଧ୍ୟାପକ ସମ୍ବର୍ଦ୍ଧିତ

ବାଙ୍କୀ,୬।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ମୁରଲୀଧର ରଥଙ୍କୁ କେନ୍ଦ୍ରାପଡା ପଞ୍ଚାୟତ ତରଫରୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ଦିଆଯାଇଛି। ଡ. ରଥ ଜଣେ ଜଣାଶୁଣା କବି ଭାବେ ସୁପରିଚିତ। ଓଡ଼ିଆ ଭାଷା ସାହିତ୍ୟ ସୃଜନଶୀଳତାର ଉତ୍ସବରେ ସ୍ଥାନୀୟ ସରପଞ୍ଚ ଓ ଗ୍ରାମ୍ୟ କମିଟିର ସଭାପତି ଡ. ରଥଙ୍କୁ ପୁଷ୍ପଗୁଚ୍ଛ, ଫୁଲତୋଡା ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ଭାଜପାରେ ଅନ୍ୟ ଦଳ କର୍ମୀଙ୍କ ଯୋଗଦାନ

ବାଙ୍କୀ,୬।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ନିର୍ବାଚନ ମଣ୍ଡଳୀ ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ନୂଆ ସାହି ୱାର୍ଡମେମ୍ବରଙ୍କ ସମେତ ବହୁ କର୍ମୀ ମଙ୍ଗଳବାର ଭାଜପାରେ ଯୋଗଦେଇଛନ୍ତି। ବାଙ୍କୀ ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢୀଙ୍କୁ ସମର୍ଥନ କରି ୱାର୍ଡ ମେମ୍ବର ରାମଚନ୍ଦ୍ର ବେହେରା, ପ୍ରକାଶ କୁମାର ଛାଟୋଇ, ସୁଧୀର ବଳ, ଜ୍ୟୋତିରଞ୍ଜନ ବେହେରା, ସଞ୍ଜୟ ବେହେରା, ଚିନ୍ତାମଣି ବେହେରା, ସନ୍ତୋଷ ବେହେରା, ମନୋଜ ବେହେରା, ଅଜିତ୍ ବେହେରା, କୃଷ୍ଣଚନ୍ଦ୍ର ବେହେରା ଓ ଛବିନ ଗୋଚ୍ଛି ଭାଜପାରେ ଯୋଗଦେଇଛନ୍ତି।

## ଭାଲେଣ୍ଟାଇନ୍ସ ଉଇକ୍

# 'ଆଜି ରୋଜ୍ ଡେ'





କଟକ,୬।୨(ଶିଳ୍ପା ପ୍ରିୟଦର୍ଶିନୀ)

ବୁଧବାରଠାରୁ ଆରମ୍ଭ ହେଉଛି ଭାଲେଣ୍ଟାଇନ୍ସ ଉଇକ୍। ଏହାକୁ ପାଳନ କରିବା ପାଇଁ ପ୍ରେମୀ ଯୁଗଳଙ୍କଠାରୁ ଆରମ୍ଭ କରି ନବ ଦମ୍ପତିଙ୍କ ମଧ୍ୟରେ ବେଶ୍ ଆଗ୍ରହ ଦେଖିବାକୁ ମିଳିଛି। ଫେବୃଆରୀ ୧୪ ତାରିଖରେ ଭାଲେଣ୍ଟାଇନ୍ସ ଦିବସ ପାଳନ କରାଯିବ। ତେବେ ଏହା ପୂର୍ବରୁ ବିଭିନ୍ନ ଦିବସ ପାଳନ କରାଯାଏ। ସପ୍ତାହର ପ୍ରଥମ ଦିନ ରୋଜ୍ ଡେ, ଦ୍ୱିତୀୟ ଦିନ ପ୍ରପୋଜ୍ ଡେ, ତୃତୀୟ ଦିନ ଚକୋଲେଟ ଡେ, ଚତୁର୍ଥ ଦିନ ଟେଡି ଡେ, ପଞ୍ଚମ ଦିନ ପ୍ରମିଜ ଡେ, ଷଷ୍ଠ ଦିନ ହଗ୍ ଡେ, ସପ୍ତମ ଦିନ କିସ୍ ଡେ ଏବଂ ଅଷ୍ଟମ ଦିନ ଭାଲେଣ୍ଟାଇନ୍ସ ଡେ ଭାବେ ପାଳନ କରାଯାଏ। ତେବେ ଏହି ଦିନଗୁଡିକରେ ପ୍ରେମୀଯୁଗଳ ବିଭିନ୍ନ ଉପହାର ଦେଇଥାନ୍ତି। ଏଥିପାଇଁ ଦୋକାନରେ ଅନେକ ଉପହାର ସାଙ୍ଗକୁ ଭାଲେଣ୍ଟାଇନ କାର୍ଡ ବିକ୍ରି ହେଉଛି। ଏହି ସାମଗ୍ରୀ ମଧ୍ୟରେ ଏଲ୍‌ଇଡି ଫ୍ରେମ୍ ଦର ୫୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ଭାଲେଣ୍ଟାଇନ ଉଇକ କାର୍ଡ ଦର ୬୫୦ ଟଙ୍କା, ଟେଡି ଉଇଥ ରୋଜ୍ ଗ୍ଲାସ ଫ୍ରେମ୍ ଦର ୬୫୦ ଟଙ୍କା, ଲଭ ମ୍ୟାଗ୍‌ନେଟ୍ ଦର ୪୯୦ ଟଙ୍କା, ବାଲାନ୍ସ ହାର୍ଟ ଦର ୪୯୦ ଟଙ୍କା, କପଲ ଶୋ ପିସ୍ ଦର ୧୫୦୦ ଟଙ୍କା ରହିଛି। କଷ୍ଟମାଇଜ ଗିଫ୍ଟ ବକେଟ ଯେଉଁଥିରେ ଗ୍ରାହକ ନିଜ ପସନ୍ଦ ମୁତାବକ ଜିନିଷ ଯଥା-ରୋଜ୍, ଚକୋଲେଟ, ଟେଡି, ରିଂ, କାର୍ଡ ଆଦି ରଖି ନିଜ ପ୍ରିୟ ଲୋକଙ୍କୁ ଦେଇପାରିବେ। ଏଥିସହ ଭାଲେଣ୍ଟାଇନ୍ସ ଡେ' କାର୍ଡର ଦାମ୍ ୫୦ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଚଳିତବର୍ଷ ନୂଆ କରି ଭାଲେଣ୍ଟାଇନ୍ସ ଉଇକ କାର୍ଡ ଓ ବାଲାନ୍ସ ହାର୍ଟ ଆସିଥିବାରୁ ଏହାର ଚାହିଦା ଅଧିକ ରହିଛି। ଭାଲେଣ୍ଟାଇନ୍ସ ସପ୍ତାହର ପ୍ରଥମ ଦିନ ରୋଜ୍ ଡେ' ରହିଥିବାରୁ ବ୍ୟବସାୟୀମାନେ ଦୋକାନରେ ଫୁଲ ସଜେଇ ରଖିଛନ୍ତି। ବିଶେଷକରି କୋଲକାତା ଓ ବାଙ୍ଗାଲୋର ଗୋଲାପର ଚାହିଦା ଅଧିକ ରହିଛି। କୋଲକାତା ଗୋଲାପ ଦର ଗୋଟାକୁ ୧୦ ଟଙ୍କା ଓ ବାଙ୍ଗାଲୋର ଗୋଲାପ ଗୋଟାକ ୩୦ ଟଙ୍କା ରହିଛି। ସେହିପରି ଗୋଲାପି, ହଳଦିଆ, ଧଳା ଗୋଲାପ ଦର ୪୦ ଟଙ୍କା ଲେଖାଏ ରହିଛି। ତେବେ ନୂଆ କରି ଗୋଲାପ ଷ୍ଟିକ୍ ଦର ୨୦ ଟଙ୍କା ରହିଥିବା ବେଳେ ବଞ୍ଚ ଗୋଲାପ ଦର ୭୦୦ ଟଙ୍କା ପର୍ଯ୍ୟନ୍ତ ରହିଥିବା ଜଣାପଡିଛି।

### ଏମାନଙ୍କ ମୁହଁରୁ...



"ଭାଲେଣ୍ଟାଇନ୍ସ ସପ୍ତାହ ପାଳନ ପାଇଁ ଦୋକାନରେ ବିଭିନ୍ନ ସାମଗ୍ରୀ ଉପଲବ୍ଧ ରହିଛି। ଚଳିତବର୍ଷ ପ୍ରଥମ ଥର ଷ୍ଟିକ୍ ଗୋଲାପ ଓ ବଞ୍ଚ ଗୋଲାପ ଗ୍ରାହକଙ୍କ ପାଇଁ ଆଣିଛୁ। ରୋଜ୍ ଡେ ସକାଳୁ ହିଁ ଫୁଲ ପାଇଁ ଦୋକାନରେ ଭିଡ଼ ଲାଗିଥାଏ। ଏବର୍ଷ ଭଲ ବ୍ୟବସାୟ ହେବ ବୋଲି ଆଶା ରହିଛି।

**-ବସନ୍ତ ବେହେରା, ବ୍ୟବସାୟୀ**



"ପ୍ରତିବର୍ଷ ରୋଜ୍ ଡେ'ରେ ବେପାର ଜମିଥାଏ। ବିଶେଷକରି ବାଙ୍ଗାଲୋର ଗୋଲାପର ଚାହିଦା ଅଧିକ ରହିଥାଏ। ଏହାକୁ ଦୃଷ୍ଟିରେ ରଖି ଦୋକାନରେ ଗୋଲାପ ରଖାଯାଇଛି। ଏଥିସହ ବିଭିନ ରଙ୍ଗର ଗୋଲାପ ମଧ୍ୟ ଉପଲବ୍ଧ ରହିଛି। ଭଲ ବେପାର ହେବ ବୋଲି ଆଶା ରହିଛି।

**-ଅଜିତ୍ କୁମାର ବେହେରା, ବ୍ୟବସାୟୀ**



"ଭାଲେଟାଇନ୍ସ ସପ୍ତାହରେ ନିଜ ପ୍ରିୟଜନଙ୍କୁ ସ୍ୱତନ୍ତ୍ର ଉପହାର ଦେବାକୁ ଅନାଇ ବସିଥାନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ଦେଖି ଭେରାଇଟି ଗିଫ୍ଟ ଆଣିଛୁ। ଦୋକାନରେ ଲୋକଙ୍କ ଭିଡ଼ ଜମିବା ସହ ଭଲ ବ୍ୟବସାୟ ହେବ ବୋଲି ଆଶା ରଖିଛି।

**-କ୍ଷୀରୋଦ ସାହୁ, ବ୍ୟବସାୟୀ**



## ୪୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ



ବ୍ରାଉନସୁଗାର କାରବାରରେ ଧରାପଡ଼ିଥିବା ଦୁଇ ଅଭିଯୁକ୍ତ।

ଭୁବନେଶ୍ୱର,୬।୨(ସତ୍ୟଜିତ୍ ରାଉତ):

କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ ହାତରେ ଧରାପଡ଼ିଛନ୍ତି ଦୁଇ ବ୍ରାଉନସୁଗାର ଡିଲର। ପୋଲିସ ଟିମ୍ ମଙ୍ଗଳବାର ସକାଳେ ପାହାଲ ନିକଟରେ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଖୁଣ୍ଟୁଣୀ ଗ୍ରାମର ଶିବ ପ୍ରସାଦ ଦାସ (୨୭) ଓ ଜଗବନ୍ଧୁ ଦାସ (୨୯)। ସେମାନଙ୍କ ନିକଟରୁ ୪୦ ଲକ୍ଷ ଟଙ୍କାର ୪୦୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏଥିସହ ଗୋଟିଏ ଆର୍-୧୫ ବାଇକ୍, ମୋବାଇଲ ଏବଂ ନଗଦ ୩୫ଶହ ଟଙ୍କା ଜବତ ହୋଇଛି। ଏନେଇ ସ୍ପେଶାଲ କ୍ରାଇମ ୟୁନିଟ୍ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ବୁଧବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଅଭିଯୁକ୍ତ ଦ୍ୱୟ କିଛିଦିନ ହେଲା ଖୋର୍ଦ୍ଧାରୁ ବ୍ରାଉନସୁଗାର ଆଣି ଭୁବନେଶ୍ୱର ସମେତ ବିଭିନ୍ନ ଅଞ୍ଚଳରେ ଥିବା ଛୋଟ ବ୍ୟବସାୟୀଙ୍କୁ ବିକ୍ରି କରୁଥିଲେ। ଅଭିଯୁକ୍ତଦ୍ୱୟଙ୍କ ଉପରେ ସ୍ପେଶାଲ କ୍ରାଇମ ୟୁନିଟ୍ ଟିମ୍ କିଛିଦିନ ହେଲା ନଜର ରଖିଥିଲା। ପାହାଲ ନିକଟରେ ଥିବା ଜାଣି ପୋଲିସ ଟିମ୍ ଚଢ଼ାଉ କରି ଉଭୟଙ୍କୁ କାବୁ କରିଥିଲା। ତେବେ ଏହି ରାକେଟ୍‌ରେ ଆଉ କେତେ ସଦସ୍ୟ ଥିବା ପୋଲିସ ସନ୍ଦେହ କରୁଛି। ସେମାନେ ଖୋର୍ଦ୍ଧା ଓ ବାଲେଶ୍ୱରର ବଡ଼ ବ୍ରାଉନସୁଗାର ବେପାରୀଙ୍କ ସହ ଲିଙ୍କ୍‌ରେ ରହୁଥିଲେ। ଏହି ମାମଲାରେ ଅଧିକ ତଥ୍ୟ ଯୋଗାଡ଼ କରିବାକୁ ଆବଶ୍ୟକତା ପଡ଼ିଲେ ଅଭିଯୁକ୍ତଦ୍ୱୟଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ସୂଚନା ଦିଆଯାଇଛି।

# ଟାଙ୍ଗୀ ରଘୁନାଥ ଜୀଉ ବିଜୟୀ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

### ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ୩ୟ ଦିବସ

ବାଙ୍କୀ,୬।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଆଥ୍‌ଲେଟିକ୍ ଆସୋସିଏଶନ୍ ଆନୁକୂଲ୍ୟରେ ସ୍ଥାନୀୟ କଚେରି ପଡ଼ିଆଠାରେ ରାଜ୍ୟସ୍ତରୀୟ ପ୍ରାଣକୃଷ୍ଣ ସାହୁ ଓ ହୃଷୀକେଶ ସାହୁ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ୩ୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚୌଦ୍ୱାର ଫୁଟବଲ୍ ଏକାଡେମୀକୁ ୫-୦ ଗୋଲରେ ହରାଇ ଟାଙ୍ଗୀ ରଘୁନାଥ ଜୀଉ ଫୁଟବଲ୍ କ୍ଲବ ବିଜୟୀ ହୋଇଛି। ଅତିଥି ଭାବେ ଜିଲାପରିଷଦ ସଦସ୍ୟ ସଂଜୟ କୁମାର ପାତ୍ର ଓ ଖବରଦାତା ଅରବିନ୍ଦ ବୀରବର ହରିଚନ୍ଦନ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ସେକ୍ ଖାୟାତ୍, ତପନ ନାୟକ ଓ ବାଦଲ ନାୟକ ପରିଚାଳନା କରିଥିଲେ। ବୁଧବାର ବାଙ୍କୀ ଆଥେଲେଟିକ୍ ଆସୋସିଏଶନ୍ ଓ ଖଣ୍ଡପଡା ଫୁଟବଲ୍ ଟିମ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବବୋଲି ଆସୋସିଏଶନର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ରଣା ସୂଚନା ଦେଇଛନ୍ତି।

## ଶିକ୍ଷାର ଉନ୍ନତିରେ ଜଗବନ୍ଧୁଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ

ସାଲେପୁର,୬।୨(ଅରବିନ୍ଦ ଭୂୟାଁ)

ସାଲେପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସାଲେପୁର ମଣ୍ଡଳ ଶିକ୍ଷାଧିକାରୀ ଜଗବନ୍ଧୁ ଶତପଥୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସମ୍ବର୍ଦ୍ଧନା ସଭାର ପ୍ରାରମ୍ଭ ଅଧିବେଶନରେ ଅବସରପ୍ରାପ୍ତ ସହ-ଶିକ୍ଷାଧିକାରୀ ରଜନୀକାନ୍ତ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷାପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ଅରବିନ୍ଦ ଆଚାର୍ଯ୍ୟ, ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ସାଲେପୁର ମଣ୍ଡଳ ଶିକ୍ଷାଧିକାରୀ ପ୍ରେମଲତା ନାୟକ, ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର ଭାରପ୍ରାପ୍ତ ଅଧ୍ୟକ୍ଷ ମନସ୍ୱିନୀ ବିଶୋଇ, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପୂର୍ବତନ ସମ୍ପାଦକ ପ୍ରକାଶ ଜେନା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବଡ଼ମ୍ବାର ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷ୍ମଣ ଲେଙ୍କା, ଢେଙ୍କାନାଳର ଶିକ୍ଷକ ନେତା ଗୋକୁଳାନନ୍ଦ ପ୍ରଧାନ, ଓଡ଼ପଡ଼ା ବ୍ଲକ ପ୍ରାଥମିକ ଫେଡେରେଶନର ସମ୍ପାଦକ ଦିବ୍ୟସ୍ମୃତି ଭଞ୍ଜ, ଓରେଇ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ବିଜୟ କୁମାର ଶତପଥୀ, ନିଗମାନନ୍ଦ କର, ଚିରଞ୍ଜିବ ଶତପଥୀ, ତପନ ଦାଶ, ଭାବଗ୍ରାହୀ ଦାଶ, ଜନାର୍ଦ୍ଦନ ଦାଶ, ପ୍ରଦୀପ ରାଉତ ଯୋଗଦେଇଥିଲେ। ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁଚରଣ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ଯୋଗଦେଇ ବ୍ଲକରେ ଶିକ୍ଷାର ଉନ୍ନତିରେ ଜଗବନ୍ଧୁଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷକ ସଂଘର ସଦସ୍ୟଙ୍କ ସମେତ ଆଞ୍ଚଳିକ ସାଧନ କେନ୍ଦ୍ରର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯୋଗଦେଇଥିଲେ। ଏହିଅବସରରେ ଜଗବନ୍ଧୁଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସହ ଶିକ୍ଷାଧିକାରୀ ସରସ୍ୱତୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।


**ଦ.ପୂ. ରେଳପଥ - ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ସିକେପି-ସାଉଥ୍-୨୩-୨୪-୫୭, (୨) ସିକେପି-ସାଉଥ୍-୨୩-୨୪-୫୪, ତାରିଖ: ୦୫।୦୨।୨୦୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** (୧) ଡିଇଏନ୍ (ସାଉଥ୍)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ବାଂଶପାଣି ଓ ବଡ଼ବିଲ ଷ୍ଟେଶନଠାରେ ହାଇ ଲେଭଲ୍ ପ୍ଲାଟ୍‌ଫର୍ମର ସମ୍ପ୍ରସାରଣ। (୨) ଡିଇଏନ୍ (ସାଉଥ୍)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ଡାଙ୍ଗୋଆପୋଷୀ କ୍ୱାରିରୁ ଡାଙ୍ଗୋଆପୋଷୀ (ଡିପିଏସ୍)ସ୍ଥିତ ବାଲାଷ୍ଟ ଡିପୋରେ ୯୮୪୧୩ ସିୟୁଏମ୍ ପାଇଁ ୫୦ ମିମି ଗେଜ୍‌ର ହାର୍ଡ ଷ୍ଟୋନ୍ ମେଶିନ୍ କ୍ରଶ୍‌ଡ ଟ୍ରାକ୍ ବାଲାଷ୍ଟର ଯୋଗାଣ, ଷ୍ଟାକିଂ ଏବଂ ଯେକୌଣସି ପ୍ରକାର ରେଳ ୱାଗନରେ ବୋଝେଇ ଓ ଖଲାସ କରିବା। **ଟେଣ୍ଡର ମୂଲ୍ୟ:** ₹୪୬,୨୯,୮୬୨.୪୯ (କ୍ର.ସଂ. ୧ ପାଇଁ) ଏବଂ ₹୧୫,୩୧,୫୨,୨୭୮.୮୬ (କ୍ର.ସଂ. ୨ ପାଇଁ)। **ଇଏମ୍‌ଡି:** ₹୯୨,୬୦୦/-(କ୍ର.ସଂ. ୧ ପାଇଁ) ଏବଂ ₹୯,୧୫,୮୦୦/- (କ୍ର.ସଂ. ୨ ପାଇଁ)। **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦.୦୦। **ଖୋଲାଯିବା ତାରିଖ:** ତା୨୭।୦୨।୨୦୨୪ରିଖ (କ୍ର.ସଂ. ୧ ପାଇଁ) ଏବଂ ତା୦୪।୦୩।୨୦୨୪ରିଖ (କ୍ର.ସଂ. ୨ ପାଇଁ)। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେମାନେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଯୋଗାଇଦିଆଯିବ (କର୍ତ୍ତୃପକ୍ଷ- ରେଲ୍‌ୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-ଆଇ/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦)। (PR-1107)

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELGSUT-06E

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ ମଣ୍ଡଳର ତାଳଚେର ରୋଡ ଏବଂ ତାଳଚେର ମଧ୍ୟରେ ରେଳ କରିଡର ବିସ୍ତାର କାର୍ଯ୍ୟର 132/33KV ଚାପାଲ ଗ୍ରୀଡରୁ ବାହାରୁଥିବା 33KV ଶିଳ୍ପ ଫିଡରର ପରିବର୍ତ୍ତନ ଏବଂ ସ୍ଥାନାନ୍ତର ଓ ତାଳଚେର ରୋଡ ଏବଂ ବୁଢ଼ାପଙ୍କ ମଧ୍ୟରେ ଫ୍ଲାଏ ଓଭର କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹):** 58,72,571.01, EMD (₹) : 1,17,500.00, କାର୍ଯ୍ୟ ଶେଷ ହେବା ଅବଧି: 06 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.20.02.2024ରିଖ 1500 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଟେଣ୍ଡରଦାତା / ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାନୁସାରେ ଇ-ଟେଣ୍ଡରରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରଯୁଜ୍ୟ ନଥିପତ୍ର ଅପଲୋଡ ହେବା ଉଚିତ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (GSU) / ଅନୁଗୁଳ

PR-118/CG/23-24


# ଦ୍ୱୀପାଞ୍ଚଳରେ ଗମନାଗମନରୁ ଜଳସେଚନ ପର୍ଯ୍ୟନ୍ତ ସୁବିଧା

### ପଞ୍ଚାୟତସ୍ତରୀୟ ସଚେତନତା କର୍ମଶାଳା

ନିଶ୍ଚିନ୍ତକୋଇଲି,୬।୨(ଅଶୋକ କୁମାର ମହାପାତ୍ର)

ରାଜ୍ୟ ସରକାରଙ୍କ ଜନ କଲ୍ୟାଣ ଯୋଜନା ଓ ଏହାର ସଫଳ ରୂପାୟନ ହୋଇଥିବାରୁ ପଞ୍ଚାୟତରେ ଭିତ୍ତିଭୂମିର ବିକାଶ ହୋଇଛି। ଦ୍ୱୀପାଞ୍ଚଳରେ ଏବେ ଗମନାଗମନ ସୁବିଧାଠାରୁ ନଦୀରେ ପୋଲ ନିର୍ମାଣ ଓ ଜଳ ସେଚନର ସୁବିଧା କରାଯାଇଛି ବୋଲି ପଞ୍ଚାୟତସ୍ତରୀୟ ସଚେତନତା କର୍ମଶାଳାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକର ମଣିଜଙ୍ଗ ଓ ଶିର୍ଲୋ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଜିଲାପରିଷଦ ସଭ୍ୟ ବିଳାସ ଭୋଇ, ଯୁବନେତା ପ୍ରମୋଦ ନାୟକ, ଦିଲୀପ ବିଶ୍ୱାଳ, ସରୋଜ ବେହେରା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏଥିସହ ପଞ୍ଚାୟତସ୍ତରରେ ସରକାରୀ ଯୋଜନା କିପରି ସଫଳ ରୂପାୟନ ହୋଇଛି ସେନେଇ ବିଶଦବିବୃତି ରଖିଛନ୍ତି। ମଣିଜଙ୍ଗ ପଞ୍ଚାୟତରେ ସରପଞ୍ଚ ସାରଦା ପ୍ରସାଦ ମହାନ୍ତି ସଭାପତିତ୍ୱ କରିଥିଲେ।



ଶିର୍ଲୋ ପଞ୍ଚାୟତରେ ସରକାରଙ୍କ ଯୋଜନା ସମ୍ପର୍କରେ ଅତିଥିମାନେ ଅବଗତ କରାଉଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ସ୍ୱର୍ଣ୍ଣଶିକ୍ଷା ମହାନ୍ତି, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ରାଉତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ସ୍ୱତନ୍ତ୍ର ପ୍ରଦର୍ଶନୀ, ସ୍ଥାନୀୟ କଳାକାରଙ୍କ ଦ୍ୱାରା ଲଉଡ଼ି ନୃତ୍ୟ ପରିବେଷଣ କରାଯାଇଥିଲା। ସେହିଭଳି ଶିର୍ଲୋ ପଞ୍ଚାୟତରେ ସରପଞ୍ଚ ଶିପ୍ରା ଭୋଇଙ୍କ ସଭାପତିତ୍ୱରେ ବିଶ୍ୱଭୂଷଣ ନାୟକ, ବିଜୟ କୁମାର ରାଉତ, ଅରୁଣ ବୋଷ, ପୂର୍ଣ୍ଣଚନ୍ଦ୍ର ସେଠୀ, ନରେଶ ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଓ ସରକାରଙ୍କର କଳା ସଂସ୍କୃତି ବିଭାଗ ପକ୍ଷରୁ ସରକାରୀ ଯୋଜନା ଆଧାରିତ ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ଏହି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ୫୦ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ୧୯ଟି ପ୍ରକଳ୍ପ କରାଯାଇଥିବା ବେଳେ ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନାରେ ୧୨୮୨ ପରିବାରଙ୍କୁ ସାମିଲ କରାଯାଇଛି। କାଳିଆ ଯୋଜନାରେ ୧୦୮୨ ଜଣ କୃଷକଙ୍କୁ ସାମିଲ କରାଯାଇଛି। ସାମାଜିକ ସୁରକ୍ଷା ଯୋଜନାରେ ୫୭୪ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଥିବା ବେଳେ ମିଶନ ଶକ୍ତି ଯୋଜନାରେ ୧୦୪ ଗୋଷ୍ଠୀକୁ ୨କୋଟି ୪୮ଲକ୍ଷ ଟଙ୍କା ବିନା ସୁଧରେ ଋଣ ଦିଆଯାଇଛି। ୧୩୧୦ ପରିବାରକୁ ରାଶନ କାର୍ଡ ଓ ୬୫୮ ଗର୍ଭବତୀଙ୍କୁ ମମତା ଯୋଜନାରେ ସାମିଲ କରାଯାଇଛି। ଏହାଛଡ଼ା ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୪ ଲକ୍ଷ ଟଙ୍କାରେ ଏକ ପ୍ରକଳ୍ପ କରାଯାଇଥିବା ସରପଞ୍ଚ ସୂଚନା ଦେଇଥିଲେ।


GOVERNMENT OF ODISHA No.A-1423

**Department of Water Resources**

OFFICE OF THE ADDITIONAL CHIEF ENGINEER
NORTHERN MINOR IRRIGATION CIRCLE, SAMBALPUR
E-Mail Id: senmicsbpr@yahoo.co.in

**"e" Procurement Notice**

Bid Identification No.: ACENMIC, SBP- 03/2023-24

| | | | |
|---|---|---|---|
| 1 | Name of the work | : | Improvement to Distribution system of Girischandrapur MIP in Naktideul Block of Sambalpur District under ERM 2023-24. |
| 2 | Total No. of works | : | 01 (One) No. |
| 3 | Estimated cost | : | Rs.137.50 Lakh (Approximately) |
| 4 | Period of completion | : | 9 (Nine) calendar months |
| 5 | Date & time of availability of bid document in the portal | : | From 11.00 A.M. of Dt.09.02.2024 upto 5.30 P.M. of Dt.19.02.2024 |
| 6 | Last date & time for receipt of bids in the portal | : | Upto 05.30 P.M. of Dt.19.02.2024 |
| 7 | Date of opening of technical bid (Cover-I) | : | Dt.20.02.2024 at 11.00 A.M. onwards |
| 8 | Name and address of the officer inviting tender | : | Additional Chief Engineer, Northern Minor Irrigation Circle, Sambalpur |
| 9 | Further details can be seen from the e-Procurement Portal "https://tendersodisha.gov.in". | | |

Sd./- Additional Chief Engineer,
OIPR-32208/11/0004/2324 Northern Minor Irrigation Circle, Sambalpur

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Zone-A, Fourth Floor, Fortune Towers, Chandrasekharpur,
Bhubaneswar – 751023, Odisha, Ph No: 0674-2300654 / 0674-2300664

**TENDER NOTICE**

NIT No: OCPL/MCMP/CIVIL-104/2024 Dt.07/02/2024

Sealed bids in prescribed format are invited from reputed Companies/ Firms / Agencies for execution of the following work:

| Sl. No. | Name of the work | Cost of tender paper | Last date of sale /download of tender document | Date of submission / opening |
|---|---|---|---|---|
| 1 | Construction of Market Pindi at Village Sarbahal, Hemgir, Sundargarh, Odisha | Rs.5,900/- (Rupees Five Thousand Nine Hundred Only) including GST @ 18% | 06.03.2024 | 03:00 P.M. / 03:30 P.M. on 13.03.2024 |

Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in

Sd./- Sr. Manager (Commercial & Contracts)

## ସଂକ୍ଷେପରେ

### ନନ୍ଦନକାନନରେ ଶମ୍ବର ଅସୁସ୍ଥ

ବାରଙ୍ଗ,୬।୨(ଲିଙ୍ଗରାଜ ରାଉତ): ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୩୭ ଓ ୩୮ ଏନ୍‌କ୍ଲୋଜରରେ ରହୁଥିବା ଏକ ଅଣ୍ଡିରା ଶମ୍ବର ଅସୁସ୍ଥ ହେବାରୁ ମଙ୍ଗଳବାର ତା'ର ଅସ୍ତ୍ରୋପଚାର କରାଯାଇଥିବା ଜଣାପଡ଼ିଛି। ଶମ୍ବରଟି କିଛିଦିନ ହେବ ଠିକ୍‌ରେ ଖିଆପିଆ କରୁ ନ ଥିବାବେଳେ ଗୋଟିଏ ଜାଗାରେ ପଡ଼ିରହୁଥିଲା। ନିୟୋଜିତ କର୍ମଚାରୀ ଏନେଇ ପ୍ରାଣୀ ବିଭାଗକୁ ଜଣାଇବା ପରେ ପ୍ରାଣୀ ଚିକିତ୍ସକ ଅସୁସ୍ଥ ଶମ୍ବରର ଚିକିତ୍ସା ଆରମ୍ଭ କରିଥିଲେ। ଶମ୍ବରଟିର ସ୍ୱାସ୍ଥ୍ୟ ପରୀକ୍ଷା ଓ ସ୍ୱାସ୍ଥ୍ୟ ଯାଞ୍ଚ କରିବା ପରେ ପେଟରେ ଟ୍ୟୁମର ହୋଇଥିବା ଜଣାପଡ଼ିଥିଲା। ତେବେ ନନ୍ଦନକାନନରେ ୧୧ଟି ଶମ୍ବର ଥିବା ସୂଚନା ମିଳିଛି।

# ରାସ୍ତା ନାହିଁ, ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ଗ୍ରାମବାସୀ

ନିମାପଡ଼ା,୬।୨(ରଞ୍ଜନ ପଟ୍ଟନାୟକ)

ଦେଶ ସ୍ୱାଧୀନ ହେବାର ୭୬ବର୍ଷ ବିତିଲା ପରେ ମଧ୍ୟ ଗ୍ରାମକୁ ରାସ୍ତା ନ ଥିବାରୁ ଗ୍ରାମବାସୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଘଟଣା ନିମାପଡ଼ା ବ୍ଲକ ଅଧୀନ ସଲଙ୍ଗ ପଞ୍ଚାୟତ ସାତକାଳିଆ ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମଟି ଗମନାଗମନ ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅବହେଳିତ ହୋଇ ରହିଛି। ଗ୍ରାମକୁ ସ୍ଥାୟୀ ରାସ୍ତାଟିଏ କରିବାକୁ ଦୀର୍ଘ ଦିନ ହେବ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଆମ୍ବୁଲାନ୍ସଟିଏ



ଗ୍ରାମକୁ ଯାଇପାରୁନାହିଁ। ଏହି ନିମାପଡ଼ା ବ୍ଲକ ହେଡକ୍ୱାର୍ଟରଠାରୁ ମାତ୍ର ୫ କି.ମି. ଦୂରତାରେ ଅବସ୍ଥିତ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗ୍ରାମଟି ବନ୍ୟା ପ୍ରବଣ ଅଞ୍ଚଳ। ନେତା ପରେ ନେତା ନିର୍ବାଚିତ ହେଉଛନ୍ତି । ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ମିଳୁଛି। ହେଲେ କିଛି କାର୍ଯ୍ୟକାରୀ ହେଉନି। ଗ୍ରାମର ଅଭିମନ୍ୟୁ ମହାରଥୀ ଓ ରବୀନ୍ଦ୍ର ମହାରଥୀ ଏଭଳି ଅଭିଯୋଗ କରିଛନ୍ତି। ଏନେଇ ବିଡିଓ ଭୁବନାନନ୍ଦ ପଟ୍ଟନାୟକଙ୍କୁ ପଚାରିବାରେ, ସେ ଏ ବିଷୟରେ ଜାଣି ନାହାନ୍ତି। ଅବହେଳିତ ସାତକାଳିଆ ଗ୍ରାମ ବିଷୟରେ ପଞ୍ଚାୟତ ପକ୍ଷରୁ କୌଣସି ପ୍ରସ୍ତାବ ଆସିନାହିଁ। ତଦନ୍ତ ପରେ ସରକାରୀ ବିଧି ବ୍ୟବସ୍ଥା ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି ବିଡିଓ କହିଛନ୍ତି। ତୁରନ୍ତ ଗ୍ରାମକୁ ଏକ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ସାମାଜିକ କର୍ମୀ ସୁବ୍ରତ ଛାଟୋଇ ଦାବି କରିଛନ୍ତି।

# କୋଣାର୍କରୁ କୋଲକାତା ଘରୋଇ ବସ୍ ସେବା

ଗୋପ,୬।୨(ଭାରତୀ ଭୂଷଣ ଉପାଧ୍ୟାୟ)

ବିଶ୍ୱ ପ୍ରସିଦ୍ଧ କୋଣାର୍କର ସୂର୍ଯ୍ୟ ମନ୍ଦିର ପରିଭ୍ରମଣରେ ଦେଶ ବିଦେଶରୁ ପର୍ଯ୍ୟଟକ ଆସୁଛନ୍ତି। ମାତ୍ର ଆହୁରି ଅଧିକ ମାତ୍ରାରେ ପର୍ଯ୍ୟଟକଙ୍କୁ ସୁବିଧା ଦେବାଲାଗି ଗୋଟିଏ ବେସରକାରୀ ବସ୍ ଏବେ କୋଣାର୍କରୁ କୋଲକାତା ଚାଲିବା ଆରମ୍ଭ କରିଛି। ଫଳରେ ପଶ୍ଚିମବଙ୍ଗର ଲୋକେ ସିଧାସଳଖ କୋଣାର୍କର ସୂର୍ଯ୍ୟ ମନ୍ଦିର ପରିଭ୍ରମଣ କରି ଫେରିପାରିବେ। ଏପରିକି ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ପୁଣି ସନ୍ଧ୍ୟାରେ ଫେରିପାରିବେ ବୋଲି ଜଣାପଡ଼ିଛି। ଏହି ବେସରକାରୀ ବସ୍‌ଟି କୋଣାର୍କରୁ ପ୍ରତ୍ୟେକ ଦିନ ସନ୍ଧ୍ୟା ୬ଟାରେ




ଛାଡୁଥିବାବେଳେ ସେହିଭଳି ପ୍ରତ୍ୟେକ ଦିନ ରାତ୍ର ୯ଟାରେ କୋଲକାତାରୁ ଗୋଟିଏ ଗାଡ଼ି କୋଣାର୍କ ଆସୁଥିବା ଜଣାପଡ଼ିଛି।

# ୪୦ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ

**୨ ଡିଲରଙ୍କୁ ଧରିଲା ସ୍ପେଶାଲ କ୍ରାଇମ୍ ୟୁନିଟ୍**

ଭୁବନେଶ୍ୱର,୬।୨(ସତ୍ୟଜିତ୍ ରାଉତ): କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ ହାତରେ ଧରାପଡ଼ିଛନ୍ତି ଦୁଇ ବ୍ରାଉନସୁଗାର ଡିଲର। ପୋଲିସ ଟିମ୍ ମଙ୍ଗଳବାର ସକାଳେ ପାହାଳ ନିକଟରେ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଖୁଣ୍ଟୁଣୀ ଗ୍ରାମର ଶିବ ପ୍ରସାଦ ଦାସ (୨୭) ଓ ଜଗବନ୍ଧୁ ଦାସ (୨୯)। ସେମାନଙ୍କ ନିକଟରୁ ୪୦ ଲକ୍ଷ ଟଙ୍କାର ୪୦୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏଥିସହ ଗୋଟିଏ ଆର୍-୧୫ ବାଇକ୍, ମୋବାଇଲ ଏବଂ ନଗଦ ୩୫ଶହ ଟଙ୍କା ଜବତ ହୋଇଛି। ଏନେଇ ସ୍ପେଶାଲ କ୍ରାଇମ ୟୁନିଟ୍ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ବୁଧବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯୁକ୍ତ ଦ୍ୱୟ କିଛିଦିନ ହେଲା ଖୋର୍ଦ୍ଧାରୁ ବ୍ରାଉନସୁଗାର ଆଣି ଭୁବନେଶ୍ୱର ସମେତ ବିଭିନ୍ନ ଅଞ୍ଚଳରେ ଥିବା ଛୋଟ ବ୍ୟବସାୟୀଙ୍କୁ ବିକ୍ରି କରୁଥିଲେ। ଅଭିଯୁକ୍ତଦ୍ୱୟଙ୍କ ଉପରେ ସ୍ପେଶାଲ କ୍ରାଇମ ୟୁନିଟ୍ ଟିମ୍ କିଛିଦିନ ହେଲା ନଜର ରଖିଥିଲା। ପାହାଳ ନିକଟରେ ଥିବା ଜାଣି ପୋଲିସ ଟିମ୍ ଚଢ଼ାଉ କରି ଉଭୟଙ୍କୁ କାବୁ କରିଥିଲା। ତେବେ ଏହି ରାକେଟ୍‌ରେ ଆଉ କେତେ ସଦସ୍ୟ ଥିବା ପୋଲିସ ସନ୍ଦେହ କରୁଛି। ସେମାନେ ଖୋର୍ଦ୍ଧା ଓ ବାଲେଶ୍ୱରର ବଡ଼ ବ୍ରାଉନସୁଗାର ବେପାରୀଙ୍କ ସହ ଲିଙ୍କ୍‌ରେ ରହୁଥିଲେ। ଏହି ମାମଲାରେ ଅଧିକ ତଥ୍ୟ ଯୋଗାଡ଼ କରିବାକୁ ଆବଶ୍ୟକତା ପଡ଼ିଲେ ଅଭିଯୁକ୍ତଦ୍ୱୟଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ସୂଚନା ଦିଆଯାଇଛି।

# ଲୋକକଳା ମାଧ୍ୟମରେ ସଚେତନତା

ସାକ୍ଷୀଗୋପାଳ,୬।୨(ଭରତ ରାଉତ)

ଗ୍ରାମାଞ୍ଚଳର ଜନସାଧାରଣଙ୍କ ନିକଟରେ ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସବିଶେଷ ତଥ୍ୟ ପହଞ୍ଚାଇବା ଲକ୍ଷ୍ୟ ନେଇ ଆୟୋଜିତ ଲୋକକଳା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ସତ୍ୟବାଦୀ ବ୍ଲକରେ ମଙ୍ଗଳବାର ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମ ମାଧ୍ୟମରେ ବ୍ଲକର କଳା ସଂସ୍କୃତି ସଂଘରେ ୨୪ଟି ପଞ୍ଚାୟତର ପଞ୍ଜୀକୃତ ପାଲା, ସଂକୀର୍ତ୍ତନ, ଗୋଟିପୁଅ ନୃତ୍ୟ, ଦାସକାଠିଆ, ରାମଲୀଳା, ଘୋଡ଼ାନାଚ ଆଦି ଲୋକକଳାର ୫୦ଟି ଦଳର କଳାକାର ନିଜ ନିଜ କଳା ମାଧ୍ୟମରେ ସରକାରଙ୍କ ୧୫ଟି ଯୋଜନା ସମ୍ପର୍କରେ ପରିବେଷଣ କରି ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ପ୍ରତ୍ୟେକ ସ୍ଥାନରେ ସ୍ଥାନୀୟ ଜନସାଧାରଣ ଆଗ୍ରହର ସହ କାର୍ଯ୍ୟକ୍ରମ ଉପଭୋଗ କରିବା ସହ ଯୋଜନାଗୁଡ଼ିକର ବିଭିନ୍ନ ଦିଗ ସମ୍ପର୍କରେ ଅବଗତ ହୋଇ ଆନନ୍ଦ ପ୍ରକାଶ କରିଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୌଭାଗ୍ୟ ରଞ୍ଜନ କରଙ୍କ ସହିତ ଗ୍ରାମ ରୋଜଗାର ସେବକ ନୋଡାଲ ଅଫିସର ଭାବେ ବିଭିନ୍ନ ୱାର୍ଡ଼ରେ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଞ୍ଚାଳନ କରିଥିଲେ। ସତ୍ୟବାଦୀ ବିଡିଓ ତଥା ବ୍ଲକ କଳାସଂସ୍କୃତି ସଂଘ ସଭାପତି ଲିପ୍ସା ରାୟଙ୍କ ନିର୍ଦ୍ଦେଶକ୍ରମେ ଏବିଡିଓ ସଲିଳ ଦାସ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଶ୍ମିରଞ୍ଜନ ସାହୁ, ବିପିଏମ୍ ଶାଶ୍ୱତୀ ଦାସ ଓ ବ୍ଲକ କଳାସଂସ୍କୃତି ସଂଘ ଉପସଭାପତି ରମେଶ ଚନ୍ଦ୍ର ପଲେଇଙ୍କୁ ନେଇ ଗଠିତ ତଦାରଖ କମିଟି କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚି ସମ୍ପୂର୍ଣ୍ଣ ପ୍ରକ୍ରିୟାର ଅନୁଧ୍ୟାନ କରିଥିଲେ। ସତ୍ୟବାଦୀ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତ ଗ୍ରାମଗୁଡ଼ିକରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ।



ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସଂକୀର୍ତ୍ତନ ମାଧ୍ୟମରେ ସଚେତନ କରାଯାଉଛି।

# ପାଠପଢ଼ା ପାଇଁ ଜଗଦାନନ୍ଦଙ୍କ ମରଶରୀର ଦାନ

**୧୦ ବର୍ଷ ତଳେ ଚୁକ୍ତି କରିଥିଲେ**

କଟକ, ୬।୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ବକ୍ସିବଜାର ବେପାରୀ ସାହି ଅଞ୍ଚଳର ଜଗଦାନନ୍ଦ ସାହୁ(୯୦)ଙ୍କର ବାର୍ଦ୍ଧକ୍ୟଜନିତ କାରଣରୁ ମଙ୍ଗଳବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ଏହାପରେ ତାଙ୍କ ମରଶରୀରକୁ ଏସ୍‌ସିବି ମେଡିକାଲର ଶରୀରଗଠନ ବିଭାଗକୁ ଦାନ କରିଛନ୍ତି ପୁଅ ବିକାଶ ଚନ୍ଦ୍ର ସାହୁ। ମୃତ୍ୟୁ ପରେ ଏସ୍‌ସିବି ମେଡିକାଲର ଶରୀରଗଠନ ବିଭାଗକୁ ମୃତଦେହ ଦାନ କରିବା ପାଇଁ ୨୦୧୪ ମେ' ୨୧ରେ ଜଗଦାନନ୍ଦ ଚୁକ୍ତି କରିଥିଲେ। ଏ ସମ୍ପର୍କରେ ବିକାଶ କହିଛନ୍ତି, ବାପାଙ୍କର ଏହା ଶେଷଇଚ୍ଛା ଥିଲା। ମରଶରୀର ଏସ୍‌ସିବି ମେଡିକାଲକୁ ପଠାଯାଇଛି। ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କ ଅଧ୍ୟୟନରେ ଏହା ସହାୟକ ହେବ। ରୀତିନୀତି ଅନୁଯାୟୀ ଦଶାହ, ଏକାଦଶ କାର୍ଯ୍ୟ କରାଯିବ। ବାପାଙ୍କ ଏଭଳି କାର୍ଯ୍ୟରେ ଅନୁପ୍ରାଣିତ ହୋଇ ମୁଁ ଏବଂ ମୋ ପରିବାରର ସମସ୍ତ ସଦସ୍ୟ ମୃତ୍ୟୁ ପରେ ଏସ୍‌ସିବି ମେଡିକାଲକୁ ଶରୀର ଦାନ ପାଇଁ ପଞ୍ଜୀକରଣ କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲୁ। ଅପରପକ୍ଷରେ



ଶରୀର ଗଠନ ବିଭାଗର ସନ୍ତୋଷ କୁମାର ସାହୁ କହିଛନ୍ତି, ମୃତ୍ୟୁ ପରେ ଶରୀର ଦାନ ପାଇଁ ଏକ ପଞ୍ଜୀକରଣ ପ୍ରକ୍ରିୟା ରହିଛି। ଯେଉଁ ବ୍ୟକ୍ତି ଏନେଇ ନାମ ପଞ୍ଜୀକରଣ କରିଥିବେ ସେମାନଙ୍କ ସମସ୍ତ ତଥ୍ୟ ଯାଞ୍ଚ କରିବା ପରେ ଆମେ ମରଶରୀରକୁ ଗ୍ରହଣ କରିଥାଉ। ପରେ ଏହାକୁ ସତେଜ ରଖିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଜଗଦାନନ୍ଦଙ୍କ ମରଶରୀର ଛାତ୍ରୀଛାତ୍ର ପାଠପଢାରେ ସହାୟକ ହେବ। ଆଗାମୀ ଦିନରେ ଏଭଳି ପ୍ରକ୍ରିୟାକୁ ଅନେକ ଆପଣାଇବେ ବୋଲି ଆଶା ରହିଥିବା ସାହୁ କହିଛନ୍ତି।

# ମହିଳା ପର୍ଯ୍ୟଟକଙ୍କୁ କମେଣ୍ଟ ମାରି ଯୁବକ ଅଟକ

ବାରଙ୍ଗ,୬।୨(ଲିଙ୍ଗରାଜ ରାଉତ)

ନନ୍ଦନକାନନ ଭିତରେ ମହିଳା ପର୍ଯ୍ୟଟକଙ୍କୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିବା ଅଭିଯୋଗରେ ସୁରକ୍ଷା କର୍ମଚାରୀ ଜଣେ ଯୁବକଙ୍କୁ ଧରି ନନ୍ଦନକାନନ ପୋଲିସକୁ ହସ୍ତାନ୍ତର କରିଛନ୍ତି। ପୋଲିସ ଯୁବକଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ନନ୍ଦନକାନନ ଭିତରେ ମଙ୍ଗଳବାର ମଧ୍ୟାହ୍ନ ସମୟରେ ସରୀସୃପ ଉଦ୍ୟାନରେ ବୁଲୁଥିବା ମହିଳାଙ୍କୁ ଜଣେ ଯୁବକ କମେଣ୍ଟ ମାରିବା ସହ ଅଶ୍ଳୀଳ ଇଙ୍ଗିତ କରିଥିଲେ। କିଛି ମହିଳା ପର୍ଯ୍ୟଟକ ଏ ବିଷୟରେ ସରୀସୃପ ଉଦ୍ୟାନ ବାହାରେ ଥିବା ସୁରକ୍ଷା କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

**ଦ.ପୂ. ରେଳପଥ - ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ସିକେପି-ସାଉଥ୍-୨୩-୨୪-୫୭, (୨) ସିକେପି-ସାଉଥ୍-୨୩-୨୪-୫୪, ତାରିଖ: ୦୫।୦୨।୨୦୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଏନ୍‌ଜି.), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କାର୍ଯ୍ୟର ନାମ: (୧) ଡିଇଏନ୍ (ସାଉଥ୍)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ବାଂଶପାଣି ଓ ବଡ଼ବିଲ ଷ୍ଟେଶନଠାରେ ହାଇ ଲେଭଲ୍ ପ୍ଲାଟ୍‌ଫର୍ମର ସମ୍ପ୍ରସାରଣ । (୨) ଡିଇଏନ୍ (ସାଉଥ୍)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ଡାଙ୍ଗୋଆପୋଷୀ କ୍ୱାରିରୁ ଡାଙ୍ଗୋଆପୋଷୀ (ଡିପିଏସ୍)ସ୍ଥିତ ବାଲାଷ୍ଟ ଡିପୋରେ ୯୮୪୧୩ ସିୟୁଏମ୍ ପାଇଁ ୫୦ ମିମି ଗେଜ୍‌ର ହାର୍ଡ ଷ୍ଟୋନ୍ ମେଶିନ୍ କ୍ରଶ୍‌ଡ ଟ୍ରାକ୍ ବାଲାଷ୍ଟର ଯୋଗାଣ, ଷ୍ଟାକିଂ ଏବଂ ଯେକୌଣସି ପ୍ରକାର ରେଳ ୱାଗନରେ ବୋଝେଇ ଓ ଖଲାସ କରିବା । ଟେଣ୍ଡର ମୂଲ୍ୟ: ₹୪୬,୨୯,୮୬୨.୪୯ (କ୍ର.ସଂ. ୧ ପାଇଁ) ଏବଂ ₹୧୫,୩୧,୫୨,୨୭୮.୮୬ (କ୍ର.ସଂ. ୨ ପାଇଁ) । ଇଏମ୍‌ଡି: ₹୯୨,୬୦୦/-(କ୍ର.ସଂ. ୧ ପାଇଁ) ଏବଂ ₹୯,୧୫,୮୦୦/-(କ୍ର.ସଂ. ୨ ପାଇଁ) । ଟେଣ୍ଡର ଫର୍ମ ମୂଲ୍ୟ: ପ୍ରତ୍ୟେକ ପାଇଁ ₹୦.୦୦। ଖୋଲାଯିବା ତାରିଖ: ତା୨୭।୦୨।୨୦୨୪ରିଖ (କ୍ର.ସଂ. ୧ ପାଇଁ) ଏବଂ ତା୦୪।୦୩।୨୦୨୪ରିଖ (କ୍ର.ସଂ. ୨ ପାଇଁ)। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଏବଂ ସେମାନେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରଦାତାଙ୍କୁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଯୋଗାଇଦିଆଯିବ (କର୍ତ୍ତୃପକ୍ଷ- ରେଲୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-ଆଇ/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦)। (PR-1107)

# ଆନ୍ଦୋଳନ ଜାରି, ସେବା ଯୋଗାଉଛନ୍ତି ପ୍ରାଣୀଧନ ନିରୀକ୍ଷକ

**ପଶୁପକ୍ଷୀ ଚିକିତ୍ସା ବାଧାପ୍ରାପ୍ତ**

ଅସ୍ତରଙ୍ଗ,୬।୨ (ପ୍ରଦୀପ୍ତ ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ପ୍ରାଣୀ ଚିକିତ୍ସାଳୟର ୨ ପ୍ରାଣୀ ଚିକିତ୍ସକ ଡା. ଶୁଭଶ୍ରୀ ପ୍ରଧାନ ଏବଂ ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ରାଜେଶ ମହାପାତ୍ର ଦୀର୍ଘ ଦିନ ହେବ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବା ଯୋଗୁ ପ୍ରାଣୀଧନ ସୁରକ୍ଷା ଓ ଚିକିତ୍ସାକୁ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି। ଗତ ଜାନୁଆରୀ ୧୮ରୁ ପ୍ରାଣୀ ଚିକିତ୍ସକମାନେ ସାମୂହିକ ଛୁଟି ନେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଗୃହପାଳିତ ପଶୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରାଣୀଧନ ନିରୀକ୍ଷକ ଓ ଏହାର କ୍ୟାଡରମାନେ ଅସୁସ୍ଥ ପ୍ରାଣୀଙ୍କ ଚିକିତ୍ସା ଯୋଗାଇ ଦେଉଥିବାରୁ ଗୋପାଳକ ଏବଂ ବିଭିନ୍ନ ପଶୁପକ୍ଷୀ ପାଳନ କରୁଥିବା ଚାଷୀମାନେ କିଛିଟା ଆଶ୍ୱସ୍ତ ହୋଇଛନ୍ତି। ଫଳରେ ଲକ୍ଷ ଲକ୍ଷ ଟଙ୍କା ଋଣ କରି ପ୍ରାଣୀ ଚାଷ କରି ଗୁଜରାଣ ମେଣ୍ଟାଉଥିବା ଚାଷୀ ବ୍ୟାପକ କ୍ଷତି ସହିବା ସହ ଏଥିପାଇଁ ଚିନ୍ତା ସହ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ଯୋଗୁ ଚାଷୀମାନେ ବୀମା ଅର୍ଥ ପାଇବା ଓ ବିଭିନ୍ନ ସରକାରୀ ଯୋଜନା ସୁବିଧା ପାଇବାରେ ସମସ୍ୟା ଉପୁଜୁଛି। ଏ ସବୁକୁ ଦୃଷ୍ଟିରେ ରଖି ପ୍ରାଣୀଙ୍କ ସୁରକ୍ଷା ଓ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ସରକାର ତୁରନ୍ତ କଡ଼ା ଆଭିମୁଖ୍ୟ ଗ୍ରହଣ କରି ପ୍ରାଣୀ ଚିକିତ୍ସକଙ୍କ ଦାବି ସମାଧାନ କରିବା ଦିଗରେ ପଦକ୍ଷେପ ନେବା ସହ ପ୍ରାଣୀ ଚିକିତ୍ସା ବ୍ୟବସ୍ଥାକୁ ସ୍ୱାଭାବିକ କରିବା ଲାଗି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୋପାଳକ ଓ ପ୍ରାଣୀ ପାଳନ କରୁଥିବା ଚାଷୀମାନେ ଦାବି କରିଛନ୍ତି।

# ଆତ୍ମବିଶ୍ୱାସ, ଦୃଢ଼ ମନୋବଳ ହିଁ ସଫଳତାର ଚାବିକାଠି

ବାଲୁଗାଁ,୬।୨(ସଂଗ୍ରାମ ପାଇକରାୟ): ଜାତୀୟ ମହିଳା ସମ୍ମେଳନ ଅବସରରେ ଓଡ଼ିଶା ଯୁବ ସାଂସ୍କୃତିକ ସଂସଦ ପକ୍ଷରୁ ସମ୍ପ୍ରତି ମହିଳାଙ୍କ ପ୍ରତି ହେଉଥିବା ହିଂସାକୁ ପ୍ରତିହିତ ଉଦ୍ଦେଶ୍ୟ ନେଇ ମଙ୍ଗଳବାର ସ୍ଥାନୀୟ ଉମାମହେଶ୍ୱର ବଣିକ ସଂଘ ସଭାଗୃହରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଉତ୍ତରାୟଣୀ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରି ଅଶୋକନଗର ବଣିକ ସଂଘ ସଭାଗୃହଠାରରେ ପହଞ୍ଚିଥିଲା। ପରେ ଆୟୋଜିତ ସମ୍ମିଳନୀରେ ସଭାପତି ସାମାଜିକକର୍ମୀ ମାନସୀ ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରାଧାପିକା ସୁଜାତା ପ୍ରଧାନ ଯୋଗଦେଇ ଥିଲେ। ମୁଖ୍ୟ ବକ୍ତାଭାବେ ଆଡଭୋକେଟ ଗୌରୀ ଶଙ୍କର ଷଡ଼ଙ୍ଗୀ ଯୋଗଦେଇ ନାରୀମାନଙ୍କ ପାଇଁ ଥିବା ଆଇନ ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଉଲ୍ଲେଖ କରିବା ସହ ଉଭୟ ମହିଳା ଓ ପୁରୁଷଙ୍କ ଦୃଷ୍ଟିଭଙ୍ଗୀ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବାଲୁଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.କଳ୍ପନା ଦାଶ ଓ ନାଟ୍ୟକାର ଭିକାରୀ ଚରଣ ପ୍ରଧାନ ନାରୀମାନଙ୍କ ସଶକ୍ତୀକରଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଅନ୍ତର୍ଜାତୀୟ ଅଲମ୍ପିୟାଡ଼ ଦୁତି ଚାନ୍ଦ ଯୋଗଦେଇ ନିଜ ଜୀବନର ସଂଘର୍ଷମୟ କାହାଣୀ ବର୍ଣ୍ଣନା କରିବା ସହ ଆତ୍ମବିଶ୍ୱାସ ଓ ଅଧ୍ୟବସାୟ ବଳରେ କିପରି ସଫଳତା ତଥା ସମ୍ମାନ ପାଇଛନ୍ତି ତାହା ଉପସ୍ଥାପନ କରିଥିଲେ। ସଭାପତି ମାନସୀ ପ୍ରଧାନ ପାରିବାରିକ ହିଂସା ବନ୍ଦ କରିବାକୁ ଆହ୍ୱାନ ଦେଇଥିଲେ। ଅଶୋକ ପଟ୍ଟନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# 'ଯୁବବର୍ଗ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ'

**ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଉଦ୍‌ଘାଟିତ**

କଟକ,୬।୨ (କାର୍ତ୍ତିକ ସାହୁ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସରରେ ୭ଦିନିଆ ଦ୍ୱିତୀୟ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ କହିଛନ୍ତି, ଆଜିର ଯୁବବର୍ଗ କ୍ରୀଡ଼ା ପ୍ରତି ନିଜର ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ। ସମ୍ମାନିତ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ ଛାତ୍ରୀଛାତ୍ରମାନେ ପ୍ରତିଯୋଗିତା ମନୋଭାବ ରଖି କ୍ରୀଡ଼ାରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବିଧାୟକ ସୌଭିକ୍ ବିଶ୍ୱାଳ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହ, ଉଦ୍ଦୀପନାର ସହ ନିଜର ନୈପୁଣ୍ୟତା ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ସିଏମ୍‌ସି କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, କ୍ରୀଡ଼ାର ବିକାଶ ପାଇଁ ଯୁବଗୋଷ୍ଠୀର ଅବଦାନ ରହିବା ଜରୁରୀ। ଓଡ଼ିଶାର ପ୍ରାୟ ୨୭ଟି ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍ ଯୋଗଦେଇ ଫୁଟ୍‌ବଲ, ଚେସ୍, ହକି, ୱାର୍ଡ ଗେମ୍, ଆଇଟି, କବାଡି, ଭଲିବଲ ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନ ସମାରୋହ ପରେ ବାଘନାଚ, ମାଲଖମ୍ବ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଶୁଭାରମ୍ଭ



ଗୋପ,୬।୨(ଭାରତୀ ଭୂଷଣ ଉପାଧ୍ୟାୟ)

ସାଧାରଣ ଲୋକଙ୍କୁ କିଭଳି ସମସ୍ତ ସରକାରୀ ଯୋଜନାରେ ସାମିଲ କରାଯିବ। ରାଜ୍ୟ ସରକାରଙ୍କ ଯୋଜନାର ବିକାଶ କିପରି କରାଯିବ ସେଥିପାଇଁ ସବୁବେଳେ କାର୍ଯ୍ୟ କରୁଛି। ଏହି ସମୟରେ ଅସମ୍ଭବକୁ କିଭଳି ସମ୍ଭବ କରାଯାଇ ପାରିବ ସେଥିପାଇଁ ମୁଁ ର୍ବଦା ଚେଷ୍ଟିତ ବୋଲି ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ କହିଛନ୍ତି। ଗୋପ ବ୍ଲକର ରାହାଙ୍ଗଗୋରଡା ଓ ବଡତରା ପଞ୍ଚାୟତରେ ମଙ୍ଗଳବାର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ଅବସରରେ ଲୋକଙ୍କୁ ବିଧାୟକ ଏହା କହିଛନ୍ତି। ନିମାପଡ଼ା ନଗର ସଭାପତି ତଥା ଗୋପ ବ୍ଲକ ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ଥିବା ଜୀବନାନନ୍ଦ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଆୟୋଜିତ ପଥପ୍ରାନ୍ତ ସଭା କାର୍ଯ୍ୟକ୍ରମ ନିର୍ବାଚନ ମଣ୍ଡଳୀସ୍ତରୀୟ ସମ୍ପାଦକ ରବୀନ୍ଦ୍ର ନାୟକ ପଞ୍ଚାୟତ ପର୍ଯ୍ୟବେକ୍ଷକ ବିଜୟ ପଟ୍ଟନାୟକ, ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ପଞ୍ଚାୟତ ସଭାପତି ହେମନ୍ତ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ବିଜେଡିର ଏହି ପରିବାର ସମ୍ପର୍କ ଯାତ୍ରା ଉପରେ ଗୁରୁତ୍ୱ ଦେବାକୁ ଅତିଥିମାନେ କହିଥିଲେ। ନିମାପଡ଼ା ନିର୍ବାଚନମଣ୍ଡଳୀ ମଧ୍ୟରେ ଥିବା ଗୋପ ବ୍ଲକର ୧୪ ପଞ୍ଚାୟତର ୨ ଗୋଟି ପଞ୍ଚାୟତରେ ଅନୁଷ୍ଠିତ ଘରେ ଘରେ ଶଙ୍ଖର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ। ବିଧାୟକ ଦାଶ ପ୍ରତ୍ୟେକ ଘର ଦୁଆର ମୁହଁରେ ଶଙ୍ଖ ଚିହ୍ନ ଥିବା ପୋଷ୍ଟର ଲଗାଇଥିଲେ। ମାନ୍ୟବର ବିଧାୟକ ପ୍ରଥମେ ରାହାଙ୍ଗଗୋରଡ଼ା ଓ ବଡତରା ପଞ୍ଚାୟତରେ ପହଞ୍ଚିବା ପରେ ଶତାଧିକ ମହିଳା ହରିବୋଲ ହୁଳହୁଳି ମାଧ୍ୟମରେ ବିଧାୟକଙ୍କୁ ପାଛୋଟି ନେଇଥିଲେ। ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ଗୋପ ବ୍ଲକର ୧୪ ଗୋଟି ପଞ୍ଚାୟ ରେ ଜାରି ରହିବ ବୋଲି ବିଧାୟକ ଦାଶ ସୂଚନା ଦେଇଛନ୍ତି।

GOVERNMENT OF ODISHA No.A-1423
**Department of Water Resources**
OFFICE OF THE ADDITIONAL CHIEF ENGINEER
NORTHERN MINOR IRRIGATION CIRCLE, SAMBALPUR
E-Mail Id: senmicsbpr@yahoo.co.in
**"e" Procurement Notice**
Bid Identification No.: ACENMIC, SBP- 03/2023-24

| | | | |
|---|---|---|---|
| 1 | Name of the work | : | Improvement to Distribution system of Girischandrapur MIP in Naktideul Block of Sambalpur District under ERM 2023-24. |
| 2 | Total No. of works | : | 01 (One) No. |
| 3 | Estimated cost | : | Rs.137.50 Lakh (Approximately) |
| 4 | Period of completion | : | 9 (Nine) calendar months |
| 5 | Date & time of availability of bid document in the portal | : | From 11.00 A.M. of Dt.09.02.2024 upto 5.30 P.M. of Dt.19.02.2024 |
| 6 | Last date & time for receipt of bids in the portal | : | Upto 05.30 P.M. of Dt.19.02.2024 |
| 7 | Date of opening of technical bid (Cover-I) | : | Dt.20.02.2024 at 11.00 A.M. onwards |
| 8 | Name and address of the officer inviting tender | : | Additional Chief Engineer, Northern Minor Irrigation Circle, Sambalpur |
| 9 | Further details can be seen from the e-Procurement Portal "https://tendersodisha.gov.in". | | |

Sd./- Additional Chief Engineer,
OIPR-32208/11/0004/2324 Northern Minor Irrigation Circle, Sambalpur

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELGSUT-06E

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ ମଣ୍ଡଳର ତାଳଚେର ରୋଡ ଏବଂ ତାଳଚେର ମଧ୍ୟରେ ରେଳ କରିଡର ବିସ୍ତାର କାର୍ଯ୍ୟର 132/33KV ଟାପାଲ ଗ୍ରୀଡରୁ ବାହାରୁଥିବା 33KV ଶିଳ୍ପ ଫିଡରର ପରିବର୍ତ୍ତନ ଏବଂ ସ୍ଥାନାନ୍ତର ଓ ତାଳଚେର ରୋଡ ଏବଂ ବୁଢ଼ାପଙ୍କ ମଧ୍ୟରେ ଫ୍ଲାଏ ଓଭର କାର୍ଯ୍ୟ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 58,72,571.01, EMD (₹) : 1,17,500.00, କାର୍ଯ୍ୟ ଶେଷ ହେବା ଅବଧି: 06 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.02.2024ରିଖ 1500 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଟେଣ୍ଡରଦାତା / ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାନୁସାରେ ଇ-ଟେଣ୍ଡରରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରଯୁଜ୍ୟ ନଥିପତ୍ର ଅପଲୋଡ ହେବା ଉଚିତ ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (GSU) / ଅନୁଗୁଳ
PR-118/CG/23-24

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Odisha Coal and Power Limited OCPL
Zone-A, Fourth Floor, Fortune Towers, Chandrasekharpur, Bhubaneswar – 751023, Odisha, Ph No: 0674-2300654 / 0674-2300664

**TENDER NOTICE**

NIT No: OCPL/MCMP/CIVIL-104/2024 Dt.07/02/2024

Sealed bids in prescribed format are invited from reputed Companies/ Firms / Agencies for execution of the following work:

| Sl. No. | Name of the work | Cost of tender paper | Last date of sale /download of tender document | Date of submission / opening |
|---|---|---|---|---|
| 1 | Construction of Market Pindi at Village Sarbahal, Hemgir, Sundargarh, Odisha | Rs.5,900/- (Rupees Five Thousand Nine Hundred Only) including GST @ 18% | 06.03.2024 | 03:00 P.M. / 03:30 P.M. on 13.03.2024 |

Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in

Sd./- Sr. Manager (Commercial & Contracts)

**ଶେୟାର ବଜାରରେ ଉତ୍ସାହ**

ନୂଆଦିଲ୍ଲୀ: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୪୫୫ (୪୫୪.୬୭) ପଏଣ୍ଟ ବଢ଼ି ୭୨,୧୮୬ (୭୨,୧୮୬.୦୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ ୧୫୮ (୧୫୭.୭୦) ପଏଣ୍ଟ ବୃଦ୍ଧି ଘଟି ୨୧,୯୨୯ (୨୧,୯୨୯.୪୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଆଜିଠାରୁ ଓଡ଼ିଶା ଟ୍ରାଭେଲ ବଜାର

## କୋଣାର୍କରେ ୩ ଦିନିଆ ଓଟିବି

ଭୁବନେଶ୍ୱର, ୬।୨ (ଅଭୟ ଦାଶ)




ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ମିଳିତ ସହଯୋଗରେ ଏକ ୩ଦିନିଆ ପ୍ରଦର୍ଶନୀ ତଥା ୫ମ ଓଡ଼ିଶା ଟ୍ରାଭେଲ ବଜାର(ଓଟିବି) ପୁରୀ ଜିଲା କୋଣାର୍କ(ଇକୋ ରିଟ୍ରିଟ୍ କୋଣାର୍କ)ଠାରେ ଆୟୋଜିତ ହେବାକୁ ଯାଉଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଫେବୃଆରୀ ୭ରୁ ୯ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ୧୮ ରାଜ୍ୟରୁ ପ୍ରାୟ ୭୦ ଡୋମେଷ୍ଟିକ ଟୁର୍ ଅପରେଟର (ଡିଟିଓ) ଏବଂ ୧୬ ଦେଶରୁ ୬୦ ଫରେନ୍ ଟୁର୍ ଅପରେଟର (ଏଫ୍ଟିଓ) ଅଂଶ ଗ୍ରହଣ କରୁଛନ୍ତି ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଏହି ୩ଦିନିଆ ପ୍ରଦର୍ଶନୀରେ ବିଭିନ୍ନ ପ୍ରକାର ସମ୍ମିଳନୀ, ଚୁକ୍ତିନାମା ସହ ନିବେଶକ ଓ ଏୟାରଲାଇନ ଅପରେଟରମାନଙ୍କ ସହ ବି୨ଜି ବୈଠକର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସେଲରମାନେ ନିଜର ଉତ୍ପାଦଗୁଡ଼ିକୁ ପ୍ରଦର୍ଶିତ କରିବା ପାଇଁ ମଧ୍ୟ ସୁଯୋଗ ପାଇବେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭୁବନେଶ୍ୱରର ସ୍ୱସ୍ତି ପ୍ରିମିୟମଠାରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଓଟିଡିସିର ଚେୟାରମ୍ୟାନ (ଅଧ୍ୟକ୍ଷ) ଡ. ଲେନିନ୍ ମହାନ୍ତି, ପର୍ଯ୍ୟଟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଫିକିର ଟ୍ରାଭେଲ, ଟୁରିଜମ୍ ଓ ହସ୍ପିଟାଲିଟି କମିଟି ଉପାଧ୍ୟକ୍ଷ ତଥା ସ୍ୱସ୍ତି ହୋଟେଲ୍ସର ସିଏମ୍ଡି ଜେ.କେ.ମହାନ୍ତି ପ୍ରମୁଖ ଉପସ୍ଥିତ ରହି ୫ମ ଓଟିବି ସଂସ୍କରଣର ଆଭିମୁଖ୍ୟ, ପର୍ଯ୍ୟଟନ କ୍ଷେତ୍ର ଓ ଶିଳ୍ପର ବିକାଶ ସହ ଓଡ଼ିଶା ଟ୍ରାଭେଲ ବଜାରର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା ଓ ଚର୍ଚ୍ଚା କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ୨୦୨୪ ଫେବୃଆରୀ ୭ରେ ଆୟୋଜନ ହେବାକୁ ଥିବା ୫ମ ଓଡ଼ିଶା ଟ୍ରାଭେଲ ବଜାରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଉଦ୍ଘାଟନ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସେହିପରି ଭାରତର ଘରୋଇ ଗ୍ରାହକଙ୍କ ସମେତ ଅନ୍ତର୍ଜାତୀୟ ବଜାରଗୁଡ଼ିକ ପାଇଁ ଓଡ଼ିଶାରେ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀକୁ ପ୍ରୋତ୍ସାହିତ କରିବା ଲାଗି ଏକ ପ୍ଲାଟ୍ଫର୍ମ ସୃଷ୍ଟି କରିବା ଓଟିବି-୨୪ର ମୂଳ ଉଦ୍ଦେଶ୍ୟ ବୋଲି ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏହି ପ୍ରଦର୍ଶନୀ ଜରିଆରେ ରାଜ୍ୟର ଏକ ସମ୍ପୂର୍ଣ୍ଣ ନୂତନ ଦୃଷ୍ଟିକୋଣକୁ ଉପସ୍ଥାପନ କରି ଓଡ଼ିଶାକୁ ଅନ୍ତର୍ଜାତୀୟ ମାନକ ବିଶିଷ୍ଟ ଏକ ବହୁମୁଖୀ ପର୍ଯ୍ୟଟନ କେନ୍ଦ୍ର ଭାବେ ସ୍ଥାପନ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ରଣନୈତିକ ପଦକ୍ଷେପ ଗ୍ରହଣ କରୁଛନ୍ତି।

# ଟାଟା ଷ୍ଟିଲ୍କୁ ୱାର୍ଲଡ୍ ୱାଟର ଆୱାର୍ଡ



ଭୁବନେଶ୍ୱର, ୬।୨

ଟାଟା ଷ୍ଟିଲ୍ର ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍ଏଏମ୍ଡି)କୁ ନିକଟରେ ଏକ ସମ୍ମାନଜନକ ମାନ୍ୟତା ସହ ପୁରସ୍କୃତ କରାଯାଇଛି। ବିଶେଷକରି ଜଳ ପରିଚାଳନା ପ୍ରକ୍ରିୟାରେ ଉନ୍ନତି ଆଣିବା ଏବଂ ତା'ର ପରିଚାଳନାରେ ଦୀର୍ଘ ସ୍ଥାୟିତ୍ୱକୁ ତ୍ୱରାନ୍ୱିତ କରିବା ପାଇଁ ଟାଟା ଷ୍ଟିଲ୍ ଏଫ୍ଏଏମ୍ଡିର ଅତ୍ୟାଧୁନିକ ଡିଜିଟାଲ ଜ୍ଞାନକୌଶଳକୁ ଭାରତର ପ୍ରମୁଖ ଜଳ ପତ୍ରିକା ୱାଟର ଡାଇଜେଷ୍ଟ ମାନ୍ୟତା ପ୍ରଦାନ କରିଛି। ଏପରିକି ଜଳ ଯୋଦ୍ଧାମାନଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ ପାଇଁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ ଏଫ୍ଏଏମ୍ଡିକୁ ଉକ୍ତ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀଠାରେ ୱାଟର ଡାଇଜେଷ୍ଟ ପକ୍ଷରୁ ଆୟୋଜିତ 'ୱାଟର ଡାଇଜେଷ୍ଟ ୱାର୍ଲଡ୍ ୱାଟର ଆୱାର୍ଡ ୨୦୨୩-୨୪ ରେ ଟାଟା ଷ୍ଟିଲ୍ର ଏଫ୍ଏଏମ୍ଡିକୁ ଏକ୍ସଲେନ୍ସ ଇନ୍ ଡିଜିଟାଲାଇଜେଶନ୍ ବର୍ଗରେ ପୁରସ୍କୃତ (ବିଜୟୀ) କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହରେ ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟର ବିଭାଗୀୟ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟାଟା ଷ୍ଟିଲ୍ ଏଫ୍ଏଏମ୍ଡିକୁ ଉକ୍ତ ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧିତ କରିଥିଲେ।

# ସତର୍କତା ଅବଲମ୍ବନକଲେ ରୋଗ ଦୂରେଇଯିବ

ଭୁବନେଶ୍ୱର,୪।୨

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱରର ଆଶ୍ୱାୟାର ହସ୍ପିଟାଲ ପକ୍ଷରୁ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଏପରିକି ଚଳିତ ବର୍ଷର ବିଷୟବସ୍ତୁ 'ଯତ୍ନର ବ୍ୟବଧାନ ବନ୍ଦ କର'କୁ ନେଇ ବିଶ୍ୱ କର୍କଟ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ହସ୍ପିଟାଲର ନିର୍ଦ୍ଦେଶକ ତଥା ବିଶିଷ୍ଟ ଅଙ୍କୋଲୋଜିଷ୍ଟ ସର୍ଜନ ଡା. ଅମିତାଭ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସଚେତନତା ସଭାରେ ଓଲିଉଡ ଅଭିନେତା ସିଦ୍ଧାନ୍ତ ମହାପାତ୍ର ଏବଂ ଅଭିନେତ୍ରୀ ମାମା ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଚେତନତା ଓ ସତର୍କତା ଅବଲମ୍ବନ କଲେ କର୍କଟ ଦୂର ହୋଇପାରିବ ବୋଲି ବିସ୍ତୃତ ଭାବେ ମତବ୍ୟକ୍ତ କରିଥିଲେ। ଅପରପକ୍ଷରେ ସିଓଓ ଡାକ୍ତର ବିଭୂଦତ୍ତ ମହାପାତ୍ର, ବରିଷ୍ଠ ଚିକିତ୍ସକ ଡା. ଆଶୁତୋଷ ମହାପାତ୍ର, ବନ୍ୟା ଦାସ ଏବଂ ସରୋଜ କୁମାର ସାହା ଖାଦ୍ୟ, ପରିବେଶ, ପରିବର୍ତ୍ତିତ ଜୀବନଶୈଳୀ ପାଇଁ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ତେଣୁ କର୍କଟ ରୋଗ ନିରାକରଣ ପାଇଁ ସାମୂହିକ ପ୍ରୟାସର ଆବଶ୍ୟକତା ରହିଛି ବୋଲି କହିଥିଲେ ଏବଂ ଆଶ୍ୱାୟାର ହସ୍ପିଟାଲର ଚିକିତ୍ସା ପଦ୍ଧତି ଏବଂ ଡା. ଅମିତାଭ ଜେନାଙ୍କ ଅଭିଜ୍ଞତା, ନିଷ୍ଠାପର ସେବା, ଉଦାର ପଣିଆ ପାଇଁ ବହୁ ରୋଗୀ ଆରୋଗ୍ୟଲାଭ କରିଥିବାରୁ ତାଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ଶତାଧିକ କର୍କଟ ରୋଗୀଙ୍କୁ କ୍ୟାନସର ଯୋଦ୍ଧା ଭାବେ ସମ୍ମାନିତ କରାଯାଇଥିଲା। ପରିଶେଷରେ ଡା. ଦେବୀ ପ୍ରସାଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଏଲ୍ଆଇସିର ନୂତନ ପ୍ଲାନ୍ 'ଇଣ୍ଡେକ୍ସ ପ୍ଲସ୍' ଉନ୍ମୋଚିତ




ଭୁବନେଶ୍ୱର, ୬।୨

ଭାରତୀୟ ଜୀବନ ବୀମା ନିଗମ (ଲାଇଫ ଇନ୍ସ୍ୟୁରାନ୍ସ କର୍ପୋରେଶନ ବା ଏଲ୍ଆଇସି ଇଣ୍ଡିଆ) ର ନୂତନ ପ୍ଲାନ୍ 'ଇଣ୍ଡେକ୍ସ ପ୍ଲସ୍'(ପ୍ଲାନ- ୮୭୩)କୁ ସର୍ବଭାରତୀୟସ୍ତରରେ ଉନ୍ମୋଚନ (ଶୁଭାରମ୍ଭ) କରାଯାଇଛି। ଏହି ପରିପ୍ରେକ୍ଷୀରେ ଏଲ୍ଆଇସି ଇଣ୍ଡିଆ ପକ୍ଷରୁ ମୁମ୍ବାଇଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏଲ୍ଆଇସି ଇଣ୍ଡିଆର ଚେୟାରମ୍ୟାନ ସିଦ୍ଧାର୍ଥ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ (ନୂତନ ପ୍ଲାନ୍ 'ଇଣ୍ଡେକ୍ସ ପ୍ଲସ୍'ର ଉନ୍ମୋଚନ) କରିଥିଲେ। ଏହି ଅବସରରେ ଏଲ୍ଆଇସି ଇଣ୍ଡିଆର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଏଲ୍ଆଇସିର ଇଣ୍ଡେକ୍ସ ପ୍ଲସ୍ ପ୍ଲାନ୍ ହେଉଛି, ଏକ ୟୁନିଟ୍ ଲିଙ୍କ୍, ନିୟମିତ ପ୍ରିମିୟମ୍, ବ୍ୟକ୍ତିଗତ ଜୀବନ ବୀମା ପ୍ଲାନ୍ ହୋଇଥିବାବେଳେ ପଲିସିର ଅବଧି ମଧ୍ୟରେ ଜୀବନ ବୀମା କଭର କମ୍ ସଞ୍ଚୟ ପ୍ରଦାନ କରିଥାଏ। ଏପରିକି ବାର୍ଷିକ ପ୍ରିମିୟମର ଶତକଡ଼ା ଗ୍ୟାରେଣ୍ଟି ଯୋଗଗୁଡ଼ିକ ଏଥିରେ ଯୋଗ କରାଯିବ। ସେହିଭଳି ଏକ ଇନ୍-ଫୋର୍ସ ପଲିସି ଅଧୀନରେ ବର୍ଷର ନିର୍ଦ୍ଦିଷ୍ଟ ଅବଧି ସମାପ୍ତ ହେବା ଉପରେ ୟୁନିଟ୍ ପାଣ୍ଠି ଏବଂ ୟୁନିଟ୍ କିଣିବା ପାଇଁ ବ୍ୟବହୃତ ହେବ। ଉକ୍ତ ପ୍ଲାନ୍ରେ ଯୋଡିହେବା ପାଇଁ ସର୍ବନିମ୍ନ ବୟସ ୯୦ ଦିନ (ସମାପ୍ତ) ହୋଇଥିବାବେଳେ ସର୍ବାଧିକ ୫୦ କିମ୍ବା ୬୦ ବର୍ଷ ହୋଇଥିବା ଆବଶ୍ୟକ ବୋଲି ପଲିସିର ନିୟମାବଳୀରେ ଉଲ୍ଲେଖ କରାଯାଇଛି। ସେହିଭଳି ସର୍ବନିମ୍ନ ପ୍ରିମିୟମ ବାର୍ଷିକ ୩୦,୦୦୦ ଟଙ୍କାରୁ ଆରମ୍ଭ ହେଉଛି। ଏପରିକି ଅର୍ଦ୍ଧବାର୍ଷିକ ପ୍ରିମିୟମ ମୂଲ୍ୟ ୧୫,୦୦୦ ଟଙ୍କା ତ୍ରୈମାସିକ ପ୍ରିମିୟମ ୭,୫୦୦ଟଙ୍କାର ବିକଳ୍ପ ସୁବିଧା ମଧ ରହିଥିଲାବେଳେ ସର୍ବାଧିକ ପ୍ରିମିୟମ ଅଣ୍ଡରଟେକିଂ ନିଷ୍ପତ୍ତି ଅନୁଯାୟୀ କୌଣସି ସୀମା ନାହିଁ। ଅପରପକ୍ଷରେ ଉକ୍ତ ପ୍ଲାନ୍ ହିତାଧିକାରୀ ଅନେକ ପ୍ରକାର ସୁବିଧା ଓ ଲାଭ ପ୍ରଦାନ କରିଥାଏ। ହେଲେ ପ୍ଲାନ୍ର ନିୟମାବଳୀ ଅନୁଯାୟୀ ହିତାଧିକାରୀ ପଞ୍ଜୀକୃତ ହେବାକୁ ପଡିଥାଏ ବୋଲି ନିଗମ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ଟିପିସିଓଡିଏଲ୍ ପକ୍ଷରୁ ଉର୍ଜା ମେଳା ଆୟୋଜିତ

ଭୁବନେଶ୍ୱର, ୬।୨

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିସିଓଡିଏଲ୍)ର ପ୍ରମୁଖ ସିଏସ୍ଆର୍ ଅଭିଯାନ ତଥା କ୍ଲବ୍ ଏନର୍ଜି ଅଧୀନରେ ଉର୍ଜା ମେଳା ଆୟୋଜିତ ହୋଇଯାଇଛି। ଭୁବନେଶ୍ୱରର ଓଡିଏମ୍ ଗ୍ଲୋବାଲ ସ୍କୁଲ ପରିସରରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଖୋର୍ଦ୍ଧାର ବିଭିନ୍ନ ସ୍କୁଲରୁ ୨୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶକ୍ତି ସଂରକ୍ଷଣର ଗୁରୁତ୍ୱ ବିଷୟରେ ସ୍କୁଲ ପିଲାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା,ବୃହତର ସମାଜରେ ଏଥିପାଇଁ ବ୍ରାଣ୍ଡ୍ ଆମ୍ବାସାଡର ହେବା ନିମନ୍ତେ ସେମାନଙ୍କୁ ଉତ୍ସାହିତ କରିବା ଉକ୍ତ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ବିଭିନ୍ନ କର୍ପୋରେଟ ସଂସ୍ଥା ଓ ଜାତିସଂଘ ସଂଗଠନର ପରିଦର୍ଶକମାନେ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଦୀର୍ଘସ୍ଥାୟିତ୍ୱ ପ୍ରତି ଅତୁଟ ପ୍ରତିବଦ୍ଧତା ପ୍ରଦର୍ଶନ କରି ଟାଟା ପାୱାରର ସ୍ୱଚ୍ଛ ଶକ୍ତି ଆମ୍ବାସାଡର 'ଗ୍ଲୋବେ'କୁ ଏହି କାର୍ଯ୍ୟକ୍ରମରେ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶକ୍ତି ସଂରକ୍ଷଣ, ପ୍ରାକୃତିକ ସମ୍ବଳ ପରିଚାଳନା, ଜଳବାୟୁ ପରିବର୍ତ୍ତନ, ସର୍କୁଲାର ଇକୋନମି, ଜାତିସଂଘ ନିରନ୍ତର ବିକାଶ ଲକ୍ଷ୍ୟ ଆଦି ବିଷୟବସ୍ତୁ ଉପରେ ଆୟୋଜିତ ବିଜ୍ଞାନ ପ୍ରଦର୍ଶନୀ,ସ୍ଲୋଗାନ ଲିଖନ ଏବଂ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା ଆଦିରେ ଛାତ୍ରୀଛାତ୍ରମାନେ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରଦର୍ଶିତ କରିଥିଲେ। ଏ ସମ୍ପର୍କରେ ଟିପିସିଓଡିଏଲ୍ର ସିଇଓ ଅରବିନ୍ଦ ସିଂହ କହିଥିଲେ. କଳାତ୍ମକ ଭାବ ପ୍ରକାଶ କରିବାରରେ କେବଳ ସୀମିତ ନ ହୋଇ କାର୍ଯ୍ୟକ୍ରମରେ ଜରୁରିକାଳୀନ ପରିବେଶ ସମସ୍ୟା ଓ ଜଳବାୟୁ ପରିବର୍ତ୍ତନକୁ ଭଲ ଭାବେ ବୁଝାଇବା ଲାଗି ଲକ୍ଷ୍ୟ ରଖାଯାଇଛି। ଏପରିକି ସମାଜରେ ସଚେତନତାକୁ ବଢ଼ାଇବାରେ ଯୋଡ଼ିହେବା ଏବଂ ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଦୀର୍ଘସ୍ଥାୟୀ ଅଭ୍ୟାସକୁ ଆପଣେଇବା ପାଇଁ ସିଂହ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ସେହିଭଳି ବିଜ୍ଞାନ ପ୍ରଦର୍ଶନୀ ଓ ବେଷ୍ଟ ଆଉଟ୍ ଅଫ୍ ୱେଷ୍ଟ (ବର୍ଜ୍ୟରୁ ଶ୍ରେଷ୍ଠ) ମଡେଲରେ ବିକଳ୍ପ ଶକ୍ତି ଉତ୍ସବ ଓ ସର୍କୁଲାର ଇକୋନମି ଉପରେ ସଚେତନତା ଆଦି ଉପରେ ଅଭିନବ ମଡେଲ ପ୍ରଦର୍ଶନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ମଧ୍ୟ ଅଂଶଗ୍ରହଣ କରି ପୃଥିବୀ ମାତାର ସୁରକ୍ଷା ପାଇଁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ।

# ମହଙ୍ଗା ହେବ ମୋବାଇଲ୍ ଫୋନ୍

ଭୁବନେଶ୍ୱର,୬।୨
(ଅନୁରାଧା ମହାରଣା)



ଆସନ୍ତା ଜୁନ୍ ମାସରୁ ଦେଶରେ ମୋବାଇଲ୍ ଫୋନ୍ ମହଙ୍ଗା ହୋଇପାରେ। ଫେବୃଆରୀ ତୃତୀୟ ସପ୍ତାହରୁ ମାର୍ଚ୍ଚ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଅଧିକ ଚାହିଦା କାରଣୁ ମୋବାଇଲ୍ ଫୋନରେ ମେମୋରୀ ଦର ବଢ଼ିପାରେ। ଏହି ଦର ୧୦ରୁ ୧୫ ପ୍ରତିଶତ ବୃଦ୍ଧି ନେଇ ଅନୁମାନ କରାଯାଉଛି। ଏପରି ହେଲେ ସମସ୍ତ ଫୋନ ଉତ୍ପାଦନକାରୀ କମ୍ପାନୀ ଫୋନର ମୂଲ୍ୟ ମଧ୍ୟ ବୃଦ୍ଧି କରିବେ ବୋଲି ଆଶଙ୍କା କରାଯାଉଛି। ମାର୍କେଟ ରିସର୍ଚ୍ଚ ଫାର୍ମ ଟ୍ରେଣ୍ଡଫୋର୍ସର ତଥ୍ୟ ଅନୁଯାୟୀ, ମାର୍ଚ୍ଚ ପର ତିନିମାସରେ ଫୋନର ଅତି କମରେ ଦୁଇ ପ୍ରମୁଖ ଯୋଗାଣକାରୀ ସାମସଙ୍ଗ ଏବଂ ମାଇକ୍ରୋନ ମୋବାଇଲ ଫୋନ ମୂଲ୍ୟକୁ ୧୫-୨୦ ପ୍ରତିଶତ ବୃଦ୍ଧି କରିବାକୁ ଚାହୁଁଛନ୍ତି। ଆସନ୍ତା ୩ମାସରେ ଏହି ମୂଲ୍ୟ ବୃଦ୍ଧିର ପ୍ରଭାବ ଜଣାପଡ଼ିବ ବୋଲି ରିପୋର୍ଟରେ କୁହାଯାଇଛି। ଅଧିକାଂଶ କମ୍ପାନୀଗୁଡ଼ିକ ମାର୍ଚ୍ଚ ପର ତିନି ମାସରେ ଉତ୍ପାଦ ଯୋଗାଇବା ପାଇଁ ଆବଶ୍ୟକ ଉପକରଣ ମହଜୁଦ୍ ରହିଛି। ମାତ୍ର ଏହା ପରେ ସେମାନଙ୍କୁ ବର୍ଦ୍ଧିତ ମୂଲ୍ୟ ଆଧାରରେ ଫୋନ ଉତ୍ପାଦନ କରିବାକୁ ପଡିବ। ଫଳରେ ଫୋନ ମୂଲ୍ୟ ବଢ଼ିପାରେ। ନିକଟରେ ବ୍ୟାଟେରୀ କଭର, ବ୍ୟାକ୍ କଭର, ମେନ ଲେନ୍ସ, ସିମ ସକେଟ, ଆଣ୍ଟେନା ଏବଂ ଅନ୍ୟାନ୍ୟ ସାମଗ୍ରୀ ସମେତ ମୋବାଇଲ ଫୋନ ଉତ୍ପାଦନ ପାଇଁ ବ୍ୟବହୃତ ପ୍ରମୁଖ ଉପକରଣଗୁଡ଼ିକ ଉପରେ ଆମଦାନୀ ଶୁଳ୍କ ୧୫ ପ୍ରତିଶତରୁ ୧୦ ପ୍ରତିଶତକୁ ହ୍ରାସ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ମୋବାଇଲ୍ରେ କମ୍ପାନୀଙ୍କ ପାଇଁ ଆଶ୍ୱସ୍ତିକର ଖବର ଥିଲା।

# ବିଜିଆଇର ଶୀର୍ଷ ସ୍ଥାନରେ ମୁକେଶ

## ଅମ୍ବାନୀ ଶୀର୍ଷ ଭାରତୀୟ ଏବଂ ବିଶ୍ୱରେ ଦ୍ୱିତୀୟ

ନୂଆଦିଲ୍ଲୀ,୬।୨


ମୁକେଶ ଅମ୍ବାନୀ

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅନ୍ତଃରାଷ୍ଟ୍ରୀୟ ରେଟିଂ ବ୍ରାଣ୍ଡ୍ ଫାଇନାନ୍ସ ଦ୍ୱାରା ସଂକଳିତ ବ୍ରାଣ୍ଡ୍ ଗାର୍ଡିଆନଶିପ୍ ଇଣ୍ଡେକ୍ସ (ବିଜିଆଇ) -୨୦୨୪ର ଫଳାଫଳ ଘୋଷଣା କରାଯାଇଛି। ଉକ୍ତ ଇଣ୍ଡେକ୍ସ ( ବିଜିଆଇ-୨୪) ରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ସମସ୍ତ ଭାରତୀୟଙ୍କ ମଧ୍ୟରେ ପ୍ରଥମ ଏବଂ ବିଶ୍ୱର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିଭଳି ମାଇକ୍ରୋସଫ୍ଟର ସତ୍ୟ ନାଡେଲା, ଗୁଗଲର ସୁନ୍ଦର ପିଚାଇ, ଆପଲ୍ର ଟିମ୍ କୁକ୍ ଏବଂ ଟେସଲାର ଏଲନ୍ ମସ୍କଙ୍କୁ ଅମ୍ବାନୀ ଅତିକ୍ରମ କରି ବିଶ୍ୱର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଟେନ୍ସେଣ୍ଟର ହୁଆଟେଙ୍ଗ ମା ପ୍ରଥମ ସ୍ଥାନରେ ରହିଛନ୍ତି।

ଅପରପକ୍ଷରେ ଟାଟା ସନ୍ସ ଚେୟାରମ୍ୟାନ୍ ଏନ.ଚନ୍ଦ୍ରଶେଖରନ୍ ଉକ୍ତ ର୍ୟାଙ୍କିଙ୍ଗରେ ୫ମ ସ୍ଥାନରେ ରହିଥିବାବେଳେ ମହିନ୍ଦ୍ରା ଏବଂ ମହିନ୍ଦ୍ରାର ଅନିଶ ଶାହା ୬ଷ୍ଠ ଏବଂ ଇନ୍ଫୋସିସର ସଲିଲ ପାରେଖ ୧୬ନମ୍ବର ସ୍ଥାନରେ ଅଛନ୍ତି। ସେହିଭଳି ୨୦୨୩ ର୍ୟାଙ୍କିଙ୍ଗରେ ମଧ ମୁକେଶ ଅମ୍ବାନୀ ବିଶ୍ୱର ୨ୟ ସ୍ଥାନରେ ସ୍ଥାନିତ ହୋଇଥିଲେ। ଚଳିତ ବର୍ଷ ସେ ଡାଇଭର୍ସିଫାଏଡ୍ କନଗ୍ଲୋମରେଟ୍ସ ମଧ୍ୟରେ ବ୍ରାଣ୍ଡ୍ ଗାର୍ଡିଆନଶିପ୍ ଇଣ୍ଡେକ୍ସ-୨୦୨୪ରେ ୧ନଂ ନମ୍ବର ସ୍ଥାନରେ ସ୍ଥାନିତ ହୋଇଛନ୍ତି।

# ଶ୍ୱେତ କୁଷ୍ଠ ଦୂର କରୁଛି ପତଞ୍ଜଳି 'ମେଲାନୋଗ୍ରାଇଟ'

ଭୁବନେଶ୍ୱର,୬।୨(ଅନୁରାଧା ମହାରଣା)

ବ୍ରିଟେନର ବାୟୋକେମିକାଲ ସୋସାଇଟି ଦ୍ୱାରା ପ୍ରକାଶିତ ପ୍ରତିଷ୍ଠିତ ଜର୍ଣ୍ଣାଲ ବାୟୋ ସାଇନ୍ସ ରିପୋର୍ଟର କଭର ପେଜରେ ପତଞ୍ଜଳି ଗବେଷଣା ସଂସ୍ଥା ଦ୍ୱାରା ବିକଶିତ ମେଲାନୋଗ୍ରାଇଟ ଔଷଧ ସମ୍ପର୍କରେ ଲେଖା ପ୍ରକାଶ ପାଇଛି। ପତଞ୍ଜଳି ଯୋଗପୀଠର ଆଚାର୍ଯ୍ୟ ବାଲକ୍ରିଷ୍ଣା ଏ ଅବସରରେ କହିଛନ୍ତି ଯେ ଶ୍ୱେତକୁଷ୍ଠ ଉପରେ ପ୍ରଥମଥର ପାଇଁ ଆୟୁର୍ବେଦରେ ଏପରି ଗବେଷଣା କରାଯାଇଛି। ପତଞ୍ଜଳି ଅନୁସନ୍ଧାନ ପ୍ରତିଷ୍ଠାନର ବୈଜ୍ଞାନିକମାନଙ୍କୁ ସେ ଏହାର ଶ୍ରେୟ ଦେଇଛନ୍ତି। ମେଲାନୋଗ୍ରାଇଟ୍ ଚର୍ମର ଧଳାଦାଗକୁ ଦୂର କରିବାରେ ବେଶ୍ ସହାୟକ ହୋଇପାରିଛି। ଭାରତୀୟ ପରମ୍ପରାରେ ଥିବା ଅସୀମିତ ଜ୍ଞାନ, ବିଜ୍ଞାନ ଓ ଗବେଷଣାର ବିଜୟ ହୋଇଛି। ଭାରତ ପ୍ରାଚୀ କାଳରେ ଏସବୁକ୍ଷେତ୍ରରେ ବିଶ୍ୱଗୁରୁ ଥିଲା ଆଗକୁ ମଧ ବିଶ୍ୱଗୁରୁ ହୋଇରହିବ ବୋଲି ସେ କହିଛନ୍ତି।

# ଓଡ଼ିଶାରେ ହେବ ୧୦୦କୋଟିର ଶହେ ଷ୍ଟାର୍ଟଅପ୍

- ୧୧ରେ ୧୦୦କ୍ୟୁବ୍ ଷ୍ଟାର୍ଟ-ଅପ୍ ଅଭିଯାନ
- ଆଇଆଇଟି ଭୁବନେଶ୍ୱରରେ ଦିନିକିଆ ଷ୍ଟାର୍ଟଅପ୍ ସମ୍ମିଳନୀ

ଭୁବନେଶ୍ୱର, ୬।୨




ରାଜ୍ୟର ପ୍ରମୁଖ ଜାତୀୟ ଶିକ୍ଷାନୁଷ୍ଠାନ ତଥା ଇଣ୍ଡିଆନ ଇନ୍ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ୨୦୨୪ ଫେବୃଆରୀ ୧୧ରେ ଏକ ଦିନିକିଆ ଷ୍ଟାର୍ଟଅପ୍ ସମ୍ମିଳନୀର ଆୟୋଜନ କରାଯାଉଛି। ଏହି ସମ୍ମିଳନୀ ଆଇଆଇଟି ଭୁବନେଶ୍ୱରର ଗବେଷଣା ଓ ଉଦ୍ୟମିତା ବିକାଶ ପାର୍କରେ ଆୟୋଜନ ହେବ। ଏହି ପରିପ୍ରେକ୍ଷୀରେ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଏକ ୧୦୦ କ୍ୟୁବ୍ ଷ୍ଟାର୍ଟଅପ୍ ଅଭିଯାନର ଆରମ୍ଭ ହେବା ଯାଉଛି। ବିଶେଷକରି ୨୦୩୬ ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶତବାର୍ଷିକୀ ସୁଦ୍ଧା ୧୦୦ କୋଟି ଟଙ୍କାର ମୂଲ୍ୟାଙ୍କନ ବିଶିଷ୍ଟ ୧୦୦ଟି ଷ୍ଟାର୍ଟଅପ୍ ସୃଷ୍ଟି କରିବାକୁ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଏ ସମ୍ପର୍କରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର କହିଛନ୍ତି, ଓଡ଼ିଶାରେ ଏକ ସମୃଦ୍ଧ ଉଦ୍ୟୋଗୀ ପରିବେଶ ସୃଷ୍ଟି ପାଇଁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉତ୍ସାହରେ ଏହି ପଦକ୍ଷେପ ପାଇଁ ପ୍ରେରଣା ମିଳିଛି,ଯାହାକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଷ୍ଟାର୍ଟଅପ୍ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତ ଲକ୍ଷ୍ୟ ଓ ଦୃଷ୍ଟିକୋଣ ଉପରେ ଆଧାରିତ ହୋଇଛି। ଚଳିତ ବର୍ଷ ଫେବୃଆରୀ ୧୧ରେ ଆୟୋଜନ ହେବାକୁ ଥିବା ଉକ୍ତ ଅଭିଯାନର ଉଦ୍ଘାଟନୀ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟମାନେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ଦିନ ୧୧ଟାରୁ ଗୋଟାଏ ମଧ୍ୟରେ ବିଭିନ୍ନ ଆଇଆଇଟିର ରିସର୍ଚ୍ଚ ପାର୍କର ମୁଖ୍ୟ, ଶିଳ୍ପପତି ଏବଂ ଉଦ୍ୟୋଗୀ ପୁଞ୍ଜିପତିମାନଙ୍କ ଦ୍ୱାରା ଅଧ୍ୟାପକ ଏବଂ ଷ୍ଟାର୍ଟଅପ୍ଗୁଡ଼ିକ ପାଇଁ ସମାନ୍ତରାଳ ବୈଷୟିକ କର୍ମଶାଳା ଅନୁଷ୍ଠିତ ହେବ। ଏହା ପରେ ଦିନ ୨ଟାରୁ ୪ଟା ମଧ୍ୟରେ ୧୦୦-କ୍ୟୁବ ଲକ୍ଷ୍ୟ ହାସଲ ପାଇଁ ରଣନୀତିକ ସହଯୋଗ ଗଠନ ଲାଗି ପ୍ରାୟ ୨୦ଟି ଶିଳ୍ପ ସଂସ୍ଥା, ୩୦ଟି ଷ୍ଟାର୍ଟଅପ୍ ଏବଂ ୩୦ଟି ଭେଞ୍ଚର ପୁଞ୍ଜିପତିଙ୍କ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରାଯିବ। ସେହିଦିନ ଅପରାହ୍ଣରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆନୁଷ୍ଠାନିକ ଭାବେ ୧୫୦୦ ଆସନ ବିଶିଷ୍ଟ ଅଡିଟୋରିୟମର ଲୋକାର୍ପଣ ସହିତ ୪୫୦ କୋଟି ଟଙ୍କା ମୂଲ୍ୟର ଭିତ୍ତିଭୂମି ପ୍ରକଳ୍ପ ପାଇଁ ଇ-ଭିତ୍ତିପ୍ରସ୍ତର ସ୍ଥାପନ କରିବେ।

# ନ୍ୟାଶନାଲ ଗ୍ରୀନ୍ ମେଟାଲ୍ କନ୍ଫରେନ୍ସ ଉଦ୍ଘାଟିତ

ଭୁବନେଶ୍ୱର, ୬।୨




ଓଡ଼ିଶା ସରକାରଙ୍କ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ମିଳିତ ସହଯୋଗରେ ଏକ ୨ ଦିନିଆ ସମ୍ମିଳନୀ 'ନ୍ୟାଶନାଲ ଗ୍ରୀନ୍ ମେଟାଲ୍ କନ୍ଫରେନ୍ସ-୨୦୨୪' ମଙ୍ଗଳବାର ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମେଟାଲ୍ ଇକୋ ସିଷ୍ଟମ୍ ବାଲାନ୍ସିଂ ଟୁଆର୍ଡସ ଗ୍ରୀନ୍ ସଷ୍ଟେନେବିଲିଟି' ଶୀର୍ଷକ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ସମ୍ମିଳନୀର ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡ଼ିଶାର ସଦସ୍ୟ ସଚିବ ଡ. କେ.ମୁରୁଗେସନ ସ୍ୱାଗତ ଅଭିଭାଷଣ ସହ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ମତପ୍ରକାଶ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଇସ୍ପାତ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ରୁଚିକା ଚୌଧୁରୀ ଗୋଭିଲ କହିଥିଲେ, ମାନବ ଅସ୍ତିତ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଭାବେ ଅସ୍ଥାୟୀ ବିକାଶ ଏବଂ ଜଳବାୟୁ ପରିବର୍ତ୍ତନର ଆଶଙ୍କା ରହିଛି। ତେଣୁ ୨୦୭୦ସୁଦ୍ଧା ଆମକୁ ଅଙ୍ଗାରକ୍ଲାମ ବା କାର୍ବନ ନିର୍ଗମନକୁ ଶୂନ କରିବାକୁ ପଡିବ। ସେହିଭଳି ଆଭାସି ମାଧ୍ୟମରେ ଯୋଗଦେଇ ଇସ୍ପାତ ମନ୍ତ୍ରଣାଳୟର ସଚିବ ଏନ୍.ଏନ୍.ସିହ୍ନା ବର୍ତ୍ତମାନର ପରିସ୍ଥିତି ଓ ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅପରପକ୍ଷରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଓଡ଼ିଶା ସରକାର ରାଜ୍ୟର ବିକାଶ ପାଇଁ ସବୁବେଳେ ତତ୍ପର ଅଛନ୍ତି। ସେଥିପାଇଁ ସରକାର ସବୁବେଳେ ଉଚିତ ପଦକ୍ଷେପ ନେବା ସହିତ ରାଜ୍ୟର ଜଳବାୟୁ ଓ ପର୍ଯ୍ୟାବରଣ ରକ୍ଷା କରିବାରେ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ପରିଶେଷରେ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରୀତମ ଏସ୍. ପୁରକାୟସ୍ଥା ସମ୍ମିଳନୀର ମୂଳ ଲକ୍ଷ୍ୟ ଉପରେ ବିସ୍ତୃତ ଆଲୋକପାତ କରିଥିଲେ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡ଼ିଶାର ମୁଖ୍ୟ ପରିବେଶ ଓ ପର୍ଯ୍ୟାବରଣ ଇଞ୍ଜିନିୟର ନିହାର ରଞ୍ଜନ ସାହୁ ଅତିଥି ଓ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କୁ ଧନ୍ୟବାଦ୍ୟ ଅର୍ପଣ କରିଥିଲେ। ଉକ୍ତ ସମ୍ମିଳନୀର ପ୍ରଥମ ଦିନରେ ୪ଟି ଅଧିବେଶନ ଆୟୋଜିତ ହୋଇଥିଲା। ବିଶେଷକରି ଭାରତର ଜଳବାୟୁ ପରିବର୍ତ୍ତନ ଦୃଷ୍ଟିକୋଣ, ଇସ୍ପାତ ଏବଂ ଆଲୁମିନିୟମ୍ କ୍ଷେତ୍ରରେ ଜଳବାୟୁ ସ୍ୱଚ୍ଛତାର ନୂତନତ୍ୱ ଓ ଧାତୁ ଉତ୍ପାଦନର ଭବିଷ୍ୟତ ସହିତ ଅର୍ଥନୀତି ଆଦି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଦୁଇଦିନିଆ ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ହେଉଛି, ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ, ମନିଟରିଂ ଆଣ୍ଡ ସର୍କୁଲାର ଇକୋନୋମିରେ ସାମ୍ପ୍ରତିକ ଟେକ୍ନୋଲୋଜି ଧାରାକୁ ଆଲୋକିତ କରିବା ସହ ଏ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି କରିଥାଏ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଲକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବରଫରେ ଯାଆଁଳାଙ୍କ ରିପୋର୍ଟିଂ



**ଶ୍ରୀନଗର:** କଶ୍ମୀରର ଉପତ୍ୟକା ଏବେ ଆହୁରି ସୁନ୍ଦର ଦେଖାଯାଉଛି। ପର୍ଯ୍ୟଟକଙ୍କ ସହ ସ୍ଥାନୀୟ ଲୋକମାନେ ମଧ୍ୟ ତୁଷାରପାତକୁ ଉପଭୋଗ କରୁଛନ୍ତି। ଏହି ସମୟରେ ଜମ୍ମୁ କଶ୍ମୀରର କୋକେର୍ନାଗ ଅଞ୍ଚଳର ଯାଆଁଳା ଭଉଣୀଙ୍କ ଭିଡିଓ ଇଣ୍ଟରନେଟରେ ଭାଇରାଲ ହେବାରେ ଲାଗିଛି। ଏଥିରେ ଜାଇବା ଏବଂ ଜୈନାବ ନାମକ ଦୁଇ ଭଉଣୀ ରିପୋର୍ଟିଂ କରିବାକୁ ଚେଷ୍ଟା କରୁଥିବା ଦେଖାଯାଉଛି। ଜାଇବା ଏବଂ ଜୈନାବ ନର୍ସରୀ ଶ୍ରେଣୀରେ ଅଧ୍ୟୟନ କରୁଥିବାବେଳେ ଉଭୟଙ୍କର କଥା କହିବା ଶୈଳିରେ ଲୋକ ଫିଦା ହୋଇଯାଉଛନ୍ତି। ଭାଇରାଲ ଭିଡିଓରେ ଉଭୟ ଭଉଣୀ କହୁଛନ୍ତି ଯେ, ତୁଷାରପାତ ଉପଭୋଗ ପାଇଁ ଆମେ ସର୍ବଶକ୍ତିମାନ ଆଲ୍ଲାହାଙ୍କ ନିକଟରେ ପ୍ରାର୍ଥନା କରିଥିଲୁ ଏବଂ ଆମର ପ୍ରାର୍ଥନା ଆଲ୍ଲାହା ଶୁଣିଛନ୍ତି। ଭିଡିଓରେ ଉଭୟ ଯାଆଁଳା ଭଉଣୀ ବରଫରେ ଖେଳୁଥିବା ଏବଂ କଶ୍ମୀରରେ ତୁଷାରପାତ ବିଷୟରେ ମଧ୍ୟ କଥାବାର୍ତ୍ତା କରୁଥିବା ଦେଖିବାକୁ ମିଳିଛି। ସୋସିଆଲ ମିଡିଆ ୟୁଜର୍ସମାନେ ଏହି ଭିଡିଓକୁ ବହୁତ ସୁନ୍ଦର ବୋଲି ବର୍ଣ୍ଣନା କରିଥିଲେ।

# ବିବାଦରେ 'ଫାଇଟର'



ନୂଆଦିଲ୍ଲୀ

ବଲିଉଡ୍ ସୁପରଷ୍ଟାର ହ୍ରିତିକ ରୋଶନ ଏବଂ ଦୀପିକା ପାଦୁକୋନଙ୍କ ଅଭିନୀତ ଫିଲ୍ମ 'ଫାଇଟର'ର ଧମାକା କେବଳ ଭାରତରେ ନୁହେଁ ବରଂ ସମଗ୍ର ବିଶ୍ୱରେ ଦେଖିବାକୁ ମିଳୁଛି। ଫିଲ୍ମରେ ହ୍ରିତିକ୍ ଓ ଦୀପିକାଙ୍କ କେମେଷ୍ଟ୍ରିକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। ସିଦ୍ଧାର୍ଥ ଆନନ୍ଦଙ୍କ ଦ୍ୱାରା ନିର୍ଦ୍ଦେଶିତ 'ଫାଇଟର' ଭାରତରେ ୨୦୦ କୋଟି କ୍ଲବରେ ସାମିଲ ହୋଇଥିବା ବେଳେ ସିନେମାକୁ

## ବାୟୁସେନା ପୋଷାକରେ ଚୁମ୍ବନ ଦୃଶ୍ୟ

ନେଇ ଏବେ ବିବାଦ ଦେଖାଦେଇଛି। ସିନେମାର ଏକ ଦୃଶ୍ୟରେ ଉଭୟ ହ୍ରିତିକ୍ ଓ ଦୀପିକା ବାୟୁସେନା ପୋଷାକ ପିନ୍ଧି ପରସ୍ପରକୁ ଚୁମ୍ବନ ଦେଉଛନ୍ତି, ଯାହାକୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି। ଭାରତୀୟ ବାୟୁସେନାର ଆସାମରେ ନିୟୋଜିତ ଥିବା ସୌମ୍ୟଦୀପ ଦାସ ନାମକ ଜଣେ ଅଧିକାରୀ ଏହି ଦୃଶ୍ୟକୁ ନେଇ ଆପତ୍ତି ଉଠାଇଛନ୍ତି। ସେ ଏନେଇ ଫିଲ୍ମ ନିର୍ମାତାଙ୍କୁ ଆଇନଗତ ନୋଟିସ ମଧ୍ୟ ପଠାଇଛନ୍ତି। ଏହି ମୁଭିରେ ସେନା ୟୁନିଫର୍ମ ପିନ୍ଧି ଉଭୟ ହ୍ରିତିକ୍ ଓ ଦୀପିକା ପରସ୍ପରକୁ ଚୁମ୍ବନ କରୁଥିବା ଦୃଶ୍ୟକୁ ସମାଲୋଚନା କରିବା ସହ ଏହା ସେନା ୟୁନିଫର୍ମର ସମ୍ମାନ ଓ ପବିତ୍ରତା ନଷ୍ଟ କରୁଥିବା ସେ କହିଛନ୍ତି। ତେବେ ଏନେଇ ଫିଲ୍ମର ନିର୍ମାତାଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ଲାଇଭ ଶୋ'ରେ ନିଜକୁ ଚାପୁଡ଼ା ମାରିଲେ ମହିଳା ରିପୋର୍ଟର

ବ୍ରିସବେନ

ଲାଇଭ ଟିଭି ପ୍ରୋଗ୍ରାମରେ ଜଣେ ମହିଳା ରିପୋର୍ଟର ହଠାତ୍ ନିଜକୁ ଚାପୁଡ଼ା ମାରିବାର ଏକ ଭିଡିଓ ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ମହିଳା ରିପୋର୍ଟରଙ୍କ ଏହି ଆଚରଣରେ, ସମ୍ପୃକ୍ତ ପ୍ରୋଗ୍ରାମର ଉପସ୍ଥାପିକା ମଧ୍ୟ ନିଜ ହସ ରୋକି ପାରିନଥିବା ଲକ୍ଷ୍ୟ କରାଯାଉଛି। ତେବେ ଏହି ଭିଡିଓ ଦେଖି ମହିଳାଙ୍କୁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପରିହାସ କରାଯାଉଛି। ଏଥିସହିତ ଭିଡିଓଟିକୁ ଦେଖି ଅନେକ ପ୍ରଶ୍ନ କରିଛନ୍ତି ମହିଳା ରିପୋର୍ଟର ଜଣକ ନିଜ ମୁହଁକୁ ଚାପୁଡ଼ା ମାରିବା ପଛର କାରଣ କ'ଣ। ତେବେ ଲାଇଭ୍ ଶୋ ସମୟରେ ନିଜକୁ ଚାପୁଡ଼ା ମାରିବା ପଛର କାରଣ ଗୋଟିଏ ମଶା ହୋଇଥିବା ଏହି ଅଷ୍ଟ୍ରେଲୀୟ ମହିଳା ସାମ୍ବାଦିକ ଜଣଙ୍କ ଦର୍ଶାଇଛନ୍ତି। ନିଜ ମୁହଁରେ ଏକ ମଶା ଉଡୁଥିବାରୁ ସେହି ମଶାକୁ ଘଉଡାଇବାକୁ ଚେଷ୍ଟାକରି ସେ ନିଜକୁ ଚାପୁଡ଼ା ମାରିଥିବା ସ୍ୱୀକାର କରିଛନ୍ତ। ଭିଡିଓରେ ଥିବା ଏହି ମହିଳା ସାମ୍ବାଦିକ ହେଉଛନ୍ତି ଆଣ୍ଡ୍ରେୟା କ୍ରୋଥର। ସେ ଅଷ୍ଟ୍ରେଲିଆର 'ଟୁଡେ ଶୋ' ନାମକ ଏକ ଗଣମାଧ୍ୟମ ସଂସ୍ଥାରେ କାମ କରନ୍ତି । ସୂଚନା ଅନୁଯାୟୀ, ନିକଟରେ ବ୍ରିସ୍‌ବେନରେ ବନ୍ୟା ପରିସ୍ଥିତି ବିଷୟରେ ରିପୋର୍ଟିଂ କରିବାକୁ ଘଟଣାସ୍ଥଳକୁ ଯାଇଥିଲେ ଆଣ୍ଡ୍ରେୟା । ଏହି ସମୟରେ ଯେତେବେଳେ ସେ ତାଙ୍କ ଲାଇଭ ରିପୋର୍ଟିଂ ଆରମ୍ଭ କଲେ, ହଠାତ୍ ତାଙ୍କ ମୁହଁରେ ଏକ ମଶା ଆସି ବସିଲା। ଫଳରେ ସେ ମଶାଟିକୁ ଘଉଡାଇବାକୁ ଚେଷ୍ଟା କରି ଭୁଲ୍‌ରେ



ନିଜକୁ ଚାପୁଡ଼ା ମାରିଥିଲେ। ଲାଇଭ୍ ଶୋ ସମୟରେ ଏହି ଦୃଶ୍ୟ କ୍ୟାମେରାରେ କଏଦ୍ ହୋଇଥିଲା, ଯାହାର ଭିଡିଓ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି। ଯେଉଁମାନେ ଏହି ଭିଡିଓ ଦେଖିଛନ୍ତି ସେମାନେ ବିଭିନ୍ନ ପ୍ରକାରର ପ୍ରତିକ୍ରିୟା ଦେଇ ଏହାକୁ ଉପଭୋଗ କରୁଛନ୍ତି । ମହିଳା ରିପୋର୍ଟର ଆଣ୍ଡ୍ରେୟା ମଧ୍ୟ ଏହି ଭିଡିଓଟିକୁ ନିଜ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଶେୟାର କରିଛନ୍ତି।


## ଦ୍ୱିତୀୟ ବିବାହ ବାର୍ଷିକୀ



ବିବେକ ଓ ମୋନାଲିସା
କମିରା, ବୀରମହାରାଜପୁର, ଜିଲ୍ଲା: ସୁବର୍ଣ୍ଣପୁର,
ଶୁଭେଚ୍ଛା ସହ: ବାପା, ମାଆ, ଦାଦା, ଭାଉଜ, ଚନ୍ଦନ, ସୋନୁ, ଶ୍ରୀତମ୍, ନିତୁ, ସ୍ୱପ୍ନା, ଅଲିଭା, ରାଜି, ଖୁସୀ, ରୁଦ୍ର, ଆଦ୍ରିକା, ଅର୍ଣବ୍
ଧ-୨୪୫୧


# ବିଫଳତାର ସମ୍ମୁଖୀନ ହୋଇଥିଲେ ବିଦ୍ୟା



**ମୁମ୍ବଇ:** ଯଦିଓ ବଲିଉଡ୍‌ରେ ଏପରି ଅନେକ ତାରକା ଅଛନ୍ତି ଯେଉଁମାନେ ଟିଭି ସିରିଏଲରୁ ଆସିଛନ୍ତି, କିନ୍ତୁ ସମସ୍ତଙ୍କୁ ସଫଳତା ମିଳି ପାରିନାହିଁ। ସେଥିମଧ୍ୟରୁ ଯେଉଁମାନେ ବଲିଉଡ୍‌ର ସୁପରଷ୍ଟାର ହୋଇ ପାରିଛନ୍ତି, ସେମାନଙ୍କୁ ଅନେକ ସଂଘର୍ଷ କରିବାକୁ ପଡିଛି। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ବଲିଉଡ୍‌ର ସୁପରଷ୍ଟାର ଅଭିନେତ୍ରୀ ବିଦ୍ୟା ବଲାନ। ବିଦ୍ୟାଙ୍କ ଯାତ୍ରା ଟିଭି ସିରିଏଲରୁ ଆରମ୍ଭ ହୋଇଥିଲା ଏବଂ ଆଜି ସେ ବଲିଉଡ୍‌ର ସର୍ବୋତ୍ତମ ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ। ଟିଭିରୁ ବଲିଉଡକୁ ଯାତ୍ରା ଏତେ ସହଜ ନଥିବା ନେଇ ନିକଟରେ ଏକ ସାକ୍ଷାତ୍‌କାରରେ ବିଦ୍ୟା ପ୍ରକାଶ କରିଛନ୍ତି। ଏକଦା ତାଙ୍କୁ ଅନେକ ଚଳଚ୍ଚିତ୍ରରୁ ବାହାର କରିଦିଆଯାଇଥିବାର ସେ ଖୁଲାସା କରିଥିଲେ। ଟିଭି ସିରିଏଲରେ କାମ କରୁଥିବା ସମୟରେ ତାଙ୍କୁ ପ୍ରଥମେ ମାଲୟାଲମ୍ ଚଳଚ୍ଚିତ୍ର 'ଚକ୍ର' ଓ 'କାଲାରୀ ବିକ୍ରମ' ଏବଂ ତାମିଲ ଚଳଚ୍ଚିତ୍ର 'ରନ' ଅଫର୍ ହୋଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ବିଦ୍ୟାଙ୍କୁ ଏହି ଫିଲ୍ମ ଗୁଡ଼ିକରୁ ହଟାଇ ଦିଆଯାଇଥିବାର ସେ କହିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**NEW DUPLEX SALE**
Ready to move new 4BHK duplex with Garage near Patia RTO Office, Nandanbihar Land- 1600 sqft, Construction- 2830 sqft, Fixed Price- 1.25Crore
7978450312
9439585947

**ADMISSION OPEN**
**B.Ed, M.Ed, B.P.Ed.**
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday
0674-2580101, 2549949


MATRIMONIAL

GROOM WANTED

Beautiful Gudia Girl 26+/BSC/MBA/SBI PO/ Bhubaneswar. 9938199964. D-2427


REAL ESTATE

SALE

Independent 2 BHK House (Simplex) with landmass (1750-1800sqft.) & built up area 1100sqft. (815 sqft. Carpet), Marble Flooring and 2 attached Toilets at Sasanpadia, Old Town, Bhubaneswar-751002, District Khurda. Price- Rs.185.00 lakh (negotiable), pl contact- 8789852253/ 9407993549. D-2247

ଝିଅ ବିଭାଘର ପାଇଁ ସୁନ୍ଦରପଦାର ଖେତ୍ରପାଳ ମୌଜାରେ ଘରବାଡ଼ି ପ୍ଲଟ୍ ବିକିବି, sqft.699/-. 9439493164. D-75903

ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। **(Bank Loan available) Excuse broker. 9437765989.** D-75902

Duplex sale at Bhubaneswar @ 57 lakhs only. Contact: 9777433701. D-75300

**ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 7504861292.** D-75292

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788.** D-2271

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75904

ପୁରୀ ସାତଶଙ୍ଖରେ 34000 ବର୍ଗଫୁଟ ଫାର୍ମହାଉସ ନଡ଼ିଆ ଗଛ, ମାଛ ପୋଖରୀ ଥାଇ ବିକ୍ରିହେବ। 7008833643. D-75905

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2272




Shop/Godown/ Office- 10-Bapujinagar, BBSR. 9556700943, 7683912628. D-74715

400sqft. commercial space (Swain Complex) on NH-316 near Pallavi Mandap, Mangaraj Point. M- 9348194296, 7978076354. D-75194




Newly open SPA positively health benefits with expert therapist. 9040286886. D-75199

Newly open SPA positively health benefits (Expert therapist). Contact: 9124527170. D-75197

Spa Kerala body Massage best Therapist @699/- Bhubaneswar. kajal-9337672475. D-2397

Positively health benefited SPA expert therapist at Nayapalli. Contact: 7846814019. D-75196

**Relax, Refresh your body, Mind at Saikrupa Spa with best therapies. 8984068077.** D-2369

Refreshments body massage Therapy with experience therapists, Ashirvad Panchakarma Spa, Keshari Mall, Bhubaneswar. 8926173473. D-46569

**Newly open SPA positively health benefits with expert therapist. 9090400507.** D-75198

LOST

My B.Tech. Mechanical Engineering Certificate has been theft at West Bengal, Babu Ghat dated 18.01.24 evening time near about 6.00 P.M. Registration No.-1421347128, Rasmi Ranjan Panda, S/o- Surendra Panda, At- Kanpur, P.O.- Bamanabindha, Dist.- Bhadrak-756131, Odisha. Mob- +91 7327001615, +91 9438461956. D-2452

ମୁଁ, ଅରିକ୍ଷିତ ସ୍ୱାଇଁ, ପିତା: ୰ନାରାୟଣ ସ୍ୱାଇଁ, ଠିକଣା- ନାଥପୁର, ପୋଷ୍ଟ- ଶିଶୁପାଳଗଡ଼, ଥାନା- ଧଉଳି, ଭୁବନେଶ୍ୱର ଘୋଷଣା କରୁଅଛି କି ସାଇ ମନ୍ଦିର ଛକରୁ ବଡ଼ଗଡ଼ ଗ୍ରାମ ମଧ୍ୟରେ ଯାଉଥିବା ସମୟରେ ମୋର ଅରିଜିନାଲ ଜମି କାଗଜପତ୍ର ଯାହାର ପ୍ଲଟ୍ ନଂ.- ୭୩୮, ଖାତା ନଂ.- ୭୩୧/୧୦୨୮, ମୌଜା- ଲିଙ୍ଗିପୁର, ତହସିଲ- ଭୁବନେଶ୍ୱର ଏବଂ ରେଣ୍ଟ ରିସିପ୍ଟ ଓ ଆଧାର କାର୍ଡ କେଉଁଠାରେ ହଜିଯାଇଅଛି। ଯଦି କୌଣସି ବ୍ୟକ୍ତି ଏହାର ଦୁରୁପଯୋଗ କରନ୍ତି ତେବେ ମୁଁ ଭବିଷ୍ୟତରେ ଦାୟୀ ରହିବି ନାହିଁ। କୌଣସି ବ୍ୟକ୍ତି ଏହାର ସନ୍ଧାନ ପାଇଥାନ୍ତି ତେବେ ମୋର ମୋବାଇଲ ନମ୍ବର **9040797133**ରେ ଯୋଗାଯୋଗ କରିପାରିବେ। ଧ-୭୫୫୧୮

AFFIDAVIT

I Minal Chandrakant Ghelani, spouse of Bhavik Mehta, resident of Mehta House, Ganga Mandir Road, P.O.- Buxi Bazar, Dargah Bazar, Cuttack-753001 (Odisha) have changed my name Minal Chandrakant Ghelani to Minal Mehta declare by this affidavit No.- 43AA 905222 dated- 17.09.2018, that now onwards I shall be known as Minal Mehta for all future purposes. D-2453

By virtue of an affidavit No.- 2277 dated 28.12.2023, sworn before Executive Magistrate, Bhadrak. I, Mohit Rath, S/o- Kshetrabasi Rath, Vill- Purusottam Vihar, P.S.- Bhadrak(T), Dist.- Bhadrak hereby declare that my name has recorded as Sitansu Sekhar Rath in my LIC Policy bearing No.- 585943709. Hence Mohit Rath and Sitansu Sekhar Rath same and one person. D-2456

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Sarat Rasmi Smruti Pritam, S/o-Sarat Chandra Nayak, resident of Gadsahi, Karanjia, P.O./P.S.-Karanjia, Dist.- Mayurbhanj, PIN-757037, Odisha declared by affidavit No.46 dtd. 05.02.2024 that now onwards I shall be known as SMRUTI PRITAM for all future purposes. D-2454

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଁଠ କରନ୍ତୁ।
BHIM | UPI
ଦେୟ ପେଁଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଫାଇନାଲରେ ଭାରତ

**ବେନୋନି, ୬।୨ (ପି.ଟି.)**

ସ୍ଥାନୀୟ ୱିଲୋମୁର୍ ଷ୍ଟାଡିୟମରେ ମଙ୍ଗଳବାର ୫ଥର ଚାମ୍ପିୟନ ଭାରତ ୨ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ୧୯ ବର୍ଷରୁ କମ୍ ଆଇସିସି କ୍ରିକେଟ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି। ୨୪୫ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଦଳ

**୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍**

୪୮.୫ ଓଭରରେ ୮ ଉଇକେଟ ବିନିମୟରେ୨୪୮ ରନ କରି ମ୍ୟାଚ ଜିତି ନେଇଥିଲା। ମ୍ୟାଚରେ ଭାରତ ୩୨ରନ ସ୍କୋରରେ ୪ ଉଇକେଟ ହରାଇ ସଂକଟରେ ପଡ଼ିଥିଲା। ତେବେ ସଚିନ ଧସ୍ (୯୬ରନ) ଓ ଅଧିନାୟକ ଉଦୟ ସହରନ (୮୧)ଙ୍କ ମଧ୍ୟରେ ୫ମ ଉଇକେଟରେ ୧୭୧ ରନର ପାର୍ଟନରଶିପ ଯୋଗୁ ଦଳ ପାଇଁ ବିଜୟ ପଥ ସୁଗମ ହୋଇଥିଲା।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଉଦୟ ସହରନ।

ପୂର୍ବରୁ ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୨୪୪ ରନ କରିଥିଲା। ଦଳ ପକ୍ଷରୁ ଲଢୁଆ ପ୍ରଦର୍ଶନ କରିଥିବା ଦୁଇ ଖେଳାଳି ଉଇକେଟକିପର ବ୍ୟାଟର ଲୁହାନ ଡିରେ ପ୍ରିଟୋରିଅସ୍ ୭୬ (୧୦୨ ବଲ୍) ଓ ରିଚାର୍ଡ ସିଲେଟସ୍ୱେନ ୬୪ (୧୦୦ ବଲ୍) ରନ କରିପାରିଥିଲେ। ଭାରତ ତରଫରୁ ଶ୍ରେଷ୍ଠ ବୋଲିଂ କରିଥିବା ରାଜ ଲିମ୍ବାନୀ ୬୦ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ମୁଶିର ଖାନ୍ ୨ ଏବଂ ନମନ ତିୱାରୀ ଓ ସୌମି ପାଣ୍ଡେ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଗୁରୁବାର ଫାଇନାଲ ମ୍ୟାଚ ଖେଳାଯିବ। ଭାରତ ଏଥିରେ ପାକିସ୍ତାନ କିମ୍ବା ଅଷ୍ଟ୍ରେଲିଆକୁ ଭେଟିବ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ଇନିଂସ: ୫୦ ଓଭରରେ ୨୪୪/୭ (ଲୁହାନ ଡିରେ ପ୍ରିଟୋରିଅସ୍-୭୬, ରିଚାର୍ଡ ସିଲେଟସ୍ୱେନ-୬୪ ; ରାଜ ଲିମ୍ବାନୀ-୩/୬୦, ମୁଶିର ଖାନ୍-୨/୪୩)। ଭାରତ ଇନିଂସ: ୪୮.୫ ଓଭରରେ-୨୪୮/୮ (ସଚିନ ଧସ୍-୯୬, ଉଦୟ ସହରନ -୮୧ ; ଟ୍ରିଷ୍ଟାନ ଲୁସ୍-୩/୩୭, କ୍ୱେନା ମାଫାକା-୩/୩୨)।

## ଭାରତ ଆଜି ଅଷ୍ଟ୍ରେଲିଆକୁ ଭେଟିବ

**ଭୁବନେଶ୍ୱର, ୬।୨ (ତପନ ସ୍ୱାଇଁ):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ମହିଳା ହକି ପ୍ରୋ ଲିଗ୍‌ରେ ଭାରତ ବୁଧବାର ଅଷ୍ଟ୍ରେଲିଆକୁ ଭେଟିବ। ଚଳିତ ଲିଗ୍‌ରେ ଭାରତର ଆରମ୍ଭ ଭଲ ହୋଇନାହିଁ। ଚାଇନାଠାରୁ ୧-୨ ଗୋଲରେ ହାରିବାପରେ ଦଳ ଏହାର ଦ୍ୱିତୀୟ ମ୍ୟାଚରେ ନେଦରଲାଣ୍ଡ ନିକଟରୁ ୧-୩ ଗୋଲରେ ପରାସ୍ତ ହୋଇଛି। ତେଣୁ ପ୍ରଥମ ବିଜୟ ଲକ୍ଷ୍ୟରେ ରହିବ ସବିତା ପୁନିଆଙ୍କ ନେତୃତ୍ୱାଧୀନ ଘରୋଇ ଦଳ। ଇତିହାସ ଦେଖିବାକୁ ଗଲେ ଓଭରଅଲ୍ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ରେକର୍ଡ ଭଲ ନାହିଁ। ବିଭିନ୍ନ ଟୁର୍ନାମେଣ୍ଟରେ ଉଭୟ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ୧୭ଟି ମ୍ୟାଚ ଖେଳା ଯାଇଥିବାବେଳେ ଭାରତ ମାତ୍ର ୨ଟିରେ ବିଜୟୀ ହେବାରେ ସକ୍ଷମ ହୋଇଛି। ୧୨ଟି ମ୍ୟାଚ ଅଷ୍ଟ୍ରେଲିଆ ଜିତିଛି ଏବଂ ଅବଶିଷ୍ଟ ୩ଟି ଡ୍ର ରହିଛି। ୨୦୧୬ ନଭେମ୍ବର ୨୩ରେ ଏକ ଟେଷ୍ଟ ମ୍ୟାଚରେ ଭାରତ ୧-୦ରେ ବିଜୟୀ ହୋଇଥିଲା। ଅନ୍ତିମ ଥରପାଇଁ ୨୦୨୧ ଅଗଷ୍ଟ ୨ରେ ସମାନ ବ୍ୟବଧାନରେ ଜିତିଥିଲା।


ବିବାହ ବନ୍ଧନରେ ଅଲିମ୍ପିଆନ ହକି ତାରକା ଦୀପ୍ ଗ୍ରେସ୍ ଏକ୍କା। ନିକଟରେ ଅବସର ନେଇଥିବା ଦୀପ୍ ଗ୍ରେସ୍ ମଙ୍ଗଳବାର ଇଣ୍ଡିଆନ ଆର୍ମିରେ କାର୍ଯ୍ୟରତ ଅନୁପ ଲାକ୍ରାଙ୍କୁ ବିବାହ କରିଛନ୍ତି।

## ନ୍ୟୁଜିଲାଣ୍ଡ ୫୨୮ ରନ୍‌ରେ ଆଗୁଆ

**ମାଉଣ୍ଟ ମାଉଙ୍ଗାଉନି,୬।୨(ପି.ଟି.):** ରାଚିନ୍ ରବୀନ୍ଦ୍ରଙ୍କ ପ୍ରଥମ ଟେଷ୍ଟ ଦ୍ୱିଶତକ ଓ କେନ୍ ୱିଲିୟମସନ୍‌ଙ୍କ ଦୁଇଟି ଶତକ ବଳରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୫୨୮ ରନ୍‌ରେ ଆଗୁଆ ରହିଛି ନ୍ୟୁଜିଲାଣ୍ଡ। ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ୫୧୧ ରନ୍ ସ୍କୋର କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ମାତ୍ର ୧୬୨ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ତୃତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ନ୍ୟୁଜିଲାଣ୍ଡ ୪ ଉଇକେଟରେ ୧୭୯ ରନ୍ କରିବା ସହ ୫୨୮ ରନ୍‌ର ବିଶାଳ ଅଗ୍ରଣୀ ହାସଲ କରିଛି। ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୮୦/୪ରୁ ଖେଳ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ଆଉ ୮୨ ରନ୍ ଯୋଡି ଅଲଆଉଟ ହୋଇଥିଲା। କିଗାନ୍ ପିଟରସନ୍ ସର୍ବାଧିକ ୪୫ରନ୍ କରିଥିଲେ। ଡେଭିଡ୍ ବେଣ୍ଡିଙ୍ଗହାମ୍ ୩୨ ରନ୍ କରିଥିବା ବେଳେ ଅନ୍ୟ କୌଣସି ଖେଳାଳିଙ୍କ ବ୍ୟାଟରୁ ରନ୍ ଆସି ନ ଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ମ୍ୟାଟ ହେନରୀ ଓ ମିଚେଲ ସାଣ୍ଟନର ୩ଟି ଲେଖାଏ ଉଇକେଟ ନେଇଥିଲେ।

## ଜାତୀୟ ସିନିୟର ଥ୍ରୋ ବଲ୍‌ରେ ଭାଗନେବ ଓଡ଼ିଶା


ଦିଲ୍ଲୀ ଯାତ୍ରା କରିବା ପୂର୍ବରୁ ଅତିଥିଙ୍କ ଗହଣରେ ଓଡ଼ିଶା ଥ୍ରୋ ବଲ୍ ଖେଳାଳିମାନେ।

**ଭୁବନେଶ୍ୱର, ୬।୨ (ତପନ ସ୍ୱାଇଁ)**

ନୂଆଦିଲ୍ଲୀର ରୋହିଣୀଠାରେ ୪୫ତମ ଜାତୀୟ ସିନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍ ଚଳିତ ମାସ ୮ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ମହିଳା ଓ ପୁରୁଷ ଥ୍ରୋ ବଲ୍ ଦଳ ଅଂଶଗ୍ରହଣ କରିବ। ଶୁଭଦର୍ଶିନୀ ଜେନା ମହିଳା ଦଳର ଅଧିନାୟିକା ଓ ସୁଶାନ୍ତ ଦାସ ପୁରୁଷ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ଓଡ଼ିଶା ଦଳସହ ମ୍ୟାନେଜର ଅଭିଜିତ ମହାନ୍ତି, ରେଫରି ଯଶୋବନ୍ତ ପରମଗୁରୁ, ଏସ୍. ଜଗା ରେଡ୍ଡୀ ଓ ଦୀପ୍ତି ରଞ୍ଜନ ସାମନ୍ତରାୟ ସୋମବାର ଦିଲ୍ଲୀ ଯାତ୍ରା କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ରାଜ୍ୟ କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା, ହରେଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଓଡ଼ିଶା ଦଳକୁ ଶୁଭକାମନା ଜଣାଇଥିଲେ।

## ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

**ପୁରୀ, ୬।୨(ଅଜିତ୍ ମହାନ୍ତି)**

ରାଜ୍ୟସ୍ତରୀୟ ପୁରୁଷ ଓ ମହିଳା କ୍ରିକେଟ୍ ପ୍ରତିଯୋଗିତା ମଙ୍ଗଳବାରଠାରୁ ଜଗନ୍ନାଥ ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଯାଇଛି। ନୂଆ-ଓ ମାଧ୍ୟମରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଜିଲାପାଳ ବିଜୟ କୁମାର ଦାଶ ଉଦ୍‌ଘାଟନ କରିବା ସହ କ୍ରୀଡ଼ା ଶୃଙ୍ଖଳା, ଭାଇଚାରା ଓ ଶାରୀରିକ ସୁସ୍ଥତା ରଖିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ସମସ୍ତ କ୍ଷେତ୍ରରେ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଖେଳାଳିମାନେ।

କରିବାକୁ ଦାଶ ପରାମର୍ଶ ଦେବା ସହ ସଫଳତା ପାଇଁ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ଏଥିରେ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ହାଇପରଫରମାନ୍ସ କ୍ରୀଡ଼ା କେନ୍ଦ୍ର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ବରିଷ୍ଠ ପରାମର୍ଶଦାତା ପ୍ରବୀର ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଜିଲା କ୍ରୀଡ଼ା ସଂଘର ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଓ ଅନ୍ୟାନ୍ୟ ଅତିଥି ପଡ଼ିଆରେ କ୍ରୀଡ଼ାବିତ୍‌ଙ୍କ ସହ ପରିଚିତ ହୋଇ ଶୁଭେଚ୍ଛା ଜଣାଇଥିଲେ। ପ୍ରତିଯୋଗିତାରେ ରାଜ୍ୟର ୩୦ ଜିଲାରୁ ୩୦ଟି ଲେଖାଏ ପୁରୁଷ ଓ ମହିଳା ଦଳ ଏଥିରେ ଅଶଂଗ୍ରହଣ କରିଛନ୍ତି। ପୁରୁଷ ଦଳର କ୍ରିକେଟ୍ ପ୍ରତିଯୋଗିତା ଜଗନ୍ନାଥ ଷ୍ଟାଡିୟମ୍‌ରେ ଓ ମହିଳା ଦଳର ପ୍ରତିଯୋଗିତା ଜିଲା ସ୍କୁଲ ପଡ଼ିଆଠାରେ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କ୍ରୀଡ଼ା ଅଧିକାରୀ ସାହୁ ସୂଚନା ଦେଇଛନ୍ତି।

**ଜାତୀୟ/ଅନ୍ତର୍ଜାତୀୟ ଖବର**

## ୨୦୦୪ ରାୟର ସମୀକ୍ଷା କରିବେ ସାମ୍ବିଧାନିକ ପୀଠ

**ସଂରକ୍ଷଣରେ ଉପଜାତି ବର୍ଗୀକରଣ ନେଇ ରାଜ୍ୟର କ୍ଷମତା**

**ନୂଆଦିଲ୍ଲୀ,୬।୨**

ତଫସିଲଭୁକ୍ତ ଜାତି (ଏସ୍‌ସି) ଏବଂ ତଫସିଲଭୁକ୍ତ ଜନଜାତି (ଏସ୍‌ଟି)ଙ୍କୁ ଦେଶରେ ସଂରକ୍ଷଣ ସୁବିଧା ମିଳିଆସୁଛି। ଏସ୍‌ସି/ଏସ୍‌ଟି ବର୍ଗର ଉପଜାତିଗୁଡ଼ିକର ପୁନଃ ବର୍ଗୀକରଣ ନିମନ୍ତେ ରାଜ୍ୟଗୁଡ଼ିକର କ୍ଷମତା ନାହିଁ ବୋଲି ୨୦୦୪ରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ। ଏହାର ବୈଧତା ଉପରେ ପୁନର୍ବିଚାର ପାଇଁ ସର୍ବୋଚ୍ଚ ଅଦାଲତରେ କେତେକ ପିଟିଶନ ଦାଖଲ ହୋଇଥିଲା। ଭାରତର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୭ ଜଣିଆ ସାମ୍ବିଧାନିକ ପୀଠ ମଙ୍ଗଳବାର ଏହାର ଶୁଣାଣି କରି କହିଛନ୍ତି, ପଞ୍ଜାବ ସରକାର ଯେଉଁ



ପରିମେୟ ତଥ୍ୟ ଆଧାରରେ ସଂରକ୍ଷଣ ଭିତରେ ସଂରକ୍ଷଣ ଦେବାକୁ ଚାହୁଁଛନ୍ତି, ତା' ଉପରେ କିଛି ବିଚାର କରାଯିବ ନାହିଁ।

ଜଷ୍ଟିସ୍ ବି.ଆର୍. ଗଭାଇ, ବିକ୍ରମ ନାଥ, ବେଲା ଏମ୍. ତ୍ରିବେଦୀ, ପଙ୍କଜ ମିଥଲ, ମନୋଜ ମିଶ୍ରା ଏବଂ ସତୀଶ ଚନ୍ଦ୍ର ମିଶ୍ରାଙ୍କୁ ନେଇ ଗଠିତ ପୀଠ ଏ ସମ୍ପର୍କିତ ୨୩ଟି ଆବେଦନର ଶୁଣାଣି କରିଛନ୍ତି। ତନ୍ମଧ୍ୟରୁ ଗୋଟିଏ ହେଉଛି ପଞ୍ଜାବ ସରକାରଙ୍କ ଆବେଦନ। ୨୦୧୦ରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଦେଇଥିବା ରାୟକୁ ଏଥିରେ ପଞ୍ଜାବ ସରକାର ଚ୍ୟାଲେଞ୍ଜ କରିଥିଲେ। ପଞ୍ଜାବ ତଫସିଲଭୁକ୍ତ ଜାତି ଏବଂ ପଛୁଆବର୍ଗ (ସେବାରେ ସଂରକ୍ଷଣ) ଆଇନ, ୨୦୦୬ ବଳରେ ୫୦% ସଂରକ୍ଷଣ ବ୍ୟବସ୍ଥା ରହିଥିଲା। ଏଥିରେ ବାଲ୍ମୀକି ଓ ମଜାବି ଶିଖ୍ ଜାତିକୁ ଏସ୍‌ସି ବର୍ଗରେ ସଂରକ୍ଷଣ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଥିବାବେଳେ ଏହାକୁ ହାଇକୋର୍ଟ ଖାରଜ କରିଦେଇଥିଲେ। ୨୦୦୪ରେ ଇ.ଭି. ଚିନ୍ନୈୟାହ ବନାମ ଆନ୍ଧ୍ର ପ୍ରଦେଶ ସରକାର ମାମଲାରେ ସୁପ୍ରିମକୋର୍ଟଙ୍କ ୫ ଜଣିଆ ସାମ୍ବିଧାନିକ ପୀଠ ଏହାକୁ ଖାରଜ କରିଦେଇଥିବା ହାଇକୋର୍ଟ ଦର୍ଶାଇଥିଲେ।

## ଜଙ୍ଗଲରେ ମହିଳାଙ୍କୁ ବଳାତ୍କାର, ୨ ଗିରଫ

**ଦୀଘା, ୬।୨**

ପଶ୍ଚିମବଙ୍ଗରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ପୂର୍ବ ମେଦିନପୁର ଜିଲାର ଦୀଘା ସ୍ଥିତ ଏକ ଜଙ୍ଗଲରେ ଜଣେ ୨୩ ବର୍ଷୀୟ ମହିଳା ବଳାତ୍କାରର ଶିକାର ହୋଇଛନ୍ତି। ତେବେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସୋମବାର ବିଳମ୍ବିତ ରାତିରେ ଦୀଘା ନିକଟରେ ମହିଳା ଜଣକ ନିଜ ପୁରୁଷ ବନ୍ଧୁଙ୍କ ସହ ଏକ ହୋଟେଲର ସନ୍ଧାନରେ ଥିଲେ। ସେହି ସମୟରେ ଅଭିଯୁକ୍ତ ଯୁବକ ତାଙ୍କୁ ସୁଲଭ ମୂଲ୍ୟରେ ହୋଟେଲ ରୁମ୍ ଯୋଗାଇଦେବାର ପ୍ରତିଶ୍ରୁତି ଦେଇ ନିଜ ସହ ଜଙ୍ଗଲ ନିକଟକୁ ନେଇଯାଇଥିଲେ। ସମ୍ପୃକ୍ତ ଜଙ୍ଗଲ ମଧ୍ୟରେ ଦୁର୍ବୃତ୍ତ ଜଣକ ଉଭୟଙ୍କୁ ଲୁଟିବା ସହ ଘଟଣାସ୍ଥଳରେ ଯୁବତୀଙ୍କୁ ବଳାତ୍କାର କରିଥିଲେ। ପ୍ରତିବାଦ କରିବାରୁ ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ମାଡ଼ ମାରି ବେହୋସ କରିଥିଲେ ଦୁଇ ଅଭିଯୁକ୍ତ। ପରେ ପୀଡ଼ିତ ମହିଳାଙ୍କ ଏଫ୍‌ଆଇଆର୍ ଅନୁଯାୟୀ ଦୀଘା ପୋଲିସ ଘଟଣାର ତଦନ୍ତ କରି ଉଭୟ ଅଭିଯୁକ୍ତଙ୍କୁ ଗିରଫକରି ୧୪ ଦିନିଆ ନ୍ୟାୟିକ ହେପାଜତରେ ରଖିଛି। ଉଭୟ ମହିଳା ଓ ତାଙ୍କ ପୁରୁଷ ବନ୍ଧୁ ପୂର୍ବ ମେଦିନପୁର ମହୀସଦଳ ଅଞ୍ଚଳର ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## କଶ୍ମୀର ନିର୍ବାଚନ ତୁରନ୍ତ କରାଯାଉ: ବିରୋଧୀ

**ନୂଆଦିଲ୍ଲୀ,୬।୨**

ଜମ୍ମୁ-କଶ୍ମୀରରେ ଯଥାଶୀଘ୍ର ସମ୍ଭବ ବିଧାନସଭା ନିର୍ବାଚନ କରାଇବା ପାଇଁ ମଙ୍ଗଳବାର ଲୋକ ସଭାରେ ବିରୋଧୀ ଦଳଗୁଡ଼ିକର ନେତାମାନେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଜମ୍ମୁ-କଶ୍ମୀର ଲୋକାଲ୍ ବଡିଜ୍ ଆଇନ (ସଂଶୋଧନ) ବିଧେୟକ, ୨୦୧୪ ଉପରେ ବିତର୍କରେ ଭାଗନେଇ ନ୍ୟାଶନାଲ କଂଗ୍ରେସ (ଏନ୍‌ସି) ସଦସ୍ୟ ହସ୍‌ନୈନ ମାସୁଦି ଏହି କେନ୍ଦ୍ରଶାସିତ ଅଞ୍ଚଳରେ ତୁରନ୍ତ ବିଧାନସଭା ନିର୍ବାଚନ କରାଯାଉ। କିଛିମାସ ତଳେ ସୁପ୍ରିମକୋର୍ଟ ଏନେଇ ହସ୍ତକ୍ଷେପ କରିବା ସହ ଚଳିତବର୍ଷ ସେପ୍ଟେମ୍ବର ସୁଦ୍ଧା ବିଧାନସଭା ଭୋଟ କରାଇବାକୁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ କେନ୍ଦ୍ର ସରକାର ନିର୍ବାଚନ କରାଇବା ଉଚିତ। ସରକାର କେତେକ ବଡ଼ ନିଷ୍ପତ୍ତି ନେବେ ବୋଲି ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ସେହି ବଡ଼ ନିଷ୍ପତ୍ତିଗୁଡ଼ିକ ମଧ୍ୟରେ ଜମ୍ମୁ-କଶ୍ମୀର ନିର୍ବାଚନ ରହିବା କଥା। ସେହିପରି ତୃଣମୂଳ କଂଗ୍ରେସର ସୌଗତ ରାୟ ଏବଂ ଜାତୀୟତାବାଦୀ କଂଗ୍ରେସ ପାର୍ଟିର ସୁପ୍ରିୟା ସୁଲେ ମଧ୍ୟ ନିର୍ବାଚନ ପ୍ରସଙ୍ଗ ଉଠାଇ ଏହା ଉପରେ ସରକାରଙ୍କୁ ଏକ ଟାଇମ୍‌ଲାଇନ୍ ମାଗିଥିଲେ।

## କେଜ୍‌ରିୱାଲ୍‌ଙ୍କ ବ୍ୟକ୍ତିଗତ ସଚିବଙ୍କ ଘରେ ଇଡି ଚଢ଼ାଉ

**ନୂଆଦିଲ୍ଲୀ, ୬।୨ (ପି.ଟି.)**

ଦିଲ୍ଲୀ ଜଳ ବୋର୍ଡ ଦୁର୍ନୀତିର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମଙ୍ଗଳବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ୍‌ଙ୍କ ବ୍ୟକ୍ତିଗତ ସଚିବ ବିଭବ କୁମାରଙ୍କ ବାସଭବନରେ ଚଢ଼ାଉ କରିଛି। ଏହି ମାମଲାରେ ଦିଲ୍ଲୀ ଜଳ ବୋର୍ଡର ପୂର୍ବତନ ସଦସ୍ୟ ଶଲଭ କୁମାର, ଆମ୍ ଆଦ୍‌ମୀ ପାର୍ଟି (ଏଏପି) ରାଜ୍ୟ ସଭା ସଦସ୍ୟ ତଥା କୋଷାଧ୍ୟକ୍ଷ ଏନ୍. ଡି. ଗୁପ୍ତାଙ୍କ




ବାସଭବନରେ ମଧ୍ୟ ଇଡି ଚଢ଼ାଉ କରିଛି। ମିଳିଥିବା ସୂଚନା ଅନୁଯାୟୀ ଅର୍ଥ ହେରଫେର ସମ୍ପର୍କିତ ଅଧିକ ଯାଞ୍ଚ ପାଇଁ ରାଜଧାନୀ ଦିଲ୍ଲୀର ୧୦ରୁ ୧୨ ସ୍ଥାନରେ ଇଡି ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ମାମଲାରେ ଅବସରପ୍ରାପ୍ତ ମୁଖ୍ୟ ଇଞ୍ଜିନିୟର ଜଗଦୀଶ କୁମାର ଆରୋରା ଏବଂ କଣ୍ଟ୍ରାକ୍ଟର ଅନିଲ କୁମାର ଅଗ୍ରୱାଲଙ୍କୁ ଗତ ସପ୍ତାହରେ ଇଡି ପକ୍ଷରୁ ଗିରଫ କରାଯାଇଥିଲା। ଆଗାମୀ ଲୋକ ସଭା ନିର୍ବାଚନ ପୂର୍ବରୁ ଇଡିର୍ ଏଭଳି ଚଢ଼ାଉ କେବଳ ଏଏପି ନେତା ମାନଙ୍କୁ ଭୟଭୀତ କରାଇବା ଉଦ୍ଦେଶ୍ୟରେ ହୋଇଥିବା କହିଛନ୍ତି ଦିଲ୍ଲୀ ସରକାରଙ୍କ ମନ୍ତ୍ରୀ ଆତିଶୀ ସିଂ।

## ମ୍ୟାନ୍‌ମାରର ରାଖିନ୍‌ରେ ଥିବା ଭାରତୀୟଙ୍କୁ ପଳାଇ ଆସିବାକୁ ପରାମର୍ଶ

**ନୂଆଦିଲ୍ଲୀ,୬।୨(ପି.ଟି.)**

ମ୍ୟାନ୍‌ମାରର ରାଖିନ୍ ପ୍ରଦେଶରେ ସୁରକ୍ଷା ସ୍ଥିତି ଅଧିକ ଖରାପ ହେଉଥିବାରୁ ସେଠାରେ ଥିବା ଭାରତୀୟମାନେ ତୁରନ୍ତ ପଳାଇଆସିବା ଲାଗି କେନ୍ଦ୍ର ସରକାର ମଙ୍ଗଳବାର ଏକ ଆଡଭାଇଜରି ଜାରି କରିଛନ୍ତି। ଉକ୍ତ ପ୍ରଦେଶରେ ହିଂସାକାଣ୍ଡ ବଢ଼ିଚାଲିଛି। ଫଳରେ ସେଠାରେ ଟେଲିଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଦେଖାଦେଇଛି। ଏଭଳି ସ୍ଥିତିରେ ସେଠାକୁ ଭାରତୀୟମାନେ ନ ଯିବା ପାଇଁ ବହିର୍ବ୍ୟାପାର ମନ୍ତ୍ରଣାଳୟ ପରାମର୍ଶ ଦେଇଛି। ୨୦୨୧ ଫେବୃଆରୀ ୧ରେ ମ୍ୟାନ୍‌ମାର ସେନା ବିଦ୍ରୋହ ବଳରେ କ୍ଷମତା ଦଖଲ କରିବା ପରେ ପ୍ରଥମ ଥର ପାଇଁ ସେଠାରେ ଗଣତନ୍ତ୍ରର ପୁନଃପ୍ରତିଷ୍ଠା ଦାବିରେ ବ୍ୟାପକ ହିଂସାତ୍ମକ ବିକ୍ଷୋଭ ଜାରି ରହିଛି। ଗତ ଅକ୍ଟୋବରଠାରୁ ମ୍ୟାନ୍‌ମାର ସୈନ୍ୟ ଏବଂ ସଶସ୍ତ୍ର ସଂଗଠନଗୁଡ଼ିକ ମଧ୍ୟରେ ସଂଘର୍ଷ ଲାଗିରହିଛି।

## ଜୀବନସାଥୀ ଖୋଜିଦେଲା ଚାଟ୍‌ଜିପିଟି

**ମସ୍କୋ,୬।୨(ଆଇଏଏନ୍‌ଏସ୍)**

ରୁଷିଆର ଜଣେ ବ୍ୟକ୍ତି ଜୀବନସାଥୀଙ୍କୁ ଖୋଜିବା ପାଇଁ ଚାଟ୍‌ଜିପିଟିର ସହଯୋଗ ନେଇ ସଫଳ ହୋଇଛନ୍ତି। ଆଲେକ୍‌ଜାଣ୍ଡାର ଝାଦନ ଡେଟିଂ ସାଇଟ୍ ଟିଣ୍ଡରରେ ୫,୦୦୦ରୁ ଅଧିକ ଯୁବତୀଙ୍କ ମଧ୍ୟରୁ ପାର୍ଟନରଙ୍କୁ ପାଇବା ଲାଗି ସେ ଓପନ୍‌ଏଆଇର ଏଆଇ ଚାଟ୍‌ବୋଟ୍ ଚାଟ୍‌ଜିପିଟିକୁ ବ୍ୟବହାର କରିଥିଲେ ବୋଲି କହିଛନ୍ତି। ୨୩ ବର୍ଷୀୟ ଝାଦନ୍ ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ଟିଣ୍ଡର ବୋଟ୍‌ଆପ୍‌ରେ ୫,୨୩୯



ଝିଅଙ୍କ ସହ ତାଙ୍କର ମେଳ ହୋଇଥିଲା। ସେ କେତେକ ନିର୍ଦ୍ଦିଷ୍ଟ ଫିଲ୍ଟରକୁ ବ୍ୟବହାର କରିବା ପରେ ଚାଟ୍‌ଜିପିଟି ଅନାବଶ୍ୟକ ଝିଅଙ୍କୁ ବାଦ୍ ଦେଇ ଦେଇ ଚାଲିଥିଲା। ଫଳରେ ସେମାନଙ୍କ ମଧ୍ୟରୁ ଜଣେ ଝିଅଙ୍କୁ ବାଛିପାରିଥିଲେ। ତାଙ୍କ ସହ ସେ ବର୍ଷେ ଧରି ଚାଟ୍‌ଜିପିଟି ଜରିଆରେ ଯୋଗସୂତ୍ରରେ ରହିଥିଲେ। ନିଜ ପ୍ରିୟତମାଙ୍କୁ ପାଇବା କଠିନ ବ୍ୟାପାର ହୋଇଥିବାରୁ ସେ ଏହି ପନ୍ଥା ଆପଣାଇଲେ। ତାଙ୍କୁ ଅନ୍ୟ କାର୍ଯ୍ୟ କରିବା ସହ ନିଜ ହବି, ଅଧ୍ୟୟନ ଓ ଅନ୍ୟମାନଙ୍କ ସହ ଯୋଗାଯୋଗ ଆଦି କ୍ଷେତ୍ରରେ ମଧ୍ୟ ସମୟ ଅତିବାହିତ କରିବାକୁ ପଡୁଥିଲା। ଚାଟ୍‌ଜିପିଟି ପରିବର୍ତ୍ତେ ଅନ୍ୟ ଉପାୟରେ କନିଆ ଖୋଜିଥିଲେ ତାଙ୍କୁ ଅଧିକ ସମୟ ଓ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଥାଆନ୍ତା ବୋଲି ଝାଦନ ସୂଚନା ଦେଇଛନ୍ତି। ନିଜ ଭାବୀ ସ୍ତ୍ରୀ କରିନାଙ୍କ ସହ ସେ ଏବେ ଖୁସିରେ ଅଛନ୍ତି।

## ମା'ଙ୍କ ମଜାକଥା ଶୁଣି କୋମାରୁ ଉଠିଲେ ମହିଳା

**ୱାଶିଂଟନ, ୬।୨**

ଆମେରିକାର ମିଶିଗାନ୍‌ର ଏକ ମେଡିକାଲ୍‌ରେ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ୫ ବର୍ଷ ଧରି କୋମାରେ ପଡ଼ିଥିବା ଜଣେ ମହିଳା ନିଜ ମା'ଙ୍କ ମଜାକଥା ଶୁଣି ହସିଉଠିବା ଏବେ ଚାରିଆଡ଼େ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ, ଜେନିଫର ଫ୍ଲୁଏନ ନାମ୍ନୀ ଜଣେ ମହିଳା ୫ ବର୍ଷ ତଳେ କାର ଦୁର୍ଘଟଣାରେ ପୀଡ଼ିତ ହୋଇ କୋମାକୁ ଚାଲିଯାଇଥିଲେ। ତେବେ ନିଜ ଝିଅ ପୁଣି କୋମାରୁ ଫେରିଆସି ତାଙ୍କ ସହ କଥାବାର୍ତ୍ତା କରିବ, ସେ ଆଶା ଛାଡି ନ ଥିଲେ ଜେନିଫରଙ୍କ ମା ପେଗୀ ମିନ୍ସ। ପ୍ରତିଦିନ ସେ ମେଡିକାଲ ଯାଇ କୋମାରେ ପଡ଼ିଥିବା ନିଜ ଝିଅଙ୍କ ପାଖରେ ବସି



ତାଙ୍କୁ ମଜାକଥା ଶୁଣାଉଥିଲେ। କିନ୍ତୁ ପ୍ରତିଥର ସେ ବିଫଳ ହୋଇଥିଲେ। କିନ୍ତୁ ହଠାତ୍ ୫ ବର୍ଷ ପରେ ମା'ଙ୍କ ମଜାକଥା ଶୁଣି ଜେନିଫର କୋମାରୁ ବାହାରି ହସିବାକୁ ଲାଗିଥିଲେ। ଦୀର୍ଘ ୫ ବର୍ଷ ପରେ ନିଜ ଝିଅଙ୍କ ସହ କଥା ହୋଇ ବେଶ୍ ଖୁସିବ୍ୟକ୍ତ କରିଛନ୍ତି ଜେନିଫରଙ୍କ ମା ପେଗୀ ମିନ୍ସ। ତେବେ ଏହି ଘଟଣାକୁ ନେଇ ଜେନିଫରଙ୍କୁ ଚିକିତ୍ସା କରୁଥିବା ଡାକ୍ତର ମଧ୍ୟ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ

### ପରୀ ହତ୍ୟାକାରୀଙ୍କୁ...

ଏହି ରାୟ ପରେ ମୁଦାଲାଙ୍କୁ ସୁଧାରଗୃହକୁ ପଠାଯିବ। ତାଙ୍କୁ ୨୧ ବର୍ଷ ବୟସ ହେଲେ ଜେଲକୁ ପଠାଯିବାର ନିୟମ ରହିଛି। ତେବେ ଆଇନ ବ୍ୟବସ୍ଥାରେ ଯାହା ଥିବ ସେନେଇ ମୁଦାଲାଙ୍କ ପ୍ରତି ଲାଗୁ ହେବ ବୋଲି କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ଚିତ୍ତ ରଞ୍ଜନ କାନୁନ୍‌ଗୋ କହିଛନ୍ତି।

କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର କାନୁନ୍‌ଗୋଙ୍କ ସୂଚନା ଅନୁଯାୟୀ, ୨୦୨୦ ଜୁଲାଇ ୧୪ରେ ଘର ସମ୍ମୁଖରେ ଖେଳୁଥିବା ନାବାଳିକା ନିଖୋଜ ହୋଇ ଥିବା ଥାନାରେ ଅଭିଯୋଗ ହୋଇଥିଲା। ଏହାର ୯ଦିନ ପରେ ସେହିମାସ ୨୩ ତାରିଖରେ ଘର ବାରିପଟ ଗାଡ଼ିଆ ନିକଟରୁ ବସ୍ତାରେ ବନ୍ଧା ଅବସ୍ଥାରେ ତାଙ୍କ ଖଣ୍ଡ ବିଖଣ୍ଡିତ ଗଳିତ ମୃତଦେହ ଜବତ କରାଯାଇଥିଲା। ତଦନ୍ତରେ ଡିଟେକଶନ ସ୍ଥାନୀୟ ପୋଲିସ କରି ନ ପାରିବାରୁ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦିଆଯାଇଥିଲା। ଏହାର ତଦନ୍ତ ପାଇଁ ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରାଯାଇଥିଲା। ସେତେବେଳର ଆଇଜି ଅରୁଣ ବୋଥ୍ରାଙ୍କ ନେତୃତ୍ୱରେ ତଦନ୍ତ ହେଲା। ତଦନ୍ତ ବେଳେ ସାଇଣ୍ଟିଫିକ ଏଭିଡେନ୍ସସ୍, ଇଲେକଟ୍ରୋନିକ୍ସ ଏଭିଡେନ୍ସସ୍ ସଂଗ୍ରହ ହୋଇଥିଲା। ଆଖି ଦେଖିବା ପ୍ରମାଣ ନ ଥିବାରୁ ସବୁ ପ୍ରକାରର ତଦନ୍ତ କରି ସାଇକୋଲୋଜିକାଲ ଏକ୍ସପୋର୍ଟମାନଙ୍କୁ ନିୟୋଜିତ କରାଯାଇଥିଲା। ସବୁ ପ୍ରକାର ପ୍ରମାଣକୁ ଆଧାର କରି ଚାର୍ଜଶିଟ୍ ଦାଖଲ ହୋଇଥିଲା। କୋର୍ଟ ରାୟରେ ମୁଦାଲା ଦଣ୍ଡ ପାଇବା ପରେ ସତ୍ୟର ଜୟ ହୋଇଛି। ଏସ୍‌ଆଇଟି ତଦନ୍ତକୁ ଅତି ଗୁରୁତର ସହ ଗ୍ରହଣ କରିଥିଲା। ହାଇକୋର୍ଟ ଏହି ତଦନ୍ତର ମନିଟରିଂ କରୁଥିଲେ ବୋଲି ସେ କହିଛନ୍ତି।

ତେବେ ଏହି ନ୍ୟାୟରେ ପରୀଙ୍କ ମା'ବାପା ସନ୍ତୁଷ୍ଟ ନୁହନ୍ତି। ପରୀଙ୍କ ମା'ସୌଦାମିନୀ ସାହୁ ଓ ବାପା ଅଶୋକ ସାହୁ କୁହନ୍ତି, ଦଣ୍ଡ ପାଇଥିବା ନାବାଳକ ଦୋଷୀ ନୁହନ୍ତି। ନାବାଳକଙ୍କୁ ଅଯଥାରେ ଫସାଇ କେସ୍‌କୁ ଶେଷ କରି ଦିଆଯାଇଛି। ଆମର ଅଭିଯୋଗକୁ ଅଣଦେଖା କରାଯାଇଛି। ହତ୍ୟାକାରୀଙ୍କୁ ଜାଣିଶୁଣି ସୁରକ୍ଷା ଦିଆଗଲା। ଝିଅ ନିଖୋଜଠାରୁ ରାୟ ପର୍ଯ୍ୟନ୍ତ ଲଢ଼େଇରୁ ଆମେ ନ୍ୟାୟ ପାଇଲୁ ନାହିଁ। ଦଣ୍ଡିତ ହୋଇଥିବା ନାବାଳକଙ୍କ ମା' କୁହନ୍ତି, ମୋ ପୁଅ ନିର୍ଦ୍ଦୋଷ। ତାଙ୍କୁ ଫସାଇ ଦଣ୍ଡିତ କରାଗଲା। ଭଗବାନ ଏହାର ବିଚାର କରିବେ। ନାବାଳକଙ୍କ ଓକିଲ ଚନ୍ଦ୍ର ବିଜୟୀ ମିଶ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ କହିଛନ୍ତି।

# ମାଓବାଦୀ କ୍ୟାମ୍ପରେ ମହିଳାଙ୍କୁ ଯୌନ ନିର୍ଯାତନା

## ୨ ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

**ବୌଦ୍ଧ,୬।୨ (ଅଜିତ କୁମାର ବାରିକ)**

ବୌଦ୍ଧ ପୋଲିସ ନିକଟରେ ମଙ୍ଗଳବାର ଛତିଶଗଡ଼ କ୍ୟାଡରର ଦୁଇ ହାର୍ଡକୋର ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ମନୀଷା ଥାଟୀ(୨୧) ଓ ଚମ୍ପା କୋରାମ ଓରଫ ସଜନ୍ତି (୨୨)। ଏମାନେ କେକେବିଏନ୍ ଡିଭିଜନରେ ଯୋଗଦେଇ ୨୦୧୮ରୁ ସିପିଆଇ ମାଓବାଦୀ ସଂଗଠନରେ କାମ କରି ଆସୁଥିଲେ। ମାଓବାଦୀ କ୍ୟାମ୍ପରେ ମହିଳା କ୍ୟାଡରଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ବୌଦ୍ଧ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଦକ୍ଷିଣାଞ୍ଚଳ ଆଇଜି ଜୟ ନାରାୟଣ ପଙ୍କଜ କରିଥିବା ଖବରଦାତା ସମ୍ମିଳନୀରେ ସେମାନେ କାହିଁକି ବନ୍ଧୁକ ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେଲେ ସେ ନେଇ କହିଛନ୍ତି।

ମନୀଷାଙ୍କ କହିବାନୁଯାୟୀ, ତାଙ୍କ ଘରର ଆର୍ଥିକ ଅବସ୍ଥା ଭଲ ନ ଥିଲା। ତାଙ୍କୁ ୧୬ ବର୍ଷ ହୋଇଥିବାବେଳେ ମାଓବାଦୀମାନେ ଖୁବ୍ କମ୍ ପରିମାଣର ଅର୍ଥ ଦେଇ ବଣପାହାଡ଼ ଅଞ୍ଚଳରେ ଲୋକଙ୍କୁ ନାଚଗୀତ ମାଧ୍ୟମରେ ସଂଗଠନର ବାର୍ତ୍ତା ପ୍ରଚାର କରିବାକୁ ନିୟୋଜିତ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ବହୁ ପାହାଡ଼ ଚଢାଇବା ସହ ବିଭିନ୍ନ କାମରେ ନିୟୋଜିତ କରି ଆସୁଥିଲେ। ମାଓବାଦୀଙ୍କ ଦ୍ୱାରା କଷ୍ଟ ସହି ନ ପାରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଉଦ୍ୟମ କରି ସଫଳ ହୋଇଥିବା ମନୀଷା କହିଛନ୍ତି।



ଖବରଦାତା ସମ୍ମିଳନୀରେ ଆଇଜି ଜୟନାରାୟଣ ପଙ୍କଜ ଓ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ, ଦୁଇ ମହିଳା ମାଓବାଦୀ।

ଖବରଦାତା ସମ୍ମିଳନୀରେ ଆଇଜି ପଙ୍କଜ ଆତ୍ମସମର୍ପଣ କରିଥିବା ଦୁଇ ମହିଳା ମାଓବାଦୀଙ୍କୁ ସ୍ୱାଗତ କରିବା ସହ ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଉଭୟ ମାଓବାଦୀ ଛତିଶଗଡ ଏବଂ ଓଡ଼ିଶାରେ ବିଭିନ୍ନ ସମୟରେ ହୋଇଥିବା ମାଓବାଦୀ ଆକ୍ରମଣ ଘଟଣାରେ ଜଡିତ ଥିଲେ। ଏବେ ବି ଯେଉଁମାନେ ମାଓବାଦୀ ସଂଗଠନରେ କାର୍ଯ୍ୟ କରୁଛନ୍ତି, ସେମାନେ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ସହ ସରକାରଙ୍କ ପୁନଃଥଇଥାନ ଯୋଜନାର ସୁଯୋଗ ନେବାକୁ ଦକ୍ଷିଣାଞ୍ଚଳ ଆଇଜି ପଙ୍କଜ ଖବରଦାତା ସମ୍ମିଳନୀରେ ଆହ୍ୱାନ କରିଛନ୍ତି। ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ ଉପସ୍ଥିତ ଥିଲେ। ୯।୧୦।୨୦୧୫ରେ ଛତିଶଗଡ ବିଜାପୁର ଜିଲା ପାଲନାର ମହିଳା ମାଓବାଦୀ ଜ୍ୟୋତି ମାଦକାନୀ ଓରଫ ସସ୍ମିତା ବୌଦ୍ଧ ଜିଲା ହରଭଙ୍ଗା ଥାନାରେ ଆତ୍ମସମର୍ପଣ କରିଥିଲେ।

# ମହତାବ ବଦଳରେ ମହାନ୍ତି




ଧାମନଗର ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟ ପାଚେରିରେ ଭୁଲ୍ ଲେଖାଥିବା ଡଃ. ହରେକୃଷ୍ଣ ମହାନ୍ତି।

- ସ୍କୁଲ ପାଚେରିରେ ଲେଖାକୁ ନେଇ ଅସନ୍ତୋଷ
- ଏନ୍‌ଏସି ପକ୍ଷରୁ କରାଗଲା ସଂଶୋଧନ

**ଭଦ୍ରକ/ଧାମନଗର,୬।୨ (ସନାତନ ରାଉତ/ସନ୍ତୋଷ କୁମାର ମହାପାତ୍ର)**

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଇଁ ଧାମନଗର ଏନ୍‌ଏସି ପକ୍ଷରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ସ୍କୁଲ ପାଚେରିରେ ମହାପୁରୁଷମାନଙ୍କ ଚିତ୍ର ଅଙ୍କାଯିବା ସହ ନାମ ଲେଖାଯାଇଥିଲା। ନବଉତ୍କଳର ନିର୍ମାତା ତଥା ଭଦ୍ରକ ମାଟିର ଗର୍ବ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଚିତ୍ର ପାଖରେ ତାଙ୍କ ନାମ ହରେକୃଷ୍ଣ ମହାନ୍ତି ଲେଖାଯିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଭଦ୍ରକ ଜିଲା ସମେତ ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରି ଘଟଣା ଘଟିଛି ଧାମନଗର ଏନ୍‌ଏସି ଅଧୀନ ୮ନଂ. ୱାର୍ଡରେ ଥିବା ଉର୍ଦ୍ଦୁପ୍ରାଥମିକବିଦ୍ୟାଳୟରେ।

ଉକ୍ତ ବିଦ୍ୟାଳୟ ପାଚେରିରେ ଅଙ୍କାଯାଇଥିବା ଚିତ୍ର ମଧ୍ୟରେ ଡ. ମହତାବଙ୍କ ଚିତ୍ର ରହିଥିଲା। କିନ୍ତୁ ତାଙ୍କ ଉପାଧି ଉତ୍କଳ କେଶରୀ ଲେଖାଯାଇ ନ ଥିବାବେଳେ ମହତାବ ବଦଳରେ ଡଃ. ହରେକୃଷ୍ଣ ମହାନ୍ତି ଲେଖାଯାଇଥିଲା। ଅସନ୍ତୋଷ ପ୍ରକାଶ ପାଇବା ପରେ ଏନ୍‌ଏସି ପକ୍ଷରୁ ଏହାକୁ ସଂଶୋଧନ କରାଯାଇଥିବା ଦେଖିବାକୁ ମିଳିଛି। ଏନେଇ ଧାମନଗର ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ କହିଛନ୍ତି, ଲେଖିଥିବା ଲୋକ ଭୁଲ୍‌ରେ ମହତାବ ଜାଗାରେ ମହାନ୍ତି ଲେଖି ଦେଇଥିଲେ। ଆମ ଦୃଷ୍ଟିକୁ ଆସିବା ପରେ ସଂଶୋଧନ କରାଯାଇଛି। ପ୍ରକାଶଥାଉ କି, କିଛିଦିନ ପୂର୍ବରୁ ଭଦ୍ରକ ସହରର ବନ୍ତଛକ ନିକଟସ୍ଥ ମତ୍ସ୍ୟ ବିଭାଗ କାର୍ଯ୍ୟାଳୟ ପାଚେରିରେ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ଚିତ୍ର ପାଖରେ ତାଙ୍କ ନାମ ବାଞ୍ଛାନିଧି ଦାସ ଲେଖାଯାଇଥିଲା। ଏହା ଲୋକଲୋଚନକୁ ଆସିବା ପରେ ରଙ୍ଗରେ ଲିଭାଯାଇ ସଂଶୋଧନ କରାଯାଇଥିଲା।

# ତେଲଙ୍ଗାନାରେ ବନ୍ଧକ ଝିଅ ଘରକୁ ଫେରିଲେ

- ଝିଅର ୧୬୧ ବୟାନ ରେକର୍ଡ କଲେ ତଦନ୍ତକାରୀ ଅଧିକାରୀ
- ୫୦ ହଜାର ଟଙ୍କା ଫେରାଇଲେ ଦାଦନ ସର୍ଦ୍ଦାର

**ବଲାଙ୍ଗୀର/ବେଲପଡା, ୬।୨ (ବୀରେନ୍ଦ୍ର କୁମାର ଝାଙ୍କର/ ମନୋଜ କୁମାର ମିଶ୍ର)**

ତେଲଙ୍ଗାନାର ଏକ ଇଟାଭାଟିରେ ବନ୍ଧକ ଥିବା ଝିଅ ଅଙ୍କିତା ମଲ୍ଲିକ (୧୦) ଉଦ୍ଧାର ହୋଇ ମଙ୍ଗଳବାର ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ସୁଲେକେଲା ଗାଁସ୍ଥିତ ନିଜ ଘରକୁ ଫେରିଛନ୍ତି। ବେଲପଡା ପୋଲିସ ଟିମ୍ ଏବଂ ଶ୍ରମ ବିଭାଗ ଅଧିକାରୀ ଅଙ୍କିତାଙ୍କୁ ସନ୍ଧ୍ୟାରେ ତାଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଥିଲେ। ତେଲଙ୍ଗାନାରୁ ଟ୍ରେନ୍ ଯୋଗେ ଆସିଥିବା ଅଙ୍କିତା ମଙ୍ଗଳବାର ସକାଳେ କଣ୍ଟାବାଞ୍ଜି ରେଲୱେ ଷ୍ଟେଶନ୍‌ରେ ପହଞ୍ଚିଥିଲେ। ସେଠାରୁ ତାଙ୍କୁ ବେଲପଡା ଥାନା ଓ ପରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନା ନିଆଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ପରେ ତଦନ୍ତକାରୀ ଅଧିକାରୀ ଅଙ୍କିତାଙ୍କ ୧୬୧ ବୟାନ ରେକର୍ଡ କରିଥିଲେ। ଏହାପରେ ତାଙ୍କୁ ସୁଲେକେଲା ନିଆଯାଇ ତାଙ୍କ ମା' ଲକ୍ଷ୍ମୀପ୍ରିୟାଙ୍କୁ ହସ୍ତାନ୍ତର କରାଯାଇଥିଲା। ବେଲପଡା ଥାନା ଆଇଆଇସି ସୁଶାନ୍ତ ଦାଶ ଅଙ୍କିତାଙ୍କୁ ତାଙ୍କ ଘରେ ଛଡା ଯାଇଥିବା ନେଇ ସୂଚନା ଦେଇଛନ୍ତି। ଏହା ସହିତ ଜମି ବନ୍ଧକ କରି ଝିଅ ଉଦ୍ଧାର ପାଇଁ ଦାଦନ ସର୍ଦ୍ଦାରଙ୍କ ନିକଟକୁ ପଠାଇଥିବା ୫୦ ହଜାର ଟଙ୍କାକୁ ମଧ୍ୟ ଲକ୍ଷ୍ମୀପ୍ରିୟାଙ୍କୁ ଫେରସ୍ତ କରାଯାଇଥିବା ଆଇଆଇସି ଦାଶ କହିଛନ୍ତି।

ଗତ ଜାନୁୟାରୀ ମାସରେ ଦାଦନ ସର୍ଦ୍ଦାର ସମାରୁ ନାଏକ ୭୮ ହଜାର ଟଙ୍କା ଅଗ୍ରିମ ଦେଇ ସୁଲେକେଲାର କାହ୍ନୁ ମଲ୍ଲିକ, ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା, ବଡ଼ଝିଅ ପାଞ୍ଚାଳୀ ଓ ସାନଝିଅ ଅଙ୍କିତାଙ୍କୁ ତେଲଙ୍ଗାନାର ସାତନଗର ପେଟ୍ରୋଲ ପମ୍ପ ନିକଟ ଇଟାଭାଟିକୁ କାମ କରିବାକୁ ନେଇଥିଲେ। ସେଠାରେ ଶଙ୍କର ସେଠ୍ ନାମକ ଜଣେ ଇଟାଭାଟି ମାଲିକ ନିର୍ଯାତନା ଦେଇ କାହ୍ନୁ ଓ ତାଙ୍କ ପରିବାରକୁ ଦିନରାତି କାମ କରାଇଥିଲେ। ଏଥିରେ କାହ୍ନୁ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ସେଠାରେ ତାଙ୍କର ଚିକିତ୍ସା କରାଯାଇ ନ ଥିଲା। ଫଳରେ ସେମାନେ ଗାଁକୁ ଫେରିବାକୁ ଅନୁରୋଧ କରିଥିଲେ। ଇଟାଭାଟି ମାଲିକ ଶଙ୍କର ସେଠ୍ କାହ୍ନୁଙ୍କ ନାବାଳିକା ଝିଅ ଅଙ୍କିତାଙ୍କୁ ବନ୍ଧକ ରଖି ଅନ୍ୟ ତିନିଜଣଙ୍କୁ ଛାଡିଥିଲେ। ତେବେ ଗାଁରେ ପହଞ୍ଚିଥିଲେ ମଧ୍ୟ ଗୁରୁତର ଅସୁସ୍ଥ କାହ୍ନୁଙ୍କ ରବିବାର ଅପରାହ୍ଣରେ ମୃତ୍ୟୁ ହୋଇଯାଇଥିଲା। କାହ୍ନୁଙ୍କ ମୃତ୍ୟୁ ଘଟଣାକୁ ନେଇ ଧରିତ୍ରୀରେ ଖବର ପରିବେଷଣ କରାଯାଇଥିଲା। ଏହାପରେ ପ୍ରଶାସନ ତତ୍ପର ହେଇଥିଲା।



ସୁଲେକେଲାସ୍ଥିତ ଘରେ ମା' ଲକ୍ଷ୍ମୀପ୍ରିୟା, ବଡଭଉଣୀ ପାଞ୍ଚାଳୀ ଏବଂ ସାନଭାଇ ମାଣିକଙ୍କ ସହ ଉଦ୍ଧାର ହୋଇ ଆସିଥିବା ଝିଅ ଅଙ୍କିତା।

## ବଳାତ୍କାର ଅଭିଯୁକ୍ତ ବାପା ଗିରଫ

**ଅନୁଗୋଳରୁ ଯାଇ ଭବାନୀପାଟଣାରେ ଏତଲା ଦେଇଥିଲେ ଝିଅ**

**ଅନୁଗୋଳ, ୬।୨ (ଅମିତ କୁମାର ସାମଲ)**

ଅନୁଗୋଳ ସଦର ଥାନା ପୋଲିସ ମଙ୍ଗଳବାର ଜଣେ ବଳାତ୍କାର ଅଭିଯୁକ୍ତ ବାପାଙ୍କୁ ଗିରଫ କରିଛି। ଥାନା ଅଧିକାରୀ ଧୀରେନ ବେହେରା କହିଛନ୍ତି, ଅନୁଗୋଳ ସଦର ଥାନା ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ୧୯ ବର୍ଷୀୟା ଝିଅଙ୍କୁ ବଳାତ୍କାର କରିଥିଲେ। କିଛିଦିନ ହେଲା ସେ ଏପରି କୁକର୍ମ କରିଆସୁଥିବା ବେଳେ ଘରେ କାହାକୁ ନ କହିବାକୁ ଝିଅଙ୍କୁ ଧମକ ଦେଉଥିଲେ। ଫଳରେ ଭୟରେ ଝିଅ ଏ ନେଇ ପାଟି ଫିଟାଉ ନ ଥିଲେ। ତେବେ ଗତ ଡିସେମ୍ବରରେ ସମ୍ପୃକ୍ତ ବ୍ୟକ୍ତି ଝିଅଙ୍କୁ ବଳାତ୍କାର ଉଦ୍ୟମ କରିବା ବେଳେ ସ୍ତ୍ରୀଙ୍କ ହାବୁଡ଼ରେ ପଡ଼ିଥିଲେ। ଏହାପରେ ଝିଅଙ୍କୁ ତାଙ୍କ ମା' ନାଲ୍‌କୋସ୍ଥିତ ପିଯୁସୀଙ୍କ ଘରକୁ ପଠାଇ ଦେଇଥିଲେ। ସେଠାରୁ ଯୁବତୀ ଜଣଙ୍କ ମାଉସୀ ଘର ଭବାନୀପାଟଣା ଚାଲିଯାଇଥିଲେ। ଗତ ୧ ତାରିଖରେ ସେ ଏ ନେଇ ଭବାନୀପାଟଣା ଥାନାରେ ଏତଲା ଦେଇଥିଲେ। ହେଲେ ଘଟଣା ଅନୁଗୋଳରେ ହୋଇଥିବାରୁ ମାମଲାକୁ ଅନୁଗୋଳ ସ୍ଥାନାନ୍ତର କରାଯାଇଥିଲା। ଅନୁଗୋଳ ପୋଲିସ ନଂ.୯୧/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

# ୨ ହାତୀଦାନ୍ତ ଜବତ, ୧୦ଗିରଫ



ଜବତ ହାତୀଦାନ୍ତ ସହ ଗିରଫ ଅଭିଯୁକ୍ତମାନେ।

**ବାରିପଦା,୬।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧିକାରୀମାନେ ଚଢ଼ାଉ କରି ୩୦ କେଜି ଓଜନର ୨ଟି ହାତୀଦାନ୍ତ ଜବତ କରିଛନ୍ତି। ଏଥିସହ ୧୦ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ପିସିସିଏଫ୍ ସୁଶାନ୍ତ ନନ୍ଦ ସୋସିଆଲ ମିଡିଆ (ଏକ୍ସ)ରେ ଏହା ଉଲ୍ଲେଖ କରିଥିବା ବେଳେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ପ୍ରେସ ବିବୃତିରେ ଜଣାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଯଶିପୁର ଥାନା ସାଉଁପାଳ ଗ୍ରାମର ଘାସିରାମ ଜେରାଇ(୪୫), ଧାରୁଆବେଡ଼ା ଗ୍ରାମର ଆନନ୍ଦ କେରାଇ(୫୫), ଶିବଶଙ୍କର ବାନରା(୫୫), ତାମକଶିଳା ଗ୍ରାମର ଚକୁ ହାଲଦା(୩୫), ଖେଜୁରୀ ଗ୍ରାମର ଡାବରା ବଦ୍ରା (୪୫), ବେର୍ଗା ବଦ୍ରା(୨୧) ଓ ପପୁଲୁ ବଦ୍ରା(୨୨), କାଣ୍ଡବିଲ ଗ୍ରାମର ସନାତନ ବଦ୍ରା(୨୪), ଠାକୁରଗଡ଼ା ଗ୍ରାମର ମାର୍କଣ୍ଡ ହୋ (୨୩) ଏବଂ ବିଶୋଇ ଥାନା ନୂଆଗାଁ ଗ୍ରାମର ନରେନ୍ଦ୍ର ବାନରା(୫୩)।

ସୂଚନା ଅନୁଯାୟୀ, ହାତୀଦାନ୍ତ କାରବାର ସମ୍ପର୍କରେ ଖବରପାଇ ଉପନିର୍ଦ୍ଦେଶକ ଗୌଡ଼ାଙ୍କ ନେତୃତ୍ୱରେ ଏସ୍‌ଟିପିଏଫ୍, ଜେଟିଏଫ୍ ଓ ବନ କର୍ମଚାରୀମାନଙ୍କୁ ନେଇ ଏକ ମିଳିତ ଟିମ୍ ଗଠନ କରାଯାଇଥିଲା। ଯୋଜନା ମୁତାବକ ବନ କର୍ମଚାରୀମାନେ ଗ୍ରାହକ ସାଜି ଶିକାରୀ ଓ ବେପାରୀଙ୍କ ସହିତ ମୂଲଚାଲ କରିଥିଲେ। ହାତୀଦାନ୍ତ ନେଇ ଆସୁଥିବା ବେଳେ ଛପି ରହିଥିବା ବନ କର୍ମଚାରୀମାନେ ବିଶୋଇଠାରେ ୫ଜଣଙ୍କୁ କାବୁ କରିଥିଲେ। ସେମାନଙ୍କଠାରୁ ମୋଟ ୩୦ କି.ଗ୍ରା. ୯ ଗ୍ରାମ ଓଜନର ଦୁଇଟି ହାତୀଦାନ୍ତ ଜବତ ହୋଇଛି। ସେମାନଙ୍କଠାରୁ ତଥ୍ୟ ସଂଗ୍ରହ କରି ଏହି ଚୋରା ଚାଲାଣରେ ଜଡିତ ଥିବା ଅନ୍ୟ ୫ ଅଭିଯୁକ୍ତଙ୍କୁ ସୋମବାର ବନବିଭାଗ ଗିରଫ କରିଛି। ୧୦ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ ପୁରୀରୁ ଗିରଫ କରାଯାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଉପନିର୍ଦ୍ଦେଶକ ସାଇ କିରଣ ଓ ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ପ୍ରମୁଖ ଅଭିଯୁକ୍ତମାନଙ୍କୁ ଧରିବାରେ ସହାୟତା କରିଥିଲେ।

# ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫାମେଳା ଆରମ୍ଭ

**ଚଣ୍ଡିଖୋଲ,୬।୨ (ପ୍ରଦୀପ୍ତ କୁମାର ପୃଷ୍ଟି)**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଓଳାଶୁଣୀ ପାହାଡ଼ ପାଦଦେଶରେ ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫାମେଳା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ପାହାଡ଼ ଶୀର୍ଷଦେଶ ପର୍ଯ୍ୟନ୍ତ ଅସ୍ଥାୟୀ ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟ ପସରା ମେଲାଇଛନ୍ତି। ପାହାଡ଼ ପାଦଦେଶରେ ଥିବା ମେଳା ପଡ଼ିଆ ବିଭିନ୍ନ ପ୍ରକାର ଦୋକାନରେ ଭର୍ତ୍ତି ହୋଇଛି। ମାଘ ମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ବ୍ରହ୍ମଲୀନ ଦିବସ ଅବସରରେ ଏହି ମେଳା ଆରମ୍ଭ ହୋଇଥାଏ। ଚଳିତ ବର୍ଷ ୧୮୭ତମ ମହାପ୍ରୟାଣ ଦିବସ ହୋଇଥିବାରୁ ପ୍ରାତଃ ସମୟରେ ସମାଧି ମନ୍ଦିରରେ ମହାସ୍ନାନ କରାଯାଇ ମନ୍ଦିର ଉପରେ ବାନା ବନ୍ଧାଯାଇଥିଲା। ଏହାପରେ ବଡ଼ସିଂହାର ବେଶ ଓ ଆଳତି କରାଯାଇଥିଲା।

ପରମ୍ପରା ଅନୁଯାୟୀ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ପଡ଼ୋଶୀ ଶୁଖୁଆପଡ଼ା ଗ୍ରାମବାସୀ ପ୍ରଥମେ ପୋଡ଼ପିଠା ଭୋଗ ଲାଗି କରିବା ପରେ ଅନ୍ୟମାନେ ଭୋଗ ଲାଗି କରିଥିଲେ। ସେହିପରି ପ୍ରଥମେ ଶୁଖୁଆପଡ଼ା ଗ୍ରାମବାସୀ ମହାପ୍ରସାଦ ପାଇବା ପରେ ଅନ୍ୟମାନେ ମହାପ୍ରସାଦ ପାଇଥିଲେ। ପ୍ରାୟ ୩୦ ହଜାର ଶ୍ରଦ୍ଧାଳୁ ମହାପ୍ରସାଦ ସେବନ କରିଥିଲେ। ମେଳାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନକୁ ଦେଖି ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଜଣେ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଜଣେ ଡିଏସ୍‌ପି, ୪ ଇନ୍ସପେକ୍ଟର, ୧୦ ଏସ୍‌ଆଇ, ୧୯ ଏଏସ୍ ଆଇ ଓ ୯ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ବାଲିଚନ୍ଦ୍ରପୁର ଥାନା ଅଧିକାରୀ ପ୍ରମୋଦିନୀ ସାହୁ ସୂଚନା ଦେଇଛନ୍ତି। ଯାଜପୁର ଜିଲା ଓର୍‌ମାସ ପକ୍ଷରୁ ବଡ଼ଚଣା ପଞ୍ଚାୟତ ସମିତି ଆନୁକୂଲ୍ୟରେ ପଲ୍ଲିଶ୍ରୀ ମେଳା ଆୟୋଜନ କରଯାଇଛି।



ଓଳାଶୁଣୀ ଗୁମ୍ଫାମେଳାରେ ଭକ୍ତଙ୍କ ଭିଡ଼।

# ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ, ୨ ନାବାଳକ ଗୁରୁତର

**ଟିଙ୍କିରି, ୬।୨ (ପ୍ରଫୁଲ କୁମାର ବେହେରା)**

ରାୟଗଡା ଜିଲା କାଶୀପୁର ଏବଂ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଅଞ୍ଚଳରେ ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଶିଶୁ ଗୁରୁତର ହୋଇଛନ୍ତି। କାଶୀପୁର ଥାନା ମୁନୁଷଗାଁ ପଞ୍ଚାୟତ ଭାଟିପାସ ଗ୍ରାମର ଗୁରୁନାଥ ଗଉଡଙ୍କ ସ୍ତ୍ରୀ ପୁଷ୍ପା (୪୫)ଙ୍କ ସହ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏହାକୁ ନେଇ ସେ ସୋମବାର ରାତିରେ ସ୍ତ୍ରୀ ପୁଷ୍ପାଙ୍କୁ ଟାଙ୍ଗିଆରେ ହାଣି ଫେରାର୍ ହୋଇଯାଇଥିଲେ। ପୁଷ୍ପାଙ୍କୁ ଗୁରୁତର ଅବସ୍ଥାରେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ସକାଳୁ ଗୁରୁନାଥ ମାନସିକ ଭାରସାମ୍ୟ ହରାଇ ଥୁଆମୂଳ ରାମପୁର ଥାନା ପେଙ୍ଗଡୁସି ଗ୍ରାମର ଚନ୍ଦ୍ରଶେଖର ରାଉତଙ୍କ ୧୨ ବର୍ଷର ପୁଅ ଶିବଶଙ୍କର ଓ ଢୋଲପାସ ଗ୍ରାମର ମଦନ ମାଝୀଙ୍କ ୧୨ ବର୍ଷର ନାବାଳକ ପୁଅ ମଧୁ ମଧ୍ୟ ଆକ୍ରମଣ କରିଥିଲେ। ଉଭୟେ ଗାଧୋଇବାକୁ ଯାଉଥିବା ବେଳେ ଗୁରୁନାଥ ସେମାନଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଶିବଶଙ୍କରଙ୍କ ତଣ୍ଟିକୁ ଓ ମଧୁଙ୍କ ପେଟକୁ ଗୁରୁନାଥ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଉଭୟଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଉଭୟଙ୍କ ଚିକିତ୍ସା ଚାଲିଥିବାବେଳେ ଥୁଆମୂଳ ରାମପୁର ଏବଂ କାଶୀପୁର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ହତ୍ୟା ଅଭିଯୁକ୍ତ ଗୁରୁନାଥଙ୍କୁ ଗିରଫ କରାଯାଇଛି।

# ବିଲାତି ଦଳରୁ ପ୍ରସ୍ତୁତ ହେବ ତନ୍ତବୁଣା ଶାଢ଼ି, ଗାମୁଛା

**କେନ୍ଦ୍ରାପଡ଼ା, ୬।୨ (ଜଗନ୍ନାଥ ଧଳ)**

ନଦୀ, ନାଳ, କେନାଲଠାରୁ ଆରମ୍ଭ କରି ଘରୋଇ ପୋଖରୀରେ ବିଲାତି ଦଳ ଭର୍ତ୍ତି ହୋଇଛି। ଏହାଦ୍ୱାରା କୃଷି କ୍ଷେତକୁ ଜଳ ସେଚନ ବାଧା ହେଉଥିବାବେଳେ ମଶାମାଛିଙ୍କ ଉତ୍ପତ୍ତିସ୍ଥଳ ପାଲଟିଛି। ସେହିପରି ପରିବେଶ ଓ ଜଳଚର ଜୀବଙ୍କ ବିପଦ ପାଲଟିଥିବା ଏହି ଦଳ କେନ୍ଦ୍ରାପଡ଼ା ଜିଲାରେ ସମ୍ପଦ ହେବାକୁ ଯାଉଛି। ପଟ୍ଟାମୁଣ୍ଡାଇ ବ୍ଲକସ୍ଥ ଉତ୍କଳମଣି ଯୁବକ ସଂଘ ପକ୍ଷରୁ ଏହି ବିପଦର ନିରାକରଣ ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ବିଲାତି ଦଳର ତନ୍ତୁକୁ ବ୍ୟବହାର କରି ତନ୍ତବୁଣା ଶାଢ଼ି, ଗାମୁଛା ପ୍ରସ୍ତୁତ ଉଦ୍ୟମ ପାଇଁ କୋରୁଆସ୍ଥିତ ମଙ୍ଗଳା ବୁଣାକାର ସମବାୟ ସମିତି ରାଜି ହୋଇଛି। ସେହିପରି ଜିଲା ଶିଳ୍ପ କେନ୍ଦ୍ର ଅଧୀନରେ ଏଥିପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ବିଭାଗୀୟ ଚିଠି ଆଶା ସଞ୍ଚାର କରିଛି। ଏହି କୁଟୀରଶିଳ୍ପ ଜିଲାକୁ ଆର୍ଥିକ ସହାୟତା, ସ୍ୱତନ୍ତ୍ର ପରିଚୟ ସହିତ ଏଥିପାଇଁ ଡ୍ରେନେଜ, ଜିଲା ସମ୍ପଦ ବିଭାଗ ପକ୍ଷରୁ ଅଯଥା ଖର୍ଚ୍ଚକୁ ରୋକାଯାଇ ପାରିବ ବୋଲି ଭିନ୍ନ ମତ ମିଳିଛି।



ଏ ସମ୍ପର୍କରେ ଉତ୍କଳମଣି ଯୁବକ ସଂଘ ସଭାପତି ଗୌତମ କୁମାର ବେହେରା କହିଛନ୍ତି, ଜଳ ପରିଚାଳନା କ୍ଷେତ୍ରରେ ବିଲାତି ଦଳ ଏକ ବଡ଼ ବାଧା ସାଜିଛି। କେନ୍ଦ୍ରାପଡ଼ା ଜିଲାରେ ୭ ନଦୀ, ୨୭ ଶାଖା ନାଳ, ବୃହତ କେନାଲଠାରୁ ଆରମ୍ଭ କରି ଘରୋଇ ପୋଖରୀରେ ଏହି ଦଳ ସୁସ୍ଥ ପରିବେଶ ପାଇଁ ଏକ ବିପଦ ସାଜିଛି। ଏହାର ନିରାକରଣ ପାଇଁ ସଂଘ ପକ୍ଷରୁ ବିଭିନ୍ନ ସମୟରେ ଅନୁଧ୍ୟାନ କରାଯାଇଛି। ଜିଲାର କୃଷି ବିଜ୍ଞାନ କେନ୍ଦ୍ର, କୃଷି ବିଭାଗ, ଜଳ ସମ୍ପଦ ବିଭାଗ, ଡ୍ରେନେଜ ବିଭାଗ ଆଦିରେ ଏହାର ସମାଧାନ ଖୋଜାଯାଇଛି। ତେବେ ଏହି ଦଳରୁ ପଶ୍ଚିମବଙ୍ଗରେ ଶାଢ଼ି, ଗାମୁଛା ଆଦି ବୁଣା ହେଉଥିବା ଜଣାପଡିବା ପରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ଏକ ସ୍ମାରକପତ୍ର ଅଗଷ୍ଟ ୨୨ରେ ଦିଆଯାଇଥିଲା। ଜିଲାରେ ଏହାକୁ ମୂଳ ଆଧାର କରି ଆର୍ଥିକ ସ୍ୱାବଲମ୍ବୀ ହେବା ସହିତ ସ୍ୱତନ୍ତ୍ର ପରିଚୟ ମିଳିପାରିବ। ଓଡ଼ିଶା ଜନ ସୂଚନା ଅଧିକାର ଅଭିଯାନର ଜିଲା ଆବାହକ ପ୍ରତାପ କୁମାର ମହାନ୍ତି କହିଛନ୍ତି, ବିଲାତି ଦଳ ନିଷ୍କାସନ ଜିଲାର ଡ୍ରେନେଜ ଓ ଜଳ ସମ୍ପଦ ବିଭାଗ ପାଇଁ ଅର୍ଥ ହଡ଼ପର ଏକ ମାର୍ଗ ହୋଇଛି। ଜିଲା ଡ୍ରେନେଜ ବିଭାଗ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷରେ ଦଳ ସଫେଇ ନାମରେ ୩.୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷରେ ୫.୫ କୋଟି ଓ ୨୦୨୨-୨୩ ଆର୍ଥିକ ବର୍ଷରେ ୩.୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରେ ଉଲ୍ଲେଖ ଅଛି। ମିଳିଥିବା ତଥ୍ୟ କହୁଛି ଯେ, ୯୦ ପ୍ରତିଶତ ଅର୍ଥ ଗୋବରୀ ନଦୀ, ଅଶୃଙ୍ଖଳା ଓ ବାଘୁଣୀ ନାଳରେ ଖର୍ଚ୍ଚ ହୋଇଛି। ଏହି ଅର୍ଥ ୫ ଲକ୍ଷ ଟଙ୍କା ତଳକୁ ଠିକା ସଂସ୍ଥାକୁ ଦିଆଯାଇଥିବାରୁ କୌଣସି ଟେଣ୍ଡର ହୋଇନାହିଁ। ଏତେ ଟଙ୍କା ଖର୍ଚ୍ଚସତ୍ତ୍ୱେ କୌଣସି ନଦୀ, ନାଳ କେନାଲରୁ ବିଲାତି ଦଳ ସଫା ହୋଇଥିବା ଦେଖାଯାଇ ନାହିଁ। ଉଦ୍ଭିଦ ବିଜ୍ଞାନର ପ୍ରାଧ୍ୟାପକ ଶରତ ଚନ୍ଦ୍ର ସାହୁ କହିଛନ୍ତି, ବିଲାତି ଦଳର ନୀଳ ଧଳା ଫୁଲ ସମସ୍ତଙ୍କ ପାଇଁ ଆକର୍ଷଣ। ତେବେ ଏହି ଦଳ ଜଳୀୟ ପରିବେଶକୁ ଦୂଷିତ କରିଥାଏ। ପାଣିରୁ ଅଧିକ ମାତ୍ରାରେ ଅକ୍ସିଜେନ ଶୋଷି ନେଉଥିବାରୁ ଜଳଚର ପ୍ରାଣୀଙ୍କ ପାଇଁ ବିପଦ। ଏହାର ତନ୍ତୁ ଦୀର୍ଘସ୍ଥାୟୀ ହୋଇଥିବାରୁ ତନ୍ତବାୟ ଶିଳ୍ପରେ ଉପଯୋଗ ହୋଇପାରିବ। ସମବାୟ ସମିତି କର୍ମକର୍ତ୍ତା ଶ୍ରୀକାନ୍ତ ନାୟକ କହିଛନ୍ତି, ଦଳର ଲମ୍ବ ଦୁଇଫୁଟରୁ ଅଧିକ ହୋଇଥିଲେ, ଏହାର ଡେମ୍ଫରୁ ବାହାରୁଥିବା ତନ୍ତୁ ବୁଣାକାରଙ୍କ ପାଇଁ ସହାୟକ ହେବ। କପା ଓ ଏହି ଦଳର ତନ୍ତୁ ସମ୍ମିଶ୍ରଣରୁ ବାହାରୁଥିବା ସୂତା ଉତ୍ପାଦ ପାଇଁ ସହାୟକ। ଜିଲାରେ ଏହା ପ୍ରଚୁର ଭାବେ ମିଳୁଥିବାରୁ ତନ୍ତ ଉତ୍ପାଦ ପାଇଁ ବ୍ୟବହାର ହେବ। ଜିଲା ଶିଳ୍ପ କେନ୍ଦ୍ର ପରିଚାଳକ ଗଣେଶ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ଯୁବକ ସଂଘ ପକ୍ଷରୁ ଏ ନେଇ ଚିଠି ମିଳିବା ପରେ ଶିଳ୍ପ କେନ୍ଦ୍ର ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। କୋରୁଆସ୍ଥିତ ସମବାୟ ସମିତି ପକ୍ଷରୁ ଏ ନେଇ ଆଗ୍ରହ ପ୍ରକାଶ ପରେ ଦକ୍ଷତା ବୃଦ୍ଧି, ବାଣିଜ୍ୟ ମଣ୍ଡି, ମହିଳା ସଶକ୍ତୀକରଣ ଆଦି କ୍ଷେତ୍ରରେ ସହାୟକ ହେବ ବୋଲି ଗତ ୧୬ ତାରିଖରେ ସହକାରୀ ନିର୍ଦ୍ଦେଶକଙ୍କୁ ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଚିଠି (ନଂ. ୩୬) ହୋଇଛି ବୋଲି ସେ କହିଛନ୍ତି।

## ରଜନୀଗନ୍ଧାର ଉନ୍ନତ କିସମ



**ର**ଜନୀଗନ୍ଧା ଫୁଲ ଚାଷ କରୁଥିଲେ କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର, କୋଏମ୍ବାଟୋର ସିଙ୍ଗଲ ଓ ସୁହାସିନୀ (ଡବଲ)ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡ଼ିକୁ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡ଼ିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କେ.ଜି. ନିମ୍ବପିଡ଼ିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡ଼ିକୁ ଲଗାଇବା ପୂର୍ବରୁ ଚେରଗୁଡ଼ିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି . ବ୍ୟବଧାନରେ ଲଗାନ୍ତୁ।

## ଆଖୁରେ ସାର ପ୍ରୟୋଗ



**ଆ**ଗରୁ ଲଗାଯାଇଥିବା ଆଖୁ ୪୫ଦିନର ହୋଇଯାଇଥିଲେ କୋଡ଼ା ଖୁସା କରି ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାରକୁ ଧାଡ଼ିରେ ପ୍ରୟୋଗକରି ହୁଡ଼ା ଟେକି ଦିଅନ୍ତୁ। ମୂଳି ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ମନ୍ଦା ପିଛା ୧୫ଗ୍ରାମ୍ ୟୁରିଆ ଓ ୧୦ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଯବକ୍ଷାରଜାନ ସାରକୁ ୟୁରିଆ ସାର ହିସାବରେ ବ୍ୟବହାରକଲେ ୟୁରିଆ ସହ ନିମ୍ବ ପିଡ଼ିଆ ମିଶାଇ ପ୍ରୟୋଗ କରନ୍ତୁ। ୧୦୦କି.ଗ୍ରା. ୟୁରିଆ ସହ ୨୦କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇବାକୁ ପଡ଼ିଥାଏ। ରାସାୟନିକ ଜୈବିକ ସାରକୁ ୫୦୦କି.ଗ୍ରା. ଗୁଣ୍ଡ ଗୋବରଖତ ସହ ମିଶାଇ ଆଖୁ ଲଗାଇବାର ୩୦ଦିନରେ ଥରେ ଏବଂ ୬୦ଦିନରେ ଆଉ ଥରେ ଆଖୁ ଗଛ ମୂଳରେ ଦିଅନ୍ତୁ।

# ସମନ୍ୱିତ କୃଷି ସହ ମାଛଚାଷ ,ପ୍ରାଣୀପାଳନ



ଡା. ବୀରକିଶୋର ପରିଡ଼ା

"ଏକ ସାଧାରଣ ଭିତ୍ତିଭୂମିର ଆଧାରରେ ନିର୍ଦ୍ଦିଷ୍ଟ ଏକକ ଅଞ୍ଚଳରେ ପରସ୍ପର ଚାଷ ପ୍ରଣାଳୀ ମଧ୍ୟରେ ସମନ୍ୱୟ ରକ୍ଷାକରି ଯେଉଁ ଚାଷ କରାଯାଏ ତାହାକୁ ମିଶ୍ରିତ ଚାଷ କୁହାଯାଏ । ସଂକ୍ଷେପରେ କହିବାକୁ ଗଲେ ଗୋଟିଏ ଜାଗା ବା ସ୍ଥାନରେ ଗୋଟିଏ ଫସଲ ମଧ୍ୟରେ ଏକାଧିକ କିସମର ଫସଲ କରିବା । ଉଦାହରଣ ସ୍ୱରୂପ ଚିନାବାଦାମ ଫସଲ ସହ ସୋରିଷ, ଯଅ ଆଦି ଚାଷ କରିବା। ପୋଖରୀର ବିଭିନ୍ନ ସ୍ତରରେ ରହି କାର୍ପ ବା କାତିଲଗା ମାଛ ଯଥା ଭାକୁଡ଼, ରୋହି, ମିରିକାଳି, ରୁପାପେଟି, ଦଳଖାଇ, ବିଲାତି ରୋହି ଖାଦ୍ୟ ସଂଗ୍ରହ କରନ୍ତି । ଏ ସମସ୍ତ ମାଛଙ୍କୁ ଏକାଠି ପୋଖରୀରେ ପାଳନ କରିବାକୁ ମିଶ୍ରିତ ମାଛଚାଷ କୁହାଯାଏ ।"

**ଆ**ମ ରାଜ୍ୟ ନଦୀନାଳ ପରିପୂର୍ଣ୍ଣ ଓ ଖାଲୁଆ ଜମିର ଅଭାବ ନ ଥିବାରୁ ସମନ୍ୱିତ କୃଷି କରି ଆମ ଲୋକମାନେ ଅଧିକ ରୋଜଗାରକ୍ଷମ ହେବା ପାଇଁ ମନ ବଳାଇବା ଉଚିତ । କାରଣ ରାଜ୍ୟର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ମୁଣ୍ଡ ପିଛା ଜମିର ଉପଲବ୍ଧ ପରିମାଣ କମିଯାଉଥିବାରୁ ସମନ୍ୱିତ କୃଷି ବା ମାଛଚାଷ ସହ ପ୍ରାଣୀ ପାଳନର ଆବଶ୍ୟକତା ଢେର ରହିଛି । ତେଣୁ ଖାଲୁଆ ଜମି ଓ ପୋଖରୀରେ ମାଛଚାଷ ସହ ଗୋପାଳନ, ଛେଳିମେଣ୍ଢା ପାଳନ, କୁକୁଡ଼ା ପାଳନ, ଘୁଷୁରି ପାଳନ କଲେ ଆମେ ଅଧିକ ଲାଭବାନ୍ ହେବା ସହ ପ୍ରାଣିଜ ପୁଷ୍ଟିସାର ଖାଦ୍ୟର ଆବଶ୍ୟକତା ମେଣ୍ଟାଇପାରିବା।

**ମିଶ୍ରିତ କୃଷି ବନାମ ସମନ୍ୱିତ କୃଷି**

**ମିଶ୍ରିତ କୃଷି :** ଏକ ସାଧାରଣ ଭିତ୍ତିଭୂମିର ଆଧାରରେ ନିର୍ଦ୍ଦିଷ୍ଟ ଏକକ ଅଞ୍ଚଳରେ ପରସ୍ପର ଚାଷ ପ୍ରଣାଳୀ ମଧ୍ୟରେ ସମନ୍ୱୟ ରକ୍ଷାକରି ଯେଉଁ ଚାଷ କରାଯାଏ ତାହାକୁ ମିଶ୍ରିତ ଚାଷ କୁହାଯାଏ । ସଂକ୍ଷେପରେ କହିବାକୁ ଗଲେ ଗୋଟିଏ ଜାଗା ବା ସ୍ଥାନରେ ଗୋଟିଏ ଫସଲ ମଧ୍ୟରେ ଏକାଧିକ କିସମର ଫସଲ କରିବା । ଉଦାହରଣ ସ୍ୱରୂପ ଚିନାବାଦାମ ଫସଲ ସହ ସୋରିଷ, ଯଅ ଆଦି ଚାଷ କରିବା। ପୋଖରୀର ବିଭିନ୍ନ ସ୍ତରରେ ରହି କାର୍ପ ବା କାତିଲଗା ମାଛ ଯଥା ଭାକୁଡ଼, ରୋହି, ମିରିକାଳି, ରୁପାପେଟି, ଦଳଖାଇ, ବିଲାତି ରୋହି ଖାଦ୍ୟ ସଂଗ୍ରହ କରନ୍ତି । ଏ ସମସ୍ତ ମାଛଙ୍କୁ ଏକାଠି ପୋଖରୀରେ ପାଳନ କରିବାକୁ ମିଶ୍ରିତ ମାଛଚାଷ କୁହାଯାଏ। ସେହିପରି ସବୁଜ ଗୋଖାଦ୍ୟ ଫସଲ ମିଶ୍ରିତ ଚାଷ ହିସାବରେ ସଙ୍କର ହାତିଆ ଘାସ ସହ ବରଗୁଡ଼ି, ଓଟ୍, ବରସମ୍ ଆଦି ଋତୁ ଅନୁଯାୟୀ ଚାଷ କରାଯାଇଥାଏ । ମକା, ଏସ୍‌ପି ଚେରୀ, ବାଜରା ବରଗୁଡ଼ି ଆଦି ମିଶ୍ରିତ ଚାଷ ଭାବରେ ଗ୍ରହଣ କରାଯାଇଥାଏ । ପ୍ରତି ୩ ଧାଡ଼ି ମକା, ଏମ୍‌ପି ଚେରୀ ବା ବାଜରା ଲଗାଇବା ପରେ ଧାଡ଼ିଏ ଲେଖାଏଁ ବରଗୁଡ଼ି ମିଶ୍ରିତ ଚାଷଭାବେ ଲଗାଯାଇଥାଏ। ସେହିପରି ଛଟା ବୁଣାରେ ୩:୧ ଅନୁପାତରେ ଉପରୋକ୍ତ ମିଶ୍ରିତ ଚାଷ କରାଯାଇପାରିବ । ପ୍ରାଣୀ ପାଳନରେ ମିଶ୍ରିତ ଚାଷ ଭାବରେ ଗୋପାଳନ ସହ ମେଣ୍ଢା ପାଳନ ସହଜରେ କରାଯାଇ ପାରିବ । କୁକୁଡ଼ା ପାଳନ ସହ ବତକ ପାଳନ କରିବା ଅନୁଚିତ । କାରଣ ବତକ ବାର୍ଡ ଫ୍ଲୁରେ ବାହକ ସାଜିଥାନ୍ତି । ସେହିଭଳି ମାଂସଳ କୁକୁଡ଼ା ସହିତ ଅଣ୍ଡାଦିଆ କୁକୁଡ଼ା ପାଳନ କରିବା ଅନୁଚିତ।



**ସମନ୍ୱିତ କୃଷି :** ଯେଉଁସବୁ ଚାଷ ପରସ୍ପର ଉପରେ ନିର୍ଭରଶୀଳ ଓ ଉତ୍ପାଦନ ବଢ଼ାଇବାରେ ପରସ୍ପରକୁ ସାହାଯ୍ୟ କରନ୍ତି, ସେସବୁ ଚାଷକୁ ସମନ୍ୱିତ ଚାଷ କୁହନ୍ତି । ଏକାଧିକ ଚାଷ ଗୋଟିଏ ଜାଗାରେ ହେଉଥିବାରୁ ପରିଚାଳନାରେ ସୁବିଧା ହୁଏ। ସମନ୍ୱିତ ମାଛଚାଷ ପ୍ରଣାଳୀ ବହୁବର୍ଷ ପୂର୍ବେ ପ୍ରଥମ ଚାଇନାରେ ଆରମ୍ଭ ହୋଇଥିଲା। ଦଶମ ଶତାବ୍ଦୀରେ ତାଙ୍ଗ୍ ସାମ୍ରାଜ୍ୟରେ ମାଛଚାଷୀମାନେ ଧାନ ବିଲରେ ଗ୍ରାସ୍ କାର୍ପ ଛାଡ଼ି ଧାନଚାଷ କ୍ଷେତକୁ ଦଳ ନିରାକରଣ କରିବା ସଙ୍ଗେ ସଙ୍ଗେ ଗୋଟିଏ କ୍ଷେତରୁ ଧାନ ଓ ମାଛ ଅମଳ କରିପାରୁଥିଲେ । ପରବର୍ତ୍ତୀ ସମୟରେ ସିଙ୍ଗ୍ ସାମ୍ରାଜ୍ୟରେ ମାଛ ଚାଷୀମାନେ ମାଛ ସହ ପୋଖରୀ ହୁଡ଼ାରେ ମଲବରୀ ଚାଷ, ଫଳଚାଷ, ପ୍ରାଣୀପାଳନ ଆଦି କରି ଅଧିକ ଲାଭବାନ୍ ହୋଇପାରିଲେ । ଚାଇନାରେ ଏହି ଚାଷ ପ୍ରଣାଳୀରେ ବିକାଶ ହୋଇଥିବାରୁ ଏହାକୁ 'ଚୀନ୍‌ଦେଶୀୟ ସମନ୍ୱିତ ମାଛଚାଷ ପ୍ରଣାଳୀ' କୁହାଯାଏ । ଆମ ଦେଶରେ ମଧ୍ୟ ଶହ ଶହ ବର୍ଷ ପୂର୍ବରୁ ଧାନ-ମାଛଚାଷ ହେଉଥିବାର ପ୍ରମାଣ ରହିଛି। କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ବିଭିନ୍ନ କାରଣରୁ ଚାଷ ଉପଯୋଗୀ ଜମିର ଅଭାବ ସହ ବର୍ତ୍ତମାନ ମନୁଷ୍ୟ ପିଢ଼ିର ଖାଦ୍ୟ ଖାଇବା ଶକ୍ତି ହ୍ରାସ ଯୋଗୁ ପୁଷ୍ଟିହୀନତାର ଶିକାର ହେଉଛନ୍ତି। ତେଣୁ ଅଧିକ ପ୍ରାଣିଜ ପୁଷ୍ଟିସାର ଖାଦ୍ୟର ଚାହିଦା ମେଣ୍ଟାଇବା ପାଇଁ ସମନ୍ୱିତ ଚାଷ ପ୍ରଣାଳୀର ଯଥେଷ୍ଟ ଗୁରୁତ୍ୱ ରହିଛି।

**ସମନ୍ୱିତ ମାଛଚାଷ :** ମାଛଚାଷକୁ ମୁଖ୍ୟ ଚାଷ ଭାବେ ଗ୍ରହଣ କରିବା ସହ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟକ୍ରମକୁ ମିଶାଇ ଯେଉଁ ଚାଷ କରାଯାଏ, ତାହାକୁ ସମନ୍ୱିତ ମାଛଚାଷ ବୋଲି କୁହାଯାଏ । ମାଛଚାଷ ସହ ପୋଖରୀ ହୁଡ଼ାରେ ଅନ୍ୟାନ୍ୟ କୃଷିଜାତ ଶସ୍ୟ ଓ ପ୍ରାଣୀପାଳନ କରି ଅଧିକ ଅର୍ଥ ଉପାର୍ଜନ କରାଯାଇପାରିବ । ଉଦାହରଣ : ମାଛ-ଗୋପାଳନ, ମାଛ-କୁକୁଡ଼ା ପାଳନ, ମାଛ-ବତକ ପାଳନ, ମାଛ-ଘୁଷୁରି ପାଳନ, ମାଛ-ଧାନଚାଷ । ପୋଖରୀ ହୁଡ଼ାରେ ହୁଡ଼ା ପାଖ ବଳକା ଜମିରେ ପନିପରିବା, କଦଳୀ, ନଡ଼ିଆ ଏବଂ ଫୁଲଚାଷ ଇତ୍ୟାଦି କରାଯାଇପାରିବ ।

**ମାଛ ଓ ପ୍ରାଣୀପାଳନ :** ସମନ୍ୱିତ ଚାଷରେ ପ୍ରାଣୀମାନଙ୍କ ମଳମୂତ୍ର ପୋଖରୀରେ ଉର୍ବରତା ବଢ଼ାଇ ମାଛ ବଢ଼ିବାରେ ସାହାଯ୍ୟ କରେ ଏବଂ ଅନ୍ୟ ଦିଗରେ ପୋଖରୀ ହୁଡ଼ାରେ ଚାଷ ହେଉଥିବା ଘାସ ପନିପରିବାର ଅବଶିଷ୍ଟାଂଶ ପ୍ରାଣୀମାନେ ଖାଇ ବଢ଼ନ୍ତି । ଏହା ଏକ ସହଜ ସମନ୍ୱିତ ଚାଷର ଉଦାହରଣ ।

**ମାଛ-ଗୋପାଳନ :** ଏହା ଏକ ସହଜ ସମନ୍ୱିତ ଚାଷର ଉଦାହରଣ। ମାଛଚାଷ କରିବା ପାଇଁ ଗୋଟିଏ ଏକର ଜାଗାରେ ବର୍ଷକୁ ଯେତିକି ଗୋବର ଆବଶ୍ୟକ, ତାହା ୩-୪ଟି ଗାଈ ପାଳିଲେ ମିଳିଥାଏ । ପୋଖରୀ ହୁଡ଼ା ଉପରେ ଗୁହାଳ କଲେ ଗାଈମାନଙ୍କ ମଳ, ମୂତ୍ର ଓ ଗୁହାଳରେ ଥିବା ପାଣି ସବୁ ସିଧା ପୋଖରୀକୁ ଛାଡ଼ିହୁଏ । ପୋଖରୀରେ ମାଛଚାଷ ଜନିତ ହୋଇଥିବା ପଙ୍କକୁ ହୁଡ଼ା ଉପରେ ପକାଇ ସବୁଜ ଗୋଖାଦ୍ୟ ଫସଲକରି ଗାଈମାନଙ୍କୁ ଦିଆଯାଇପାରିବ । ଏପରି ସମନ୍ୱିତ ଚାଷକଲେ କ୍ଷୀର ସହ ବର୍ଷକୁ ୧୬୦୦ ରୁ ୧୮୦୦ କି.ଗ୍ରା. ପର୍ଯ୍ୟନ୍ତ ମାଛ ମିଳିଥାଏ । ସେହିପରି ଗୋଟିଏ ହେକ୍ଟର ମାଛଚାଷ ପୋଖରୀରେ ଉର୍ବରତା ବଜାୟ ରଖିବା ପାଇଁ ଯେତିକି ଜୈବିକ ଖତର ଆବଶ୍ୟକତା ରହିଛି, ସେତିକି ୮-୧୦ଟି ଗାଈ ପାଳନରୁ ମିଳିଥାଏ। ଗୋଟିଏ ଗାଈରୁ ବାର୍ଷିକ ୩ ହଜାର ହିସାବରେ ୮-୧୦ଟି ଗାଈଠାରୁ ୨୪ ରୁ ୩୦ ହଜାର ଲିଟର କ୍ଷୀର ମିଳିପାରିବ। ଦାନା ଓ ଅନ୍ୟାନ୍ୟ ଖର୍ଚ୍ଚକୁ ବାଦ୍ ଦେଲେ ଗୋଟିଏ ଗାଈରୁ ମାସିକ ଅତିକମ୍‌ରେ ୧୦୦୦ ଟଙ୍କା ଲାଭ ମିଳିଥାଏ। ତଦନୁଯାୟୀ ୮ ରୁ ୧୦ ଟି ଗାଈଠାରୁ ବର୍ଷକୁ ୯୬ ହଜାରରୁ ୧ଲକ୍ଷ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିଥାଏ। ସେହିପରି ୨ରୁ ୩ ଟନ୍ ମାଛରୁ ୩୦ ରୁ ୪୫ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିଥାଏ।

(କ୍ରମଶଃ...)

-ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ
୨୭୬, ମହାନଦୀବିହାର, କଟକ
ମୋ : ୯୪୩୭୬୦୭୩୧୨

## ଗହମରେ କାଳିଗୁଣ୍ଡି ପୋକ ଲାଗିଲେ..



**ଗ**ହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡ଼ିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡ଼ି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟ ତ୍ୟାଗ ରୋଗ ଲାଗିବାର ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟରେ ପାଣିରେ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ, ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ।

## ପୋଟଳରେ ଫୁଲଫଳ ଧରୁଥିଲେ...

**ପୋ**ଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରିରଖେ। ଏହାଦ୍ୱାରା ଫଳଗୁଡ଼ିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏ ନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗକରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।



## ଗେଣ୍ଡୁଫୁଲ ତଳି ପକାଉଥିଲେ...



**ଆ**ଗରୁ ଖରାଟିଆ ଗେଣ୍ଡୁଫୁଲ ତଳି ପକାଇ ନ ଥିଲେ ଏବେ ତଳି ପକାନ୍ତୁ। ଅଧିକ ଅମଳକ୍ଷମ କମଳା ରଙ୍ଗ ସିରାକୋଲା କିସମ ବ୍ୟବହାର କରନ୍ତୁ। ତଳିଘରାରେ ଧାଡ଼ିକୁ ଧାଡ଼ି ୫ ସେ.ମି. ବ୍ୟବଧାନରେ ବିହନକୁ ୧ ସେ.ମି. ଗଭୀରରେ ବୁଣନ୍ତୁ। ଅତ୍ୟଧିକ ତାପମାତ୍ରାରୁ ରକ୍ଷାପାଇବା ପାଇଁ ତଳିଘରାରେ ନଡ଼ା ଘୋଡ଼ାଇ ଦିଅନ୍ତୁ। ଏକରକୁ ୩୫୦ରୁ ୪୦୦ ଗ୍ରାମ୍ ମଞ୍ଜି ଆବଶ୍ୟକ ହୋଇଥାଏ। ଆଗରୁ ତଳି ପକାଇଥିଲେ ଏବଂ ୩ରୁ ୪ ପତ୍ରର ହୋଇଗଲେ ମୁଖ୍ୟ କିଆରିରେ ଲଗାନ୍ତୁ। ଜମିକୁ ଭଲଭାବେ ଗୁଣ୍ଡକରି ଏକର ପ୍ରତି ୧୦ ଟନ୍ ଶଢ଼ା ଗୋବରଖତ ମିଶାଇ ଦିଅନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୧୬ କି.ଗ୍ରା. ଯବକ୍ଷାରଜାନ, ୮୦ କି.ଗ୍ରା. ଫସ୍‌ଫରସ୍ ଓ ୮୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ଏବଂ ୧୬ କି.ଗ୍ରା. ଯବକ୍ଷାରଜାନ ୧ମାସ ପରେ କୋଡ଼ାଖୁସା କରି ଘାସ ବାଛି ପ୍ରୟୋଗ କରନ୍ତୁ। ତଳି ବଦଳରେ ଏକର ପ୍ରତି ୪୦,୦୦୦ କଟିଙ୍ଗ୍ସ ଦରକାର ହୋଇଥାଏ। ଧାଡ଼ିକୁ ଧାଡ଼ି ୩୦ ଓ ଗଛକୁ ଗଛ ୨୦-୨୦ ସେ.ମି. ବ୍ୟବଧାନରେ ରୁଅନ୍ତୁ। ତଳି ରୋଇବାର ୪୦ ଦିନ ପରେ ଅଗ ଡାଳଗୁଡିକୁ ଭାଙ୍ଗି ଦିଅନ୍ତୁ।

## ଚାଷୀଙ୍କ ପାଇଁ

**ଲ**ଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହ ମେଘୁଆ ପାଗ ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉ ପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ୧ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ। କୋବିଜାତୀୟ ଫସଲରେ ଜଉପୋକ,ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମି.ଲି. ଏଣ୍ଡୋସଲଫାନ୍ କିମ୍ବା ୫୦୦ ମି.ଲି. ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍‌ନାରିଆ ଜନିତ ପତ୍ରପୋଡ଼ା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।



## ପନିପରିବାରେ ଝାଉଁଳାରୋଗ ଦମନ

**ପ**ନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧ ଗ୍ରାମ୍ ଷ୍ଟ୍ରେଟୋସାଇକ୍ଲିନ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ। ଟମାଟୋ, କୋବି ଓ ଭେଣ୍ଡି ଇତ୍ୟାଦି ଫସଲରେ ପତ୍ରପୋଡ଼ା ରୋଗ ଲାଗିଥିଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣରେ କାଙ୍କଡ଼ିଆ ପୋକ ଦମନ କରିବା ପାଇଁ ୪ ଗ୍ରାମ୍ କାର୍ବାରିଲ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ଷାଦିନେ ବାଇଗଣରେ କାଣ୍ଡ ଓ ଫଳପଚା ରୋଗ ଲାଗିବା ବହୁତ ଆଶଙ୍କା ଅଛି। ଏହାର ପ୍ରତିକାର ସକାଶେ ପ୍ରତି ଲିଟର ପାଣିରେ ୩ ମି.ଲି. ହିସାବରେ କପର, ଅକ୍ସିକ୍ଲୋରାଇଡ୍ କିମ୍ବା ବୋର୍ଡାକ୍ସ ମିକ୍ସଚର (୫:୫:୫) ହିସାବରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ଲାଗି ୧ମି.ଲି. ମାଲାଥିଅନ୍ ସହ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷଥୋପ କରି ବ୍ୟବହାର କରନ୍ତୁ। ଆଭ୍ୟନ୍ତରୀଣ ଅଞ୍ଚଳରେ ଅଦିନିଆ ଫୁଲକୋବି କିସମ ଯଥା - ହେମଲତା ତଳି ହୋଇଯାଇଥିଲେ ମୁଖ୍ୟ କିଆରିରେ ରୋଇ ଦିଅନ୍ତୁ। ଝାଉଁଳା ସହଣି ଥିବା ଲଙ୍କାମରିଚ କିସମ ଯଥା ଉତ୍କଳ ରଶ୍ମି, ଉତ୍କଳ ଆଭା ଲଗାନ୍ତୁ। ଲଙ୍କାରେ ଉକୁଣିଆ ପୋକ ଦେଖାଗଲେ ପତ୍ରମୋଡା ହୋଇଯାଏ। ଏଥିପାଇଁ ଏକର ପ୍ରତି ୩୫୦ ମି.ଲି. ଇଥିଅନ୍ ସିଞ୍ଚନ କରନ୍ତୁ। ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ନିମନ୍ତେ ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦ ହଜାର ଟ୍ରାଇକୋଗାମା ପରାଶ୍ରୟୀ ଛାଡ଼ନ୍ତୁ। ୩୦୦ ପିପିଏ ନିମ୍ବଜାତ କୀଟନାଶକ ବିଷକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ। ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ୍ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ୍ ଓ କଳା କଖାରୁ ଭୃଙ୍ଗ ଦମନ ଲାଗି ଏକର ପ୍ରତି ୮୦୦ ଗ୍ରାମ୍ କାର୍ବାରିଲ୍ ପ୍ରୟୋଗ କରନ୍ତୁ। ପନିପରିବାରେ ଦହିଆ ପୋକ ଦେଖାଯାଉଥିଲେ ଏହାର ଦମନ ସକାଶେ ଫସଲ ଫଳନ୍ତି ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ମାଲାଥିଅନ୍ ଏବଂ ଅନ୍ୟ ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ମିଥାଇଲ୍ ଡିମେଟନ୍ କିମ୍ବା ମେଟାସିଡ୍ ମିଶାଇ ସିଞ୍ଚନ କରନ୍ତୁ।



# ବିଜୟରେ ନେଦରଲାଣ୍ଡ୍ସର ହ୍ୟାଟ୍ରିକ୍

**ଏଫ୍ଆଇଏଚ୍ ମହିଳା ହକି ପ୍ରୋ ଲିଗ୍**

ଭୁବନେଶ୍ୱର, ୬।୨ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ମହିଳା ହକି ପ୍ରୋ ଲିଗ୍‌ରେ ନେଦରଲାଣ୍ଡ୍ସ ଦଳ ବିଜୟରେ ହ୍ୟାଟ୍ରିକ ଅର୍ଜନ କରିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ଚାଇନାକୁ ୩-୧ ଗୋଲରେ ପରାସ୍ତ କରିଛି। ଆମେରିକାକୁ ୭-୦ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ନେଦରଲାଣ୍ଡ୍ସ ପରବର୍ତ୍ତୀ ମ୍ୟାଚରେ ଘରୋଇ ଭାରତକୁ ୩-୧ ଗୋଲରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ କ୍ରମାଗତ ୨ଟି ମ୍ୟାଚ ଜିତିବା ପରେ ଚାଇନା ବିଜୟ ଧାରାରେ ବ୍ରେକ୍ ଲାଗିଛି। ଏହି ଦଳ ନିଜର ପ୍ରଥମ ୨ଟି ମ୍ୟାଚରେ ଭାରତକୁ ୨-୧ ଓ ଅଷ୍ଟ୍ରେଲିଆକୁ ୩-୦ରେ ହରାଇଥିଲା। ନେଦରଲାଣ୍ଡ୍ସ ଚଳିତ ସିଜନରେ ଏପର୍ଯ୍ୟନ୍ତ ୭ (ସାଣ୍ଟିଆଗୋରେ ୪ ମ୍ୟାଚ)ଟି ମ୍ୟାଚ ଖେଳି ସାରିଥିବାବେଳେ ସମସ୍ତ ମ୍ୟାଚରେ ବିଜୟୀ ହୋଇ ୨୧ ପଏଣ୍ଟ ପାଇଛି। ଫଳରେ ଏହି ଦଳ ଶୀର୍ଷରେ ନିଜର ସ୍ଥାନକୁ ସୁଦୃଢ଼ କରିଛି। ଅନ୍ୟପକ୍ଷରେ ଚାଇନା ୩ ମ୍ୟାଚରୁ ୬ ପଏଣ୍ଟରେ ସ୍ଥିର ରହିଛି।

ପୂର୍ବ ମ୍ୟାଚଗୁଡ଼ିକ ଭଳି ଏଠାରେ ମଧ୍ୟ ଚାଇନା ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ତେବେ କଡ଼ା ଟକ୍କର ଦେଇଥିଲା ନେଦରଲାଣ୍ଡ୍ସ। ପ୍ରଥମ କ୍ୱାର୍ଟର ଖେଳ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୯ତମ ମିନିଟରେ ଏକ ଫିଲ୍ଡ ଗୋଲଦେଇ ଚାଇନାକୁ ଅଗ୍ରଣୀ କରିଥିଲେ ଝୋଙ୍ଗ ଜିଆକି। ମାତ୍ର ଦଳର ଏହି ଖୁସି ବେଶି ସମୟ ତିଷ୍ଠି ନ ଥିଲା। ୨୨ତମ ମିନିଟରେ ନେଦରଲାଣ୍ଡ୍ସର ମୋଇସ ଫ୍ରେକ୍ ଏକ ଫିଲ୍ଡ ଗୋଲ ମାଧ୍ୟମରେ ମ୍ୟାଚକୁ ସମାନ ସ୍ଥିତିକୁ ନେଇ ଆସିଥିଲେ। ଅଗ୍ରଣୀ ନେବାକୁ ନେଦରଲାଣ୍ଡ୍ସ ବେଶି ସମୟ ନେଇ ନ ଥିଲା। ୨୫ତମ ମିନିଟରେ ଆଉ ଏକ ଫିଲ୍ଡ ଗୋଲ ମାଧ୍ୟମରେ ଭିନ୍ ମାର୍ଜିନ ଦଳକୁ ୨-୧ରେ ଅଗ୍ରଣୀ କରିଥିଲେ। ଅଣଖେଳୁଆଡ଼ ପ୍ରଦର୍ଶନ ପାଇଁ ୨୬ତମ ମିନିଟରେ ଚାଇନାର ମା ନିଙ୍ଗ୍‌ଙ୍କୁ ଗ୍ରୀନ୍ କାର୍ଡ ମିଳିଥିଲା। ତୃତୀୟ କ୍ୱାର୍ଟରରେ ଗୋଲ ପରିଶୋଧ ପାଇଁ ଚାଇନା ଉଦ୍ୟମରତ ଥିବାବେଳେ


ନେଦରଲାଣ୍ଡ୍ସ ଓ ଚାଇନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ନେଦରଲାଣ୍ଡ୍ସ ପକ୍ଷରୁ ୩୮ତମ ମିନିଟରେ ତୃତୀୟ ଗୋଲଟି ସ୍କୋର କରିଥିଲେ ମୋଇସ ଫ୍ରିକ୍। ୪୦ ଓ ୪୨ତମ ମିନିଟରେ ଗୋଲ ପରିଶୋଧ ପାଇଁ ଚାଇନା ନିକଟକୁ ସୁବର୍ଣ୍ଣ ସୁଯୋଗ ଆସିଥିଲା। ମାତ୍ର ପେନାଲ୍ଟି କର୍ନରକୁ ଖେଳାଳିମାନେ ଗୋଲରେ କନଭର୍ଟ କରିବାରେ ଅସମର୍ଥ ରହିଥିଲେ। ବିପଜ୍ଜନକ ପ୍ରଦର୍ଶନ ପାଇଁ ୪୩ତମ ମିନିଟରେ ଜୁ ୱେନୟୁଙ୍କୁ ଅମ୍ପାୟର ଗ୍ରୀନ୍‌କାର୍ଡ ଦେଇଥିଲେ। ଅନ୍ତିମ କ୍ୱାର୍ଟରରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ ଗୋଲ ହୋଇପାରି ନ ଥିଲା। ୫୯ତମ ମିନିଟରେ ଚାଇନା ଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ନେଦରଲାଣ୍ଡ୍ସର ଦୃଢ଼ ରକ୍ଷଣଭାଗ ଏହାକୁ ସଫଳତାର ସହ ଡିଫେଣ୍ଡ କରିଥିଲେ। ବୁଧବାର ଆମେରିକାକୁ ଭେଟି ଚାଇନା ଏହାର ଭୁବନେଶ୍ୱର ପର୍ଯ୍ୟାୟ ଶେଷ କରିବ। ନେଦରଲାଣ୍ଡ୍ସ ୯ ତାରିଖରେ କଳିଙ୍ଗରେ ଅଷ୍ଟ୍ରେଲିଆ ବିପକ୍ଷରେ ଏହାର ଶେଷ ମ୍ୟାଚ ଖେଳିବ।

# ହକି ଖେଳାଳି ବରୁଣ କୁମାରଙ୍କ ବିରୋଧରେ ବଳାତ୍କାର ମାମଲା

ବେଙ୍ଗାଲୁରୁ/ନୂଆଦିଲ୍ଲୀ, ୬।୨(ପି.ଟି.)



ଜଣେ ମହିଳାଙ୍କ ଅଭିଯୋଗ କ୍ରମେ ବେଙ୍ଗାଲୁରୁ ପୋଲିସ ପୋକ୍ସୋ ଆଇନ ଅଧୀନରେ ଅର୍ଜୁନ ପୁରସ୍କାର ବିଜୟୀ ଭାରତୀୟ ହକି ଖେଳାଳି ବରୁଣ କୁମାରଙ୍କ ବିରୋଧରେ ଏକ ବଳାତ୍କାର ମାମଲା ରୁଜୁ କରିଛି। ୨୨ ବର୍ଷୀୟା ମହିଳା ଜଣକ କହିଛନ୍ତି ଯେ ୨୦୧୮ରେ ଇନ୍‌ଷ୍ଟାଗ୍ରାମ୍ ଜରିଆରେ ବରୁଣଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା। ସେତେବେଳେ ସେ ଜଣେ ନାବାଳିକା ଥିଲେ। ତାଙ୍କୁ ମାତ୍ର ୧୭ ବର୍ଷ ବୟସ ହୋଇଥିଲା। ଉଭୟଙ୍କ ମଧ୍ୟରେ ବନ୍ଧୁତ୍ୱ ସ୍ଥାପନ ହେବା ପରେ ୨୦୧୯ରେ ବରୁଣ ତାଙ୍କୁ ବେଙ୍ଗାଲୁରୁର ଜୟନଗରସ୍ଥିତ ଏକ ହୋଟେଲକୁ ନେବାସହ ବିବାହ ପ୍ରତିଶ୍ରୁତି ଦେଇ ସେଠାରେ ଶାରୀରିକ ସମ୍ପର୍କ ରଖିଥିଲେ। ଉଭୟଙ୍କ ୫ବର୍ଷ ସମ୍ପର୍କ ମଧ୍ୟରେ ବରୁଣ ତାଙ୍କ ସହିତ ଅନେକ ଥର ଶାରୀରିକ ସମ୍ପର୍କ ରଖିଥିଲେ।

ସେ କହିଛନ୍ତି, ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) ସେଣ୍ଟରଠାରେ ବରୁଣ ଟ୍ରେନିଂ ନେଉଥିବା ବେଳେ ତାଙ୍କ ସହିତ ପ୍ରଥମ ଦେଖା ହୋଇଥିଲା। ମହିଳା ଜଣଙ୍କ ତାଙ୍କ ଏଫ୍ଆଇଆର୍‌ରେ ଉଲ୍ଲେଖ କରିଛନ୍ତି ଯେ, ଗତବର୍ଷ ତାଙ୍କ ପିତାଙ୍କ ଦେହାନ୍ତ ପରେ ବରୁଣ କ୍ରମେ ତାଙ୍କଠାରୁ ଦୂରେଇ ଯାଇଥିଲେ। ତାଙ୍କ ଟେଲିଫୋନ୍ କଲ୍ କିମ୍ବା ମେସେଜ୍‌ର ଜବାବ ଦେବା ବନ୍ଦ କରି ଦେଇଥିଲେ। ସେ ଯେତେବେଳେ ପୋଲିସର ଦ୍ୱାରସ୍ଥ ହୋଇଥିଲେ, ସେତେବେଳେ ବରୁଣ ପୁଣି ତାଙ୍କ ସହିତ ଯୋଗାଯୋଗ ଆରମ୍ଭ କରିଥିଲେ। ମାତ୍ର ବିବାହ କଥା ଉଠାଇବା ମାତ୍ରେ ପୁନର୍ବାର ଦୂରେଇ ଯାଇଥିଲେ ଏବଂ ତାଙ୍କ ଉପରେ ଚାପ ପକାଇଲେ ସେ ତାଙ୍କ ଫଟୋଗୁଡ଼ିକ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଦେବେ ବୋଲି ଧମକ ଦେଇଥିଲେ।

ବରୁଣ ୨୦୨୧ରେ ଅର୍ଜୁନ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ବର୍ତ୍ତମାନ ସେ ପଞ୍ଜାବ ପୋଲିସରେ ଡିଏସ୍‌ପି ପଦବୀକୁ ପଦୋନ୍ନତି ପାଇଛନ୍ତି। ଭାରତୀୟ ପିଙ୍ଗଳ କୋଡ୍ ଅଧୀନ ଯୌନ ଅପରାଧ ଶିଶୁ ସୁରକ୍ଷା ଆଇନ ପୋକ୍ସୋର ଧାରା ୩୭୬ ଓ ୪୨୦ ଅଧୀନରେ ଏହି ହକି ଖେଳାଳିଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା ବେଙ୍ଗାଲୁରୁ ପୋଲିସ କହିଛି। ଟୋକିଓ ଅଲିମ୍ପିକ୍ସ ପାଇଁ ବରୁଣ ଭାରତୀୟ ଦଳର ଷ୍ଟାଣ୍ଡବାଇ ଖେଳାଳି ରହିଥିଲେ। ବର୍ତ୍ତମାନ ସେ ଜାତୀୟ ଦଳ ସହ ଭୁବନେଶ୍ୱରରେ ଏଫ୍ଆଇଏଚ୍ ପ୍ରୋ-ଲିଗ୍ ପାଇଁ ଟ୍ରେନିଂ ନେଉଛନ୍ତି। ଭାରତ ଫେବୃଆରୀ ୧୦ରେ ଏହାର ଉଦ୍‌ଘାଟନୀ ମ୍ୟାଚ ସ୍ପେନ୍ ବିପକ୍ଷରେ ଖେଳିବ। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ବିଜେତା ବରୁଣ ଫେରାର ହୋଇଥିବା ନେଇ ଯେଉଁ କଳ୍ପନାଜଳ୍ପନା ପ୍ରକାଶ ପାଇଛି ହକି ଇଣ୍ଡିଆ ତରଫରୁ ତାହାକୁ ଖଣ୍ଡନ କରାଯାଇଛି। ଏହା ବାଜେ କଥା। ସେ ବର୍ତ୍ତମାନ ଭୁବନେଶ୍ୱରରେ ଦଳ ସହିତ ଟ୍ରେନିଂ ନେଉଥିବା ସଫେଇ ଦିଆଯାଇଛି। ସୂଚନାଯୋଗ୍ୟ, ବରୁଣଙ୍କ ଘର ହେଉଛି ହିମାଚଳ ପ୍ରଦେଶରେ। ୨୦୧୭ରେ ତାଙ୍କୁ ପ୍ରଥମ ଥର ଭାରତୀୟ ଦଳରେ ସ୍ଥାନ ମିଳିଥିଲା।


ଅଷ୍ଟ୍ରେଲିଆ-ଆମେରିକା ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ (ଫଟୋ: ବିକାଶ ନାୟକ)

# ଅଷ୍ଟ୍ରେଲିଆର ପ୍ରଥମ ବିଜୟ

ଭୁବନେଶ୍ୱର, ୬।୨ (ତପନ ସ୍ୱାଇଁ)

ଚଳିତ ଏଫ୍ଆଇଏଚ୍ ମହିଳା ହକି ପ୍ରୋ ଲିଗ୍‌ରେ ଅଷ୍ଟ୍ରେଲିଆ ମଙ୍ଗଳବାର ପ୍ରଥମ ବିଜୟ ହାସଲ କରିଛି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୩-୦ ଗୋଲରେ ଆମେରିକାକୁ ପରାସ୍ତ କରିଛି। ଫଳରେ ପ୍ରଥମ ମ୍ୟାଚରେ ୦-୩ ଗୋଲରେ ପରାସ୍ତ ହୋଇଥିବା ଅଷ୍ଟ୍ରେଲିଆ ଏହି ବିଜୟ ଦ୍ୱାରା ୩ ପଏଣ୍ଟ ପାଇ ଟେବୁଲର ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି।

ଏଫ୍ଆଇଏଚ୍ ର୍‌ୟାଙ୍କିଙ୍ଗ୍‌ର ୩ ନମ୍ବରରେ ଥିବା ଅଷ୍ଟ୍ରେଲିଆ ୧୨ତମ ସ୍ଥାନରେ ଥିବା ଆମେରିକା ବିପକ୍ଷରେ ଭାରି ପଡ଼ିଥିଲା। ମ୍ୟାଚ ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ପ୍ରତିପକ୍ଷ ଦଳକୁ ଚାପରେ ରଖିଥିଲା। ଦଳକୁ ଏଥିରୁ ଫାଇଦା ମଧ୍ୟ ମିଳିଥିଲା। ୪ର୍ଥ ମିନିଟରେ ଦଳ ପ୍ରଥମ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ଏହା ବେକାର ଯାଇଥିଲେ ହେଁ ୬ଷ୍ଠ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଷ୍ଟିୱାର୍ଟ ଟାଟୁମ ୭ମ ମିନିଟରେ ଦଳକୁ ଅଗ୍ରଣୀ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। ଅଷ୍ଟ୍ରେଲିଆ ଆଗରେ ଆମେରିକା ପ୍ରଦର୍ଶନ ସମ୍ପୂର୍ଣ୍ଣ ଫିକା ରହିଥିଲା। ଅଷ୍ଟ୍ରେଲିଆ ୧୯ତମ ମିନିଟରେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିପାରି ନ ଥିଲେ ମଧ୍ୟ ୨୩ତମ ମିନିଟରେ ପେନାଲ୍ଟି କର୍ନରରୁ ଗୋଲ ଦେଇ ଅଷ୍ଟ୍ରେଲିଆ ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ କେର୍‌ଶ ଷ୍ଟିଫାନି। ତୃତୀୟ କ୍ୱାର୍ଟର ଆରମ୍ଭରେ ଷ୍ଟିୱାର୍ଟ ଗ୍ରେସ୍ ଏକ ଫିଲ୍ଡ ଗୋଲ ଦେଇ ଅଷ୍ଟ୍ରେଲିଆକୁ ଅଗ୍ରଣୀକୁ ୩-୦ କରିଥିଲେ। ୩୮ତମ ମିନିଟରେ ଏହି ଦଳର କେର୍‌ଶ ଷ୍ଟିଫାନି ଗ୍ରୀନ୍ କାର୍ଡ ପାଇଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଉତ୍ତେଜନାପୂର୍ଣ୍ଣ ରହିଥିଲା। ବିପଜ୍ଜନକ ଖେଳ ପାଇଁ ଅଷ୍ଟ୍ରେଲିଆର ଷ୍ଟିଫାନି ୟେଲୋ କାର୍ଡ ପାଇଥିଲେ। ସେହିପରି ମାଲୋନେ ଆମ୍ବ୍ରୋସିଆ ଗ୍ରୀନ୍ ଓ ଶାଣ୍ଡ ହାଟେ ୟେଲୋ କାର୍ଡ ପାଇଥିଲେ।

# ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଅଷ୍ଟ୍ରେଲିଆର କ୍ଲିନ୍ ସୁଇପ୍

କାନବେରା, ୬।୨

ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଦିନକିଆକୁ ୮ ଉଇକେଟରେ ଜିତିବା ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜକୁ କ୍ଲିନ୍ ସୁଇପ୍ କରିଛି ଅଷ୍ଟ୍ରେଲିଆ। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ୮୬ ରନ୍‌ରେ ଅଲଆଉଟ ହୋଇଥିଲା। ଅଷ୍ଟ୍ରେଲିଆ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିଲା। ଜାଭିଅର ବାର୍ଟଲେଟଙ୍କ ୪ ଉଇକେଟ ସଫଳତା କାରଣରୁ ୱେଷ୍ଟଇଣ୍ଡିଜ୍ ମାତ୍ର ୮୬ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ବାର୍ଟଲେଟ୍ ୨୧ ରନ୍‌ରେ ୪ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ୍ ୨୪.୧ ଓଭରରେ ୮୬/୧୦(ଆଲିକ୍ ଅଥାନ୍‌ଜେ-୩୨, ରୋଷ୍ଟନ ଚେଜ୍-୧୨, ଜାଭିଅର ବାର୍ଟଲେଟ-୪/୨୧, ଲାନ୍ସ ମୋରିସ୍-୨/୧୩, ଆଡାମ ଜାମ୍ପା-୨/୧୪)। ଅଷ୍ଟ୍ରେଲିଆ ୬.୫ ଓଭରରେ ୮୭/୨(ଜେକ୍ ଫ୍ରେଜର ମ୍ୟାଗୁର୍କ-୪୫, ଜୋଶ ଇଂଲିଶ-୩୫*, ଓଶେନ୍ ଥୋମାସ-୧/୭, ଅଲଜାରି ଯୋଶେଫ୍-୧/୩୦)।




# ପୂର୍ବତନ ରଣଜୀ ଖେଳାଳି ଶୁଭାଶିଷ ଭୂୟାଁଙ୍କ ପରଲୋକ



**ଭୁବନେଶ୍ୱର, ୬।୨ (ତପନ ସ୍ୱାଇଁ):** ପୂର୍ବତନ ରଣଜୀ ଟ୍ରଫି ଖେଳାଳି ତଥା ଓଡ଼ିଶା ସିନିୟର କ୍ରିକେଟ ଦଳର ଚୟନକର୍ତ୍ତା ଶୁଭାଶିଷ ଭୂୟାଁଙ୍କର ସୋମବାର ରାତିରେ ପରଲୋକ ଘଟିଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଡାକ୍ତରଖାନା ନେବା ବାଟରେ ସେ ମୃତ୍ୟୁବରଣ କରିଥିଲେ। ମୃତ୍ୟୁବେଳକୁ ତାଙ୍କୁ ୫୪ ବର୍ଷ ହୋଇଥିଲା। ତାଙ୍କ ପୁଅ ଆଦିଲ ଭୂୟାଁ, ବଡଭାଇ ଶୁଭଞ୍ଜନ ଭୂୟାଁ ଓ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ଶୁଭାଶିଷ ଓଡ଼ିଶା ପ୍ରଧାନ ମହାଲେଖାକାର(ଅଡିଟ-୧)ରେ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟରତ ଥିଲେ। ସେ ଓଡ଼ିଶା ଏଜି କ୍ରିକେଟ ଦଳରେ ଜଣେ ଅଲରାଉଣ୍ଡର ଖେଳାଳି, ମ୍ୟାନେଜର ଭାବେ ସର୍ବଭାରତୀୟ ଅଡିଟ ଓ ଆକାଉଣ୍ଟସ ଟୁର୍ନାମେଣ୍ଟରେ ଭାଗ ନେଇଥିଲେ। ତାଙ୍କ ପରଲୋକରେ ଓଡ଼ିଶା କ୍ରିକେଟ ଆସୋସିଏଶନ, ଏଜି ଏବଂ ରାଜ୍ୟ କ୍ରୀଡ଼ା ଜଗତରେ ଗଭୀର ଶୋକପ୍ରକାଶ ପାଇଛି।

# ନେପାଳକୁ ହରାଇ ଫାଇନାଲରେ ଭାରତ

**୧୯ ବର୍ଷରୁ କମ୍ ସାଫ୍ ମହିଳା ଚାମ୍ପିୟନଶିପ୍**

ଢାକା, ୬।୨(ପି.ଟି.)

ନେହାଙ୍କ ଡବଲ୍ ଗୋଲ୍ ବଳରେ ଭାରତ ଏହାର ଶେଷ ଲିଗ୍ ମ୍ୟାଚରେ ନେପାଳକୁ ୪-୦ ଗୋଲ୍‌ରେ ପରାସ୍ତ କରି ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ସାଫ୍ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖେଳାଯିବାକୁ ଥିବା ଟାଇଟଲ ମୁକାବିଲାରେ ଭାରତ ଆୟୋଜକ ତଥା ଗତଥରର ଚାମ୍ପିୟନ ବାଂଲାଦେଶକୁ ଭେଟିବ। ପ୍ରତିଯୋଗିତାରେ ଭାରତ ଏହାର ପ୍ରଥମ ଲିଗ୍ ମ୍ୟାଚରେ ଭୁଟାନକୁ ୧୦-୦ ଗୋଲ୍‌ରେ ପରାସ୍ତ କରିବା ପରେ ବାଂଲାଦେଶଠାରୁ ୦-୧ ଗୋଲ୍‌ରେ ପରାଜିତ ହୋଇଥିଲା। ମଙ୍ଗଳବାର ପ୍ରଥମାର୍ଦ୍ଧ ଖେଳ ଗୋଲ୍ ଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଭାରତୀୟ ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରି ୪ ଗୋଲ୍ ସ୍କୋର କରିବାରେ ସମର୍ଥ ହୋଇଥିଲେ। ଦଳ ତରଫରୁ ନେହା ୫୪ତମ ଏବଂ ୮୦ତମ ମିନିଟ୍‌ରେ ଗୋଲ୍ ସ୍କୋର କରିଥିବା ବେଳେ ସୁଲଞ୍ଜନା ରାଉଳ (୮୫ତମ ମିନିଟ) ଓ ରେମରୁଆଟପୁଇ କୋଲ୍‌ନୀ (୯୦+୩) ଅନ୍ୟ ଦୁଇଟି ଗୋଲ୍ ଦେଇଥିଲେ। ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ମହିଳା ଫୁଟବଲ ତାରକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଭାରତୀୟ ଦଳର ସହକାରୀ କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି।


ଭାରତ-ନେପାଳ ମ୍ୟାଚରେ ବଲ୍‌କୁ ନିୟନ୍ତ୍ରଣକୁ ନେବାପାଇଁ ଦୁଇ ଖେଳାଳିଙ୍କ ମଧ୍ୟରେ ସଂଘର୍ଷ।

# ରାଉରକେଲା ଚରଣ ପାଇଁ ଟିକେଟ ବିକ୍ରି ୮ରୁ

**ଭୁବନେଶ୍ୱର, ୬।୨ (ତପନ ସ୍ୱାଇଁ):** ଏଫ୍ଆଇଏଚ୍ ମହିଳା ହକି ପ୍ରୋ ଲିଗ୍ ମ୍ୟାଚ ସମ୍ପ୍ରତି ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଛି। ଲିଗ୍‌ର ରାଉରକେଲା ଚରଣ ୧୨ ତାରିଖରୁ ଆରମ୍ଭ ହେବ। ଏହାପରେ ପୁରୁଷ ବିଭାଗ ମ୍ୟାଚ ଅନୁଷ୍ଠିତ ହେବ। ଏଥିପାଇଁ www.ticketgenie.inରେ ଅନ୍‌ଲାଇନ୍ ଟିକେଟ ବିକ୍ରି ପ୍ରକ୍ରିୟା ଚାଲିଥିବାବେଳେ ବକ୍ସ ଅଫିସ ଟିକେଟ ବିକ୍ରି ଆସନ୍ତା ୮ ତାରିଖରୁ ଆରମ୍ଭ ହେବ। ବିର୍ସା ମୁଣ୍ଡା ଷ୍ଟାଡିୟମର ଗେଟ୍ ନଂ-୨ ନିକଟରେ ନର୍ଥ ଓ ଇଷ୍ଟ ଷ୍ଟାଣ୍ଡ ଟିକେଟ ଉପଲବ୍ଧ ହେବ। ସେହିପରି ଗେଟ୍ ନଂ-୬ରେ ୱେଷ୍ଟ ଓ ସାଉଥ୍ ଷ୍ଟାଣ୍ଡ ଟିକେଟ ମିଳିବ। ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୬ଟା ପର୍ଯ୍ୟନ୍ତ କାଉଣ୍ଟର ଖୋଲା ରହିବ। ୱେଷ୍ଟ ଷ୍ଟାଣ୍ଡ ଟିକେଟର ମୂଲ୍ୟ ୫୦୦ ଟଙ୍କା ରଖାଯାଇଛି। ସେହିପରି ଇଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ୨୦୦ ଟଙ୍କା। ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଟିକେଟ ଦାମ୍ ୧୦୦ ଟଙ୍କା ଲେଖାଏ ରଖାଯାଇଛି। ବିର୍ସା ମୁଣ୍ଡାରେ ମହିଳା ଓ ପୁରୁଷ ଦଳର ୧୦ଟି ଲେଖାଏ ମ୍ୟାଚ ଅନୁଷ୍ଠିତ ହେବ। ଦର୍ଶକମାନେ ବହୁ ସଂଖ୍ୟାରେ ଷ୍ଟାଡିୟମକୁ ଆସି ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକୁ ଉତ୍ସାହିତ କରିବା ପାଇଁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଆହ୍ୱାନ ଦେଇଛନ୍ତି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ